# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

•VOLUME- 44 •ISSUE-64 •FRIDAY •28 AUGUST 2026 •PAGE-12 •₹ 7.00 | PANIKOILI | •ବର୍ଷ-୪୪ •ସଂଖ୍ୟା-୬୪ •ଶୁକ୍ରବାର •୨୮ ଅଗଷ୍ଟ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦




ଭାରତ-ଏ ଦଳରେ ସୁଶ୍ରୀ

▶ପୃଷ୍ଠା ୧୨ ଦେଖନ୍ତୁ...

## ସଂସଦ ଅଧିବେଶନକୁ ନେଇ ଦ୍ୱନ୍ଦ୍ୱରେ ରଖିଲେ କେନ୍ଦ୍ରମନ୍ତ୍ରୀ

■ ନୂଆଦିଲ୍ଲୀ, ୨୭।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନ ମୁଲତବୀ ହୋଇଛି। ଏହାକୁ ପ୍ରୋରୋଗ କରାଯାଇ ନାହିଁ। ତେଣୁ ଅଧିବେଶନ ପୁଣି ଡକାଯିବ କି ନାହିଁ, ତାହା ସରକାର ନିଷ୍ପତ୍ତି ନେବେ। କିନ୍ତୁ ଏସଂପର୍କରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ଦେବାକୁ ମନାକରିଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ। ନିର୍ବାଚନମଣ୍ଡଳୀ ସୀମା ନିର୍ଦ୍ଧାରଣ ବିଲ୍ ଏବଂ ମହିଳା ସଂରକ୍ଷଣ ବିଲ୍ ପାଇଁ ସରକାର ସଂସଦର ସ୍ୱତନ୍ତ୍ର ଅଧିବେଶନ ଡାକି ପାରନ୍ତି ବୋଲି ରାଜନୈତିକ ମହଲରେ କଳ୍ପନାଜଳ୍ପନା ଲାଗି ରହିଥିବା ବେଳେ ରିଜିଜୁଙ୍କ ଏଭଳି ମନ୍ତବ୍ୟ ଏହାକୁ ଆହୁରି ଖୋରାକ ଯୋଗାଇଛି।

ଗଣମାଧ୍ୟମକୁ ଦେଇଥିବା ଏକ ସ୍ୱତନ୍ତ୍ର ସାକ୍ଷାତ ବେଳେ ରିଜିଜୁ ପ୍ରଶ୍ନର ଉତ୍ତର ଦେଇ କହିଛନ୍ତି ଯେ ବର୍ଷା ଅଧିବେଶନ ସମାପ୍ତ ହୋଇନଥିବାରୁ ପାର୍ଲାମେଣ୍ଟର ବୈଠକ ପୁଣିଥରେ ବସିପାରେ। ସରକାର ଚାହିଁଲେ ଯେକୌଣସି ସମୟରେ ଗୃହକୁ ଡାକିପାରିବେ। ସରକାର ଏସଂପର୍କରେ ନିଷ୍ପତ୍ତି ନେଲେ ଅଧିବେଶନ ଡାକିବା ଲାଗି ରାଷ୍ଟ୍ରପତିଙ୍କୁ ସୁପାରିସ କରିପାରିବେ। ତେବେ ସରକାର ଏଭଳି ଅଧିବେଶନ ଡାକିବେ କି ନାହିଁ, ତାହା ସ୍ପଷ୍ଟ ▶ପୃଷ୍ଠା-୭

## ନେପାଳ ଜଳପ୍ରଳୟ
# ବିପଦ ଟଳିନି, ପୁଣି ଆସିବ ବନ୍ୟା



### ୪୦୦ ଟପିଲା ମୃତ୍ୟୁସଂଖ୍ୟା, ହଜାର ହଜାର ନିଖୋଜ

**ତିନି ଶହ ଭାରତୀୟ ପର୍ଯ୍ୟଟକଙ୍କ ପତ୍ତା ନାହିଁ**

**ବିପର୍ଯ୍ୟୟ ପାଇଁ ଚୀନକୁ ଦାୟୀ କଲା ନେପାଳ**

■ କାଠମାଣ୍ଡୁ, ୨୭।୮ (ଏଜେନ୍ସି): ନେପାଳରେ ବନ୍ୟା ପ୍ରଳୟ ସବୁ ଛାରଖାର କରିଦେଇଛି। ଗତକାଲି ଆସିଥିବା ଅଚାନକ ବନ୍ୟାରେ ଦେଶରେ ଅକଳ୍ପନୀୟ କ୍ଷତି ଘଟିଛି। ଶହ ଶହ ଗାଁ ନିଶ୍ଚିହ୍ନ ହୋଇଯାଇଛି। ବର୍ତ୍ତମାନ ସୁଦ୍ଧା ପ୍ରାୟ ୪୦୦ ଲୋକ ପ୍ରାଣ ହରାଇଥିବା ନେଇ ସରକାରୀ ସୂଚନା ଦିଆଯାଇଥିବା ବେଳେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି କୁହାଯାଉଛି। କାରଣ ଏବେ ବି ହଜାର ହଜାର ଲୋକ ନିଖୋଜ ଅଛନ୍ତି। ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଉଦ୍ଧାରକାରୀ ଦଳ ଦୁର୍ଗମ ଅଞ୍ଚଳରେ ପହଞ୍ଚିପାରି ନଥିବାରୁ ବନ୍ୟା ତାଣ୍ଡବର ପ୍ରକୃତ ଚିତ୍ର ମିଳିପାରି ନାହିଁ। ଲୋକମାନେ ନିଜର ଆତ୍ମୀୟଙ୍କୁ କାଦୁଅ ଓ ମାଟି ତଳୁ ଖୋଜୁଥିବା ବେଳେ ଆଉ ଏକ ଭୟଙ୍କର ବନ୍ୟା ଆସିବା ନେଇ ସରକାର ସତର୍କ କରାଇଲେଣି। ବନ୍ୟା ପାଣି ଯୋଗୁଁ ସୃଷ୍ଟି ହୋଇଥିବା ହ୍ରଦର ଜଳସ୍ତର ଭୟଙ୍କର ରୂପେ ବୃଦ୍ଧି ପାଉଥିବାରୁ ଯେକୌଣସି ମୁହୂର୍ତ୍ତରେ ଏହା ଭାଙ୍ଗିଯାଇପାରେ ବୋଲି କୁହାଯାଉଛି। ▶ପୃଷ୍ଠା-୭

## ବିଜୁ ପଟ୍ଟନାୟକ ବିମାନବନ୍ଦର ଲିଜ୍ ନକ୍ସା ପ୍ରସ୍ତୁତ
# ୪୦୦୦ କୋଟିରେ ୫୦ ବର୍ଷ !

### ୪୦ ହଜାର କୋଟି ମୂଲ୍ୟର ୮୩୬ ଏକର ଜମିରେ ଠିଆହୋଇଛି ଏୟାରପୋର୍ଟ

■ ଭୁବନେଶ୍ୱର, ୨୭।୮ (ସମିସ): ଜାତୀୟ ମୁଦ୍ରୀକରଣ ପାଇପଲାଇନ୍ (ଏନ୍ଏମ୍ପି ୨.୦) ଅଧୀନରେ ଓଡ଼ିଶାର ଗର୍ବ କୁହାଯାଉଥିବା ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରକୁ ଏକ ଘରୋଇ ସଂସ୍ଥାକୁ ଲିଜ ଦିଆଯିବ। ଏ ସଂକ୍ରାନ୍ତ ପ୍ରସ୍ତାବକୁ ଗତ ୪ ତାରିଖରେ କେନ୍ଦ୍ର ସରକାରଙ୍କ ପିପିପି ଆପ୍ରାଇଜାଲ କମିଟି ନୀତିଗତ ଭାବରେ ଅନୁମୋଦନ ଦେଇଛି। କୁହାଯାଉଛି ଯେ ଏହି ବିମାନବନ୍ଦରକୁ ୫୦ ବର୍ଷ ପାଇଁ ଲିଜ୍ ଦିଆଯିବ। ଯାହାକୁ ନେଇ ସାରା ରାଜ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଭୁବନେଶ୍ୱର ବିମାନବନ୍ଦରର ଜମି ମୂଲ୍ୟ ପ୍ରାୟ ୪୦ ହଜାର କୋଟି ଟଙ୍କା ଆକଳନ କରାଯାଉଥିବାବେଳେ ଏହାକୁ ୪ ହଜାରରୁ ୫ ହଜାର କୋଟି ଟଙ୍କାରେ ଲିଜ୍ ଦିଆଯିବା ପଛରେ କି ରହସ୍ୟ ଅଛି ବୋଲି ମଧ୍ୟ ପ୍ରଶ୍ନ ଉଠିଛି।

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦର ଦେଇ ବାର୍ଷିକ ପ୍ରାୟ ୫୦ ଲକ୍ଷ ଯାତ୍ରୀ ଯାତାୟତ କରୁଛନ୍ତି। ଆର୍ଥିକ ଦୃଷ୍ଟିରୁ ବିମାନବନ୍ଦରଟି ବେଶ୍ ଗୁରୁତ୍ୱପୂର୍ଣ୍ଣ ଓ ଉପଲବ୍ଧ ତଥ୍ୟ ଅନୁସାରେ ବିପିଏଆଇ ପ୍ରତିବର୍ଷ ହାରାହାରି ୧୮୦ କୋଟିରୁ ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଲାଭ କରୁଛି। ମାତ୍ର ଓଡ଼ିଶାର ଏହି ସମ୍ପତ୍ତିକୁ କ୍ଷତିରେ ଚାଲିଥିବା କର୍ଣ୍ଣାଟକର ହୁବଲ୍ଲି ବିମାନବନ୍ଦର ସହ ଯୋଡ଼ି ଏକ ପ୍ୟାକେଜ ଭାବରେ ନିଲାମ ପାଇଁ ଯୋଜନା ରଖାଯାଇଛି। କେବଳ ନିବେଶକମାନଙ୍କ ଲାଭ ପାଇଁ ଲାଭଜନକ ବିମାନବନ୍ଦର ସହ ତୁଳନାମୂଳକ ଭାବେ କମ୍ ଲାଭ କରୁଥିବା ବା କ୍ଷତିରେ ଚାଲୁଥିବା ବିମାନବନ୍ଦରକୁ ଯୋଡ଼ି ଘରୋଇ ନିବେଶକଙ୍କୁ ଆକର୍ଷିତ କରାଇବା କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ ଥିବା କୁହାଯାଉଛି। ନିଲାମରେ ଭାଗ ନେଉଥିବା ସଂସ୍ଥାମାନେ ପ୍ରତି ଘରୋଇ ଯାତ୍ରୀ ପିଛା ଦେବାକୁ ଥିବା ଶୁଳ୍କ ଆଧାରରେ ବିଡ୍ କରିବେ। ସର୍ବାଧିକ କିମ୍ବା ନିର୍ଦ୍ଧାରିତ ସର୍ତ୍ତରେ ସଫଳ ବିଡର୍ ବିମାନବନ୍ଦରର ପରିଚାଳନା ଓ ବିକାଶ ଦାୟିତ୍ୱ ଗ୍ରହଣ କରିବ ବୋଲି କୁହାଯାଉଛି।

ଭୁବନେଶ୍ୱର ବିମାନବନ୍ଦର ଦେଶର ଅନେକ ବିମାନବନ୍ଦରଠାରୁ ଉନ୍ନତ। ଏହା ୮୩୬ ଏକର (୩କୋଟି ୬୪ ଲକ୍ଷ ୧୬ ହଜାର୧୬୦ ବର୍ଗଫୁଟ) ଜମି ଉପରେ ପରିବ୍ୟାପ୍ତ। ବିମାନବନ୍ଦର ଆଖପାଖରେ ଜମିର ମୂଲ୍ୟ ଆକାଶଛୁଆଁ। ସରକାରୀ ବେଞ୍ଚମାର୍କଠାରୁ ଦୁଇରୁ ତିନିଗୁଣ ମୂଲ୍ୟରେ ଏଠାରେ ଜମି ବିକ୍ରି ହେଉଥିବା ଦେଖାଯାଏ। ବିମାନବନ୍ଦର ନିକଟବର୍ତ୍ତୀ ଅଞ୍ଚଳରେ ଜମିର ▶ପୃଷ୍ଠା-୭

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ
# ୨୯ରେ ଆଉ ଏକ ଲଘୁଚାପ

**ବଢ଼ିବ ବର୍ଷା**

**୪ରୁ ୬ ତାରିଖ ମଧ୍ୟରେ ପୁଣି ଏକ ଲଘୁଚାପ**

■ ଭୁବନେଶ୍ୱର, ୨୭।୮ (ସମିସ): ରାଜ୍ୟରେ ପୁଣି ଗୋଟିଏ ପର୍ଯ୍ୟାୟ ବର୍ଷା ଆରମ୍ଭ ହେବ। ୨୯ ତାରିଖରେ ପୁଣି ଗୋଟିଏ ଲଘୁଚାପ ସୃଷ୍ଟି ହେବା କାରଣରୁ ବର୍ଷା ହେବ। ଶୁକ୍ରବାରଠାରୁ ବର୍ଷାର ପରିମାଣ ବଢ଼ିବା ସହ ଆସନ୍ତା ୪-୫ ଦିନ ପର୍ଯ୍ୟନ୍ତ ବର୍ଷା ପାଇଁ ପାଗ ଅନୁକୂଳ ରହିବ। ବର୍ତ୍ତମାନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମବଙ୍ଗ ଓ ଉତ୍ତର ଓଡ଼ିଶା ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ପ୍ରଭାବରେ ୨୯ ତାରିଖ ବେଳକୁ ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଏହି ଲଘୁଚାପ ଫଳରେ ଉତ୍ତର ଏବଂ ଉପକୂଳ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି।

ଏହି କ୍ରମରେ ଶୁକ୍ରବାର କେନ୍ଦୁଝର ଓ ମୟୂରଭଞ୍ଜରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ସହ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଯାଜପୁର, ▶ପୃଷ୍ଠା-୭


33001/29/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁଭଦ୍ରା

ସ୍ୱାଭିମାନ, ସ୍ୱାବଲମ୍ବନ ଓ ସମ୍ମାନର ସୁଯୋଗ

ପବିତ୍ର ରାକ୍ଷୀ ପୂର୍ଣ୍ଣିମା
ଅବସରରେ
ସୁଭଦ୍ରାର ପଞ୍ଚମ କିସ୍ତି

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
୧ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ
୫ ହଜାର କୋଟିରୁ ଉର୍ଦ୍ଧ୍ୱ
ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଗରିମାମୟ ଉପସ୍ଥିତି

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା
| ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା

ଶ୍ରୀ ଦୁଷ୍ମନ୍ତ କୁମାର ସ୍ୱାଇଁ
ଅଧ୍ୟକ୍ଷ, ନୟାଗଡ଼ ଜିଲ୍ଲା ଯୋଜନା କମିଟି ଏବଂ ବିଧାୟକ, ଖଣ୍ଡପଡ଼ା
| ଶ୍ରୀ ଭର୍ତ୍ତୃହରି ମହତାବ
ସାଂସଦ, କଟକ
| ଡ. ସମ୍ବିତ ପାତ୍ର
ସାଂସଦ, ପୁରୀ
| ଶ୍ରୀ ସୁକାନ୍ତ କୁମାର ପାଣିଗ୍ରାହୀ
ସାଂସଦ, କନ୍ଧମାଳ

ଡ. ଅରୁଣ କୁମାର ସାହୁ
ବିଧାୟକ, ନୟାଗଡ଼
| ଶ୍ରୀ ରମେଶ ଚନ୍ଦ୍ର ବେହେରା
ବିଧାୟକ, ଦଶପଲ୍ଲା

୨୮ ଅଗଷ୍ଟ ୨୦୨୬ | ଦିବା ୧୧ ଘଟିକା | ଲାଠିପଡ଼ା ପଡ଼ିଆ, ନୟାଗଡ଼

◀ ସଶକ୍ତ ନାରୀ, ସମୃଦ୍ଧ ଓଡ଼ିଶା ▶



OIPR-33001/33001/2/26-27/0006

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର





# ନେପାଳ ବନ୍ୟାର କରାଳ ରୂପ; ଗାଁ ପରେ ଗାଁ ନିଶ୍ଚିହ୍ନ

- ବୃଦ୍ଧି ପାଉଛି ମୃତ୍ୟୁସଂଖ୍ୟା, ସହସ୍ରାଧିକ ନିଖୋଜ
- ମାଟି ଓ ପଥରର ବିଶାଳ ପ୍ରବାହ
- ପୁଣି ବନ୍ୟା ଆସିବାର ଆଶଙ୍କା

କାଠମାଣ୍ଡୁ, ୨୭ ।୮ (ଏଜେନ୍ସି): ହିମାଳୟ ଅଞ୍ଚଳରେ ଆସିଥିବା ଭୟଙ୍କର ଆକସ୍ମିକ ବନ୍ୟା ନେପାଳର ଅନେକ ଗାଁ ଓ ସହରକୁ ଛାରଖାର କରିଦେଇଛି। ଆକାଶମାର୍ଗରୁ ଉତ୍ତୋଳିତ ଚିତ୍ରରେ ବନ୍ୟା ପରବର୍ତ୍ତୀ ଧ୍ୱଂସର ଭୟାବହ ଦୃଶ୍ୟ ସାମ୍ନାକୁ ଆସିଛି। ଘରଦ୍ୱାର, ରାସ୍ତା, ସେତୁ ଓ ବିଦ୍ୟୁତ୍ ପ୍ରକଳ୍ପ ମାଟି ଓ କାଦୁଅ ତଳେ ପୋତି ହୋଇ ଯାଇଥିବା ବେଳେ ଅନେକ ଗାଁର ଚିହ୍ନବର୍ଣ୍ଣ ମଧ୍ୟ ରହିନାହିଁ। ଭୋଟେ କୋସି ଓ ତ୍ରିଶୂଳୀ ନଦୀର ପ୍ରଚଣ୍ଡ ଜଳପ୍ରବାହ ତାହାର ପଥରେ ଥିବା ଗାଁ ଓ ସହରଗୁଡ଼ିକୁ ଭୟଙ୍କର ଭାବେ ପ୍ରଭାବିତ କରିଛି। ବନ୍ୟାଜଳର ବେଗ ଏତେ ତୀବ୍ର ଥିଲା ଯେ ଅନେକ ଘର, ସେତୁ, ରାସ୍ତା ଓ ଅନ୍ୟାନ୍ୟ ନିର୍ମାଣ ଭାସିଯାଇଛି। ଉଦ୍ଧାରକାରୀମାନେ କାଦୁଅ ଓ ପଙ୍କ ଭିତରେ ପଶି ନିଖୋଜ ଲୋକଙ୍କୁ ଖୋଜୁଛନ୍ତି। ବହୁତଳ କୋଠାର ତଳ ମହଲାଗୁଡ଼ିକ ବନ୍ୟା ଓ ପଙ୍କ ତଳେ ପୋତିଯାଇଥିବାରୁ ଉଦ୍ଧାରକାର୍ଯ୍ୟ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଛି। ନେପାଳ କର୍ତ୍ତୃପକ୍ଷଙ୍କ ଅନୁସାରେ ଦେଶରେ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଅନ୍ତତଃ ୩୬୨ ଜଣଙ୍କ ମୃତ୍ୟୁ ଘଟିଛି। ୫୦୦ରୁ ଅଧିକ ନିଖୋଜ ଥିବା ସୂଚନା ମିଳିଛି। ନିଖୋଜଙ୍କ ମଧ୍ୟରେ ୩୦୦ ଭାରତୀୟ ନାଗରିକ ଥିବା ନେପାଳର ପର୍ଯ୍ୟଟନ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ନିଖୋଜଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, ବ୍ରିଟେନ, ମାଲେସିଆ, ନେଦରଲ୍ୟାଣ୍ଡ, ପର୍ତ୍ତୁଗାଲ, ଦକ୍ଷିଣ ଆଫ୍ରିକା, ଦକ୍ଷିଣ କୋରିଆ ଓ ଆମେରିକାର ନାଗରିକ ମଧ୍ୟ ଥିବା ଜଣାପଡ଼ିଛି। ଚୀନ ପକ୍ଷରୁ ମଧ୍ୟ ହିମାଳୟ ସୀମାବର୍ତ୍ତୀ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତିର ସୂଚନା ମିଳିଛି। ତିବ୍ବତର ଗ୍ୟରୋଙ୍ଗ ଅଞ୍ଚଳରେ ଭୂସ୍ଖଳନ ଯୋଗୁଁ ୩ ଜଣଙ୍କ ମୃତ୍ୟୁ ଓ ୨୬୫ ଜଣ ନିଖୋଜ ଥିବା ଚୀନର ସରକାରୀ ଗଣମାଧ୍ୟମ ରିପୋର୍ଟ କରିଛି। ନେପାଳ-ଚୀନ ସୀମା ନିକଟ ଲହେଣ୍ଡେ ନଦୀ କୂଳରୁ ବିପୁଳ ପରିମାଣର ମାଟି, ପଥର ଓ ଆବର୍ଜନା ଖସିପଡ଼ିବା ପରେ ହଠାତ୍ ବନ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ଏହି ବିଶାଳ ଜଳ ଓ କାଦୁଅ ପ୍ରବାହ ତଳିଆ ଅଞ୍ଚଳକୁ ଧାଇଁଯାଇ ରାସ୍ତାରେ ଥିବା ଘରବାଡ଼ି ଓ ଅନ୍ୟାନ୍ୟ ସଂରଚନାକୁ ଭସାଇ ନେଇଥିଲା। ତିବତ ପଟରୁ ମିଳିଥିବା ନିରୀକ୍ଷଣ ଚିତ୍ରରେ ମଧ୍ୟ ଏହି ଭୟଙ୍କର ଘଟଣାର ଦୃଶ୍ୟ ଦେଖିବାକୁ ମିଳିଛି। ବିଶାଳ ମାଟି ଓ ଆବର୍ଜନାର ପ୍ରବାହ ଏକାଧିକ ମହଲା ବିଶିଷ୍ଟ ଘର ଉପରେ ମାଡ଼ିଯାଇଥିବା ବେଳେ ଲୋକମାନେ ଜୀବନ ବଞ୍ଚାଇବାକୁ ଦୌଡ଼ୁଥିବା ଦୃଶ୍ୟ ମଧ୍ୟ ଦେଖାଯାଇଛି। ବନ୍ୟାରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ନେପାଳ ସେନା ଆକାଶମାର୍ଗରେ ଉଦ୍ଧାର ଅଭିଯାନ ଚଳାଇଛି। ଅନେକ ଲୋକଙ୍କୁ ବିପଦପୂର୍ଣ୍ଣ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ନିଆଯାଇଛି। ନଦୀକୂଳ ଓ ଅନ୍ୟାନ୍ୟ ବିପଦପୂର୍ଣ୍ଣ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷଜ୍ଞମାନେ ଏବେ ଆଉ ଏକ ବିପଦ ନେଇ ଚିନ୍ତା ପ୍ରକାଶ କରିଛନ୍ତି। ନଦୀର ଉପରମୁଣ୍ଡରେ ମାଟି ଓ ଆବର୍ଜନା ଜମି ଜଳପଥରେ ବାଧା ସୃଷ୍ଟି କରିଥିବାରୁ ଏହା ଭାଙ୍ଗିଗଲେ ପୁଣି ଏକ ବଡ଼ ବନ୍ୟା ଆସିପାରେ। କାଠମାଣ୍ଡୁସ୍ଥିତ ପର୍ବତ ବିକାଶ ସଂସ୍ଥାର ଜଳବାୟୁ ଓ ପରିବେଶୀୟ ବିପଦ ବିଶେଷଜ୍ଞମାନେ ମଧ୍ୟ ଦ୍ୱିତୀୟ ବନ୍ୟାର ସମ୍ଭାବନା ନେଇ ସତର୍କ କରିଛନ୍ତି। ନେପାଳ-ଚୀନ ସୀମା ନିକଟ ନଦୀର ଉପର ଅଞ୍ଚଳରେ ଥିବା ବାଧା ଏବେ ମଧ୍ୟ ଚିନ୍ତାର କାରଣ ହୋଇରହିଛି। ନେପାଳରେ ହୋଇଥିବା ଏହି ବିପର୍ଯ୍ୟୟର ପ୍ରଭାବ ଭାରତ ଉପରେ ମଧ୍ୟ ପଡ଼ିବାର ଆଶଙ୍କା ରହିଛି। ନେପାଳରୁ ଭାରତକୁ ପ୍ରବେଶ କରୁଥିବା ନଦୀଗୁଡ଼ିକର ଜଳସ୍ତର ବଢ଼ିବା ଆଶଙ୍କାରେ ବିହାର ଓ ଉତ୍ତରପ୍ରଦେଶର ସୀମାବର୍ତ୍ତୀ ଅଞ୍ଚଳରେ ସତର୍କତା ଜାରି କରାଯାଇଛି। ନେପାଳର ଏହି ବିପର୍ଯ୍ୟୟ ଦକ୍ଷିଣ ଏସିଆରେ ବଢ଼ୁଥିବା ଚରମ ପାଣିପାଗ ଘଟଣାର ଏକ ଗମ୍ଭୀର ଚିତ୍ର ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ମୌସୁମୀ ବର୍ଷା ସମୟରେ ଏହି ଅଞ୍ଚଳରେ ପ୍ରତିବର୍ଷ ବନ୍ୟା ଓ ଭୂସ୍ଖଳନ ଘଟୁଥିବା ବେଳେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏପରି ଚରମ ଘଟଣାର ତୀବ୍ରତା ବଢ଼ୁଥିବା ନେଇ ବୈଜ୍ଞାନିକମାନେ ଚିନ୍ତା ପ୍ରକାଶ କରୁଛନ୍ତି। ନେପାଳର ଆକାଶମାର୍ଗରୁ ମିଳିଥିବା ଚିତ୍ର କେବଳ ଏକ ବନ୍ୟାର ଧ୍ୱଂସ ଦେଖାଉନାହିଁ, ବରଂ ହିମାଳୟ ଅଞ୍ଚଳ କେତେ ଅସୁରକ୍ଷିତ ହୋଇପଡ଼ିଛି ତାହାର ଏକ ଭୟାବହ ସତର୍କ ସଙ୍କେତ ଦେଉଛି। ଗାଁ, ଘର, ରାସ୍ତା ଓ ସେତୁ ନଷ୍ଟ ହେବା ସହ ଶତାଧିକ ଲୋକଙ୍କ ଜୀବନ ଅନିଶ୍ଚିତତାରେ ପଡ଼ିଛି। ଦ୍ୱିତୀୟ ବନ୍ୟାର ଆଶଙ୍କା ଥିବାରୁ ଉଦ୍ଧାର ଓ ସତର୍କତାମୂଳକ ପଦକ୍ଷେପକୁ ଆହୁରି ଜୋରଦାର କରିବା ଆବଶ୍ୟକ। ଏହି ଘଟଣା ହିମାଳୟର ପରିବେଶ ସୁରକ୍ଷା ଓ ପଡ଼ୋଶୀ ଦେଶଗୁଡ଼ିକ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସହଯୋଗର ଆବଶ୍ୟକତାକୁ ପୁଣିଥରେ ସାମ୍ନାକୁ ଆଣିଛି।

## ଚୀନର ସତର୍କବାଣୀ: ଆସନ୍ତା ୭୨ ଘଣ୍ଟାରେ ଭାଙ୍ଗିପାରେ ଜଳାଶୟ

### ତିବ୍ବତ-ନେପାଳ ସୀମାରେ ପୁଣି ନୂଆ ବିପଦ

ବେଜିଂ, ୨୭ ।୮ (ଏଜେନ୍ସି): ତିବ୍ବତ-ନେପାଳ ସୀମାରେ ଭୟଙ୍କର ବନ୍ୟା ପରେ ଏବେ ଆଉ ଏକ ବଡ଼ ବିପଦର ଆଶଙ୍କା ଦେଖାଦେଇଛି। ସୀମା ନିକଟରେ ଥିବା ଏକ ପ୍ରାକୃତିକ ଜଳାଶୟ ଆଗାମୀ ୭୨ ଘଣ୍ଟା ମଧ୍ୟରେ ଭାଙ୍ଗିପଡ଼ିପାରେ ବୋଲି ଚୀନ କର୍ତ୍ତୃପକ୍ଷ ସତର୍କ କରିଛନ୍ତି। ଚୀନର ରାଜ୍ୟ ଗଣମାଧ୍ୟମ ଅନୁସାରେ, ଜଳାଶୟରେ ବର୍ତ୍ତମାନ ପ୍ରାୟ ୨୦ ଲକ୍ଷ ଘନମିଟର ପାଣି ରହିଛି। ଆଗାମୀ ତିନି ଦିନରେ ଆଉ ପ୍ରାୟ ୩୦ ଲକ୍ଷ ଘନମିଟର ପାଣି ଏଥିରେ ପ୍ରବେଶ କରିବାର ଆଶଙ୍କା ରହିଛି। ଜଳାଶୟ ଏବେ ଉପରୁ ପାଣି ଓଭରଫ୍ଲୋ କରୁଥିବାରୁ ବିପଦ ବଢ଼ିଛି। ତିବ୍ବତର ଗ୍ୟିରୋଙ୍ଗ ଅଞ୍ଚଳରେ ଭୂସ୍ଖଳନ ଓ ଆକସ୍ମିକ ବନ୍ୟାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଚୀନ ପକ୍ଷରୁ ୫୫୮ ଜଣ ନିଖୋଜ ଥିବା ସୂଚନା ମିଳିଛି। ନେପାଳ ପାର୍ଶ୍ୱରେ ମଧ୍ୟ ବନ୍ୟାରେ ବହୁ ଲୋକଙ୍କ ମୃତ୍ୟୁ ଓ ନିଖୋଜ ହେବାର ଖବର ରହିଛି। ବିପଦପ୍ରବଣ ଅଞ୍ଚଳରୁ ଲୋକଙ୍କୁ ହଟାଇ ସୁରକ୍ଷିତ ସ୍ଥାନକୁ ନିଆଯାଉଛି। ଉଦ୍ଧାର କାର୍ଯ୍ୟ ପାଇଁ ଚୀନ ପକ୍ଷରୁ ଅଗ୍ନିଶମ ଓ ଉଦ୍ଧାରକାରୀ ଦଳ ମୁତୟନ କରାଯାଇଛି। ଜଳାଶୟ ଭାଙ୍ଗିଲେ ତଳିଆ ଅଞ୍ଚଳରେ ଆକସ୍ମିକ ଭାବେ ବନ୍ୟାଜଳ ପ୍ରବେଶ କରିପାରେ। ଏହା ଉଦ୍ଧାର କାର୍ଯ୍ୟକୁ ଆହୁରି କଷ୍ଟକର କରିବା ସହ ଜୀବନ ଓ ସମ୍ପତ୍ତି ପ୍ରତି ବଡ଼ ବିପଦ ସୃଷ୍ଟି କରିପାରେ। ସୀମା ଅଞ୍ଚଳରେ ପରିସ୍ଥିତି ଉପରେ ଚୀନ କର୍ତ୍ତୃପକ୍ଷ ନଜର ରଖିଥିବାବେଳେ, ଆଗାମୀ ୭୨ ଘଣ୍ଟା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଛି।

## ଭାରତ ପାଇଁ ବିପଦ ଚୀନର ଜଳବନ୍ଧ ପ୍ରକଳ୍ପ

ନୂଆଦିଲ୍ଲୀ, ୨୭ ।୮ (ଏଜେନ୍ସି): ଚୀନ୍‌ର ଏକ ବିରାଟ ଜଳବନ୍ଧ ପ୍ରକଳ୍ପକୁ ନେଇ ଗ୍ଲୋବାଲ୍ ବିଶେଷଜ୍ଞମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଅରୁଣାଚଳ ପ୍ରଦେଶ ସୀମା ନିକଟରେ ଚୀନ୍ ପକ୍ଷରୁ ନିର୍ମାଣ କରାଯାଉଥିବା ଏହି ବିଶାଳ ଜଳବନ୍ଧ ଆଗାମୀ ଦିନରେ ଭାରତର ଉତ୍ତର-ପୂର୍ବାଞ୍ଚଳ ପାଇଁ ଏକ ଜଳବୋମା ସଦୃଶ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ନେପାଳ ଏବଂ ତିବ୍ବତ ସୀମାରେ ଘଟିଥିବା ପ୍ରାକୃତିକ ବିପର୍ଯ୍ୟୟରେ ଶହ ଶହ ଲୋକଙ୍କର ପ୍ରାଣହାନି ଘଟିଥିବାବେଳେ ହଜାର ହଜାର ଲୋକ ନିଖୋଜ ଅଛନ୍ତି। ଏହି ଭୟାବହତା ପରେ ବିଶେଷଜ୍ଞମାନେ ଚୀନ୍ ଦ୍ୱାରା ତିବ୍ବତର ମେଡୋଗ ଅଞ୍ଚଳରେ ନିର୍ମାଣ ହେଉଥିବା ଷାଠିଏ ହଜାର ମେଗାୱାଟ୍ କ୍ଷମତାସମ୍ପନ୍ନ ମେଡୋଗ ଜଳବନ୍ଧ ପ୍ରକଳ୍ପ ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ଏହା ଏକ ଅତ୍ୟନ୍ତ ଭୂକମ୍ପ ପ୍ରବଣ ଅଞ୍ଚଳରେ ଅବସ୍ଥିତ ଥିବାରୁ ଏହାକୁ ନେଇ ବିପଦ ବଢ଼ିବାରେ ଲାଗିଛି। ତିବ୍ବତର ୟାର୍ଲୁଙ୍ଗ ଜାଙ୍ଗବୋ ନଦୀ ଉପରେ ନିର୍ମାଣ ହେଉଥିବା ଏହି ବିଶାଳ ଜଳବନ୍ଧ ଭାରତରେ ପ୍ରବେଶ କଲା ପରେ ବ୍ରହ୍ମପୁତ୍ର ନଦୀ ଭାବରେ ପରିଚିତ ହୋଇଥାଏ। ଭୂକମ୍ପ ପ୍ରବଣ ଏବଂ ସକ୍ରିୟ ଭୂ-ଗର୍ଭବତୀ ରେଖା ଉପରେ ଏହି ପ୍ରକଳ୍ପ ନିର୍ମାଣ କରାଯାଉଥିବାରୁ ଏହାର ଗଠନଗତ ସୁରକ୍ଷାକୁ ନେଇ ଚୀନ୍‌ର ନିଜସ୍ୱ ଭୂ-ତତ୍ତ୍ୱବିତ୍ ମଧ୍ୟ ପୂର୍ବରୁ ପ୍ରଶ୍ନ ଉଠାଇସାରିଛନ୍ତି। ନେପାଳ ଦୁର୍ଘଟଣା ପରେ ବିଶେଷଜ୍ଞମାନେ ମତ ଦେଇଛନ୍ତି ଯେ ହିମାଳୟ ଅଞ୍ଚଳରେ ଏଭଳି ବୃହତ୍ ପ୍ରକଳ୍ପଗୁଡ଼ିକ ଭବିଷ୍ୟତରେ ମହାବିନାଶ ଆଣିପାରେ। ଚୀନ୍ ଯଦି ଏହି ଜଳବନ୍ଧ କାର୍ଯ୍ୟ ସମ୍ପୂର୍ଣ୍ଣ କରେ, ତେବେ ଏହା ଭାରତର ଉତ୍ତର-ପୂର୍ବାଞ୍ଚଳ ଯଥା ଅରୁଣାଚଳ ପ୍ରଦେଶ ଏବଂ ଆସାମ ସମେତ ବାଂଲାଦେଶ ପାଇଁ ଗଭୀର ଜଳ ସଙ୍କଟ ଏବଂ ହଠାତ୍ ବନ୍ୟାର କାରଣ ହୋଇପାରେ।



## ବିପର୍ଯ୍ୟୟ ଘଟାଇବ ହିମାଳୟ ପରିବେଶ ଅବକ୍ଷୟ

କାଠମାଣ୍ଡୁ, ୨୭ ।୮ (ଏଜେନ୍ସି): ହିମାଳୟରେ ବରଫ ତରଳିବା ଏବଂ ଜଳବାୟୁ ପରିବର୍ତ୍ତନ କାରଣରୁ ଭାରତ ଏବଂ ନେପାଳ ସମେତ ସମଗ୍ର ଅଞ୍ଚଳ ପ୍ରତି ବଡ଼ ସଙ୍କଟ ସୃଷ୍ଟି ହୋଇଛି। ରାଜନୈତିକ ମତଭେଦ ଭୁଲି ସମସ୍ତ ପଡ଼ିଶା ଦେଶକୁ ଏକାଠି ହୋଇ ସାହାଯ୍ୟ କରିବାକୁ ପଡ଼ିବ ବୋଲି ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ କଡ଼ା ଚେତାବନୀ ଦେଇଛନ୍ତି। କାଠମାଣ୍ଡୁରେ ଅନୁଷ୍ଠିତ ଏକ ଆନ୍ତର୍ଜାତୀୟ ଶିଖର ସମ୍ମିଳନୀରେ ଯୋଗଦେଇ ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ କହିଛନ୍ତି ଯେ ହିମାଳୟରେ ଯାହା କିଛି ଘଟୁଛି, ତାହାର ସିଧାସଳଖ ପ୍ରଭାବ ସମୁଦ୍ର ଏବଂ ତଳ ଅଞ୍ଚଳ ଉପରେ ପଡୁଛି। ବର୍ତ୍ତମାନ ପରିବେଶଗତ ଦୃଷ୍ଟିକୋଣରୁ ଭାରତ ଓ ନେପାଳ ସମ୍ପର୍କକୁ ନୂତନ ରୂପ ଦେବାର ସମୟ ଆସିଯାଇଛି। ନେପାଳ ମନ୍ତ୍ରୀ କହିଛନ୍ତି ଯେ ନେପାଳ ଏବଂ ଚୀନ୍ ସୀମାନ୍ତ ହିମାଳୟ ଅଞ୍ଚଳରେ ହୋଇଥିବା ପ୍ରଳୟଙ୍କରୀ ବନ୍ୟା ଏହାର ଏକ ଜ୍ୱଳନ୍ତ ପ୍ରମାଣ ଅଟେ। ହିମାଳୟରେ ବରଫ ତରଳିବା କିମ୍ବା ପରିବେଶ ବିପର୍ଯ୍ୟୟ ଘଟିଲେ ତାହା ସମୁଦ୍ର ପର୍ଯ୍ୟନ୍ତ ପ୍ରଭାବ ପକାଏ। ଭାରତ, ନେପାଳ, ଚୀନ୍ ଏବଂ ଭୁଟାନ ପ୍ରଭୃତି ଦେଶଗୁଡ଼ିକ ପରିବେଶ ଦୃଷ୍ଟିରୁ ପରସ୍ପର ସହିତ ଓତପ୍ରୋତ ଭାବେ ଜଡ଼ିତ ଅଛନ୍ତି। ଏହି ସମସ୍ତ ଦେଶର ଭବିଷ୍ୟତ ଏବଂ ବଞ୍ଚି ରହିବା ସମ୍ପୂର୍ଣ୍ଣ ଭାବେ ହିମାଳୟର ପରିବେଶକୁ ସୁରକ୍ଷିତ ରଖିବା ଉପରେ ନିର୍ଭର କରୁଛି। ବିଶ୍ୱର ପ୍ରାୟ ଦୁଇ ଶହ କୋଟି ଲୋକଙ୍କ ପାଇଁ ପାନୀୟ ଜଳର ଉତ୍ସ ତଥା ଜୀବନଜୀବିକା ଏହି ହିମାଳୟ ଅଞ୍ଚଳ ଉପରେ ନିର୍ଭରଶୀଳ। ଜଳବାୟୁ ପରିବର୍ତ୍ତନ କାରଣରୁ ଆଗାମୀ ଦିନରେ ଜଳ ସଙ୍କଟ ଏବଂ ପରିବେଶଗତ ଦୁର୍ବଳତା ଆହୁରି ବୃଦ୍ଧି ପାଇବ। ରାଜନୈତିକ ଶତ୍ରୁତା କିମ୍ବା ମତଭେଦକୁ ପଛରେ ପକାଇ ସମସ୍ତ ଦେଶକୁ ଏକାଠି ମିଳିତ ଭାବେ କାମ କରିବାକୁ ପଡ଼ିବ ବୋଲି ମନ୍ତ୍ରୀ ଦୃଢ଼ ମତ ପ୍ରକାଶ କରିଛନ୍ତି। ପରିବେଶଗତ ସଙ୍କଟ କୌଣସି ଗୋଟିଏ ଦେଶର ସୀମା ଭିତରେ ସୀମିତ ନୁହେଁ। ତେଣୁ ହିମାଳୟର ସୁରକ୍ଷା ଏବଂ ସାମଗ୍ରିକ ବିକଶିତ ଭବିଷ୍ୟତ ପାଇଁ ଭାରତ, ନେପାଳ, ଚୀନ୍ ଏବଂ ଭୁଟାନକୁ ମିଳିତ ଭାବେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ ବୋଲି ନେପାଳର ବୈଦେଶିକ ମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ଦେଇଛନ୍ତି।



## ନେପାଳ ବନ୍ୟାରେ ମୁକୁଲ ରୟଙ୍କ ପୁଅ ନିଖୋଜ

କୋଲକାତା, ୨୭ ।୮ (ଏଜେନ୍ସି): ନେପାଳରେ ଭୟଙ୍କର ବନ୍ୟା ପରେ ପଶ୍ଚିମବଙ୍ଗର ପୂର୍ବତନ ମନ୍ତ୍ରୀ ମୁକୁଲ ରୟଙ୍କ ପୁଅ ତଥା ପୂର୍ବତନ ବିଧାୟକ ଶୁଭ୍ରାଂଶୁ ରୟ ନିଖୋଜ ହୋଇଛନ୍ତି। ଅଗଷ୍ଟ ୨୫ ତାରିଖ ରାତିରୁ ପତ୍ନୀଙ୍କ ସହ ତାଙ୍କର ଆଉ ଯୋଗାଯୋଗ ହୋଇନାହିଁ। ଶୁଭ୍ରାଂଶୁ ଅଗଷ୍ଟ ୨୧ରେ ଏକାକୀ ନେପାଳ ଯାଇଥିଲେ। ନେପାଳ–ତିବ୍ବତ ସୀମା ନିକଟରେ ଭୟଙ୍କର ବନ୍ୟା ପରେ ତାଙ୍କ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଏହି ଅଞ୍ଚଳରେ କୋଲକାତାରୁ ମାନସରୋବର ଯାତ୍ରାରେ ଯାଇଥିବା ୩୨ ଜଣିଆ ଦଳ ମଧ୍ୟ ନିଖୋଜ ଥିବା ଖବର ମିଳିଛି। ରାସ୍ତା ଓ ସେତୁ ନଷ୍ଟ ହୋଇଥିବାରୁ ଉଦ୍ଧାରକାର୍ଯ୍ୟରେ ବାଧା ସୃଷ୍ଟି ହୋଇଛି। ନିଖୋଜଙ୍କ ସନ୍ଧାନ ଜାରି ରହିଛି। ଶୁଭ୍ରାଂଶୁ ରୟ ବିଜପୁରର ପୂର୍ବତନ ବିଧାୟକ। ସେ ଅଗଷ୍ଟ ୨୧ ତାରିଖରେ ଏକ ଭ୍ରମଣ ସଂସ୍ଥା ମାଧ୍ୟମରେ ନେପାଳ ଯାଇଥିଲେ। ସେ ଏକାକୀ ଯାତ୍ରା କରୁଥିଲେ। ତାଙ୍କ ପତ୍ନୀ ଶର୍ମିଷ୍ଠା ଭୌମିକ ରୟଙ୍କ କହିବା ଅନୁସାରେ, ଅଗଷ୍ଟ ୨୫ ରାତିରେ ଶେଷଥର ପାଇଁ ସ୍ୱାମୀଙ୍କ ସହ କଥା ହୋଇଥିଲା। ଏହା ପରଠାରୁ ତାଙ୍କ ଫୋନ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ଯୋଗାଯୋଗ ସମ୍ଭବ ହୋଇନାହିଁ।

## ୧୦୫ ବର୍ଷ ବୟସରେ ଜେଲ୍‌ରୁ ମୁକ୍ତ

ମାଲଦା, ୨୭ ।୮ (ଏଜେନ୍ସି): ପ୍ରାୟ ଚାରି ଦଶନ୍ଧି ଧରି ଚାଲିଥିବା ଆଇନଗତ ଲଢେଇର ଅନ୍ତ ଘଟିଛି। ବୟସ ଓ ଅସୁସ୍ଥତାକୁ ବିଚାର କରି ସୁପ୍ରିମକୋର୍ଟ ୧୦୫ ବର୍ଷୀୟ ରସିକ ଚନ୍ଦ୍ର ମଣ୍ଡଳଙ୍କ ଅବଶିଷ୍ଟ ଆଜୀବନ କାରାଦଣ୍ଡକୁ ରଦ୍ଦ କରିଛନ୍ତି। ମାଲଦା ଜିଲ୍ଲା ମାଣିକଚକ ଅଞ୍ଚଳର ପଶ୍ଚିମ ନାରାୟଣପୁର ଗାଁର ବାସିନ୍ଦା ରସିକ ଚନ୍ଦ୍ର ୧୯୮୮ ମସିହାରେ ସମ୍ପତ୍ତି ବିବାଦକୁ କେନ୍ଦ୍ର କରି ନିଜ ଭାଇ ସୁରେଶ ମଣ୍ଡଳଙ୍କ ହତ୍ୟା ଅଭିଯୋଗରେ ଗିରଫ ହୋଇଥିଲେ। ୧୯୯୪ ମସିହାରେ ତାଙ୍କୁ ଆଜୀବନ କାରାଦଣ୍ଡ ମିଳିଥିଲା। ସେତେବେଳେ ତାଙ୍କ ବୟସ ୭୪ ବର୍ଷ ଥିଲା। ୨୦୧୮ ମସିହାରେ ମୁକ୍ତି ପାଇଁ ସେ କଲକାତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ଆଶ୍ୱାସନ ନମିଳିବା ପରେ ସୁପ୍ରିମକୋର୍ଟକୁ ଯାଇଥିଲେ। ୨୦୨୦ରେ ୯୯ ବର୍ଷ ବୟସରେ ସେ ବୟସଜନିତ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦର୍ଶାଇ ଆଗୁଆ ମୁକ୍ତି ପାଇଁ ଆବେଦନ କରିଥିଲେ। ୨୦୨୪ ନଭେମ୍ବରରେ ସୁପ୍ରିମକୋର୍ଟ ତାଙ୍କୁ ଅନ୍ତରୀଣ ଭାବେ ଜାମିନ କିମ୍ବା ପାରୋଲରେ ମୁକ୍ତ କରିଥିଲେ। ଶେଷରେ ତିନିଜଣିଆ ଖଣ୍ଡପୀଠ ତାଙ୍କୁ ଅବଶିଷ୍ଟ ଆଜୀବନ କାରାଦଣ୍ଡ ଭୋଗିବାରୁ ତାଙ୍କୁ ସମ୍ପୂର୍ଣ୍ଣ ମୁକ୍ତି ଦେଇଛନ୍ତି।

## ପ୍ରଧାନବିଚାରପତିଙ୍କୁ ବିରୋଧ; ସମାବର୍ତ୍ତନ ଉତ୍ସବ ବାତିଲ



ବେଙ୍ଗାଲୁରୁ, ୨୭ ।୮ (ଏଜେନ୍ସି): ମୁଖ୍ୟ ବିଚାରପତିଙ୍କୁ ସମାବର୍ତ୍ତନ ଉତ୍ସବକୁ ନିମନ୍ତ୍ରଣ କରିବାକୁ ନେଇ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଙ୍କ ମଧ୍ୟରେ ବିରୋଧ ଦେଖାଦେବା ପରେ ବେଙ୍ଗାଲୁରୁସ୍ଥିତ ଜାତୀୟ ଆଇନ ବିଦ୍ୟାଳୟ ତାହାର ୨୦୨୬ ବର୍ଷର ସମାବର୍ତ୍ତନ ଉତ୍ସବକୁ ବାତିଲ କରିଛି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଗଷ୍ଟ ୨୭ରେ ଜାରି ହୋଇଥିବା ସୂଚନାରେ କୁହାଯାଇଛି, ଅପରିହାର୍ଯ୍ୟ ପରିସ୍ଥିତି ଯୋଗୁଁ ଚଳିତ ବର୍ଷର ସମାବର୍ତ୍ତନ ଆୟୋଜନ କରାଯିବ ନାହିଁ। ପୂର୍ବରୁ ଏହି ସମାବର୍ତ୍ତନ ସେପ୍ଟେମ୍ବର ୧୨ରେ ହେବାକୁ ଥିଲା। ସମାବର୍ତ୍ତନ ବାତିଲ ହେବା ପରେ ୨୦୨୬ର ସମସ୍ତ ସ୍ନାତକ ଛାତ୍ରଛାତ୍ରୀଙ୍କୁ ଅନୁପସ୍ଥିତିରେ ଡିଗ୍ରୀ ପ୍ରଦାନ କରାଯିବ। ଏଥିପାଇଁ ବିଶ୍ୱବିଦ୍ୟାଳୟର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ଆବଶ୍ୟକ ହେବ। ଛାତ୍ରଛାତ୍ରୀମାନେ ଡାକ ଯୋଗେ ପ୍ରମାଣପତ୍ର ପାଇପାରିବେ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରୁ ନିଜେ ସଂଗ୍ରହ କରିପାରିବେ। ସମାବର୍ତ୍ତନରେ ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବାର ପରିଷଦ ଅଧ୍ୟକ୍ଷ ମନନ କୁମାର ମିଶ୍ରଙ୍କ ଉପସ୍ଥିତିକୁ ନେଇ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଙ୍କ ଏକ ଅଂଶ ବିରୋଧ କରିଥିଲେ। ଏହାକୁ ନେଇ ବିଶ୍ୱବିଦ୍ୟାଳୟରେ ମତଭେଦ ବଢ଼ିଥିଲା। ଏହି ବିରୋଧ ପଛରେ ବାର ପରିଷଦର ଏକ ପୂର୍ବ ନିଷ୍ପତ୍ତିକୁ ନେଇ ମଧ୍ୟ ଅସନ୍ତୋଷ ରହିଥିଲା। ଅଗଷ୍ଟ ୧୩ରେ ବାର ପରିଷଦ ହାଇଦ୍ରାବାଦସ୍ଥିତ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ୨୦୨୬ ସ୍ନାତକ ବ୍ୟାଚର ନାମଲେଖାକୁ ସାମୟିକ ଭାବେ ବନ୍ଦ କରିଥିଲା। ଏହାର କିଛି ଘଣ୍ଟା ପରେ ନିଷ୍ପତ୍ତିଟି ପ୍ରତ୍ୟାହାର କରାଯାଇଥିଲା। ବାର ପରିଷଦର ପଦକ୍ଷେପକୁ ନେଇ ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରମାନେ ତୀବ୍ର ଆପତ୍ତି ଜଣାଇଥିଲେ। ବିରୋଧ ଅଭିଯାନରେ ଜଡ଼ିତ ଛାତ୍ର ଓ ଶିକ୍ଷକଙ୍କୁ ଚିହ୍ନଟ କରିବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ସେମାନେ ସ୍ୱାଧୀନ ମତ ପ୍ରକାଶ ଉପରେ ଚାପ ବୋଲି ଅଭିଯୋଗ କରିଥିଲେ। ଏହି ବିରୋଧୀ ବିବୃତିରେ ୧୬୫ ଜଣ ସ୍ନାତକ ଛାତ୍ର, ୪୦୯ ଜଣ ବର୍ତ୍ତମାନର ଛାତ୍ର ଏବଂ ୧୨୮ ଜଣ ପୁରାତନ ଛାତ୍ର ସ୍ୱାକ୍ଷର କରିଥିବା ଜଣାପଡ଼ିଛି। ବିବାଦ ମଧ୍ୟରେ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହ ପ୍ରାୟ ୯୦ ମିନିଟ୍ ଧରି ଆଲୋଚନା କରିଥିଲେ। ଛାତ୍ରମାନଙ୍କ ଚିନ୍ତା ଓ ଆପତ୍ତି ବୁଝିବା ପାଇଁ ଏହି ଆଲୋଚନା ହୋଇଥିବା ସୂଚନା ମିଳିଛି।

## ୟୁକ୍ରେନର ୯ ସହରରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ମାଡ଼



କିଭ, ୨୭ ।୮ (ଏଜେନ୍ସି): ୟୁକ୍ରେନର ୯ଟି ସହର ଉପରେ ରୁଷ୍ ରାତିସାରା ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିଛି। ରାଜଧାନୀ କିଭ୍ ସମେତ ବିଭିନ୍ନ ଅଞ୍ଚଳରେ ଆବାସିକ କୋଠା, ବିଦ୍ୟାଳୟ, ଚିକିତ୍ସା କେନ୍ଦ୍ର ଓ ଶକ୍ତି ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣରେ ଜାପୋରିଝିଆ ଅଞ୍ଚଳରେ ଜଣେ ୭୮ ବର୍ଷୀୟ ମହିଳାଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଅଞ୍ଚଳରେ ଅତି କମ୍ ୯ ଜଣ ଆହତ ହୋଇଛନ୍ତି। କିଭ୍‌ର ଚାରିଟି ଅଞ୍ଚଳରେ ଆକ୍ରମଣର ପ୍ରଭାବ ପଡ଼ିଥିବା ଅଧିକାରୀମାନେ କହିଛନ୍ତି। ୟୁକ୍ରେନର ବାୟୁ ପ୍ରତିରକ୍ଷା ବାହିନୀ ୭ଟି ରୁଷୀୟ ବାଲିଷ୍ଟିକ୍ ମିସାଇଲ୍‌କୁ ଧ୍ୱଂସ କିମ୍ବା ନିଷ୍କ୍ରିୟ କରିଥିବା ଦାବି କରିଛି। ତେବେ ରୁଷ୍‌ର ଲଗାତାର ଆକ୍ରମଣ ମଧ୍ୟରେ ୟୁକ୍ରେନ୍‌ର ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଚାପ ବଢ଼ିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କି ଅଧିକ ବାୟୁ ପ୍ରତିରକ୍ଷା ସହାୟତା, ବିଶେଷକରି ପ୍ୟାଟ୍ରିଅଟ୍ ମିସାଇଲ୍ ପାଇଁ ସହଯୋଗୀ ଦେଶଗୁଡ଼ିକୁ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ, ରୁଷ୍ ଦାବି କରିଛି ଯେ ତାହାର ଆକ୍ରମଣର ଲକ୍ଷ୍ୟ ଥିଲା ସାମରିକ ଓ ଶିଳ୍ପ ଭିତ୍ତିଭୂମି। ରୁଷ୍ ମଧ୍ୟ ଦାବି କରିଛି ଯେ ତାହାର ବାୟୁ ପ୍ରତିରକ୍ଷା ବାହିନୀ ୨୬୭ଟି ୟୁକ୍ରେନୀୟ ଡ୍ରୋନ୍ ଧ୍ୱଂସ କରିଛି। ଏହି ଘଟଣାରୁ ଯୁଦ୍ଧରେ ଉଭୟ ପକ୍ଷର ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ ଆହୁରି ତୀବ୍ର ହେଉଥିବା ସ୍ପଷ୍ଟ ହୋଇଛି।

## ବିମାନ ଦୁର୍ଘଟଣାରେ ପାଇଲଟ, ସହ-ପାଇଲଟ ମୃତ

କାନପୁର, ୨୭ ।୮ (ଏଜେନ୍ସି): ଉତ୍ତର ପ୍ରଦେଶର କାନପୁରଠାରେ ଏକ ବେସରକାରୀ ତାଲିମ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗଙ୍ଗା ନଦୀ କୂଳବର୍ତ୍ତୀ ଏକ ପଡ଼ିଆରେ ଏହି ବିମାନଟି ଖସିପଡ଼ିବାରୁ ପାଇଲଟ ଏବଂ ସହ-ପାଇଲଟଙ୍କର ମୃତ୍ୟୁ ଘଟିଛି। ଗୁରୁବାର ଦିନ କାନପୁରର ଗଙ୍ଗା ବ୍ୟାରେଜ୍ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। କାନପୁରର ଏକ ବିମାନ ଚାଳନା ତାଲିମ ପ୍ରତିଷ୍ଠାନ 'ଗର୍ଗ ଏଭିଏସନ୍'ର ଏହି ତାଲିମ ବିମାନଟି ହଠାତ୍ ଦୁର୍ଘଟଣାର ଶିକାର ହୋଇଥିଲା। ସ୍ଥାନୀୟ ଲୋକମାନେ ଘଟଣାସ୍ଥଳକୁ ଦୌଡ଼ିଯାଇ ଉଭୟଙ୍କୁ ଉଦ୍ଧାର କରି ଏକ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ, ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସର ସୂଚନା ଅନୁଯାୟୀ, ଦୁର୍ଘଟଣାର ଶିକାର ହୋଇଥିବା ମୁଖ୍ୟ ପାଇଲଟଜଣଙ୍କ ଗୁଜରାଟର ବାସିନ୍ଦା ଥିଲେ ଏବଂ ତାଙ୍କର ତିନି ହଜାରରୁ ଅଧିକ ଘଣ୍ଟା ଉଡ଼ାଣର ଅଭିଜ୍ଞତା ଥିଲା। ସେହିପରି ସହ-ପାଇଲଟଜଣଙ୍କ କର୍ଣ୍ଣାଟକର ବାସିନ୍ଦା ଥିଲେ। ତେବେ ମୃତକଙ୍କର ସଠିକ୍ ପରିଚୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସ୍ପଷ୍ଟ ହୋଇନାହିଁ। ଦୁର୍ଘଟଣାର କାରଣ ସମ୍ପୂର୍ଣ୍ଣ ଜାଣିବା ପାଇଁ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ପକ୍ଷରୁ ତଦନ୍ତ କରାଯିବ।





ପବିତ୍ର ରକ୍ଷା ବନ୍ଧନ ଅବସରରେ ଗୁରୁବାର ନବୀନ ନିବାସରେ ସ୍କୁଲ୍ ଛାତ୍ରୀ, ପ୍ରଜାପିତା ବ୍ରହ୍ମକୁମାରୀ ଓ ବିଜେଡି ନେତ୍ରୀମାନେ ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ହାତରେ ରାକ୍ଷୀ ବାନ୍ଧିଛନ୍ତି

**ପୋଷ୍ଟ ଅଫିସ୍ ସଞ୍ଚୟ ଠକେଇ**

## ୧୧ ବର୍ଷ ପରେ ଫେରାର ବ୍ରାଞ୍ଚ ପୋଷ୍ଟମାଷ୍ଟର ଗିରଫ

ଭୁବନେଶ୍ୱର, ୨୭।୮ (ସମିସ): ପୋଷ୍ଟ ଅଫିସ୍ ସଞ୍ଚୟ ଜମା ଟଙ୍କା ହେରଫେର ମାମଲାରେ ଦୀର୍ଘଦିନ ଧରି ଫେରାର ଥିବା ତତ୍କାଳୀନ ବ୍ରାଞ୍ଚ ପୋଷ୍ଟମାଷ୍ଟରଙ୍କୁ ସିବିଆଇ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଶଦା ସ୍ୱାଇଁ। ସିବିଆଇ ଭୁବନେଶ୍ୱର ଏସିବି ତାଙ୍କୁ ବରଗଡ଼ରୁ ଗିରଫ କରିଛି।

ସିବିଆଇ ସୂଚନା ଅନୁଯାୟୀ, ଶଦା ୨୦୦୮ରୁ ୨୦୧୪ ପର୍ଯ୍ୟନ୍ତ ବରଗଡ଼ ଜିଲ୍ଲା ବୋଣ୍ଡା ଶାଖା ଡାକଘରରେ ବ୍ରାଞ୍ଚ ପୋଷ୍ଟମାଷ୍ଟର ଭାବେ କାର୍ଯ୍ୟରତ ଥିଲେ। ଶାଖା ଡାକଘରରେ କାର୍ଯ୍ୟରତ ସମୟରେ ଶଦା ଜମାକାରୀଙ୍କଠାରୁ ପ୍ରାୟ ୧୩ ଲକ୍ଷ ୯୮ ହଜାର ୨୩୨ ଟଙ୍କା ସଂଗ୍ରହ କରିଥିଲେ। ତେବେ ସେହି ଜମା ଟଙ୍କାକୁ ଖାତାରେ ଜମା କରିନଥିଲେ। ଓଲଟି ପାସ୍‌ବୁକ୍‌ରେ ମିଛରେ ଏଣ୍ଟ୍ରି କରି ଲୋକଙ୍କୁ ଭୁଆଁ ବୁଲାଇଥିଲେ। ଶଦା ଜମାକାରୀଙ୍କ ଟଙ୍କା ହେରଫେର କରିଥିବା ନେଇ ସିବିଆଇରେ ଅଭିଯୋଗ ହୋଇଥିଲା। ସିବିଆଇ ଭୁବନେଶ୍ୱର ଏସିବି - ଆର୍‌ସି-୧୭(ଏ)୧୪-ବିବିଏସ୍ ମାମଲା ରୁଜୁ କରିଥିଲା। ୨୦୧୫ ଡିସେମ୍ବର ୩୧ରେ ଶଦାଙ୍କ ବିରୋଧରେ ଚାର୍ଜ ଫ୍ରେମ୍ ହେବା ପରଠାରୁ ସେ ଫେରାର ଥିଲେ। ତାଙ୍କ ବିରୋଧରେ ୨୦୨୨ରେ ଏନ୍‌ବିଡବ୍ଲ୍ୟୁ ଜାରି ହୋଇଥିଲା। ସିବିଆଇର ନିରନ୍ତର ଉଦ୍ୟମ ପରେ ଶଦାଙ୍କ ଠିକଣା ସମ୍ପର୍କରେ ସୂଚନା ମିଳିଥିଲା। ଏକ ପାରିବାରିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଶଦା ବରଗଡ଼ ଆସିଥିବାବେଳେ ସିବିଆଇ ତାଙ୍କୁ ଗିରଫ କରିଥିଲା। ଆଜି ତାଙ୍କୁ କୋର୍ଟ ଚାଲାଣ କରିଛି।

## ଭୁବନେଶ୍ୱର ଡିସିପି ମିନାଙ୍କ ଇସ୍ତଫା ଗୃହୀତ

ଭୁବନେଶ୍ୱର,୨୭ ।୮ (ସମିସ): ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ଇସ୍ତଫାପତ୍ରକୁ ଓଡ଼ିଶା ସରକାର ଗ୍ରହଣ କରି ନେଇଛନ୍ତି। ରାଜ୍ୟ ସରକାର ଇସ୍ତଫାପତ୍ର ଗ୍ରହଣ କରିବା ପରେ କେନ୍ଦ୍ର ସରାକରଙ୍କ ଇସ୍ତଫା ଅନୁମୋଦନ ପାଇଁ ପଠାଇଛନ୍ତି। ଏହା ଉପରେ କେନ୍ଦ୍ର ସରକାର ସହମତୀ ପ୍ରକାଶ କଲେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ଚାକିରିରୁ ଇସ୍ତଫା ନେବେ। ନିୟମ ଅନୁଯାୟୀ, ରାଜ୍ୟ ସରାକାର ଇସ୍ତଫାପତ୍ରକୁ ଗ୍ରହଣ କରିବା ପୂର୍ବରୁ ସମ୍ପୃକ୍ତ ଅଧିକାରୀଙ୍କ ସମସ୍ତ ରେକର୍ଡ ଯାଞ୍ଚ କରାଯାଏ। ତାଙ୍କ ବିରୋଧରେ ଭିଜିଲାନ୍ସରେ କୌଣସି ମାମଲା ରହିଛି କିମ୍ବା ନାହିଁ। ସରକାରଙ୍କ ତାଙ୍କ ଉପରେ ଟଙ୍କା ବକେୟା ରହିଛି କିମ୍ବା ନାହିଁ। ଦେଶରେ ମୋଟ୍ ୩ଟି ଅଲ୍ ଇଣ୍ଡିଆ ସର୍ଭିସ ରହିଛି। ଆଇଏଏସ୍, ଆଇପିଏସ୍ ଏବଂ ଆଇଏଫ୍‌ଏସ୍। ସମସ୍ତଙ୍କ ଇସ୍ତଫା ଅଲ୍ ଇଣ୍ଡିଆ ସର୍ଭିସ ରୁଲ ୧୯୫୮ ଅନୁଯାୟୀ ରୁଲ୍ ୫(୧) ଏବଂ ରୁଲ୍ ୫(୧)(ଏ) ପରିଚାଳନା କରାଯାଏ। ଏଣୁ ଡିସିପି ମୀନା ଓଡ଼ିଶା କାଡର ଆଇପିଏସ୍ ହୋଇଥିବାରୁ ସେ ତାଙ୍କ ଇସ୍ତଫା ପତ୍ରକୁ ଡିଜିପିଙ୍କ ଜରିଆରେ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ପାଖକୁ ଇସ୍ତଫା ପତ୍ର ପଠାଇଥିଲେ। ଯାହାକୁ ରାଜ୍ୟ ସରକାର ଗ୍ରହଣ କରିଛନ୍ତି। ଏହାପରେ କେନ୍ଦ୍ର ସରକାର ନିଷ୍ପତି ନେବେ ତାଙ୍କ ଇସ୍ତଫା ଗ୍ରହଣ କରାଯିବ କିମ୍ବା ନାହିଁ। ତେବେ ବ୍ୟକ୍ତିଗତ କାରଣରୁ ଡିସିପି ଇସ୍ତଫା ଦେଇଛନ୍ତି ବୋଲି ପୂର୍ବରୁ ଗଣମାଧ୍ୟମକୁ କହିଥିଲେ। ସେ ଏହାପରେ ଏକ ବେସରକାରୀ କ୍ଷେତ୍ରରେ ଚାକିରି କରିବେ।

**ରାଜ୍ୟ ସରକାର ଆପତ୍ତି ନଉଠାଇ କେନ୍ଦ୍ରକୁ ପଠାଇଲେ**

**ଗୋଳାବନ୍ଧରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

## ୧୩୭୧ ବିସ୍ଥାବିତ ପରିବାର ପାଇଁ ୭୫.୬ କୋଟିର ପ୍ୟାକେଜ୍

ବ୍ରହ୍ମପୁର,୨୭ ।୮ (ସମିସ): ଗଞ୍ଜାମ ଜିଲ୍ଲା ଗୋଳାବନ୍ଧଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଳାବନ୍ଧର ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ୭୫କୋଟି ୬୦ଲକ୍ଷ ୩୦ହଜାର ଟଙ୍କାର ଏକ ସ୍ୱତନ୍ତ୍ର ପୁନର୍ବାସ ଓ ଥଇଥାନ (ଆର୍ ଆଣ୍ଡ ଆର୍) ପ୍ୟାକେଜ୍ ଘୋଷଣା କରିବା ସହ ଏହାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଛେଳିଗଡ଼ ମଧ୍ୟମ ଜଳସେଚନ ପ୍ରକଳ୍ପର ବିସ୍ଥାପିତ ୧୧୨ଟି ପରିବାରଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯୬ଟି ପରିବାରକୁ ଘରବାରି ଓ ଚାଷଜମିର ପଟ୍ଟା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ମୁଖ୍ୟମନ୍ତ୍ରୀ ବାବା ଧବଳଶ୍ୱେରଙ୍କୁ ଦର୍ଶନ ସାରି ସଭା କାର୍ଯ୍ୟରେ ଯୋଗ ଦେଇଥିଲେ। ଏଠାରେ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ରାକ୍ଷୀ ବାନ୍ଧି ସ୍ୱାଗତ ଜଣାଇଥିଲେ। ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଗୋଳାବନ୍ଧର ଅଧିବାସୀଙ୍କ ସଂଘର୍ଷ ଓ ତ୍ୟାଗ ଅସୀମ। ୧୯୮୪ମସିହାରେ ଆର୍ମୀ ଏୟାର ଡିଫେନ୍ସ କଲେଜ ପାଇଁ ଜମି ହସ୍ତାନ୍ତର ପରଠାରୁ ଦୀର୍ଘ ୪ଦଶନ୍ଧି ଧରି ଅଣଦେଖା ହୋଇ ରହିଥିବା ଏହି ସମସ୍ୟାର ଆମ ସରକାର ସ୍ଥାୟୀ ସମାଧାନ କରିଛନ୍ତି। ଘୋଷିତ ସ୍ୱତନ୍ତ୍ର ପ୍ୟାକେଜ୍ ଅଧୀନରେ ୧,୩୭୧ଟି ଯୋଗ୍ୟ ପରିବାରକୁ ଆର୍ଥିକ ସ୍ୱାବଲମ୍ବନ ପାଇଁ ପରିବାର ପିଛା ୫ଲକ୍ଷ ଟଙ୍କା ଲେଖାଏଁ ମୋଟ ୬୮.୫୫ କୋଟି ଟଙ୍କାର ଏକକାଳୀନ କ୍ଷତିପୂରଣ ଡ଼ିବିଟି ମାଧ୍ୟମରେ ପ୍ରଦାନ କରାଯାଉଛି। ଘର ନିର୍ମାଣ ସହାୟତା ବାବଦରେ ୪କୋଟି ୨୫ଲକ୍ଷ ୧୦ହଜାର ଟଙ୍କା ଆବଣ୍ଟନ କରାଯାଇଛି। ଯେଉଁଥିରେ ୯୯୮ଟି ଅସମ୍ପୂର୍ଣ୍ଣ ଗୃହକୁ ସମ୍ପୂର୍ଣ୍ଣ କରାଯିବା ସହ ୧୦ଟି ନୂତନ ଘର ନିର୍ମାଣ ହେବ। ଏହା ବ୍ୟତୀତ ନୂଆ କୀର୍ତ୍ତିପୁର କଲୋନୀର ରାସ୍ତା, ଷ୍ଟ୍ରିଟ୍ ଲାଇଟ୍, ଅଙ୍ଗନବାଡ଼ି, ମାର୍କେଟ କମ୍ପ୍ଲେକ୍ସ, ପବ୍ଲିକ୍ ଟଏଲେଟ୍, ବାତ୍ୟା ଆଶ୍ରୟସ୍ଥଳୀ ଓ ମାଛଧରା



ଡଙ୍ଗା ରଖିବା ପାଇଁ ବେଳାଭୂମି ସମତୁଲକରଣ ଭଳି ଭିତ୍ତିଭୂମି ବିକାଶ ପାଇଁ ୨.୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରାଯାଇଛି। ସେହିପରି ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତଙ୍କୁ ଦିଗପହଣ୍ଡିର ସାନ୍ତରାପୁରଠାରେ ଥଇଥାନ କରାଯାଇ ୧୧୨ ପରିବାରକୁ ୧୦ ଡିସିମିଲ୍ ଘରବାରି ଓ ୨ଏକର ଲେଖାଏଁ ଚାଷଜମି ଯୋଗାଇ ଦିଆଯାଉଛି। ଆଜି ଏମାନଙ୍କ ମଧ୍ୟରୁ ୯୬ ପରିବାରକୁ ପଟ୍ଟା ଦିଆଗଲା। ଅନ୍ୟ ସମସ୍ତଙ୍କୁ ଖୁବ୍ ଶିଘ୍ର ପଟ୍ଟା ଦିଆଯିବ। ଆସନ୍ତା ବର୍ଷ ଶେଷ ସୁଦ୍ଧା ଛେଳିଗଡ଼ ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ଗଞ୍ଜାମ ଓ ଗଜପତି ଜିଲ୍ଲାର ୬ହଜାର ହେକ୍ଟରରୁ ଅଧିକ ଜମି ଜଳସେଚିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ଗଞ୍ଜାମ ଜିଲ୍ଲାର ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ ବ୍ଲୁ-ଇକୋନୋମି, ଅର୍ଜିପଲ୍ଲୀ ଫିସିଙ୍ଗ ବନ୍ଦର ନବୀକରଣ, ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର, ଗୋପାଳପୁର ବନ୍ଦର ସମ୍ପ୍ରସାରଣ ଏବଂ ବାହୁଦାଠାରେ ୨୧,୫୦୦ କୋଟି

- ଛେଳିଗଡ଼ ପ୍ରକଳ୍ପ ବିସ୍ଥାପିତଙ୍କୁ ଘରବାରି ଓ ଚାଷଜମି ପଟ୍ଟା
- ଆର୍ଯ୍ୟପଲ୍ଲୀ ବନ୍ଦର ନବୀକରଣ, ଗଢ଼ାହେବ ୨୮ଟି ଫିସ୍ ଲ୍ୟାଣ୍ଡିଂ ସେଣ୍ଟର
- ଆଗାମୀ ୨ବର୍ଷରେ ରାଜ୍ୟରେ ୫ଲକ୍ଷ ନିଯୁକ୍ତି

ଟଙ୍କାର ନୂତନ ବୃହତ୍ ବନ୍ଦର ନିର୍ମାଣ ଯୋଜନା ବିଷୟରେ ସୂଚନା ଦେଇଛନ୍ତି। ଗୋପାଳପୁର ଶିଳ୍ପ ପାର୍କରେ ୪୦ହଜାର କୋଟିରୁ ଅଧିକ ନିବେଶ ମାଧ୍ୟମରେ ୧୮ ହଜାରରୁ ଊର୍ଦ୍ଧ୍ୱର୍ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ରାଜ୍ୟରେ ଆଗାମୀ ଦୁଇ ବର୍ଷରେ ୫ଲକ୍ଷରୁ ଅଧିକ ନିଯୁକ୍ତି ସୃଷ୍ଟି ହେବାକୁ ଯାଉଥିବାରୁ ଯୁବଗୋଷ୍ଠୀଙ୍କୁ ନିଜକୁ ଦକ୍ଷ ଓ ପ୍ରଶିକ୍ଷିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଲୋକଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ଗୋଳାବନ୍ଧ ଓ ଛେଳିଗଡ଼ର ବିସ୍ଥାପିତଙ୍କୁ ଯଥାଶୀଘ୍ର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ଏବଂ ଜମି ପଟ୍ଟା ପ୍ରଦାନ ପ୍ରକ୍ରିୟାରେ କୌଣସି ପ୍ରକାର ବିଳମ୍ବ ସହ୍ୟ କରାଯିବ ନାହିଁ। ଅନ୍ୟମାନଙ୍କ ମଧ୍ୟରେ ଖଣି ଓ ଇସ୍ପାତ ବାଣିଜ୍ୟ ପରିବହନ ମନ୍ତ୍ରୀ ବିଭୂତି ଭୁଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡ଼ ପଦୀପ କୁମାର ପାଣିଗ୍ରାହୀ, ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଚିକିଟି ବିଧାୟକ ମନୋରଞ୍ଜନ ଧ୍ୟାନ ସାମନ୍ତରା, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ପାରଳାଖେମୁଣ୍ଡି ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସିନ ଥିଲେ। କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର, ଗୋପାଳପୁର ଜି.ଏମ୍.ଏସ୍.ର ଷ୍ଟେସନ କମାଣ୍ଡର କଲୋନେଲ ଦାସ ଏବଂ ଏଏଡ଼ିସିର କାର୍ଯ୍ୟନିର୍ବାହୀ କମାଣ୍ଡାଣ୍ଟ ବ୍ରିଗେଡିୟର ହେମନ୍ତ ସିଂ ମଧ୍ୟ ଉପସ୍ଥିତ ରହିଥିଲେ। ଶେଷରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ୍ ଧନ୍ୟବାଦ ଅର୍ପଣ କରିଥିଲେ। ସେହିଭଳି ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣା ବିବେକ ଏମ, ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଦେବଦତ୍ତ ପଣ୍ଡା, ସୁନୀଲ କେର୍କେଟା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ବ୍ରହପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଭାପ୍ରସେ ଶିକ୍ଷାନବିସ ଏସ ସାରନ୍ୟା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଓ ବିଭାଗୀୟ ଅଧିକାରୀମାନେ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

**ଅଭିନବ ଉପାୟରେ ପ୍ରତିବାଦ**

## ରାସ୍ତାରେ ଧାନରୋଇଲେ ମହିଳା

ରେଢ଼ାଖୋଲ,୨୭ ।୮ (ସମିସ): ଲୋକଙ୍କ ସରକାରରେ ଗାଁକୁ ରାସ୍ତା, ମହିଳାଙ୍କୁ ସମ୍ମାନ ନାରା ଦିଆଯାଉଥିବା ବେଳେ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅଧୀନ ବଡବାହାଳ ପଞ୍ଚାୟତ ଅଧୀନ ଟାଲଗାଁର ନୂଆଁସାହିର ପ୍ରାୟ ଦେଢ଼କିଲୋମିଟର ରାସ୍ତା ଦୁର୍ଦ୍ଦଶାକୁ ନେଇ ଗ୍ରାମବାସୀ ଏକ ଅଭିନବ ଉପାୟରେ ପ୍ରତିବାଦ କରିଥିଲେ। ମହିଳାମାନେ ଏହା ଗାଁର ରାସ୍ତା ନୁହେଁ, ଜମି କହି ଧାନରୋଇ ପ୍ରତିବାଦ କରିଥିଲେ। ଏହି ରାସ୍ତାଟି ବର୍ତ୍ତମାନ କାଦୁଅ ପଚ୍‌ପଚ୍ ଓ ଖାଲଖମାରେ ଭର୍ତ୍ତି। ବର୍ଷାହେଲେ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଉଛି। ଖରାପ ରାସ୍ତା ଯୋଗୁଁ ରୋଗୀମାନେ ହନ୍ତସନ୍ତ ହେବାସହ ଗାଁକୁ ଆମ୍ବୁଲାନ୍ସ ଆସି ପାରୁନାହିଁ। ଲଗାଣ ବର୍ଷାରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ମଧ୍ୟ ପ୍ରଭାବିତ ହେଉଛି। ଏହି ରାସ୍ତା ଦୀର୍ଘ ୩୦ ବର୍ଷ ହେବ ଏପରି ଦୁର୍ଦ୍ଦିନ ଅବସ୍ଥାରେ ପଡ଼ିରହିଛି। ରାସ୍ତା ନିର୍ମାଣ ପାଇଁ ବାରମ୍ବାର ସରପଞ୍ଚ ଓ ପ୍ରଶାସନକୁ ଗୁହାରି କଲେ



ମଧ୍ୟ କେହି କର୍ଣ୍ଣପାତ କରୁନାହାଁନ୍ତି। ରଢ଼ାଖୋଲ ବ୍ଲକ୍ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଗାଁରେ ପହଞ୍ଚି ମହିଳା ଓ ଗ୍ରାମବାସୀଙ୍କୁ ବୁଝାସୁଝା କରି ଯଥାଶୀଘ୍ର ଯାତାୟାତ ପାଇଁ ରାସ୍ତା ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସେପଟେ ଗ୍ରାମବାସୀ ଓ ମହିଳାମାନେ ଶୀଘ୍ର ରାସ୍ତା ନିର୍ମାଣ ନ ହେଲେ ଭୋଟବର୍ଜନ କରିବା ସହିତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଧାରଣାଦେବାକୁ ଚେତାବନୀ ଦେଇଛନ୍ତି।

## ବନ୍ଦହେଲା ହୀରାକୁଦର ୪ ଗେଟ୍, ଜଳସ୍ତର ୬୨୪ ଫୁଟ୍

ସମ୍ବଲପୁର, ୨୭।୮ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା କମିବାପରେ ଆଜି ପୂର୍ବାହ୍ନ ୧୧ଟା ୧୫ ମିନିଟି ସମୟରେ ହୀରାକୁଦ ନଦୀବନ୍ଧର ୪ଟି ଗେଟ୍ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସମ୍ପ୍ରତି ୧୨ଟି ଗେଟ୍ ଖୋଲି ବନ୍ୟାଜଳ ନିଷ୍କାସିତ ହେଉଛି। ଜଳସ୍ତର ୬୨୪ ଫୁଟ୍ ରହିଛି। ମୁଣ୍ଡଳୀରେ ପ୍ରାୟ ୬ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ବନ୍ୟା ଆଶଙ୍କା ନଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ଗୁରୁବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୪.୦୮ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୮ଟି ଏବଂ ଡାହାଣ ପାର୍ଶ୍ୱର ୪ଟି ଏହିଭଳି ମୋଟ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୪୯,୦୨୯ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୨୬,୯୩୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୯୧,୮୦୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚେନାଲ ଦେଇ ୩୨୧୮୯ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୨୭୧୨ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୨,୫୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୫୯,୩୯୩ କ୍ୟୁସେକ୍, ଖଇରମାଳଠାରେ ୩,୯୦,୦୦୦ କ୍ୟୁସେକ୍, ବାରମୁଲଠାରେ ୪,୦୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୫,୭୩,୪୭୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଗୁରୁବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୦.୩୯ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୦.୬୬ ମିମି ବର୍ଷା ରେକର୍ଡ କରାଯାଇଛି।

**ଏମ୍‌ଏମ୍‌ଡିଆର ସଂଶୋଧନ ଆଇନ ପ୍ରସଙ୍ଗ**

## ଓଡ଼ିଶାର ଆଗାମୀ ପିଢ଼ିଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯିବ

ଭୁବନେଶ୍ୱର,୨୭।୮ (ସମିସ): ଏମଏମଡିଆର ସଂଶୋଧନ ଆଇନ୍ ପ୍ରସଙ୍ଗକୁ ନେଇ ବିଜେପି ଓ ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଛି ବିଜେଡି। ସାଢ଼େ ଚାରି କୋଟି ଓଡ଼ିଆଙ୍କ ବିରୋଧରେ ଏହା ଏକ ଷଡ଼ଯନ୍ତ୍ର ଓ ଆଗାମୀ ପିଢ଼ିଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେବା ପାଇଁ ଏହା ଉଦ୍ଦିଷ୍ଟ ବୋଲି ବିଜେଡି କହିଛି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଟକ ମେୟର ତଥା ଦଳର କୋଷାଧ୍ୟକ୍ଷ ସୁବାସ ସିଂ ଓ ପୂର୍ବତନ ସାଂସଦ ତଥା ଦଳର ସାଧାରଣ ସମ୍ପାଦିକା ଶର୍ମିଷ୍ଠା ସେଠି ଏମଏମଡିଆର ସଂଶୋଧନ ଆଇନ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି ବର୍ଣ୍ଣନା କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁସାରେ ଖଣି ଟିକସ ଓ ଲେଭି ବାବଦକୁ ବକେୟା ଏକ ଲକ୍ଷରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଆଦାୟ ହୋଇଥିଲେ ଓଡ଼ିଶାର ଆର୍ଥିକ ସ୍ଥିତି ମଜବୁଥ ହୋଇଥାନ୍ତା। କିନ୍ତୁ କେନ୍ଦ୍ର ସରକାର ଏହି ବିଲ୍ ପାସ କରି ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟକୁ ଛଡାଇ ନେଇଛନ୍ତି ବୋଲି ଦଳ କହିଛି।

ଶ୍ରୀ ସିଂ କହିଥିଲେ, ଓଡିଶା ଦେଶର ଏକ ଗରିବ ରାଜ୍ୟର ପରିଚୟ ରହିଥିଲେ ମଧ୍ୟ ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଅନେକ ଲୋକାଭିମୁଖୀ ସାମାଜିକ ସୁରକ୍ଷା ଯୋଜନା କରିଥିଲେ, ଯାହା ସମଗ୍ର ଦେଶ ପାଇଁ ଉଦାହରଣ ହୋଇଥିଲା। ବିଜେପି ସରକାରଙ୍କ ଦୁଇ ବର୍ଷର ଶାସନରେ, ନବୀନ ବାବୁ ଆରମ୍ଭ କରିଥିବା ଅନେକ ଯୋଜନା ପାଇଁ ଅର୍ଥ ବରାଦ ହୋଇ ପାରି ନାହିଁ। ଫଳସ୍ୱରୂପ ରାଜ୍ୟରେ



ଅନେକ ସମୟରେ ପେନସନ ପ୍ରଦାନ ପାଇଁ ବିଳମ୍ବ ଘଟୁଛି। ବିଏସକେୱାଇ ଭଳି ଲୋକପ୍ରିୟ ଯୋଜନାକୁ ବନ୍ଦ କରି ଦିଆଯାଇଛି ଓ ହରିଶ୍ଚନ୍ଦ୍ର ଯୋଜନାରେ ମିଳୁଥିବା ଟଙ୍କା ଠିକ୍ ସମୟରେ ମିଳି ପାରୁନାହିଁ। ବିଜେପି ସରକାରଙ୍କ ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ବିଗୁଡୁଥିବା ବେଳେ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ଏମଏମଡିଆର ସଂଶୋଧନ ଆଇନ୍ ମାଧ୍ୟମରେ ଓଡ଼ିଶାର ନ୍ୟାର୍ଯ୍ୟ ଅଧିକାରକୁ ଛଡାଇ ନିଆଯାଇଛି। ଦୁଃଖ ଓ ପରିତାପର ବିଷୟ, ଏହି ବିଲ୍ ପାରିତ ହେବା ବେଳେ ଓଡ଼ିଶାର ଲୋକସଭାରେ ଥିବା ୨୦ ବିଜେପି ସାଂସଦ ଓ ରାଜ୍ୟସଭାରେ ଥିବା ୫ ଜଣ ବିଜେପି ସାଂସଦ ନୀରବଦ୍ରଷ୍ଟା ସାଜିଥିଲେ। ଆଗାମୀ ପଢ଼ିଙ୍କ ଭବିଷ୍ୟତ ନଷ୍ଟ କରିବାକୁ ଯାଉଥିବା ଏହି

- ବିଜେପି ଶାସନରେ ଓଡ଼ିଶାର ଆର୍ଥିକ ସ୍ଥିତି ବିଗିଡ଼ିଛି
- ବକେୟା ୧ଲକ୍ଷ କୋଟି ଆଦାୟ ହୋଇଥିଲେ, ରାଜ୍ୟର ଆର୍ଥିକ ସ୍ଥିତି ସୁଦୃଢ଼ ହୋଇଥାନ୍ତା
- ଆଗକୁ ରାଜ୍ୟରେ ଲାଗୁ ଅନେକ ଯୋଜନା ପ୍ରଭାବିତ ହେବ

ବିଲ୍‌କୁ ସହଯୋଗ କରିଥିବା ବିଜେପି ସାଂସଦ ମାନଙ୍କୁ ଓଡ଼ିଶାବାସୀ କ୍ଷମା ଦେବେ ନାହିଁ। ଖଣି ମାଲିକ ମାନଙ୍କ ପାଇଁ ବିଜେପିର ଅହେତୁକ ଅନୁକମ୍ପା କଣ ପାଇଁ ବୋଲି ଶ୍ରୀ ସିଂ ପ୍ରଶ୍ନ କରିଥିଲେ।

ଶ୍ରୀମତୀ ସେଠି କହିଥିଲେ, ଏହି ଆଇନ୍ ଯୋଗୁଁ ଓଡ଼ିଶାର ପ୍ରଭୂତ କ୍ଷତି ହେବାକୁ ଯାଉଥିବା ବେଳେ ଏହା ଓଡିଶାକୁ ଆର୍ଥିକ ଦୁର୍ଗତି ଆଡ଼କୁ ଟାଣିନେବ। ଏହାଦ୍ୱାରା ନବୀନ ପଟ୍ଟନାୟକଙ୍କ ସମୟରେ ଆରମ୍ଭ ହୋଇଥିବା ଅନେକ ସାମାଜିକ ସୁରକ୍ଷା ଯୋଜନା ଗୁଡିକ ପ୍ରଭାବିତ ହେବ। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡିଶା ଗୋଟିଏ ବିତ୍ତୀୟ ନିଅଣ୍ଟ ରାଜ୍ୟରୁ ବଳକା ଆର୍ଥିକ ରାଜ୍ୟ ହୋଇପାରି ଥିଲା। ଓଡ଼ିଶାର ବିତ୍ତୀୟ ନିଅଣ୍ଟ, ଯାହା ୨୦୨୫-୨୬ରେ ୩.୪ ପ୍ରତିଶତ ହେବ ବୋଲି ଆକଳନ ହୋଇଥିଲା ତାହା ବାସ୍ତବରେ ୩.୫ ପ୍ରତିଶତ ହୋଇଥିଲା। ସେହିପରି ଆଉଟଷ୍ଟାଣ୍ଡିଂ ଲାଇବଲିଟି (ବକେୟା ଦେୟ) ଯାହା ୨୦୨୫-୨୬ରେ ଜିଏସଡିପିର ୧୩ ପ୍ରତିଶତ ଥିଲା, ତାହା ଏବେ ୧୪ପ୍ରତିଶତରେ ପହଁଚିଛି ବୋଲି ରାଜ୍ୟ ସରକାର ସ୍ୱୀକାର କରିଛନ୍ତି। ଏଥିରୁ ସ୍ପଷ୍ଟ ହେଉଛି ଯେ, ରାଜ୍ୟର ଆର୍ଥିକ ସ୍ଥିତି ଧୀରେ ଧୀରେ ବିଗୁଡୁଛି। ଖଣିରୁ ବକେୟା ପ୍ରାପ୍ୟ ଥିବା ଏକ ଲକ୍ଷ କୋଟି ଟଙ୍କା ଓଡ଼ିଶାର ଆର୍ଥିକ ସ୍ଥିତିକୁ ମଜବୁତ କରିଥାନ୍ତା। କିନ୍ତୁ, ଏମଏମଡିଆର ସଂଶୋଧିତ ଆଇନ୍ ଦ୍ୱାରା ଏହି ଆଶା ପାଣିରେ ମିଳାଇ ଯାଇଛି ବୋଲି ସେ କହିଛନ୍ତି।

**■ ପାରିବାରିକ କଳହର କରୁଣ ପରିଣତି**

## ସ୍ତ୍ରୀକୁ ଧାରୁଆ ଅସ୍ତ୍ରରେ ହତ୍ୟା କରି ସ୍ୱାମୀର ଆତ୍ମହତ୍ୟା

ଭଦ୍ରକ,୨୭।୮ (ସମିସ): ପାରିବାରିକ କଳହର କରୁଣ ପରିସ୍ଥିତି। ନିଜ ସ୍ତ୍ରୀକୁ ଧାରୁଆ ଅସ୍ତ୍ରରେ ହତ୍ୟା କରି ସ୍ୱାମୀ ଆତ୍ମହତ୍ୟା କରିଛନ୍ତି। ଏଭଳି ଅଭାବନୀୟ ତଥା ଦୁଃଖଦ ଘଟଣା ଘଟିଛି ଭଦ୍ରକ ପୁରୁଣା ବଜାର ଥାନା ଅଧୀନସ୍ଥ ନଙ୍ଗାମହଲାଠାରେ। ମୃତ ଦମ୍ପତି ହେଲେ ସେକ୍ ମୁସ୍ତାଫ୍ ଓ ସ୍ତ୍ରୀ ସୋନମ୍। ସୂଚନାଯୋଗ୍ୟ, ନଙ୍ଗାମହଲା ଅଞ୍ଚଳର ସେକ୍ ମୁସ୍ତାଫ୍ ଜଣେ ଇଞ୍ଜିନିୟର। ସେ ଏକ



ଘରୋଇ କମ୍ପାନୀରେ କାର୍ଯ୍ୟରତ। ସେ ଆଜକୁ ୬ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ। ଉତ୍ତର ପ୍ରଦେଶର ଲକ୍ଷ୍ନୌର ସୋନମ୍ ନାମକ ଜଣେ ଯୁବତୀଙ୍କୁ ସେ ପ୍ରେମ ବିବାହ କରିଥିଲେ। ତେବେ ସୋନମ୍ ଲକ୍ଷ୍ନୌରେ ରହୁଥିବାବେଳେ ମୁସ୍ତାଫ୍ ଯାଜପୁରରେ ଏକ କମ୍ପାନୀରେ ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଗତ ୪ ଦିନ ପୂର୍ବରୁ ଉଭୟ ସ୍ୱାମୀ-ସ୍ତ୍ରୀ ଲକ୍ଷ୍ନୌରୁ ଆସି ଭଦ୍ରକ ନଙ୍ଗାମହଲାଠାରେ ପହଞ୍ଚିଥିଲେ। ଏପରିକି ବିଭିନ୍ନ ସମୟରେ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ଏପରିସ୍ଥଳେ ହଠାତ୍ ଗୁରୁବାର ସ୍ୱାମୀ ମୁସ୍ତାଫ ଉତ୍କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ନିଜ ସ୍ତ୍ରୀ ସୋନମ୍‌ଙ୍କୁ ହତ୍ୟା କରିଥିଲେ। ପରେ ଘର ଭିତରେ ନିଜେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ନଙ୍ଗାମହଲା ଅଞ୍ଚଳରେ ଲୋକଙ୍କ ଭିଡ଼ ଲାଗି ରହିଥିଲା। ଖବର ପାଇ ଏସ୍‌ପି ମନୋଜ କୁମାର ରାଉତଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ପୁରୁଣା ବଜାର ପୁଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି। ତେବେ ହତ୍ୟାର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ଏହା ଏକ ପାରିବାରିକ କଳହ ବୋଲି ଜଣାଯାଇଛି। ମୃତ ଦମ୍ପତିଙ୍କ ଦୁଇଟି ଛୋଟ ଝିଅ ଥିବା ଜଣାଯାଇଛି।

### ନଦୀ ଆଁରେ ଗାଁ; ୮ ପଞ୍ଚାୟତ ପ୍ରଭାବିତ

# ଆମ୍ବୋ-ସମଣାରେ ନାହିଁ ସୁରକ୍ଷା ବନ୍ଧ: ବନ୍ୟା ଖାଉଛି ଅତଡ଼ା

ଆନନ୍ଦପୁର, ୨୭।୮ (ସମିସ)

ବୈତରଣୀ ନଦୀର ଆମ୍ବୋଠାରୁ ସମଣା ପର୍ଯ୍ୟନ୍ତ ବନ୍ୟା ସୁରକ୍ଷା ବନ୍ଧ ନଥିବାରୁ ପ୍ରତିଥର ବନ୍ୟାରେ ଅତଡ଼ା ଖାଇଯାଇ ନଦୀ ଆଁରେ ସମଣା ଗାଁ ରହୁଥିବା ବେଳେ ୮ଟି ପଞ୍ଚାୟତ ଅଧିବାସୀ ପ୍ରଭାବିତ ହେଉଥିବା ଜଣାଯାଇଛି। ବନ୍ୟାଜଳରେ ନଦୀକୂଳ ଧୋଇଯାଇ ବିପଦଜନକ ଅବସ୍ଥାରେ ପହଞ୍ଚିଥିବାରୁ ଗ୍ରାମବାସୀଙ୍କ ଧନଜୀବନ ବିପନ୍ନ ହୋଇପଡିଛି। ଯଥାଶୀଘ୍ର ସମଣାଠାରେ ପଥର ପ୍ୟାକିଙ୍ଗ କରିବା ଜରୁରୀ ହୋଇପଡିଛି। ଖପରାଖାଇ-ପଞ୍ଚୁପଲ୍ଲୀ ବନ୍ୟା ସୁରକ୍ଷା ବନ୍ଧର ଶେଷ ଭାଗ ଅଧପନ୍ତରିଆ ଭାବେ ପଡ଼ିରହିଛି। ବାତୋରୁ ରଣପୁରୁ ପର୍ଯ୍ୟନ୍ତ ନଦୀବନ୍ଧରେ ୫ଟି ସ୍ଲୁଇସ୍ ଗେଟ୍ ନିର୍ମାଣ ପ୍ରସ୍ତାବ ଶୀତଳଭଣ୍ଡାରରେ ଥିବାବେଳେ କରଡ଼ାପାଳ ନିକଟରେ ଅଧପନ୍ତରିଆ ସ୍ଲୁଇସ୍ ଗେଟ୍ ପ୍ରତି ବିଭାଗୀୟ ଅଣଦେଖା ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ପଞ୍ଚୁପଲ୍ଲୀ ନଦୀବନ୍ଧର ସୁରକ୍ଷା ପାଇଁ ପ୍ରାୟ ୨୦ କୋଟି ଟଙ୍କାର ଅନୁଦାନ ମିଳିଥିଲା। ଉକ୍ତ ନିର୍ମାଣ କାର୍ଯ୍ୟ ସହିତ ଏହି ସ୍ଲୁଇସ୍ ଗେଟ୍ କାର୍ଯ୍ୟକୁ ଅନ୍ତର୍ଭୁକ୍ତ କରା ନଯିବା ଯୋଗୁଁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।



ଅଧପନ୍ତରିଆ ବନ୍ୟା ସୁରକ୍ଷା ବନ୍ଧ ଯୋଗୁଁ ପ୍ରତିବର୍ଷ ବୈତରଣୀ ନଦୀର ବନ୍ୟାଜଳ ପଶି ୧୪ଟି ପଞ୍ଚାୟତ ଅବାସୀଙ୍କ ଧନଜୀବନ ଓ ଫସଲହାନି କରିଥାଏ। ବନ୍ୟା ଆସିଲେ ଏହି ପଞ୍ଚାୟତ ଅଧିବାସୀ ନିଜ ଧନଜୀବନ ଓ ସମ୍ପତ୍ତି ସୁରକ୍ଷା ପାଇଁ ଚିନ୍ତିତ ହୋଇପଡ଼ିଛନ୍ତି। ଆନନ୍ଦପୁର ବ୍ଲକ୍‌ର ପଞ୍ଚୁପଲୀ ନିକଟରେ ଥିବା ସ୍ଲୁଇସ ଗେଟ୍ ଅଧାଗଢ଼ା ଅବସ୍ଥାରେ ଥିବାରୁ ଏହା ଅଞ୍ଚଳବାସୀଙ୍କ ପାଇଁ ଦୁଃଖର କାରଣ ହୋଇଛି। ଗତ ୨୦୦୪ରେ ଆରମ୍ଭ ହୋଇଥିବା ଏହି ଗେଟ୍‌ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନଥିବାରୁ ଏହା ଆନନ୍ଦପୁର ବ୍ଲକ୍‌ର ବାଇଲୋ, ବେଲବାହାଳି, ଜଳସୁଆଁ, ହରିଡ଼ାପାଳ, ପଞ୍ଚୁପଲୀ ଓ ଘସିପୁରା ବ୍ଲକର ବାତୋ ପଞ୍ଚାୟତ ଚାଷୀଙ୍କୁ କ୍ଷତି ପହଞ୍ଚାଇଥାଏ। ବନ୍ୟା ଦାଉରୁ ଧନଜୀବନ ଓ ଚାଷଜମିକୁ ରକ୍ଷା କରିବା ପାଇଁ ପଞ୍ଚୁପଲୀ ନଦୀବନ୍ଧ ଶେଷ ଭାଗରେ ବୈତରଣୀ ଓ କୁଶେଇ ନଦୀର ସଂଯୋଗସ୍ଥଳ ଘସିପୁରା ବ୍ଲକର କରଡାପାଳ ମୌଜାରେ ଏକ ସ୍ଲୁଇସ ଗେଟ୍ ନିର୍ମାଣ ପାଇଁ ବୈତରଣୀ ଜଳସେଚନ ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ମାତ୍ର ତାହା ଅଧପନ୍ତରିଆ ଭାବେ ପଡ଼ିରହିଛି। ଏଭଳି ବିପଦଜନକ ଅବସ୍ଥାର ସୁଧାର ଆଣିବା ଜରୁରୀ ହୋଇପଡିଛି ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ମତ ପ୍ରକାଶ ପାଇଛି।

# ଅଚଳ ଲିଫ୍ଟ; ସ୍ତ୍ରୀ ଓ ପ୍ରସୂତି ବିଭାଗରେ ରୋଗୀ ହନ୍ତସନ୍ତ




ଚମ୍ପୁଆ, ୨୭।୮ (ସମିସ): ରୋଗୀଙ୍କ ସୁବିଧା ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଲଗାଯାଇଥିବା ଲିଫ୍ଟ ମାସ ମାସ ଧରି ଅଚଳ ହୋଇ ପଡ଼ିରହିଛି। ଲିଫ୍ଟ ମରାମତି ହେଉ ନଥିବାରୁ ବିଶେଷକରି ସ୍ତ୍ରୀ ଓ ପ୍ରସୂତି ବିଭାଗକୁ ଯାଉଥିବା ଗର୍ଭବତୀ ଓ ପ୍ରସୂତି ମହିଳାମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଅସୁସ୍ଥ ରୋଗୀଙ୍କୁ ମଧ୍ୟ ବାଧ୍ୟ ହୋଇ ସିଡ଼ି ଚଢ଼ିବାକୁ ପଡୁଛି। ଏପରି ସମ୍ବେଦନଶୀଳ ବିଭାଗରେ ଲିଫ୍ଟ ଭଳି ଅତ୍ୟାବଶ୍ୟକ ସୁବିଧା ଦୀର୍ଘଦିନ ଧରି ଅଚଳ ରହିବା ଚିକିତ୍ସାଳୟ ପ୍ରଶାସନର ଦାୟିତ୍ୱବୋଧକୁ ନେଇ ବଡ଼ ପ୍ରଶ୍ନ ସୃଷ୍ଟି କରିଛି। ଚିକିତ୍ସାଳୟରେ ରୋଗୀଙ୍କ ଯାତାୟାତକୁ ସହଜ କରିବା ପାଇଁ ଲିଫ୍ଟ ବ୍ୟବସ୍ଥା କରାଯାଇଥିଲା। ହେଲେ ଏହା ଖରାପ ହେବା ପରେ ମାସ ମାସ ଧରି ମରାମତି ନହେବାରୁ ଏବେ ଏହି ସୁବିଧା ରୋଗୀଙ୍କ କାମରେ ଆସୁନାହିଁ। ଲିଫ୍ଟ ଅଚଳ ଯୋଗୁଁ ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀମାନେ ମଧ୍ୟ ଦୈନିକ କାର୍ଯ୍ୟରେ ଅସୁବିଧା ଭୋଗୁଛନ୍ତି। ଏହା ପ୍ରଥମ ଥର ନୁହେଁ। ପ୍ରାୟ ଏକ ବର୍ଷ ପୂର୍ବରୁ ମଧ୍ୟ ଲିଫ୍ଟ ମାସ ମାସ ଧରି ଅଚଳ ହୋଇ ପଡ଼ିଥିଲା। ସେତେବେଳେ ବାରମ୍ବାର ଅଭିଯୋଗ ଓ ଖବର ପ୍ରକାଶ ପରେ ଲିଫ୍ଟ ମରାମତି କରାଯାଇଥିଲା। ଏବେ ପୁଣି ସମାନ ଅବସ୍ଥା ଦେଖାଦେବାରୁ ଲିଫ୍ଟର ରକ୍ଷଣାବେକ୍ଷଣ ବ୍ୟବସ୍ଥା କେତେ ଦାୟିତ୍ୱବାନ ଭାବେ ଚାଲିଛି, ତାହାକୁ ନେଇ ପ୍ରଶ୍ନ ଉଠିଛି। ଯଦି ଅଚଳ ଲିଫ୍ଟରେ କେହି ଫସିଯାଆନ୍ତି, ତେବେ ଦାୟୀ କିଏ ହେବ ? ଏନେଇ ଚିକିତ୍ସାଳୟ ମ୍ୟାନେଜର ଏମିତି ୱାସିମ କହିଛନ୍ତି, ଲିଫ୍ଟ ମରାମତି କରାଯିବା ପାଇଁ ଡିଇଡିଙ୍କୁ ଦାୟିତ୍ୱ ଦିଆଯାଇଛି। ଖୁବଶୀଘ୍ର ଲିଫ୍ଟ ସଚଳ କରାଯିବ।

ରୋଗୀଙ୍କ କହିବାନୁସାରେ ମାସ ମାସ ଧରି ଲିଫ୍ଟ ଅଚଳ ରହିବା ପରେ ମଧ୍ୟ ଯଦି ମରାମତି ପାଇଁ ଅପେକ୍ଷା କରିବାକୁ ପଡୁଛି, ତେବେ ରୋଗୀଙ୍କ ସୁବିଧା ପାଇଁ ଲିଫ୍ଟ ଲଗାଇବାର ଉଦ୍ଦେଶ୍ୟ କ'ଣ ? ବିଶେଷକରି ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଅସୁବିଧାରେ ପକାଇ ରଖିବା କେତେଦୂର ଯୁକ୍ତିସଙ୍ଗତ ? ଆଗାମୀ ଦିନରେ ଏପରି ଦୀର୍ଘକାଳୀନ ଅଚଳାବସ୍ଥା ଯେପରି ନହୁଏ, ସେଥିପାଇଁ ସ୍ଥାୟୀ ରକ୍ଷଣାବେକ୍ଷଣ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି।

# ଆନନ୍ଦପୁର ରିଙ୍ଗବନ୍ଧ ଘାଇକୁ ନେଇ ବିଜେପିରେ କନ୍ଦଳ

ଆନନ୍ଦପୁର,୨୭।୮ (ସମିସ): ବୈତରଣୀ ବନ୍ୟାରେ ଆନନ୍ଦପୁର ରିଙ୍ଗ ବନ୍ଧରେ ହୋଇଥିବା ଘାଇ ବିଜେପିର ଗୋଷ୍ଠୀ କନ୍ଦଳକୁ ପଦାରେ ପକାଇ ଦେଇଛି। ଏହି କନ୍ଦଳ ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଦଳକୁ ଏକଜୁଟ କରିବାକୁ ଦଳୀୟ ପ୍ରଭାରୀ ଉଦ୍ୟମ ଆରମ୍ଭ କରିଥିବା ପରିଲକ୍ଷିତ ହୋଇଛି। ବୈତରଣୀ ବନ୍ୟାଜଳରେ ରିଙ୍ଗବନ୍ଧରେ ୫୦ ଫୁଟର ଉର୍ଦ୍ଧ୍ୱ ଘାଇ ସୃଷ୍ଟି ହୋଇ ପୌରାଞ୍ଚଳର ୪, ୫, ୬ ଓ ୭ ନଂ ୱାର୍ଡ଼ବାସୀ ପ୍ରଭାବିତ ହୋଇଛନ୍ତି। ନଦୀବନ୍ଧ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ରିଙ୍ଗବନ୍ଧ ଘାଇ ଦ୍ୱାରା ବନ୍ୟାଜଳ ପ୍ରବେଶ କରି କ୍ଷତିଗ୍ରସ୍ତ ହୋଇଛନ୍ତି। ତେବେ ରିଙ୍ଗବନ୍ଧ ଘାଇ ମରାମତିରେ ବିଳମ୍ବ ଯୋଗୁଁ ୨୦ଦିନ ମଧ୍ୟରେ ୩ ଥର ବୈତରଣୀ ବନ୍ୟାଜଳ ସହରକୁ ପ୍ରବେଶ କରି ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଥିଲା। ଏହାକୁ ନେଇ ଆନନ୍ଦପୁରେ ରାଜନୈତିକ ସ୍ଥିତି ରୋଚକ ହୋଇଛି। ରିଙ୍ଗବନ୍ଧ ଘାଇକୁ ନେଇ ବିରୋଧିଙ୍କ ସ୍ୱର ନରମ ରହିଥିବାବେଳେ ଖୋଦ ଶାସକ ଦଳର ଭିନ୍ନ ଭିନ୍ନ ଗୋଷ୍ଠୀର ସ୍ୱର ଗରମ ହେବା ରାଜନୈତିକ ବାତାବରଣକୁ ଉଷ୍ମ କରିଛି। ଜୁଲାଇ ୨୮ରେ ବୈତରଣୀର ପ୍ରଥମ ବନ୍ୟାଜଳରେ ଆନନ୍ଦପୁର ରିଙ୍ଗବନ୍ଧରେ ଘାଇ ସୃଷ୍ଟି ହୋଇଥିଲା। ଏହି ଘାଇରେ ଗାଡ଼ି ଭାସିଯାଇ ପୁଅର ମୃତ୍ୟୁ ହୋଇଥିବା ବେଳେ ବାପ ଗୁରୁତର ହୋଇଥିଲେ। ଏହି ଘଟଣା ରାଜ୍ୟରେ ଏକ ଚର୍ଚ୍ଚାର ବିଷୟ ହେବା ସହ ଚଳିତ ବୈତରଣୀ ବନ୍ୟା ପ୍ରଥମ ମୁଣ୍ଡ ନେଇଥିଲା। ଏହାସହିତ ୫ ଗୋରୁଙ୍କର ଘାଇ ଦ୍ୱାରା ଜୀବନ ହାନି ହୋଇଥିବାବେଳେ ଜଣେ ରକ୍ଷୀଙ୍କର ୩ ଗୋରୁର ମଧ୍ୟ ଜୀବନ ଯାଇଥିଲା। ଗତ ଜୁଲାଇ ୨୮ ତାରିଖ ବନ୍ଧ ଭାଙ୍ଗିବା ପରେ ଅଗଷ୍ଟ ୩ ତାରିଖରେ ବିଭାଗୀୟ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ପ୍ରତାପ କୁମାର ଦାସ ଘଟଣାସ୍ଥଳ ପରିଦର୍ଶନ କରିବା ସହ ୭ ଦିନ ମଧ୍ୟରେ ଏହାର ମରାମତି ଶେଷ ହେବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେହିପରି କେନ୍ଦୁଝର ସାଂସଦ ଅନନ୍ତ ନାଏକ ଘାଇସ୍ଥଳ ପରିଦର୍ଶନ କରି ତୁରନ୍ତ ମରାମତି ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବି ନାରାୟଣ ନାଏକ ଗତ ୫ ତାରିଖରେ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତୁରନ୍ତ ଘାଇ ମରାମତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଘଟଣା ଘଟିବାର ୧୫ ଦିନ ପରେ ଘାଇ ମରାମତି ହୋଇ ନଥିବା କାରଣରୁ ଅଗଷ୍ଟ ୧୩ ତାରିଖ ରାତି ୯ଟା ପରେ ପୁଣି ସେହି ଭଙ୍ଗା ଘାଇ ଦେଇ ଆନନ୍ଦପୁର ସହରକୁ ବନ୍ୟା ପାଣି ପଶିଥିଲା। ପୁନର୍ବାର ୧୭ ତାରିଖରେ ବୈତରଣୀର ତୃତୀୟ ବନ୍ୟାଜଳରେ ସହର ମଧ୍ୟକୁ ପାଣି ପଶିଥିଲା। ଏଭଳି ଘଟଣା ସମସ୍ତଙ୍କୁ ବ୍ୟଥିତ କରିଥିବାବେଳେ ଖୋଦ ଶାସକ ଦଳର ଭିନ୍ନ ଭିନ୍ନ ଗୋଷ୍ଠୀ

### ରାଜ୍ୟ ନେତାଙ୍କ ମାନଭଞ୍ଜନ ଉଦ୍ୟମ

ପକ୍ଷରୁ ଜଳସମ୍ପଦ ବିଭାଗ ଉପରେ ବର୍ଷିଥିଲେ। ଶାସକ ଦଳର କର୍ମୀଙ୍କ ହାତରେ ବନ୍ଧ ମରାମତି ଦାୟିତ୍ୱ ରହିଥିବାବେଳେ ମରାମତି କାର୍ଯ୍ୟରେ ବିଳମ୍ବକୁ ନେଇ ଶାସକ ଦଳର ଗୋଟିଏ ଗୋଷ୍ଠୀର ସମର୍ଥକ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଘେରଉ କରି ବନ୍ଧ ମରାମତି ଦିଗରେ ତ୍ୱରିତ ପଦକ୍ଷେପ ପାଇଁ ଦାବି ରଖିଥିଲେ। ଏହାସହିତ ସେହି ଶାସକ ଦଳର ଅନ୍ୟ ଏକ ଗୋଷ୍ଠୀ ବନ୍ଧ ମରାମତିରେ ଅହେତୁକ ବିଳମ୍ବ ଓ ବୈତରଣୀର ଦ୍ୱିତୀୟ ଓ ତୃତୀୟ ବନ୍ୟାଜଳ ସହରକୁ ପ୍ରବେଶ କରିବା ଘଟଣାରେ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରାଯାଇ ଆନନ୍ଦପୁର ଥାନାରେ ବିଭାଗୀୟ ଅଧିକାରୀ ଏବଂ ବନ୍ଧ ମରାମତି ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୁଦ୍ଧରେ ଲିଖିତ ଅଭିଯୋଗ କରିଥିଲେ। ଯାହାକୁ ନେଇ ଶାସକ ଦଳର ସ୍ଥାନୀୟ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠିଥିଲା। ଏଭଳି ଘଟଣାରେ ଖୋଦ ଶାସକ ଦଳରେ ରହିଥିବା ମତପାର୍ଥକ୍ୟ ପଦାରେ ପଡିଥିବା ଚର୍ଚ୍ଚାକୁ ଆସିଛି। ଏହି ଘଟଣାକୁ ନେଇ ଦଳୀୟ କନ୍ଦଳ ତୀବ୍ର ହେଉଥିବା ବେଳେ ଆସନ୍ତା ପୌର ଓ ପଞ୍ଚାୟତ ନିର୍ବାଚନରେ ଗୁରୁତର ସମସ୍ୟା ସୃଷ୍ଟି କରିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଥିବା ବେଳେ ଦୁଇଦିନ ତଳେ ଜିଲ୍ଲା ପ୍ରଭାରୀ ତଥା ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀ ଆନନ୍ଦପୁର ଓ ଘସିପୁରାରେ ରହି ଦଳର ବରିଷ୍ଠ ନେତା ମହେଶ୍ୱର ସାହୁ, ରାମଚନ୍ଦ୍ର ସାହୁ, ଭଗବାନ ସାହୁ, ପୂର୍ବତନ ବିଧାୟକ କ୍ଷୀରୋଦ ପ୍ରସାଦ ସ୍ୱାଇଁ, ବରିଷ୍ଠ ନେତା ଗୋଲକ ଜେନା, ନିରାକାର ଦଳେଇ, ଡ଼ ଶମ୍ଭୁନାଥ ରାଉତ, ଦେବେନ୍ଦ୍ର ଜେନାଙ୍କ ଘରକୁ ଯାଇ ମାନଭଞ୍ଜନ କରିବାକୁ ଉଦ୍ୟମ କରିଥିବା ଜଣା ପଡିଛି। ନେତାମାନେ ଦଳରେ କିଛି ତଥାକଥିତ ବ୍ୟକ୍ତି ଅନ୍ୟ ଦଳ ଲୋକଙ୍କୁ ମିଶାଇ ନିଜ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ସଂଗଠନରେ ବିଭ୍ରାଟ ସୃଷ୍ଟି କରିବାକୁ ଉଦ୍ୟମ କରୁଥିବା ଅଭିଯୋଗ କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି।

# ନିଖୋଜ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା, ୨୭।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ବନବୀର ଜଙ୍ଗଲ ଭିତରୁ ଗୁରୁବାର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ବନବୀର ଗ୍ରାମର ସୁଶୀଲ ଚନ୍ଦ୍ର ନାଏକଙ୍କ ଝିଅ ପୁଷ୍ପାଞ୍ଜଳି (୧୯)। ପୁଷ୍ପାଞ୍ଜଳି ଗତକାଲିଠାରୁ ନିଖୋଜ ଥିବା ଗୁରୁବାର ସକାଳୁ ଜଙ୍ଗଲ ଭିତରେ ଥିବା ଏକ ଆମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଠାବ ହୋଇଛି। ଖବର ପାଇ ପାଟଣା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ନିକଟରୁ ଏକ ମୋବାଇଲ ଫୋନ ଜବତ କରି ପାଟଣା ମେଡ଼ିକାଲରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର କାରଣ ଜଣା ପଡିନଥିବା ବେଳେ ପୁଲିସର ତଦନ୍ତ ପରେ ଯୁବତୀଙ୍କ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ।

# ଯୋଡ଼ାରେ ଟ୍ରକ୍ ଚାଳକଙ୍କୁ ଆକ୍ରମଣ; ଦୁଇ ଗିରଫ

ଯୋଡ଼ା, ୨୭।୮ (ସମିସ): ସିରାଜୁଦ୍ଦିନ ମାଇନ୍ସରୁ ରାଉରକେଲା ଅଭିମୁଖେ ଯାଉଥିବା ଜଣେ ଟ୍ରକ୍ ଚାଳକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ ଘଟଣାରେ ଯୋଡ଼ା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଏହି ଘଟଣାରେ ଯୋଡ଼ା ଥାନାରେ କେସ୍ ନଂ-୩୦୦, ତା. ୨୩.୦୮.୨୦୨୬ରେ ଭାରତୀୟ ନ୍ୟାୟ ସଂହିତା ଧାରା ୧୦୯(୧) ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ପୁଲିସ ସୂଚନା ଅନୁଯାୟୀ, ଉତ୍ତରପ୍ରଦେଶର ସୋନଭଦ୍ର ଜିଲ୍ଲାର ସୁନୀଲ କୁମାର ନାମକ ଜଣେ ଟ୍ରକ୍ ଚାଳକ ନିଜ ଗାଡ଼ିରେ ସିରାଜୁଦ୍ଦିନ ମାଇନ୍ସରୁ ଲୋଡ୍ ନେଇ ରାଉରକେଲା ଅଭିମୁଖେ ଯାଉଥିଲେ। କମାରଯୋଡ଼ା ନିକଟରେ ରାତି ପ୍ରାୟ ୧ଟା ୩୦ରେ ସେ ଗାଡ଼ି ଅଟକାଇଥିବା ବେଳେ ଦୁଇଜଣ ବ୍ୟକ୍ତି ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣରେ ଚାଳକଙ୍କ ଛାତି, ବାମ ହାତ ସମେତ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ଘଟଣା ପରେ ଅଭିଯୋଗ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରୁ ବିଚାକୁଣ୍ଡି ଅଞ୍ଚଳର ଆକାଶ କୁମାର ବାରିକ (୨୮) ଓ ତାରିଣୀ ପ୍ରସାଦ ରାୟ (୨୫)ଙ୍କ ସମ୍ପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଥିବା ବେଳେ ଉଭୟଙ୍କୁ ଗିରଫ କରାଯାଇଛି। ପୁଲିସ ସେମାନଙ୍କ ନିକଟରୁ ଏକ ଧାରୁଆ କଟିଂ ଛୁରି ଏବଂ ମୋଟରସାଇକଲ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଅଦାଲତକୁ ପଠାଯାଇଥିବା ନେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ ସୂଚନା ପ୍ରଦାନ କରିଛନ୍ତି।

# କରେଣ୍ଟ ଗଲେ କାମ ଠପ୍, ଅବ୍ୟବସ୍ଥାରେ ଆନନ୍ଦପୁର ମୁଖ୍ୟ ଡାକଘର

ଆନନ୍ଦପୁର, ୨୭।୮ (ସମିସ): ଆଜକୁ ତିନିମାସ ହେବ ଆନନ୍ଦପୁର ମୁଖ୍ୟ ଡାକଘର କାର୍ଯ୍ୟାଳୟରେ ନାହିଁ ବ୍ୟାଟେରୀ କି ଡିଜି ବା ଇନଭର୍ଟର୍। ବିଦ୍ୟୁତ୍ ଗଲେ ସବୁ କମ୍ପ୍ୟୁଟର ଆପେ ଆପେ ବନ୍ଦ୍ ହେଇଯାଉଛି। ଯାହାଫଳରେ ସାଧାରଣ ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ପୋଷ୍ଟ ମାଷ୍ଟର ଦୁର୍ଯ୍ୟୋଧନ ସେଠୀଙ୍କୁ ପଚାରିବାରୁ ସେ କହିଲେ, ମୁଁ ଦୁଇଥର ଚିଠି ଲେଖିଲିଣି କେହି ଶୁଣୁ ନାହାନ୍ତି। ଲାଇନ୍ ଗଲେ ଏମିତି ଘଣ୍ଟା ଘଣ୍ଟା କାମ ବନ୍ଦ୍ ହେଇ ପଡୁଛି। ଏନେଇ ତ୍ରିଲୋଚନ ସାହୁ ପୋଷ୍ଟମାଷ୍ଟରଙ୍କ ସହ କଥା ହୋଇଥିଲା ବେଳେ ଏହି ସମସ୍ୟା ତିନିମାସ ହେବ ହେଉଛି ବୋଲି କହିଥିଲେ। ଏ ସଂକ୍ରାନ୍ତରେ ବାରମ୍ବାର ଜିଲ୍ଲା ପୋଷ୍ଟ ଅଫିସକୁ ଚିଠି ଲେଖି ଜଣାଇଲେ ବି ସମସ୍ୟା ସମାଧାନ ହେଉ ନଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଏ ସମସ୍ୟାକୁ ଶ୍ରୀ ସାହୁ ଟ୍ୱିଟ ମାଧ୍ୟମରେ ପୋଷ୍ଟାଲ ଡିପାର୍ଟମେଣ୍ଟର ଅଭିଯୋଗ କରିଥିବା ବେଳେ ଅନଲାଇନରେ ମଧ୍ୟ ଅଭିଯୋଗ ପଞ୍ଜିକୃତ କରିଥିବା ଜଣାଯାଇଛି।

# ବିଭିନ୍ନ ସ୍ଥାନରେ ରାକ୍ଷୀ ପୂର୍ଣ୍ଣିମା









ଆନନ୍ଦପୁର ୨୭।୮ (ସମିସ)

ଆଗର୍ଦ୍ଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପବିତ୍ର ରକ୍ଷା ବନ୍ଧନ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷା ପୂର୍ଣ୍ଣମାସୀ ମହାରଣାଙ୍କ ତତ୍ତ୍ୱାବଧାନରେ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ବିଦ୍ୟାଳୟର ଛାତ୍ରୀମାନେ ଛାତ୍ରଙ୍କ ହାତରେ ରାଖୀ ବାନ୍ଧି ମିଷ୍ଟାନ୍ନ ଖୁଆଇବା ସହିତ ଗୁରୁମାମାନେ ଗୁରୁଜୀଙ୍କ ହାତରେ ରାଖୀ ବାନ୍ଧିଥିଲେ। ପ୍ରଧାନଆଚାର୍ଯ୍ୟା ପ୍ରେମଲତା ସାହୁ, ମିଳାନୀସ୍ମିତା ନାୟକ, ସସ୍ମିତା ପରିଡା, ସ୍ମୃତିଶ୍ରୀ ଜେନା, ମଳୟ କୁମାର ଦାସ, ପୁଷ୍ପଲତା ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ଦୀପାବଳି ବାରିକ, ଅମିତ କୁମାର ଜେନା ପ୍ରମୁଖ ସହଯୋଗ କରିଥିଲେ।

**ଯୋଡ଼ା:** ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ବଡ଼ବିଲ ଶାଖା ତରଫରୁ ପବିତ୍ର ରାକ୍ଷୀବନ୍ଧନ ପର୍ବ ଅତ୍ୟନ୍ତ ଶ୍ରଦ୍ଧା, ପ୍ରେମ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମ ସଂସ୍ଥାର ବଡ଼ବିଲ ଶାଖା ସଞ୍ଚାଳିକା ବ୍ରହ୍ମାକୁମାରୀ ଜୟନ୍ତୀ ଭଉଣୀଙ୍କ କୁଶଳ ନେତୃତ୍ୱ ଓ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା। ବ୍ରହ୍ମାକୁମାରୀ ଭଉଣୀମାନେ ଉପ ଜେଲ୍ ପରିସରକୁ ଯାଇ ସମସ୍ତ କଏଦୀଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ସହରର ଗଣ୍ୟମାନ୍ୟ ବ୍ୟକ୍ତି ମଧ୍ୟରେ ବଡ଼ବିଲ ତହସିଲଦାର, ବଡ଼ବିଲ ଏସଡିପିଓ ବଡ଼ବିଲ ଥାନା ଆଇଆଇସି ଏବଂ ସ୍ଥାନୀୟ ଡାକ୍ତରଖାନାର ଡାକ୍ତର ଓ ନର୍ସମାନଙ୍କୁ ରାକ୍ଷୀ ବାନ୍ଧି ସେମାନଙ୍କ ସେବା ପାଇଁ ଶୁଭକାମନା ଜଣାଯାଇଥିଲା। ଓଏମ୍‌ସିର ବଡ଼ବିଲସ୍ଥିତ ମୁଖ୍ୟାଳୟରେ ମଧ୍ୟ ଏକ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

**କେନ୍ଦୁଝର:** କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥୀ ପ୍ରଧାନଙ୍କ ଆହ୍ୱାନକ୍ରମେ



ଉତ୍କଳୀୟ ସଂସ୍କୃତି ପରମ୍ପରା ଓ ଐତିହ୍ୟକୁ ଉଜ୍ଜୀବିତ କରିବା ପାଇଁ ବାଂଶପାଳ ବ୍ଲକ ଅନ୍ତର୍ଗତ ଜମ୍ବିରିପଶି ରାଧାକୃଷ୍ଣ ମନ୍ଦିର ପରିଚାଳନା ପରିଷଦ ଓ ରାଧାକୃଷ୍ଣ ଭାଗବତ ଟୁଙ୍ଗି ଭକ୍ତଙ୍କ ତତ୍ତ୍ୱାବଧାନରେ ଜମ୍ବିରିପଶି ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଗୋମାତା ପୂଜାର୍ଚ୍ଚନା କରି ଗହ୍ମାପର୍ବ ପାଳନ କରାଯାଇଛି। ଜମ୍ବିରିପଶି ନାମ ମଣ୍ଡପରେ ଗ୍ରାମବାସୀ, ଭାଗବତ ଟୁଙ୍ଗି ଭକ୍ତ ତଥା ଜିଲ୍ଲା ଓ ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି କର୍ମକର୍ତ୍ତାଙ୍କ ସମାବେଶରେ ବୃକ୍ଷ ରୋପଣର ଆବଶ୍ୟକତା ସମ୍ବନ୍ଧରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ବରିଷ୍ଠ ଗ୍ରାମବାସୀ ବିଦ୍ୟାଧର ବାରିକ। କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ ମୁଖ୍ୟଅତିଥି, ସଦର(୨) ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଜିତେନ୍ଦ୍ର ବେହେରା ମୁଖ୍ୟବକ୍ତା, ଆବାହନ ସଙ୍ଗୀତ ପରିବେଷଣ କରିଥିଲେ ସଦର (୧)ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ପ୍ରସନ୍ନ କୁମାର ଦାସ ଏବଂ ହରିଚନ୍ଦନପୁର (୧)ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ମାର୍କଣ୍ଡ ବେହେରା, ସଦର (୧) ଭାଗବତ ପ୍ରଚାର ପ୍ରସାର ସମିତି ସମ୍ପାଦକ ପ୍ରଣବଧ୍ୱଜ କବି ସମ୍ମାନିତ ଅତିଥି ରୂପେ ଯୋଗଦାନ କରିଥିଲେ। ସଭା ପରିଚାଳନା କରିଥିଲେ କେନ୍ଦୁଝର ଗଡ ଭାଗବତ ପ୍ରଚାର ପ୍ରସାର ସମିତି ସମ୍ପାଦକ ଅକ୍ଷୟ କୁମାର ଦାସ ଓ ଧନ୍ୟବାଦ ଅର୍ପଣ କରିଥିଲେ ବାଂଶପାଳ ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଅଶୋକ କୁମାର ପଲେଇ। ଏହାପରେ ବିଦ୍ୟାଳୟ ପଛ ପଟେ ବୃକ୍ଷ ରୋପଣ କରାଯାଇ ପ୍ରତ୍ୟେକ ବୃକ୍ଷରେ ରାକ୍ଷୀ ବାନ୍ଧି ବୃକ୍ଷର ସୁରକ୍ଷା ପାଇଁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇ ରକ୍ଷା ବନ୍ଧନ ଉତ୍ସବ ପାଳନ କରିଥିଲେ। ବାଂଶପାଳ ବ୍ଲକ ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଅଶୋକ କୁମାର ପଲେଇଙ୍କ ସହଯୋଗରେ କେନ୍ଦୁଝର ଜିଲ୍ଲା ଭାଗବତ ପ୍ରଚାର ପ୍ରସାର ସମିତି ସଭାପତି ଆଚାର୍ଯ୍ୟ ଦାଶରଥି ପ୍ରଧାନ ଜମ୍ବିରିପଶି ରାଧାକୃଷ୍ଣ ମନ୍ଦିରରେ ଭାଗବତ ଗାଦି ସ୍ଥାପନ ତଥା ପୂଜାର୍ଚ୍ଚନା କରି ଭାଗବତ ଟୁଙ୍ଗି ଉନ୍ମୋଚନ ପୂର୍ବକ ରାଧାକୃଷ୍ଣ ଭାଗବତ ଟୁଙ୍ଗି ନାମରେ ନାମିତ କରିଥିଲେ। ଟୁଙ୍ଗିର କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇ ପ୍ରତିଦିନ ପୂଜନ ପଠନ ତଥା ଶ୍ରବଣ କରିବା ପାଇଁ ଅନୁରୋଧ କରିଥିଲେ। ଆଚାର୍ଯ୍ୟ ଦାଶରଥୀ ପ୍ରଧାନ ଭାଗବତ ପାରାୟଣ ଶୁଭାରମ୍ଭ କରି ଭାଗବତ ଦଶମ ସ୍କନ୍ଧ ତୃତୀୟ ଅଧ୍ୟାୟ ବଳଭଦ୍ର ଜନ୍ମ ପ୍ରସଙ୍ଗ ପାଠ କଲେ ଏବଂ ତଦନୁସାରେ ଉପସ୍ଥିତ ଭାଗବତ ଭକ୍ତ ତଥା ଗ୍ରାମର ମା' ଭଉଣୀଙ୍କ ସମାବେଶରେ ବଳଭଦ୍ର ଜନ୍ମ ଉତ୍ସବ ଯଥାବିଧି ପାଳିତ ହୋଇଥିଲା। ଏଥିରେ ଟଙ୍କଧର ଖମଣିଆ, ଆନନ୍ଦଚନ୍ଦ୍ର ବାରିକ, ପାଣ୍ଡବ ଘଣା ଓ ହଟ କିଶୋର ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସେହିପରି ଜେଲରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପବିତ୍ର ରକ୍ଷାବନ୍ଧନ ଉତ୍ସବରେ ମୁଖ୍ୟବକ୍ତା ଭାବରେ କାଶିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରିହର ମହାନ୍ତ ଯୋଗଦେଇ ରକ୍ଷା ବନ୍ଧନର ତାତ୍ପର୍ଯ୍ୟ ସମ୍ବନ୍ଧରେ କହିଥିଲ। ଅନ୍ୟତମ ଅତିଥି ଭାବରେ ସମାଜସେବୀ ସେବତୀ ସିଂ, ବରିଷ୍ଠ ସାମ୍ବାଦିକ ସୁବ୍ରତ ସ୍ୱାଇଁ ଓ ବିଦ୍ୟାଳୟର ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା ଯୋଗ ଦେଇଥିଲେ। ପ୍ରଧାନାଚାର୍ଯ୍ୟ ଅଲେଖ ମହାନ୍ତ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଶିଶୁ ବିଦ୍ୟା ମନ୍ଦିରର ସମସ୍ତ ଶିଶୁ ଭାଇଭଉଣୀ ଓ ଗୁରୁଜୀଗୁରୁମାମାନେ ପରସ୍ପର ମଧ୍ୟରେ ରାକ୍ଷୀ ବାନ୍ଧିଥିବା ବେଳେ ପ୍ରତ୍ୟେକ ଗୋଟିଏ ଗୋଟିଏ ଗଛରେ ମଧ୍ୟ ରାକ୍ଷୀ ବାନ୍ଧିଥିଲେ। ବିଦ୍ୟାଳୟର ସ୍କାଉଟ, ଗାଇଡ ଓ ଏନ୍‌ସିସି ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଥିବା ମହାପୁରୁଷମାନଙ୍କଠାରେ ମାଳାର୍ପଣ କରିଥିଲେ। ଲମ୍ବୋଦର ମହାର, ସନ୍ତୋଷ କର, ପ୍ରଦୀପ ଦାସ, ମଞ୍ଜୁଶ୍ରୀ ରାଉତ ଓ ସମସ୍ତ ଗୁରୁଜୀ ଗୁରୁମା ପରିଚାଳନା କରିଥିଲେ।

**ତେଲକୋଇ:** ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତେଲକୋଇ କେନ୍ଦ୍ର ପକ୍ଷରୁ ପ୍ରଭୁ ବରଦାନ ଭବନଠାରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଶ୍ରଦ୍ଧା ଓ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବିରଞ୍ଚି ଭାଇ



ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ସଂଚାଳିକା ବ୍ର.କୁ ପାର୍ବତୀ ଭଉଣୀ ଈଶ୍ୱରୀୟ ବନ୍ଧନରେ ବାନ୍ଧି ହେବା ଦ୍ୱାରା ସମସ୍ତ ଦୁଃଖ, ଅଶାନ୍ତି, ଭୟ, ଚିନ୍ତାରୁ ମୁକ୍ତ ହୋଇପାରିବା ବୋଲି ଉପସ୍ଥାପନା କରିଥିଲେ। ଏହାସହିତ ରାଜଯୋଗ ଧ୍ୟାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ବ୍ରହ୍ମାକୁମାରୀ ଭଉଣୀମାନେ ଅତିଥି ଓ ଉପସ୍ଥିତ ଭାଇଭଉଣୀଙ୍କୁ ରାକ୍ଷୀ ବାନ୍ଧି ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ଗ୍ରାମ ଯଥା ଗୋଲାବନ୍ଧ, ମହୁରାପାଣି, ଛାମୁଣ୍ଡା, ସଙ୍କଲେଇରୁ ପ୍ରାୟତଃ ଶହେରୁ ଅଧିକ ଭାଇ ଭଉଣୀ ଯୋଗ ଦେଇଥିଲେ। ବ୍ରହ୍ମକୁମାରୀ ଶିକ୍ଷାନୁଷ୍ଠାନର ସମସ୍ତ କାର୍ଯ୍ୟକର୍ତ୍ତା ସୁପରିଚାଳନା କରିଥିଲେ।

# ବୋଲବମ୍ ଧ୍ୱନିରେ କମ୍ପିଲା ଚନ୍ଦନେଶ୍ୱର ଶୈବପୀଠ



**ଦୂରଦୂରାନ୍ତରୁ କାଉଡ଼ିଆଙ୍କ ସୁଅ**

**ଚନ୍ଦନେଶ୍ୱର, ୨୭।୮ (ସମିସ)**

ପବିତ୍ର ଶ୍ରାବଣ ପୂର୍ଣ୍ଣିମା ଅବସରରେ ଭୋଗରାଇ ଅଞ୍ଚଳରେ ଶିବଭକ୍ତିର ଅପୂର୍ବ ପରିବେଶ ସୃଷ୍ଟି ହୋଇଛି। ପୂର୍ବଭାରତର ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ମହାଦେବଙ୍କ ନିକଟରେ ଜଳାଭିଷେକ କରିବା ପାଇଁ ବହୁ ଦୂରଦୂରାନ୍ତରୁ ହଜାର ହଜାର କାଉଡ଼ିଆ ଭକ୍ତଙ୍କ ସୁଅ ଛୁଟିଛି। କାଉଡ଼ିରେ ଜଳଭାର ଧରି ଶିବଭକ୍ତମାନେ ଦୀର୍ଘ ପଥ ଅତିକ୍ରମ କରି "ବୋଲବମ୍' ଓ "ହରହର ମହାଦେବ' ଧ୍ୱନି ଦେଇ ଚନ୍ଦନେଶ୍ୱରଙ୍କ ପୀଠ ଅଭିମୁଖେ ଯାତ୍ରା କରୁଛନ୍ତି। ଭକ୍ତମାନେ ସୁବର୍ଣ୍ଣରେଖା ନଦୀର ପନ୍ତାଇ ଘାଟରୁ ପବିତ୍ର ଜଳ ସଂଗ୍ରହ କରି କାଉଡ଼ିରେ ବୋହି ଚନ୍ଦନେଶ୍ୱର ମହାଦେବଙ୍କ ନିକଟରେ ଅର୍ପଣ କରିବା ପାଇଁ ବାହାରିଛନ୍ତି। ଅନେକ କାଉଡ଼ିଆ ଭକ୍ତ ବହୁ କିଲୋମିଟର ଦୂରରୁ ପାଦରେ ଚାଲି ଆସି ଜଳଭାର ନେଇ ଶିବପୀଠ ଅଭିମୁଖେ ଯାତ୍ରା କରୁଥିବା ଦେଖାଯାଇଛି। ମୁଣ୍ଡ ଉପରେ କାଉଡ଼ି, କାନ୍ଧରେ ଜଳଭାର ଓ ମୁହଁରେ ଶିବଙ୍କ ନାମ ଏହି ଦୃଶ୍ୟ ସମଗ୍ର ଅଞ୍ଚଳକୁ ଏକ ଭକ୍ତିମୟ ପରିବେଶରେ ପରିଣତ କରିଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳ ସହ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ମଧ ବହୁ ସଂଖ୍ୟାରେ କାଉଡ଼ିଆ ଚନ୍ଦନେଶ୍ୱରଙ୍କ ପୀଠକୁ ଆସୁଛନ୍ତି। ମନସ୍କାମନା ପୂରଣ, ପରିବାରର ସୁଖଶାନ୍ତି ଓ ମଙ୍ଗଳ କାମନା କରି ଭକ୍ତମାନେ ଶ୍ରଦ୍ଧା ଓ ନିଷ୍ଠାର ସହ ଜଳଭାର ବୋହି ଚନ୍ଦନେଶ୍ୱରଙ୍କ ଚରଣରେ ପହଞ୍ଚି ଜଳାଭିଷେକ କରିବାକୁ ଆଗେଇ ଚାଲିଛନ୍ତି। ବୟସରେ ଛୋଟ ଠାରୁ ବୟସ୍କ ପର୍ଯ୍ୟନ୍ତ ଅନେକ ଶିବଭକ୍ତ ଏହି ଧାର୍ମିକ ଯାତ୍ରାରେ ସାମିଲ ହୋଇଛନ୍ତି। କାଉଡ଼ିଆଙ୍କ ଏହି ବିଶାଳ ଯାତ୍ରା ଯୋଗୁଁ ପନ୍ତାଇ ଘାଟଠାରୁ ଚନ୍ଦନେଶ୍ୱର ପୀଠ ପର୍ଯ୍ୟନ୍ତ ରାସ୍ତା ଲୋକାରଣ୍ୟ ହୋଇଉଠିଛି। ରାସ୍ତାର ଉଭୟ ପାଶ୍ୱର୍ରେ ସ୍ଥାନୀୟ ଲୋକେ କାଉଡ଼ିଆଙ୍କ ପାଇଁ ପାଣି, ସରବତ ଓ ବିଭିନ୍ନ ସେବା ବ୍ୟବସ୍ଥା କରିଥିବା ଦେଖାଯାଇଛି। ଶିବଭକ୍ତଙ୍କ ସେବାରେ ବିଭିନ୍ନ ସ୍ୱେଚ୍ଛାସେବୀ ଓ ସ୍ଥାନୀୟ ଯୁବକମାନେ ମଧ ସାମିଲ ହୋଇଛନ୍ତି। କାଉଡ଼ିଆଙ୍କ ବିପୁଳ ସମାଗମକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ଓ ଭକ୍ତଙ୍କ ସୁରକ୍ଷା ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ କଡ଼ାକଡ଼ି ବ୍ୟବସ୍ଥା କରାଯାଇଛି। ରାସ୍ତାରେ ଯାତାୟାତ ନିୟନ୍ତ୍ରଣ ସହ କାଉଡ଼ିଆଙ୍କ ଗହଳି ଉପରେ ନଜର ରଖାଯାଇଛି। ଚନ୍ଦନେଶ୍ୱରଙ୍କ ଦର୍ଶନ ଓ ଜଳାଭିଷେକ ପାଇଁ ଭକ୍ତମାନଙ୍କ ମଧ୍ୟରେ ରହିଛି ପ୍ରବଳ ଉତ୍ସାହ ଓ ଶ୍ରଦ୍ଧା। ଶ୍ରାବଣ ପୂର୍ଣ୍ଣିମାର ଏହି ପବିତ୍ର ଅବସରରେ ହଜାର ହଜାର କାଉଡ଼ିଆଙ୍କ ମୁହଁରୁ ଶୁଭୁଥିବା "ବୋଲବମ୍' ଧ୍ୱନିରେ ଚନ୍ଦନେଶ୍ୱର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଛି। ଜଳଭାର ନେଇ ଦୀର୍ଘ ପଥ ଅତିକ୍ରମ କରି ବାବା ଚନ୍ଦନେଶ୍ୱରଙ୍କ ଜଳାଭିଷେକ କରିବାର ଭକ୍ତି ଓ ବିଶ୍ୱାସ ଏହି କାଉଡ଼ିଆ ଯାତ୍ରାକୁ ଏକ ଅନନ୍ୟ ଧାର୍ମିକ ଆୟୋଜନରେ ପରିଣତ କରିଛି।



## ଶ୍ରାବଣ ପୂର୍ଣ୍ଣିମା ଉପଲକ୍ଷେ ବୋଲବମ୍ ଭକ୍ତଙ୍କ ଚନ୍ଦନେଶ୍ୱର ଶିବ ମନ୍ଦିର ଯାତ୍ରା



**ଜଳେଶ୍ୱର, ୨୭।୮ (ସମିସ):** ଭଗବାନ ଶିବଙ୍କ ଜଳାଭିଷେକ ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମାରେ କରାଯାଉଥିବା ବେଳେ ଚଳିତ ବର୍ଷ ଭାଦ୍ରବ ମାସ ପୂର୍ଣ୍ଣିମାରେ ଏହି ତିଥି ପଡିଥିବାରୁ ଆସନ୍ତା କାଲି ପୂର୍ଣ୍ଣିମା ଉପଲକ୍ଷେ ଭଗବାନ ଶିବଙ୍କ ମସ୍ତକରେ ଜଳାଭିଷେକ କରିବା ପାଇଁ ସୁବର୍ଣ୍ଣରେଖା ନଦୀ ତଟରେ ଭୋଲେବମ ଭକ୍ତ ମାନଙ୍କର ଭିଡ ଲାଗି ଥିବାର ଦେଖିବାକୁ ମିଳିଛି। ହଜାର ହଜାର ଭକ୍ତ ସୁବର୍ଣ୍ଣରେଖା ନଦୀରୁ ପାଣି ନେଇ ଚନ୍ଦନେଶ୍ୱର ମହାଦେବଙ୍କ ନିକଟରେ ଜଳାଭିଷେକ ପାଇଁ ଆଜି ଯାତ୍ରା ଆରମ୍ଭ କରିଛନ୍ତି। ଆସନ୍ତା କାଲି ୨୮ ତାରିଖ ପୂର୍ଣ୍ଣିମା ଅବସରରେ ଜଳାଭିଷେକ କରାଇବେ। ସୁବର୍ଣ୍ଣରେଖା ନଦୀର ଫଚୁଘଣ୍ଟା, ଶେଖବାଡ ଏବଂ ଶିଖରପୁର ନଦୀଘାଟରୁ ଭକ୍ତମାନେ ପାଣି ନେଇ ଯାଉଥିବାର ଦେଖିବାକୁ ମିଳିଛି। ହଜାର ହଜାର ଭକ୍ତ ନଦୀରୁ ପାଣି ନେବାକୁ ଆସୁଥିବାର ନଦୀର ବିଭିନ୍ନ ଘାଟରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି। ଜଳେଶ୍ୱର ମାର୍କେଟ ଇଲେଭେନ ବୋଲବମ ସେବା ସମିତି ପକ୍ଷରୁ ୩ରୁ ୪ହଜାର ବୋଲବମ ଭକ୍ତଙ୍କୁ ମାଗଣାରେ ଖାଦ୍ୟ ପାନୀୟ ଯୋଗାଇ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସମିତି ସଭାପତି ଚନ୍ଦନ ପାତ୍ର, ସମ୍ପାଦକ ପ୍ରଭୁରାମ ଜେନା, ରାଜେଶ ବିଦ୍, ପ୍ରଶାନ୍ତ, ଆଶିଷ, ସାମ୍ୟରଂଜନ, ପିଣ୍ଟୁ, ନିଲୁ, ଗିଡୁ, ରୁନା ପ୍ରମୁଖ ପରିଚାଳନା କରିଥିଲେ। ଜଳେଶ୍ୱର ଅଗ୍ନିଶମ ବିଭାଗ ଓ ପୁଲିସ ପ୍ରଶାସନ ତରଫରୁ ନଦୀ ଘାଟରେ ସୁରକ୍ଷା ଯୋଗାଇ ଦିଆଯାଇଥିଲା।

## ଖଇରା ବ୍ଲକ୍‌ର ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ



**ଖଇରା,୨୭।୮ (ସମିସ):** ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ବ୍ଲକର ବିଭିନ୍ନ ଅନୁଷ୍ଠାନରେ ପବିତ୍ର ରକ୍ଷାବନ୍ଧନ ହର୍ଷୋଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି। ବିଶିଷ୍ଟ ଯୁବ ଶିଳ୍ପଦ୍ୟୋଗୀ ତଥା ଏସଆର ଗ୍ରୁପ ଅଧ୍ୟକ୍ଷ ତଥା ବିଜେପି ନେତା ଇଂ. ରାଜେଶ ମହାକୁଡ ଓ ରାମଚନ୍ଦ୍ର ମହାକୁଡ ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମରେ ପହଞ୍ଚି ଅନାଥ ପିଲା ମାନଙ୍କ ସହ ରକ୍ଷାବନ୍ଧନ ଉତ୍ସବ ପାଳିଥିଲେ। ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଜୁନ ଚରଣ ମଣ୍ଡଳ, ସମ୍ପାଦକ ଶତ୍ରୁଘ୍ନ ମହାନ୍ତି ଓ ସରୋଜ କୁମାର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ରକ୍ଷାବନ୍ଧନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପରେ ଛାତ୍ରୀମାନେ ନିକଟସ୍ଥ ବ୍ୟାଙ୍କ, ପୋଷ୍ଟ ଅଫିସ, ବସ୍ତି ଓ ବିଦ୍ୟୁତ କାର୍ଯ୍ୟାଳୟକୁ ଯାଇ ରାଖି ବାନ୍ଧିଥିଲେ। ସେହିଭଳି ପ୍ରଧାନଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଖଇରା ସରସ୍ୱତୀ ବିଦ୍ୟା ମନ୍ଦିରରେ, ଶଶିକାନ୍ତ ଦାସଙ୍କ ପୌରହିତ୍ୟରେ ନଟାପଡା ରୋଡସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଜୟନ୍ତ ମାଝୀଙ୍କ ପୌରହିତ୍ୟରେ ଅଲିପୁରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମଧ୍ୟ ଯାକଜମକରେ ପାଳିତ ହୋଇ ଯାଇଛି। ନଟାପଡାସ୍ଥିତ ସାଇ ପବ୍ଲିକ ସ୍କୁଲରେ ଆପଣ ଏକା ନୁହଁନ୍ତି ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି, ସମ୍ପାଦକ ସୁଶାନ୍ତ କୁମାର ବେହେରା ଓ କୋଷାଧ୍ୟକ୍ଷ ଗୋପାମଣି ପଣ୍ଡା ନେତୃତ୍ୱରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି।

## ଜଳେଶ୍ୱର ରୋଟାରୀ କ୍ଲବ୍‌ର ୪୦ତମ ଅଧିଷ୍ଠାନ ଉତ୍ସବ



**ଜଳେଶ୍ୱର, ୨୭।୮ (ସମିସ):** ଜଳେଶ୍ୱର ରୋଟାରୀ କ୍ଲବର ୪୦ତମ ଅଧିଷ୍ଠାନ ଉତ୍ସବ ସହିତ ୨୭ତମ ରୋଟ୍ରାକ୍ଟ କ୍ଲବ ଓ ୨୬ତମ ଇନରହୁଇଲ କ୍ଲବର ଅଧିଷ୍ଠାନ ଦିବସ ଜଳେଶ୍ୱର ମୁରଲୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ୨୦୨୬-୨୭ ବର୍ଷ ପାଇଁ ସଭାପତି ଭାବେ ରୋଟାରୀୟାନ ଡ. ଦୀପ୍ତିମୟୀ ମହାପାତ୍ର ଓ ସମ୍ପାଦକ ଭାବେ ଦୀପ୍ତିରାଣୀ ନନ୍ଦୀ ମନୋନୀତ ହୋଇଥିବା ବେଳେ ପୂର୍ବତନ ସଭାପତି ସୁବୀର କୁମାର ସେନାପତି ଓ ସମ୍ପାଦକ ଭାବେ ଅଂଶୁମାନ ରାଉତ ସେମାନଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରୀ ଜିଲ୍ଲା ୩୨୬୨ ପ୍ରାନ୍ତପାଳ ଅକ୍ଷୟେନ୍ଦୁ ପଟ୍ଟନାୟକ ଯୋଗଦେଇ ସଭାପତି ଓ ସମ୍ପାଦକଙ୍କୁ ନୂତନ ପଦବୀର ଶପଥ ପାଠ କରାଇବା ସହିତ ମାନବ ସେବା କାର୍ଯ୍ୟରେ ନିଜକୁ ଲିପ୍ତକରି ରୋଟାରୀର ନାମ ଉଜ୍ଜଳ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରୋଟାରୀ ଜିଲ୍ଲା ୩୨୬୨ ସହାୟକ ପ୍ରାନ୍ତପାଳ ରୋଟାରୀୟାନ ମୋହନ ବୁର୍ଣ୍ଣୱାଲ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଉତ୍ସବ ପ୍ରାରମ୍ଭରେ ପୂର୍ବତନ ସଭାପତି ପ୍ରଭାତ କୁମାର ସାହୁ ଅତିଥି ଆମନ୍ତ୍ରଣ ଓ ପୂର୍ବତନ ସଭାପତି ପ୍ରଫୁଲ୍ଲ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୂର୍ବତନ ସଭାପତି ସୁବ୍ରତ ରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୨୦୨୫-୨୬ ବର୍ଷର ସଭାପତି ସୁବୀର କୁମାର ସେନାପତି ଓ ସମ୍ପାଦକ ଅଂଶୁମାନ ରାଉତ ବିଗତ ବର୍ଷର କାର୍ଯ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ରୋଟ୍ରାକ୍ଟ କ୍ଲବର ନୂତନ ସଭାପତି ଭାବେ ଗୋପାଳ ବେହେରା ଓ ସମ୍ପାଦକ ଭାବେ ମୀର ଜାମସେଦ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ଓ ଇନରହୁଇଲ କ୍ଲବର ନୂତନ ସଭାପତି ଭାବେ ପରମୀତା ସ୍ୱାଇଁ ଓ ସମ୍ପାଦିକା ଭାବେ ପୁଷ୍ପା ମହାନ୍ତି ଦାୟୀତ୍ୱ ଗ୍ରହଣ କରିଥିଲେ। ଏହି ଉତ୍ସବରେ ବାଲେଶ୍ୱର ସେଣ୍ଟ୍ରାଲ ରୋଟାରୀ କ୍ଲବ, ବାଲେଶ୍ୱର ଶାଶ୍ୱତ କ୍ଲବ, ବେତନଟୀ ରୋଟାରୀ କ୍ଲବ, ଜଳେଶ୍ୱର ଲାୟନ୍ସ ଓ ଯୁବମଂଚର ସଦସ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ସୁବ୍ରତ କୁମାର ରଣା, ବିକାଶ ଧର, ପ୍ରବୀର ପ୍ରଧାନ, ରାଜେଶ କୁମାର ଖଟୁଆ ପ୍ରମୁଖ ମୁଖ୍ୟ ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ରୋଟାରୀ କ୍ଲବର ସର୍ଭିସ ପୁସ୍ତିକା ୨୦୨୬-୨୭ ପ୍ରକାଶିତ ହୋଇଥିଲା। ଶେଷରେ ରୋଟାରୀୟାନ ପ୍ରବୀର କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ସଦସ୍ୟ ଯୋଗଦେଇ ପରିଚାଳନାରେ ସହାୟକ ହୋଇଥିଲେ। ଏହି ଅବସରରେ ଜଳେଶ୍ୱର ଅଞ୍ଚଳରେ ବିଭିନ୍ନ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ୭ଜଣ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ବୃକ୍ଷର ଉନ୍ନତ ଯତ୍ନ ନେବାରେ ଜମାଲପୁର ବିଶ୍ୱନାଥ ଏକାଡେମିକୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବୁଦ୍ଧେଶ୍ୱର ମହାଦେବ ମନ୍ଦିରରୁ ଚୋରି

**ରାସଗୋବିନ୍ଦପୁର,୨୭।୮ (ସମିସ):** ରାସଗୋବିନ୍ଦପୁର ବ୍ଲକ ଦେବଶୂଳସ୍ଥ ପ୍ରସିଦ୍ଧ ବୁଦ୍ଧେଶ୍ୱର ମହାଦେବ ମନ୍ଦିରରେ ଦୁର୍ବୃତ୍ତମାନେ କଳାକନା ବୁଲାଇଛନ୍ତି। ମନ୍ଦିରର ଦୁଇଟି ଗେଟ୍‌ର ତାଲା ଭାଙ୍ଗି ଭିତରକୁ ପଶିବା ସହ ଦାନ ହୁଣ୍ଡି ଭାଙ୍ଗି ସେଥିରେ ଥିବା ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏଥିସହ ମନ୍ଦିର ପରିସରରେ ଲାଗିଥିବା ସିସିଟିଭି କ୍ୟାମେରାର ଏଲସିଡି ମଧ ଦୁର୍ବୃତ୍ତମାନେ ନେଇଯାଇଥିବା ଜଣାପଡ଼ିଛି। ଫଳରେ ମନ୍ଦିରର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଛି। ଘଟଣା ଜଣାପଡ଼ିବା ପରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏ ନେଇ ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ମନ୍ଦିର ପରିଚାଳନା କମିଟି ମୁଖ୍ୟ ପରିଚାଳକ ପ୍ରଫୁଲ୍ଲ କୁମାର ଦଲେଇ ଥାନାରେ ଅଭିଯୋଗ କରି ଘଟଣାର ତଦନ୍ତ ସହ ଦୁର୍ବୃତ୍ତଙ୍କୁ ତୁରନ୍ତ ଚିହ୍ନଟ କରି ଗିରଫ କରିବାକୁ ଦାବି କରିଛନ୍ତି। ଅଭିଯୋଗ ପରେ ରାସଗୋବିନ୍ଦପୁର ଥାନା ଏଏସଆଇ ଗୌରୀଶଙ୍କର ଜେନା ଘଟଣାର ତଦନ୍ତ ଆରମ୍ଭ କରିଥିବାବେଳେ ଚୋରି ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ପ୍ରସିଦ୍ଧ ଶୈବପୀଠରେ ଏଭଳି ଚୋରି ଘଟଣା ବାରମ୍ବାର ଘଟିବାକୁ ନେଇ ଭକ୍ତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ଘଟଣାରେ ସମ୍ପୃକ୍ତ ଚୋରଙ୍କୁ ଶୀଘ୍ର ଗିରଫ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ୧୦୮ କାଉଡ଼ିଆଙ୍କ ଚନ୍ଦନେଶ୍ୱର ପୀଠକୁ ଯାତ୍ରା

**ଜଳେଶ୍ୱର ବ୍ଲକ, ୨୭।୮ (ସମିସ):** ଶ୍ରାବଣୀ ପୂର୍ଣ୍ଣିମା ତଥା ପବିତ୍ର ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଜଳେଶ୍ୱର ବ୍ଲକ ଆରୁହା ଗ୍ରାମର ୧୦୮ ଜଣ କାଉଡିଆ ଭକ୍ତ ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ପୀଠ ଅଭିମୁଖେ ଯାତ୍ରା କରିଛନ୍ତି। ସୁବର୍ଣ୍ଣରେଖା ନଦୀରୁ ପବିତ୍ର ଜଳ ଉଠାଇ ପ୍ରଥମେ ନିଜ ଗ୍ରାମକୁ ଆସି ସେଠାରେ ଆରୁହା ବାବା ଇଶାଣେଶ୍ୱର ମହାଦେବଙ୍କୁ ଦର୍ଶନ କରି ସାରି ଏକ ସଙ୍ଗରେ ସମସ୍ତେ ହବିଷାନ୍ନ କରି ଦିନ ୩ ଟା ସମୟରେ ଭକ୍ତମାନେ ବୋଲବମ୍ ଧ୍ୱନି,ହରିବୋଲ ଓ ହୁଳହୁଳି ଦେଇ କାଉଡିଆମାନେ ନିଜ ନିଜର କାଉଡ଼ି ଧରି ବାବା ଚନ୍ଦନେଶ୍ୱରଙ୍କ ନିକଟରେ ଜଳାଭିଷେକ କରିବା ପାଇଁ ପଦଯାତ୍ରାରେ ବାହାରିଛନ୍ତି। ପଥପ୍ରାନ୍ତରେ ଭକ୍ତମାନଙ୍କ ପାଇଁ ପାନୀୟ ଜଳ ଓ ଫଳାହାରର ବ୍ୟବସ୍ଥା କରାଯାଇଛି।



## ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ

**ଜଳେଶ୍ୱର ବ୍ଲକ, ୨୭।୮ (ସମିସ):** ବିଜେପି ନେତା ବ୍ରଜମୋହନ ପ୍ରଧାନଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ରକ୍ଷାବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଖୁଆଡର୍ ଗ୍ରାମପଞ୍ଚାୟତସ୍ଥିତ କେନ୍ଦୁଖୁଣ୍ଟା ସରକାରୀ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ନିବାସ, ପୁରୁଣାପାଣି ଗ୍ରାମର "ପ୍ରୟାସ' ବରିଷ୍ଠ ନାଗରିକ ଆବାସସ୍ଥଳୀ, ରାଇବଣିଆ ଗ୍ରାମପଞ୍ଚାୟତ ସ୍ଥିତ କବାଟଘାଟୀ ସରକାରୀ ଆଶ୍ରମ ଉଚ୍ଚ ବିଦ୍ୟାଳୟ, କବାଟଘାଟୀ ସରକାରୀ ଆଶ୍ରମ ବିଦ୍ୟାଳୟ ଏବଂ ସର୍ଦ୍ଦାରବନ୍ଧ ଗ୍ରାମପଞ୍ଚାୟତସ୍ଥିତ ସର୍ଦ୍ଦାରବନ୍ଧ ସରକାରୀ ଆଶ୍ରମ ବିଦ୍ୟାଳୟରେ ରକ୍ଷାବନ୍ଧନ ପାଳନ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସମ୍ପାଦକ କାଳିଚରଣ ଦାସ, ରାଇବଣିଆ ମଣ୍ଡଳ ସଭାପତି ସଞ୍ଜୀବ କୁମାର ଜେନା, ଯୁବ ନେତା ରାସବିହାରୀ ରଣା, ତାପସ ରଞ୍ଜନ ପାଣିଗ୍ରାହୀ, ଦିବେନ୍ଦୁ ଦେ, ସୁଜିତ୍ ଦାସ, ସନତ ସାହୁ, ଗଣେଶ ସୋରେନ୍, ନିହାର ରଞ୍ଜନ ଦାସ, ଦେବାଶିଷ ମୁର୍ମୁଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ପ୍ରାକ୍ତନ ଶିକ୍ଷକ ହରିହର ରଥଙ୍କ ସ୍ମୃତିସଭା



**ସୋର, ୨୭।୮(ସମିସ):** ସୋର ବ୍ଲକ ବାଲଙ୍ଗ ପଞ୍ଚାୟତ ରେଓଦା ଗ୍ରାମର ବିଜ୍ଞାନ ଶିକ୍ଷକ ତଥା ପୂଜ୍ୟପୂଜା ସଂସଦ ର ଉପଦେଷ୍ଟା ସ୍ୱର୍ଗତ ହରିହର ରଥଙ୍କ ସ୍ମୃତି ସଭା ରେଓଦାସ୍ଥିତ ବାସଭବନରେ ଦେବେନ୍ଦ୍ର ପ୍ରସାଦ ପାତ୍ର ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ହରିହର ସାର ଜଣେ ବ୍ୟକ୍ତି ନ ଥିଲେ, ଥିଲେ ଏକ ଅନୁଷ୍ଠାନ, ଜଣେ ମଣିଷ ତିଆରି କାରଖାନାର ମଣିଷ ତିଆରି କରିବା ସହିତ ଅନେକ ପୁସ୍ତକ ରଚନା କରିଛନ୍ତି। ସୋରର ସାଂସ୍କୃତିକ ଇତିହାସ, ସୋର ଗଙ୍ଗା କାଂଶବାଂଶ, ତୁମେ ବଡ ଜଗନ୍ନାଥ, ସୋର ଭୂମି ସୋରର ଶୁର ଓ ସ୍ୱର ଆଦି ପୁସ୍ତକ ଜନମାନସରେ ଆଦୃତ ହୋଇଥିଲା। ବୟସର ଅପରାହ୍ନରେ ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନ ରେ ସକ୍ରୀୟ କାର୍ଯ୍ୟକର୍ତ୍ତା ଭାବରେ ଅଂଶଗ୍ରହଣ କରି ଅନେକ ପ୍ରଶଂସା ସାଉଁଟି ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରାକ୍ତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପ୍ରମାଣିତ, ଅଧ୍ୟାପକ ପଦ୍ମଲୋଚନ ଦ୍ୱିବେଦୀ, ଅଧ୍ୟାପକ ଉଦ୍ଧବ ଚରଣ ବିଶ୍ୱାଳ, ଅଧ୍ୟାପକ ହରିହର ଦାସ, ସୁରେନ୍ଦ୍ର ପ୍ରସାଦ ବେହେରା, ବସନ୍ତ କୁମାର କର, ବିଜୟ କୁମାର କର, ଅକ୍ଷୟ କୁମାର ପଣ୍ଡା, ନୀଳମାଧବ ସେନାପତି, ନିତ୍ୟାନନ୍ଦ କର, ନାଟ୍ୟକାର ପୁରୋଷୋତ୍ତମ ବେହେରା ଏବଂ ପୂଜ୍ୟପୂଜା ସଂସଦ ସମସ୍ତ କର୍ମକର୍ତ୍ତା ଯୋଗଦାନ କରି ହରିହର ସାରଙ୍କ ନିରାଡମ୍ବର ଶିକ୍ଷକ ଜୀବନ ଓ ସାହିତ୍ୟ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ପାଲା ଗାୟକ ବଂଶୀଧର ପଣ୍ଡା ବେଦ ପାଠ କରିଥିବା ବେଳେ ପୁତ୍ର ଡାକ୍ତର ଜୟନ୍ତ କୁମାର ରଥ ସମସ୍ତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କେନାଲ ପୋଲ ମରାମତି ଅଭାବରୁ ଦୁର୍ଦ୍ଦଶାରେ ଯାତ୍ରୀ

**ଖଇରା,୨୭।୮ (ସମିସ)**

ଖଇରା ବ୍ଲକ ଅନ୍ତର୍ଗତ କଣ୍ଟାବଣିଆ-ଡଗରପଡା ରାସ୍ତାର କଣ୍ଟାବଣିଆ-ବଳଭଦ୍ରପୁର ମଝିରେ ଆମ୍ବହତା କେନାଲ ଉପରେ ବଡ ବଡ ଗାତ ସୃଷ୍ଟି ହୋଇ ପୋଲଟି ବିପଦପୂର୍ଣ୍ଣ ହୋଇ ପଡିଥିବାରୁ ଯାତ୍ରୀମାନେ ଭୟାତୁର ଅବସ୍ଥାରେ ଯାତାୟାତ କରୁଛନ୍ତି। ବାରମ୍ବାର ଦାବି ପରେ ମଧ ପୁରୁଣା ପୋଲର ମରାମତି ହେଉନି କି ନୂତନ ପୋଲ ନିର୍ମାଣ ହେଉନି। ତୁରନ୍ତ ଗାତଗୁଡିକର ପୋତାଯିବାର ବ୍ୟବସ୍ଥା କରା ନ ଗଲେ ଏହି ପୋଲ ଉପରେ ନିର୍ଭର କରୁଥିବା ୨୦ରୁ ଉର୍ଦ୍ଧ ଗ୍ରାମର ବାସିନ୍ଦା ରାସ୍ତା ଅବରୋଧ ପାଇଁ ଚେତାବନୀ ଦେଇଛନ୍ତି। ଏହି ରାସ୍ତା ଓ ପୋଲ ବ୍ୟବହାର କରି ଖଇରା ବ୍ଲକର ଗୋବିନ୍ଦପୁର, ଡଗରପଡା, ଜଳଦା, ଅଚ୍ୟୁତପୁର ସମେତ ଔପଦା ବ୍ଲକର ତଳକିଆ ପଞ୍ଚାୟତ ଲୋକମାନେ ବିଭିନ୍ନ ସ୍ଥାନକୁ ଯିବାଆସିବା କରିଥାନ୍ତି। ବିଶେଷ ଭାବରେ ଔପଦା ହାଇସ୍କୁଲ, ଔପଦା କଲେଜ, ବଳଭଦ୍ରପୁର ସଂସ୍କୃତ ବିଦ୍ୟାଳୟକୁ ଯାଆସ କରିବାକୁ ଏହା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ କଣ୍ଟାବଣିଆ ଠାରୁ ଅନତିଦୂରରେ ଆମ୍ବହତା କେନାଲ ଅତିକ୍ରମ କରିଥିବା ବେଳେ ଏହା ଉପରେ ଥିବା ପୁରୁଣା ପୋଲର ଉପରେ ଅସଂଖ୍ୟ ପାଣିଭର୍ତ୍ତି ଖାଲ ପ୍ରତିମୁହୂର୍ତ୍ତରେ ବିପଦକୁ ନିମନ୍ତ୍ରଣ କରୁଛି। ପ୍ରତ୍ୟେକ ଦିନ ଏହି ପୋଲ ଉପରେ ଛୋଟ ମୋଟ ଦୁର୍ଘଟଣା ଘଟୁଥିବା ନେଇ ଅଭିଯୋଗ ହୋଇଛି। କେନାଲ ଖୋଳା ଦାୟିତ୍ୱ ନେଇଥିବା ତ୍ରିବେଣୀ କଷ୍ଟ୍ରକସନର ଅଧିକାରୀଙ୍କୁ ଗ୍ରାମବାସୀ ଓ ଅଭିଭାବକ ମାନେ ବହୁବାର ଏ ସମ୍ପର୍କରେ ଅବଗତ କରାଇଥିଲେ ହେଁ ଏ ପର୍ଯ୍ୟନ୍ତ ଏହାର ସୁଫଳ ମିଳୁନାହିଁ। ଏ ସମ୍ପର୍କରେ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବି. ସେଠୀଙ୍କୁ ଯୋଗାଯୋଗ କରିବାରେ ପୋଲର ଆପ୍ରୋଚ ରୋଡ କାମ ସରିଛି ବର୍ଷା କମିଲେ ପୋଲ ଉପର କାମ ହେବ ବୋଲି କହିଛନ୍ତି।



ସକାଳ
THE SAKALA



# ସମ୍ପାଦକୀୟ



ମୁଁ ଏପରି ଏକ ଦୁନିଆରେ ରହିବାକୁ ଚାହେଁ, ଯେଉଁଠାରେ ହସ ଓ କାନ୍ଦର ସମାହାର ଥିବ।

-ଖଲିଲ୍ ଜିବ୍ରାନ୍

## କାହା ସ୍ୱାର୍ଥରେ ଘରୋଇକରଣ?

କେନ୍ଦ୍ର ସରକାରଙ୍କ ସଦ୍ୟତମ ଘରୋଇକରଣ ନିଷ୍ପତ୍ତିରେ ଭାରତର ପ୍ରତିରକ୍ଷା ପରି ସମ୍ବେଦନଶୀଳ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରାଯିବା ପରେ ଏହାର ଔଚିତ୍ୟ ନେଇ ପ୍ରଶ୍ନ ଉଠିଛି। ପ୍ରତିରକ୍ଷା ସହିତ ଦେଶର ସାର୍ବଭୌମତ୍ୱ, ଅଖଣ୍ଡତା ଓ ଗୋପନୀୟତା ପରି ସମ୍ବେଦନଶୀଳ ପ୍ରସଙ୍ଗ ଜଡ଼ିତ ଥିବାରୁ ଏଥିରେ ଘରୋଇ ସଂସ୍ଥାଙ୍କ ଭାଗିଦାରୀ ବଢ଼ିବା ହିତକର ନୁହେଁ ବୋଲି ମତ ପ୍ରକାଶ ପାଇଛି। ଏହାପୂର୍ବରୁ କେନ୍ଦ୍ର ସରକାର ମହାକାଶ ଗବେଷଣାକୁ ଘରୋଇ ସଂସ୍ଥାଙ୍କ ପାଇଁ ଉନ୍ମୁକ୍ତ କରିବା ପରେ 'ଇସ୍ରୋ' ଗୁରୁତର ମାନବ ସମ୍ବଳ ସଙ୍କଟର ସମ୍ମୁଖୀନ ହୋଇଛି। ଏହି ଦଶା ଆଗାମୀ ଦିନରେ ଡିଆରଡିଓ(ଭାରତୀୟ ପ୍ରତିରକ୍ଷା ଗବେଷଣା ପରିଷଦ) ଭୋଗିବାର ଆଶଙ୍କାକୁ ଏଡ଼ାଇ ଦେଇ ହେବ ନାହିଁ।

ବିଗତ ଶତାବ୍ଦୀର ନବେ ଦଶକରେ ଅର୍ଥନୈତିକ ସଂସ୍କାରର ମୁଖ୍ୟ ପୁରୋଧା ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ବିଚକ୍ଷଣ ଅର୍ଥନୀତିଜ୍ଞ ତଥା ତତ୍କାଳୀନ ଅର୍ଥମନ୍ତ୍ରୀ ଡ. ମନମୋହନ ସିଂହ ପ୍ରତିରକ୍ଷା, ବୀମା, ବୈଦେଶିକ ବ୍ୟାପାର, ମହାକାଶ ଗବେଷଣା ବିଜ୍ଞାନ ଭଳି କେତେକ ସମ୍ବେଦନଶୀଳ କ୍ଷେତ୍ରକୁ ଘରୋଇକରଣ ବା ଘରୋଇ ସଂସ୍ଥାଙ୍କ ନିବେଶ ପ୍ରକ୍ରିୟାରୁ ବାଦ୍ ଦେଇଥିଲେ। ତାଙ୍କର ସୁଦୂର ପ୍ରସାରୀ ଦୃଷ୍ଟିକୋଣକୁ ବର୍ତ୍ତମାନ ଏଡ଼ାଇଯିବା ବୁଦ୍ଧିମାନର କାର୍ଯ୍ୟ ନୁହେଁ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସାମରିକ ଓ ପ୍ରତିରକ୍ଷା ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି ଯେ ପ୍ରତିରକ୍ଷା କ୍ଷେତ୍ରରେ ଘରୋଇ ନିବେଶ ଓ ପରିଚାଳନା ବୃଦ୍ଧି ପାଇଲେ ଭାରତର ଅନେକ ଗୋପନୀୟ ତଥ୍ୟ ବାହ୍ୟଶକ୍ତିଙ୍କ ହାତରେ ପହଞ୍ଚିଯାଇପାରେ। ଏ ଆଶଙ୍କା ଅମୂଳକ ନୁହେଁ।

ଏ ପର୍ଯ୍ୟନ୍ତ ଆମ ଘରୋଇ ସଂସ୍ଥାମାନେ ଉତ୍ପାଦନ, ନିର୍ମାଣ ଓ ଗବେଷଣାରେ ଆତ୍ମନିର୍ଭରଶୀଳ ହୋଇପାରି ନ ଥିବାରୁ ଆଉଟସୋର୍ସିଂ ଉପରେ ନିର୍ଭର କରିବାକୁ ପଡୁଛି। ଉଦାହରଣସ୍ୱରୂପ ଭାରତରେ ଏକଦା ଉପଲବ୍ଧ ଚୀନ୍ ନିର୍ମିତ ଇଣ୍ଟରନେଟ୍ ଉପକରଣମାନ ବ୍ୟବହାର କରି ଚୀନ୍ ଭାରତର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଗୁଇନ୍ଦାଗିରି କରୁଥିବା ଜଣାପଡ଼ିବା ପରେ ସେଗୁଡ଼ିକୁ ନିଷିଦ୍ଧ କରି ଭାରତରେ ନିର୍ମିତ ଉପକରଣ ବ୍ୟବହାର କରିବା ପାଇଁ କେନ୍ଦ୍ର ସରକାର ନୀତିଗତ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଏହି ଉପକରଣ ଯୋଗାଇବା ପାଇଁ ଟେଣ୍ଡର ହାସଲ କରିଥିବା ଭାରତୀୟ ଘରୋଇ କର୍ପୋରେଟ୍ ସଂସ୍ଥା ପାଖରେ ଜ୍ଞାନକୌଶଳର ଅଭାବ ଥିବାରୁ ଆଉଟସୋର୍ସିଂ ଉପରେ ନିର୍ଭର କଲା। ଅର୍ଥାତ୍ ଚୀନ୍‌ରେ ଉପକରଣ ନିର୍ମାଣ ହେଲା; ଅଥଚ ତା'ଉପରେ ଭାରତୀୟ କମ୍ପାନୀର ନାମ ଲେଖା ହେଲା। ଏହାଦ୍ୱାରା କେବଳ ଉପକରଣ ନିର୍ମାତାଙ୍କ ନାମ ସିନା ବଦଳିଲା; ମାତ୍ର ଚୀନ୍ ଅଚିରେ ଲକ୍ଷ୍ୟ ହାସଲ କରିନେଲା। ଏହି ପ୍ରକ୍ରିୟାର ପୁନରାବୃତ୍ତି ଯଦି ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ/ନିର୍ମାଣରେ ହୁଏ ତେବେ ଭାରତର ଗୋପନୀୟତା ପଦାରେ ପଡ଼ିବା ନିଶ୍ଚିତ। ତେଣୁ ନିଷ୍ପତ୍ତି ନେବା ପୂର୍ବରୁ ଏ ସମ୍ପର୍କରେ ବିଶଦ ବିତର୍କ ଓ ଆଲୋଚନର ଆବଶ୍ୟକତା ଥିଲା।

ବର୍ତ୍ତମାନ ସରକାରରେ ଥିବା ଦଳ ବିରୋଧୀ ଦଳରେ ଥିବା ବେଳେ ତତ୍କାଳୀନ ଶାସକ ଦଳ ବିରୋଧରେ ଏକ ସାଂଘାତିକ ଅଭିଯୋଗ ଆଣିଥିଲା ଯେ - 'ଏମାନେ ଦେଶକୁ ବିକ୍ରି କରୁଛନ୍ତି(ଭେଜ୍ ରହେ ହେଁ ମେରେ ଦେଶ୍ କୋ)'। କିନ୍ତୁ ବର୍ତ୍ତମାନ ଲୁଣରୁ ଲୁହା ପର୍ଯ୍ୟନ୍ତ ଏବଂ ପାଣିରୁ ଖଣି ପର୍ଯ୍ୟନ୍ତ ଏଭଳି କୌଣସି କ୍ଷେତ୍ର ନାହିଁ, ଯାହା ସମ୍ପୂର୍ଣ୍ଣ ହେଉ ଅବା ଆଂଶିକ ଘରୋଇ ସଂସ୍ଥାଙ୍କ ହାତକୁ ଯାଇନାହିଁ। ଏହାର ପରିଣାମ ଜଳ ଜଳ ଦେଖାଯାଉଛି। ଏ ବିଷୟରେ ବୁଦ୍ଧିମାନ ସରକାର ଯେ ଜାଣିନାହାନ୍ତି ସେ କଥା ନୁହେଁ। ସବୁ ଜାଣି ମଧ୍ୟ ଏଭଳି ବିପଦପୂର୍ଣ୍ଣ ନିଷ୍ପତ୍ତି ନେବା ପଛରେ ଲାଭ କାହାର ତାହା ଜନସାଧାରଣ ଚିନ୍ତା କରନ୍ତୁ ଏବଂ ଶାସକ ଦଳର ପ୍ରତିନିଧିମାନଙ୍କୁ ପ୍ରଶ୍ନ କରନ୍ତୁ। ବଶ୍ୟକ।

## ଏସ୍ଆଇଆର ଗୁମର ଫିଟୁଛି

ଏସ୍ଆଇଆର ପ୍ରକ୍ରିୟାରେ ସବୁଠାରୁ ବିବାଦୀୟ ପଶ୍ଚିମବଙ୍ଗ ଭୋଟର ତାଲିକାରୁ ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ୯୧% ଭୋଟରଙ୍କୁ ପୁନଃସାମିଲ୍ କରାଯାଇଛି। ସୂଚନା ଅଧିକାର ଆଇନ ବଳରେ ପ୍ରାପ୍ତ ଏହି ତଥ୍ୟ ଅନେକ ଦିଗକୁ ଇଙ୍ଗିତ କରୁଛି। ଅତି କମ୍ ଦିନରେ ବିଶାଳ ଭୋଟରଙ୍କୁ ନେଇ କିଭଳି ସଘନ ଭୋଟର ତାଲିକା ସଂଶୋଧନ(ଏସ୍ଆଇଆର) ତ୍ରୁଟିଶୂନ୍ୟ ହୋଇପାରିବ ବୋଲି ସେତେବେଳେ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଥିଲା। କେତେକ ନିର୍ଦ୍ଦିଷ୍ଟ ଭୋଟରଙ୍କୁ ନିର୍ବାଚନ ପ୍ରକ୍ରିୟାରୁ ଦୂରେଇ ରଖିବା ପାଇଁ ଏହା ଏକ ସୁଚିନ୍ତିତ ଚାଲ୍ ବା ଷଡ଼ଯନ୍ତ୍ର ଥିଲା ବୋଲି ମଧ୍ୟ ଅଭିଯୋଗ ଉଠିଥିଲା। ଏସ୍ଆଇଆର ପ୍ରକ୍ରିୟାକୁ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଆଉ ଟିକିଏ ଆଗରୁ କାହିଁକି ଆରମ୍ଭ କରାଗଲା ନାହିଁ - ସେ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଭାରତୀୟ ମୁଖ୍ୟ ନିର୍ବାଚନ ଆୟୋଗ ନିରବ ରହିବା ପରେ ସନ୍ଦେହ ଆହୁରି ଘନୀଭୂତ ହୋଇଥିଲା। ନିର୍ବାଚନ ପରେ ବାଦ୍ ପଡ଼ିଥିବା ଭୋଟରଙ୍କ ମଧ୍ୟରୁ ୯୧% ପୁନଃ ତାଲିକାରେ ଯୋଡ଼ି ହେବା ପରେ ସେମାନଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଥିବା ଅଭିଯୋଗ ନିରାଧାର ନଥିଲା ବୋଲି କୁହାଯାଇପାରେ।

ଏବେ ଓଡ଼ିଶା ସମେତ ୧୧ଟି ରାଜ୍ୟରେ ଏସ୍ଆଇଆର ପ୍ରକ୍ରିୟା ଆରମ୍ଭ ହୋଇଛି, ଯେଉଁ ରାଜ୍ୟମାନଙ୍କରେ ନିକଟ ଭବିଷ୍ୟତରେ ବିଧାନସଭା ନର୍ବାଚନ ହେବାର କାର୍ଯ୍ୟକ୍ରମ ନାହିଁ। ତେଣୁ ଏସ୍ଆଇରର ସଂଶୋଧନ, ଆବେଦନର ପୁନର୍ବିଚାର ପ୍ରକ୍ରିୟା ବିଳମ୍ବ ହେଲେ ମଧ୍ୟ ଚିନ୍ତା ନାହିଁ। କିନ୍ତୁ ନିର୍ବାଚନ ଆରମ୍ଭ ହେବାର ମାତ୍ର ମାସେ/ଦୁଇ ମାସ ଆଗରୁ ପ୍ରକ୍ରିୟା ଆରମ୍ଭ କରିବା ସନ୍ଦେହରୁ ଊର୍ଦ୍ଧ୍ୱକୁ ଯାଇପାରୁନାହିଁ କି ମୁଖ୍ୟ ନିର୍ବାଚନ ଆୟୋଗ ଯେତେ ସ୍ପଷ୍ଟୀକରଣ ଦେଲେ ମଧ୍ୟ ତାହା ଗ୍ରହଣୀୟ ହୋଇପାରୁନାହିଁ। ଅଧିକନ୍ତୁ ଏସ୍ଆଇଆରରୁ ବାଦ୍ ପଡ଼ିଥିବା ଭୋଟରଙ୍କ ପକ୍ଷରୁ ଦାୟର ହୋଇଥିବା ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତିଙ୍କ ଟିପ୍ପଣୀ(ଆର ଥରକୁ ଭୋଟ ଦେବ)କୁ ନେଇ ସେତେବେଳେ ବୁଦ୍ଧିଜୀବୀ ଓ ବିଶେଷଜ୍ଞମାନେ ନାପସନ୍ଦ କରିଥିଲେ। ତାଙ୍କର ଟିପ୍ପଣୀ ହିଁ ଏବେ ସତ ସାବ୍ୟସ୍ତ ହୋଇଛି। କିନ୍ତୁ ପ୍ରଶ୍ନ ଉଠୁଛି ଏତେସଂଖ୍ୟକ ଭୋଟରଙ୍କୁ ସମ୍ବିଧାନ ପ୍ରଦତ୍ତ ନ୍ୟାଯ୍ୟ ଅଧିକାରରୁ ଯେଉଁ ତଞ୍ଚକତାର ସହିତ ବଞ୍ଚିତ କରାଗଲା ସେଥିପାଇଁ ଉତ୍ତରଦାୟୀ ହେବ କିଏ? ଏବଂ ଗଣତନ୍ତ୍ରର ଏହି କ୍ଷତି ଭରଣା ହେବ କେମିତି?

ପଶ୍ଚିମବଙ୍ଗ ଏସ୍ଆଇଆର ପ୍ରକ୍ରିୟାର ଏହି ଗୁମର ଧୀରେ ଧୀରେ ଫିଟିବା ପରେ ନିର୍ବାଚନ ଆୟୋଗ ଏବଂ ତାଙ୍କର ନିଷ୍ପତ୍ତି, କାର୍ଯ୍ୟକଳାପ ସ୍ୱତଃସନ୍ଦେହ ଘେରକୁ ଆସିଯାଉଛି। ସୁସ୍ଥ ଗଣତନ୍ତ୍ର ପାଇଁ ଏହି ସନ୍ଦେହ ଦୂର ହେବା ବାଞ୍ଛନୀୟ।

# ଆଗ୍ରିଷ୍ଟାକ୍: ଡିଜିଟାଲ୍ ଦୃଷ୍ଟିକୋଣ ଓ ବାସ୍ତବ ଚିତ୍ର

**ଡ. ଅଜିତ କୁମାର ମିଶ୍ର**

ଆଗ୍ରିଷ୍ଟାକ୍ ଭାରତର ପ୍ରତ୍ୟେକ ଚାଷୀଙ୍କ ପାଇଁ ଏକ 'ଡିଜିଟାଲ୍ ପରିଚୟପତ୍ର' ବୋଲି କୁହାଯାଇପାରେ। ଓଡ଼ିଶାରେ ୩୧ ଅଗଷ୍ଟ, ୨୦୨୬ ସୁଦ୍ଧା ସମସ୍ତ ଚାଷୀଙ୍କ ଏଥିରେ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି, ଯାହା ଖରିଫ୍ ୨୦୨୬ ଧାନ କ୍ରୟ ଏବଂ ନିଜ ଜମିର ଉତ୍ପାଦ ବିକ୍ରୟ ପାଇଁ ଆବଶ୍ୟକ। କାଗଜକଲମରେ ଏହା ଅତ୍ୟନ୍ତ ଆକର୍ଷଣୀୟ। ଆଗ୍ରିଷ୍ଟାକ୍ ବ୍ୟବସ୍ଥାରେ 'ଆଧାର' ଭଳି ଚାଷୀ ପଞ୍ଜୀକରଣ, ଆଖି ସ୍କାନିଂ, ଜିଓ-ରେଫରେନ୍ସ ଗ୍ରାମ ମାନଚିତ୍ର, କୃଷି ଜମିର ଡିଜିଟାଲ୍ ତଥ୍ୟ, ସ୍ଥାନଭିତ୍ତିକ କୃଷି ସେବା ଏବଂ ଅଞ୍ଚଳଭିତ୍ତିକ ଫସଲ ତଥ୍ୟ ରଖାଯିବ। ସମସ୍ତ ପ୍ରକ୍ରିୟା ସମାପ୍ତ ହେଲେ ଚାଷୀଙ୍କୁ ୧୧ ଅଙ୍କ ବିଶିଷ୍ଟ ପରିଚୟପତ୍ର ମିଳିବ। ଓଡ଼ିଶା ଗସ୍ତ ସମୟରେ ବିଲ୍ ଗେଟ୍ସ ମଧ୍ୟ ଏପରି ଏକ ଗତିଶୀଳ କୃଷି ପରିବେଶର ଚିତ୍ର ଦେଇଥିଲେ, ଯେଉଁଠାରେ ଚାଷୀଙ୍କୁ ଫସଲର ରୋଗ, ପାଣିପାଗ ପରିବର୍ତ୍ତନ, ମୃତ୍ତିକା ସ୍ୱାସ୍ଥ୍ୟ, ବଜାର ମୂଲ୍ୟ ଓ କୃଷି ପରାମର୍ଶ ସମ୍ପର୍କରେ ସମୟୋପଯୋଗୀ ସୂଚନା ମିଳିପାରିବ। ସିଦ୍ଧାନ୍ତଗତ ଭାବେ ଏହା ଚାଷୀଙ୍କୁ ଭଲ ନିଷ୍ପତ୍ତି ନେବାରେ ସକ୍ଷମ କରିବ, ସହଜରେ ଋଣ ଓ ବୀମା ପାଇବାର ସୁଯୋଗ ଦେବ ଏବଂ ମଧ୍ୟସ୍ଥଙ୍କ ଭୂମିକା କମାଇ ସିଧାସଳଖ ବଜାର ଓ କ୍ରେତାଙ୍କ ସହିତ ଯୋଡ଼ିବ। ଏହାସହିତ ରିହାତି, ବିହନ, ସାର ଓ ଜଳସେଚନ ସୁବିଧା ଭଳି ସରକାରୀ ସହାୟତା ମଧ୍ୟ କମ୍ କାଗଜପତ୍ରରେ ସହଜରେ ପହଞ୍ଚାଇବାର ଲକ୍ଷ୍ୟ ଆଗ୍ରିଷ୍ଟାକ୍‌ର ରହିଛି।

ଉଦ୍ଦେଶ୍ୟ ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ କ୍ଷେତ୍ରସ୍ତରର ବାସ୍ତବତା ଏହାଠାରୁ ଭିନ୍ନ ଚିତ୍ର ପ୍ରଦାନ କରୁଛି। ଉଦାହରଣସ୍ୱରୂପ ସମ୍ପ୍ରତି କଳାହାଣ୍ଡି ଗସ୍ତ ସମୟରେ ମୁଁ ଆମଗ୍ରାମର ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଠାରେ ଚାଷୀଙ୍କ ପଞ୍ଜୀକରଣ କରିବା ପାଇଁ ପହଞ୍ଚିଥିଲି। ପାକ୍ସକୁ ପଞ୍ଜୀକରଣର ନିର୍ଦ୍ଦିଷ୍ଟ କେନ୍ଦ୍ର ଭାବେ ରଖାଯାଇଛି। ଏଠାରେ ଚାଷୀଙ୍କୁ ମୌଜା, ଖାତା ନମ୍ବର, ପ୍ଲଟ୍ ନମ୍ବର, କିସମ, ଆରଓଆର/ଭୂଲେଖ ଅନୁସାରେ ଜମିର ସଠିକ୍ ପରିମାଣ ଏବଂ ଆଧାର ସଂଯୋଗ ଭଳି ବିଭିନ୍ନ ତଥ୍ୟ ଦେବାକୁ ପଡୁଛି। ସମୟସୀମା ପାଖେଇ ଆସୁଥିବାରୁ ଶହ ଶହ ଚାଷୀ ପଞ୍ଜୀକରଣ ପାଇଁ ଏକାଠି ହୋଇଥିଲେ, କିନ୍ତୁ ସର୍ଭର ଅତ୍ୟନ୍ତ ଧୀର ଥିବାରୁ ଅଧିକାଂଶ ଚାଷୀ ପଞ୍ଜୀକରଣ ନକରି ଫେରିବାକୁ ବାଧ୍ୟ ହେଉଥିଲେ। ପ୍ରକ୍ରିୟାଟି ମଧ୍ୟ ଚାଷୀ-ଅନୁକୂଳ ନୁହେଁ। ସମସ୍ତ ଆବଶ୍ୟକ କାଗଜପତ୍ର ସହିତ ମୋ ନିଜ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବା ପାଇଁ ମୋତେ ପ୍ରାୟ ତିନିଦିନ ସମୟ ଦେବାକୁ ପଡ଼ିଥିଲା।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ପାକ୍ସଗୁଡ଼ିକର ଭିତ୍ତିଭୂମି, ଲଜିଷ୍ଟିକ୍ସ ଓ ମାନବ ସମ୍ବଳରେ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଥିଲା। କିନ୍ତୁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ସମୟରେ ସଂସ୍ଥାଗୁଡ଼ିକ ପ୍ରସ୍ତୁତ ଅଛନ୍ତି; ଅଥଚ ବ୍ୟବସ୍ଥାଗତ ଚାପ ଅଧିକ ରହିବା ସହିତ ଏହାର ଯଥୋଚିତ ପରିଚାଳନା, ପୋଷଣୀୟ ଓ ଗୋପନୀୟତାରେ ଅଭାବ ପରିଲକ୍ଷିତ ହୋଇଛି। ଆଗ୍ରିଷ୍ଟାକ୍‌କୁ ସଫଳ କରିବାକୁ ହେଲେ ନିମ୍ନଲିଖିତ ଛଅଗୋଟି ଗୁରୁତର ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ଆବଶ୍ୟକ।

୧- ଚାଷୀଙ୍କ ବ୍ୟକ୍ତିଗତ ତଥ୍ୟ, ଜମି ଓ ଫସଲ ସମ୍ପର୍କିତ ସୂକ୍ଷ୍ମ ତଥ୍ୟ ସଂଗ୍ରହ ଓ ଏକତ୍ରୀକରଣ ସମୟସାପେକ୍ଷ। ଏହାସହିତ ଗୋପନୀୟତାକୁ ନେଇ ମଧ୍ୟ ଆଶଙ୍କା ପ୍ରକଟ କରାଯାଇଛି। ଚାଷୀମାନଙ୍କ ମନରେ ଭୟ ଜାଗ୍ରତ ହେଉଛି ଯେ ଜମି, ଫସଲ ଓ ପରିଚୟର ଡିଜିଟାଲ୍ ତଥ୍ୟ ଯଦି ବେସରକାରୀ କୃଷି-ଟେକ୍ କମ୍ପାନୀ କିମ୍ବା କର୍ପୋରେଟ୍ ସଂସ୍ଥାଙ୍କ ପାଖରେ ପହଞ୍ଚେ, ତେବେ ସେମାନେ ନିଜସ୍ୱ ସ୍ୱାର୍ଥ ପାଇଁ ଏହାର ବ୍ୟବହାର କରିପାରନ୍ତି। ଏପରି ପରିସ୍ଥିତିରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହେବେ କ୍ଷୁଦ୍ର, ସୀମାନ୍ତ ଓ ଭାଗଚାଷୀ।

୨- ବର୍ତ୍ତମାନର ଆଗ୍ରିଷ୍ଟାକ୍ ବ୍ୟବସ୍ଥା ମୁଖ୍ୟତଃ ଜମି ମାଲିକାନା ରେକର୍ଡକୁ କେନ୍ଦ୍ର କରିଛି। ଫଳରେ ଜମିର ମାଲିକ ନହୋଇ ଚାଷ କରୁଥିବା ଭାଗଚାଷୀ, ଭଡ଼ାଚାଷୀ ଓ କୃଷି ଶ୍ରମିକମାନେ ବାଦ ପଡ଼ିବାର ଆଶଙ୍କା ରହିଛି। ଏହା ଆଗାମୀ ଦିନରେ ଚାଷୀ ଅସନ୍ତୋଷର କାରଣ ହୋଇପାରେ। 'ଭବିଷ୍ୟତରେ ପର୍ଯ୍ୟାୟକ୍ରମେ ସେମାନଙ୍କୁ ସାମିଲ କରାଯିବ' ବୋଲି କହିବା, ଆରମ୍ଭରୁ ସମାବେଶୀ ବିକାଶର ମୂଳନୀତିକୁ ଦୁର୍ବଳ କରିଦେବାର ଆଶଙ୍କା ରହିଛି। ୩. ଗ୍ରାମାଞ୍ଚଳରେ ଡିଜିଟାଲ୍ ଜ୍ଞାନର ଅଭାବ ଏବଂ ଅସ୍ଥିର ଇଣ୍ଟରନେଟ୍ ସଂଯୋଗ କୌଣସି ଛୋଟ ସମସ୍ୟା ନୁହେଁ, ବରଂ ଏହା ସବୁଠାରୁ ବଡ଼ ବାଧା ମଧ୍ୟରୁ ଗୋଟିଏ। ପାକ୍ସ କେନ୍ଦ୍ରଗୁଡ଼ିକରେ ଭିଡ଼ ବଢୁଛି, ଅପରେଟରମାନଙ୍କ ଉପରେ କାମର ଚାପ ବଢୁଛି ଏବଂ ସର୍ଭର ଡାଉନ୍ ହେଲେ ଚାଷୀଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଦିନର ମଜୁରି ହରାଇବାକୁ ପଡୁଛି। ଦୁର୍ବଳ ଡିଜିଟାଲ୍ ଭିତ୍ତିଭୂମି ଉପରେ ଏକ ଡିଜିଟାଲ୍ ବିପ୍ଳବ ଗଢ଼ି ତୋଳାଯାଇପାରିବ ନାହିଁ। ୪- ଓଡ଼ିଶାରେ ବିଶେଷ ଓ ବ୍ୟାପକ ସମସ୍ୟା ହେଉଛି ଯୌଥପରିବାରର ଜଣେ ସଦସ୍ୟଙ୍କ ନାମରେ ଓଡ଼ିଶାରେ ଜମି ରେକର୍ଡ ଥିବା ସତ୍ତ୍ୱେ ସେ ରୋଜଗାର ପାଇଁ ରାଜ୍ୟ ବାହାରେ ରହୁଛନ୍ତି ଏବଂ ତାଙ୍କ 'ଆଧାର'ରେ ବର୍ତ୍ତମାନର କାର୍ଯ୍ୟସ୍ଥଳର ଠିକଣା ରହିଛି। ଏପରି ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେଉଛନ୍ତି। ଭାରତବର୍ଷର ସଂଘୀୟ ବ୍ୟବସ୍ଥା ଭିତରେ ଅନ୍ୟସ୍ଥାନରେ ଗୁଜରାଣ ମେଣ୍ଟାଉଥିବା(ଚାକିରି କରୁଥିବା) ବ୍ୟକ୍ତିବିଶେଷଙ୍କ ଚାଷଜମି ଯଦି ଓଡ଼ିଶାରେ ଅଛି, ତା'ହେଲେ ସେ ପଞ୍ଜୀକରଣ କରିବାରୁ ବଞ୍ଚିତ ହେବା କେତେଦୂର ଯଥାର୍ଥ - ତାହା ସମୀକ୍ଷା କରିବାକୁ ପଡ଼ିବ। ଏହା ହଜାର ହଜାର ପ୍ରବାସୀ ଓଡ଼ିଆ ପରିବାର ପାଇଁ ଏକ ଗୁରୁତର ସମସ୍ୟା।

୫- ପଞ୍ଜୀକରଣ ପାଇଁ ୩୧ ଅଗଷ୍ଟ ୨୦୨୬ର ଶେଷ ତାରିଖ ଅନେକ ଅଞ୍ଚଳରେ ହୋଇଥିବା ସାମ୍ପ୍ରତିକ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ବାସ୍ତବସମ୍ମତ ଲାଗୁନାହିଁ। ଅନେକ ଚାଷଜମି ଜଳମଗ୍ନ, କାଗଜପତ୍ର ନଷ୍ଟ ଏବଂ ଚାଷୀମାନେ ନିଜେ ଦୁର୍ଦ୍ଦଶାରେ ଅଛନ୍ତି। ଏପରି ସମୟରେ ପଞ୍ଜୀକରଣ ସମୟସୀମା ବଢ଼ାଇବା କୌଣସି ରିହାତି ନୁହେଁ, ଏକ ଆବଶ୍ୟକତା। ୬ - ଚାଷୀ ଓ ପାକ୍ସ କର୍ମଚାରୀମାନଙ୍କୁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ ଦିଆଯିବାର ଆବଶ୍ୟକତା ରହିଛି। ପଞ୍ଜୀକରଣ ଚାଷୀ-ସଶକ୍ତୀକରଣ ପ୍ରକ୍ରିୟା ହେବା ପରିବର୍ତ୍ତେ କେବଳ ତଥ୍ୟ ଦାଖଲ କରିବାର ଏକ ଯାନ୍ତ୍ରିକ ପ୍ରକ୍ରିୟାରେ ପରିଣତ କରିବା ଭଳି ମନେ ହୁଏ। ଅଧିକାଂଶ ଚାଷୀ ନିଜର ୧୧ ଅଙ୍କ ବିଶିଷ୍ଟ ଚାଷୀ ପରିଚୟପତ୍ର ଭବିଷ୍ୟତରେ କ'ଣ କାମରେ ଆସିବ, ସେ ବିଷୟରେ ଅଜ୍ଞ।

ଏହି ସମସ୍ୟାଗୁଡ଼ିକର ସମାଧାନ ପାଇଁ ନିମ୍ନୋକ୍ତ ପଦକ୍ଷେପ ପ୍ରତି ଧ୍ୟାନ ଦେବାକୁ ପଡ଼ିବ।

୧.- କେବଳ ପାକ୍ସ ଉପରେ ନିର୍ଭର ନକରି ମୋବାଇଲ୍ ଆପ୍ ମାଧ୍ୟମରେ ସହାୟତାପ୍ରାପ୍ତ ସ୍ୱୟଂ-ପଞ୍ଜୀକରଣ ବ୍ୟବସ୍ଥା କରାଯାଉ। ଆପ୍‌ରେ ଓଡ଼ିଆ ଭାଷାର ସୁବିଧା ରହିବା ସହିତ ଅଫ୍‌ଲାଇନ୍ ଡାଟା କ୍ୟାପ୍‌ଚର ବ୍ୟବସ୍ଥା ରହିବା ଉଚିତ, ଯାହା ପରେ ଇଣ୍ଟରନେଟ୍ ମିଳିଲେ ସର୍ଭର ସହିତ ଲିଙ୍କ୍ ହୋଇପାରିବ। ୨.- କେଉଁ ବ୍ୟକ୍ତି କିମ୍ବା ସଂସ୍ଥା ଚାଷୀଙ୍କ ତଥ୍ୟ ଦେଖିପାରିବେ, କେଉଁ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବେ ଏବଂ ଚାଷୀଙ୍କ ସମ୍ମତି କିପରି ନିଆଯିବ ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ସୁରକ୍ଷା ଅନୁଶାସିକା(ଡାଟା ପ୍ରୋଟେକ୍ସନ୍ ପ୍ରୋଟୋକଲ୍) ରହିବା ଆବଶ୍ୟକ। ବେସରକାରୀ ସଂସ୍ଥାଙ୍କ ତଥ୍ୟ ବ୍ୟବହାର ପାଇଁ 'ଅପ୍ଟ-ଆଉଟ' ନୁହେଁ, 'ଅପ୍ଟ-ଇନ୍ କନ୍‌ସେଣ୍ଟ' ବ୍ୟବସ୍ଥା ରହିବା ଉଚିତ। ୩- ଭାଗଚାଷୀ ଓ ଭଡ଼ାଚାଷୀଙ୍କ ପାଇଁ ତୁରନ୍ତ ପଞ୍ଜୀକରଣ ବ୍ୟବସ୍ଥା କରାଯାଉ। ଗ୍ରାମସଭାର ପ୍ରମାଣପତ୍ର କିମ୍ବା ଜମି ମାଲିକଙ୍କ ସମ୍ମତି ଭଳି ବିକଳ୍ପ ବ୍ୟବସ୍ଥା ମାଧ୍ୟମରେ ସେମାନଙ୍କୁ ସାମିଲ କରାଯାଇପାରେ। ସେମାନଙ୍କୁ 'ଭବିଷ୍ୟତର ପର୍ଯ୍ୟାୟ' ପାଇଁ ଅପେକ୍ଷା କରାଇବା ଉଚିତ ନୁହେଁ। ୪- 'ଆଧାର' ଏକ ଜାତୀୟ ପରିଚୟ। ତେଣୁ 'ଆଧାର'ରେ ଥିବା ଠିକଣା କିମ୍ବା ଏହା କେଉଁ ସ୍ଥାନରୁ ଜାରି ହୋଇଛି, ତାହାକୁ ଜଣେ ଚାଷୀଙ୍କ ପଞ୍ଜୀକରଣ ବେଳେ ଅସ୍ୱୀକାର କରାଯିବା ଉଚିତ ନୁହେଁ। ୫- ପଞ୍ଜୀକରଣର ଶେଷ ତାରିଖକୁ ଅତିକ୍ରମରେ ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ବଢ଼ାଇବା ଉଚିତ। ଏହାସହିତ ପଞ୍ଚାୟତସ୍ତରରେ ବିଶେଷ ପଞ୍ଜୀକରଣ ଶିବିର ଆୟୋଜନ କରାଯାଉ। ଏହି ଶିବିରଗୁଡ଼ିକରେ ପର୍ଯ୍ୟାପ୍ତ କମ୍ପ୍ୟୁଟର, ବାୟୋମେଟ୍ରିକ୍ ଉପକରଣ, ଇଣ୍ଟରନେଟ୍ ଓ ବିକଳ୍ପ କନେକ୍ଟିଭିଟି ବ୍ୟବସ୍ଥା ରହିବା ଆବଶ୍ୟକ। ୬- ପ୍ୟାକ୍ସ କର୍ମଚାରୀ ଓ କୃଷକ ସାଥୀମାନଙ୍କ ପାଇଁ ବ୍ୟାପକ ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯିବାର ନିତାନ୍ତ ଆବଶ୍ୟକତା ରହୁଛି। ଚାଷୀ ନିଜ ପରିଚୟପତ୍ର ମାଧ୍ୟମରେ କିପରି ପାଣିପାଗ ସୂଚନା, ମୃତ୍ତିକା ସ୍ୱାସ୍ଥ୍ୟ ସୂଚନା, କୃଷି ପରାମର୍ଶ ଓ ଋଣ ଭଳି ସୁବିଧା ପାଇପାରିବେ, ସେ ବିଷୟରେ ମଧ୍ୟ ସ୍ପଷ୍ଟ ଜ୍ଞାନ ପାଇବା ଆବଶ୍ୟକ।

ଆଗ୍ରିଷ୍ଟାକ୍‌ରେ ଭାରତୀୟ କୃଷିର ବିଭିନ୍ନ ବ୍ୟବସ୍ଥାକୁ ଏକତ୍ର କରିବାର ବିପୁଳ ସମ୍ଭାବନା ରହିଛି। କିନ୍ତୁ ଡିଜିଟାଲ୍ ବିପ୍ଳବ କେବଳ ସମ୍ମିଳନୀ କିମ୍ବା ସମ୍ମିଳନ କକ୍ଷରୁ ଘୋଷଣା କରିହେବ ନାହିଁ; ଏହା ଓଡ଼ିଶାର କୋଣ ଅନୁକୋଣରେ ଅବସ୍ଥିତ ଚାଷ ଜମିରେ ପ୍ରକୃତ ଚାଷୀଙ୍କ ପାଖରେ ପହଞ୍ଚିବା ଦରକାର। ଯେପର୍ଯ୍ୟନ୍ତ ଆମେ ଏହାକୁ ସରଳ, ସୁରକ୍ଷିତ, ସମାବେଶୀ ଏବଂ ଚାଷୀଙ୍କ ବାସ୍ତବ ସମସ୍ୟା ପ୍ରତି ସମ୍ବେଦନଶୀଳ କରିନାହୁଁ, ସେପର୍ଯ୍ୟନ୍ତ ଆଗ୍ରିଷ୍ଟାକ୍ ଚାଷୀ ସଶକ୍ତୀକରଣର ପ୍ରକୃତ ମାଧ୍ୟମ ହୋଇପାରିବ ନାହିଁ। ଏକ କେବଳ ସୁଚିନ୍ତିତ ଏମ୍ଆଇଏସ୍ ପ୍ରକଳ୍ପ ଭାବରେ ରହିଯିବ।

(ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ)
ଭୁବନେଶ୍ୱର, ମୋ: ୯୪୩୭୨୦୩୭୦୭

# ସଂରକ୍ଷଣ ବ୍ୟବସ୍ଥାର ହିସାବ ଆବଶ୍ୟକ

**ସୌଜନ୍ୟ କୁମାର ପରିଡ଼ା**

ଭାରତୀୟ ସମ୍ବିଧାନ ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଉନ୍ନତି ପାଇଁ ବିଶେଷ ବ୍ୟବସ୍ଥାର ସୁଯୋଗ ଦେଇଛି। ଐତିହାସିକ ଅନ୍ୟାୟ, ସାମାଜିକ ବଞ୍ଚନା ଓ ସୁଯୋଗର ଅସମାନତାକୁ ଦୂର କରିବା ଥିଲା ଏହି ବ୍ୟବସ୍ଥାର ମୂଳ ଉଦ୍ଦେଶ୍ୟ। କିନ୍ତୁ ଦଶନ୍ଧି ଦଶନ୍ଧି ପରେ ଆଜି ଏକ ମୌଳିକ ପ୍ରଶ୍ନ ପଚାରିବାର ସମୟ ଆସିଛି ଯେ ଏହି ବ୍ୟବସ୍ଥାର ପ୍ରକୃତ ଲାଭ କେତେ ଦୂର ପହଞ୍ଚିଛି? ଏହି ପ୍ରଶ୍ନ କୌଣସି ବର୍ଗର ଅଧିକାରକୁ ପ୍ରଶ୍ନ କରିବା ନୁହେଁ; ବରଂ ଏହା ହେଉଛି ସଂରକ୍ଷଣ ବ୍ୟବସ୍ଥାକୁ ଅଧିକ ନ୍ୟାୟସଙ୍ଗତ, ପାରଦର୍ଶୀ ଓ ଫଳପ୍ରଦ କରିବାର ପ୍ରଶ୍ନ।

ଦେଶରେ ସଂରକ୍ଷଣ ବ୍ୟବସ୍ଥା ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ କେତେ ବର୍ଗ ଓ ସମୁଦାୟ ଏହି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ହୋଇଛନ୍ତି, କେଉଁ ସମୟରେ କେଉଁ ପରିବର୍ତ୍ତନ ହୋଇଛି ଏବଂ ବର୍ତ୍ତମାନ କେତେ ସମୁଦାୟ ଏହାର ଅଧୀନରେ ଅଛନ୍ତି ଏସବୁ ତଥ୍ୟ ସାର୍ବଜନୀନ ହେବା ଦରକାର। ତା'ଠାରୁ ଅଧିକ ଜରୁରୀ ହେଉଛି ଲାଭର ପରିସଂଖ୍ୟାନ। ସଂରକ୍ଷିତ ବର୍ଗର କେତେ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରେ ପ୍ରବେଶ କରିଛନ୍ତି? କେତେ ଜଣ ମେଡିକାଲ, ଇଞ୍ଜିନିୟରିଂ, ପ୍ରଶାସନିକ, ବୈଷୟିକ ଓ ବୃତ୍ତିଗତ ଶିକ୍ଷାରେ ପହଞ୍ଚିଛନ୍ତି? କେତେଜଣ ସରକାରୀ ଚାକିରିରେ ନିଯୁକ୍ତି ପାଇଛନ୍ତି? କେଉଁବର୍ଗର କେତେ ପ୍ରତିଶତ ଲାଭାନ୍ୱିତ ହୋଇଛନ୍ତି? ଏସବୁର ଶ୍ରେଣୀଭିତ୍ତିକ ଓ ସମୟଭିତ୍ତିକ ତଥ୍ୟ ଜନସାଧାରଣଙ୍କ ସମ୍ମୁଖରେ ରହିବା ଦରକାର। କାରଣ ଆଜି ବି ଆମେ ଏପରି ଖବର ଦେଖୁଛୁ - କୌଣସି ଆଦିବାସୀ ସମୁଦାୟର ପ୍ରଥମ ଛାତ୍ର ମାଟ୍ରିକ ପାସ୍ କଲେ, କୌଣସି ଅବହେଳିତ ଜନଜାତିର ପ୍ରଥମ ଯୁବକ ସରକାରୀ ଚାକିରି ପାଇଲେ କିମ୍ବା କୌଣସି ସଂଖ୍ୟାଲଘୁ ସମୁଦାୟର ପ୍ରଥମ ବ୍ୟକ୍ତି ଉଚ୍ଚଶିକ୍ଷାରେ ସଫଳ ହେଲେ। ଏଭଳି ସଫଳତା ନିଶ୍ଚିତ ଭାବେ ପ୍ରଶଂସନୀୟ। କିନ୍ତୁ ଏହି ଘଟଣା ଆମକୁ ଏକ ଗଭୀର ପ୍ରଶ୍ନ ମଧ୍ୟ ପଚାରିବାକୁ ବାଧ୍ୟ କରେ ଯେ ଏତେବର୍ଷର ବିକାଶମୂଳକ ଓ ସଂରକ୍ଷଣମୂଳକ ବ୍ୟବସ୍ଥା ସତ୍ତ୍ୱେ କାହିଁକି କିଛି ସମୁଦାୟ ଏବେ ବି ମୌଳିକ ଶିକ୍ଷା ଓ ନିଯୁକ୍ତିର ପ୍ରଥମ ସିଢ଼ିରେ ରହିଛନ୍ତି?

ଏହାର ଉତ୍ତର କେବଳ ସଂରକ୍ଷଣ ବ୍ୟବସ୍ଥାରେ ଖୋଜିଲେ ହେବ ନାହିଁ। ଦାରିଦ୍ର୍ୟ, ଦୁର୍ଗମ ଅଞ୍ଚଳ, ଶିକ୍ଷାର ଅଭାବ, ସାମାଜିକ ପଛୁଆପଣ, ସଚେତନତାର ଅଭାବ, ପରିବାରର ଆର୍ଥିକ ସ୍ଥିତି, ବିଦ୍ୟାଳୟ ଓ ଉଚ୍ଚଶିକ୍ଷାର ସୁଯୋଗର ଅଭାବ ଭଳି ଅନେକ କାରଣ ଏଥିରେ ଜଡ଼ିତ। ତେଣୁ ସମସ୍ୟାର ସମାଧାନ ମଧ୍ୟ ବହୁମୁଖୀ ହେବା ଆବଶ୍ୟକ। ସଂରକ୍ଷଣର ଲାଭ କେବଳ କିଛି ଅପେକ୍ଷାକୃତ ସଚେତନ ଓ ସୁବିଧାପ୍ରାପ୍ତ ପରିବାର ମଧ୍ୟରେ ସୀମିତ ରହିଯାଉଛି କି ନାହିଁ, ତାହା ମଧ୍ୟ ଅଧ୍ୟୟନର ବିଷୟ ହେବା ଦରକାର। ଯେଉଁ ସମୁଦାୟ ଦଶନ୍ଧି ଧରି ସୁଯୋଗରୁ ବଞ୍ଚିତ ରହିଛନ୍ତି, ସେମାନଙ୍କ ପାଇଁ ଅଲଗା ଶିକ୍ଷାମୂଳକ, ଆର୍ଥିକ ଓ ପ୍ରଶିକ୍ଷଣମୂଳକ ହସ୍ତକ୍ଷେପ ଆବଶ୍ୟକ କି ନାହିଁ, ତାହା ତଥ୍ୟ ଆଧାରରେ ନିର୍ଣ୍ଣୟ କରିବା ଦରକାର। ଏଥିପାଇଁ ସରକାର ଏକ ଜାତୀୟସ୍ତରର ସାମାଜିକ ଓ ଶିକ୍ଷାଗତ ପ୍ରଭାବ ଅଧ୍ୟୟନ କରିପାରନ୍ତି। ପ୍ରତ୍ୟେକ ସଂରକ୍ଷିତ ବର୍ଗ ଓ ଉପବର୍ଗର ଶିକ୍ଷା, ନିଯୁକ୍ତି, ଆୟ, ଉଚ୍ଚଶିକ୍ଷାରେ ପ୍ରତିନିଧିତ୍ୱ ଏବଂ ସରକାରୀ ସେବାରେ ଅଂଶୀଦାରିତ୍ୱକୁ ତଥ୍ୟ ଆଧାରରେ ମାପିବା ଦରକାର। ସେହି ତଥ୍ୟ ପ୍ରତି କିଛିବର୍ଷରେ ସାର୍ବଜନୀନ କରାଯିବା ଉଚିତ।

ସଂରକ୍ଷଣ ହେଉଛି ଐତିହାସିକ ଓ ସାମାଜିକ ଅସମାନତା ହ୍ରାସ କରିବାର ଏକ ନୀତିଗତ ଉପକରଣ। କିନ୍ତୁ ଏହାର ସଫଳତା ମାପିବା ପାଇଁ ତଥ୍ୟ, ସମୀକ୍ଷା ଓ ପାରଦର୍ଶିତା ଅପରିହାର୍ଯ୍ୟ। ଆଜି ରାଜନୈତିକ ନାରା ନୁହେଁ, ଆବଶ୍ୟକ ହେଉଛି ତଥ୍ୟଭିତ୍ତିକ ଆଲୋଚନା। କିଏ କେତେ ପାଇଲା, କିଏ କେତେ ବଞ୍ଚିତ ରହିଲା, କେଉଁଠି ବ୍ୟବସ୍ଥା ସଫଳ ହେଲା ଏବଂ କେଉଁଠି ବିଫଳ ହେଲା ଏହାର ନିରପେକ୍ଷ ମୂଲ୍ୟାୟନ ହେବା ଦରକାର। ଏହି ପରିପ୍ରେକ୍ଷୀରେ ସରକାରଙ୍କୁ ଏକ ସମଗ୍ର 'ସଂରକ୍ଷଣ ଶ୍ୱେତପତ୍ର' ପ୍ରକାଶ କରିବାକୁ ଦାବି କରିବା ସମୟୋପଯୋଗୀ। ଏହି ଶ୍ୱେତପତ୍ର କୌଣସି ବର୍ଗର ଅଧିକାର ହ୍ରାସ କରିବା ପାଇଁ ନୁହେଁ; ବରଂ ଯେଉଁମାନେ ଆଜି ବି ବ୍ୟବସ୍ଥାର ଲାଭରୁ ବଞ୍ଚିତ, ସେମାନଙ୍କୁ ଚିହ୍ନଟ କରିବା ପାଇଁ ହେଉ। ଯେଉଁ ଜାତି, ଜନଜାତି କିମ୍ବା ସାମାଜିକ ବର୍ଗ ଏବେ ବି ଶିକ୍ଷା, ଚାକିରି ଓ ମୌଳିକ ସୁଯୋଗରେ ପଛରେ ଅଛନ୍ତି, ସେମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରନ୍ତୁ। ଶିକ୍ଷା ହେଉ, ଛାତ୍ରବୃତ୍ତି ହେଉ, କୌଶଳ ବିକାଶ ହେଉ କିମ୍ବା ନିଯୁକ୍ତି ସୁଯୋଗର ଦ୍ୱାର ସେମାନଙ୍କ ପାଇଁ ଖୋଲିବା ଆବଶ୍ୟକ। କାରଣ ସଂରକ୍ଷଣର ଚୂଡ଼ାନ୍ତ ଲକ୍ଷ୍ୟ କେବଳ ତାଲିକାରେ ନାମ ଯୋଡ଼ିବା ନୁହେଁ; ସମାଜର ଶେଷ ଧାଡ଼ିରେ ଥିବା ମଣିଷକୁ ସୁଯୋଗର ମୁଖ୍ୟ ସ୍ରୋତକୁ ଆଣିବା।

ଏବେ ସମୟ ଆସିଛି ସରକାର ତଥ୍ୟ ଦିଅନ୍ତୁ, ହିସାବ ଦିଅନ୍ତୁ, ସମୀକ୍ଷା କରନ୍ତୁ ଏବଂ ଯେଉଁମାନେ ଏବେ ବି ବଞ୍ଚିତ, ସେମାନଙ୍କୁ ଚିହ୍ନଟ କରନ୍ତୁ। ସାମାଜିକ ନ୍ୟାୟର ସଫଳତା ସେତେବେଳେ ହେବ, ଯେତେବେଳେ 'ପ୍ରଥମ' ଛାତ୍ର, 'ପ୍ରଥମ' ଉଚ୍ଚଶିକ୍ଷିତ ବ୍ୟକ୍ତିଙ୍କ ଖବର ଆଉ ବିରଳ ଘଟଣା ହୋଇ ରହିବ ନାହିଁ। ସାମାଜିକ ନ୍ୟାୟର ଲକ୍ଷ୍ୟ କେବଳ ସଂରକ୍ଷଣ ଘୋଷଣା ନୁହେଁ; ଏହାର ପ୍ରକୃତ ଲାଭ କେଉଁ ବର୍ଗ ପର୍ଯ୍ୟନ୍ତ ପହଞ୍ଚିଛି, ତାହାର ସ୍ପଷ୍ଟ ହିସାବ ମଧ୍ୟ ଜନସାଧାରଣଙ୍କ ସମ୍ମୁଖରେ ରହିବା ଆବଶ୍ୟକ। ଶ୍ୱେତପତ୍ର ପ୍ରକାଶ ହେଉ, ସତ୍ୟ ତଥ୍ୟ ସାମ୍ନାକୁ ଆସୁ। ତଥ୍ୟ ଆଧାରରେ ନୂଆ ନୀତି ଗଢ଼ାଯାଉ। ସଂରକ୍ଷଣର ପ୍ରକୃତ ଲକ୍ଷ୍ୟ - ସମାନ ସୁଯୋଗ ଓ ସମାବେଶୀ ଉନ୍ନତି ସାକାର ହେଉ।

କେନ୍ଦ୍ରାପଡ଼ା, ମୋ: ୮୨୪୯୯୪୩୨୪୭

# କୋଇଲି ପୂଜନ

## କୋଇଲି ରୂପରେ ଦର୍ଶନ ଦେଇଥିଲେ ଶ୍ରୀକୃଷ୍ଣ

**ଓଜସ୍ୱିନୀ**

### ବିଚିତ୍ର ବିଶ୍ୱାସ



*ପୂର୍ବପ୍ରକାଶିତ ଉତ୍ତାରୁ...*

ଶାସ୍ତ୍ରପୁରାଣ ଅନୁସାରେ ଶନିଦେବ ହେଉଛନ୍ତି ନ୍ୟାୟାଧୀଶ ଓ ଦଣ୍ଡାଧୀଶ। ସେ ବ୍ୟକ୍ତିଙ୍କୁ ତା'ର କର୍ମଫଳ ଅନୁସାରେ ନ୍ୟାୟ କିମ୍ବା ଦଣ୍ଡ ଦେଇଥା'ନ୍ତି। କିନ୍ତୁ କୃଷ୍ଣଭକ୍ତମାନଙ୍କୁ ସେ କୌଣସି ପ୍ରକାର ଦଣ୍ଡ ଦିଅନ୍ତି ନାହିଁ ବୋଲି ଶାସ୍ତ୍ରମତ ଅଛି। ଏହା ପଛରେ ଥିବା ଗୋଟିଏ ପୌରାଣିକ କାହାଣୀ ଆଧାରରେ ଶ୍ରୀକୃଷ୍ଣଙ୍କ ନଗରୀ ମଥୁରାର କୋସିକଲା ଅଞ୍ଚଳସ୍ଥିତ 'କୋକିଳବନ' ନାମକ ସ୍ଥାନରେ ଶ୍ରୀକୃଷ୍ଣ ଏବଂ ଶନିଦେବଙ୍କର ଗୋଟିଏ ନିଆରା ମନ୍ଦିର ରହିଛି। ଏହି ସ୍ଥାନରେ ଶ୍ରୀକୃଷ୍ଣ ଶନିଦେବଙ୍କୁ କୋଇଲି ସ୍ୱରୂପରେ ଦର୍ଶନ ଦେଇଥିଲେ। ବିଶ୍ୱାସ ରହିଛି ଯେ, ଏହି ମନ୍ଦିରରେ ଭକ୍ତମାନେ ଶ୍ରଦ୍ଧା ଓ ଭକ୍ତିର ସହ ଶନିଦେବଙ୍କୁ ଦର୍ଶନ କରିବା ସହିତ ବିଶୁଦ୍ଧ ସୋରିଷ ତେଲ ସମର୍ପଣ କରିବା ଏବଂ ଶନିଦେବଙ୍କ ମନ୍ତ୍ର ଜପ କରି ମନ୍ଦିରର ପରିକ୍ରମା କରିବା ଦ୍ୱାରା ଶନି ମହାଦଶା ଖଣ୍ଡନ ହେବା ସହିତ ଅନ୍ୟ ଗ୍ରହଦୋଷ ମଧ୍ୟ ଦୂର ହୁଏ, ଯାହା ଫଳରେ ଜୀବନରେ କେବେ କୌଣସି ବାଧାବିଘ୍ନ ଆସେନାହିଁ। ଏହାସହିତ ସବୁ ମନସ୍କାମନା ପୂରଣ ହୋଇଥାଏ। ଏହି ଶନି ମନ୍ଦିରରେ ରାଧାକୃଷ୍ଣଙ୍କ ବିଗ୍ରହ ମଧ୍ୟ ରହିଛି। ଭକ୍ତମାନେ ଏକାସାଙ୍ଗରେ ରାଧାକୃଷ୍ଣ ଓ ଶନିଦେବଙ୍କ ଦର୍ଶନ କରିଥା'ନ୍ତି।

କୋକିଳବନ ସମ୍ପର୍କରେ ପ୍ରଚଳିତ ପୌରାଣିକ ଆଖ୍ୟାନ ଅନୁସାରେ ଶନିଦେବ ବାଲ୍ୟକାଳରୁ ଶ୍ରୀକୃଷ୍ଣଙ୍କୁ ପ୍ରଗାଢ଼ ଭକ୍ତି କରୁଥିଲେ। କୃଷ୍ଣଭକ୍ତି ଯୋଗୁଁ ଶନିଦେବଙ୍କୁ ନ୍ୟାୟପ୍ରିୟତା, କର୍ମଫଳ ପ୍ରଦାନତା ଏବଂ ସଚ୍ଚୋଟତା ପ୍ରାପ୍ତ ହୋଇଥିଲା। ଏକଦା ଶନିଦେବ ଶ୍ରୀକୃଷ୍ଣଙ୍କୁ ପ୍ରସନ୍ନ କରି ତାଙ୍କ ସ୍ୱରୂପକୁ ସ୍ୱଚକ୍ଷୁରେ ଦର୍ଶନ କରିବାକୁ ମନସ୍ଥ କଲେ। ଏଥିପାଇଁ ଶନିଦେବ ବନରେ ଘୋର ତପସ୍ୟାରେ ଲୀନ ହେଲେ। ଶନିଦେବଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଶ୍ରୀକୃଷ୍ଣ ତାଙ୍କୁ କୋଇଲି ରୂପରେ ଦର୍ଶନ ଦେଇଥିଲେ। ଏହି କାରଣରୁ ସ୍ଥାନଟିର ନାମକରଣ କୋକିଳବନ ହୋଇଛି।

ଭାରତର ଅନ୍ୟ କେତେକ ସ୍ଥାନରେ ମଧ୍ୟ କୋଇଲି ପୂଜନର ପରମ୍ପରା ଅଛି। ଯେପରିକି ଗୁଜରାଟ ଓ ମଧ୍ୟପ୍ରଦେଶର ରାଠୱା ଜନଜାତି କୋଇଲିକୁ କୂଳଦେବୀ ଭାବେ ପୂଜା କରିଥା'ନ୍ତି। ଲୋକକଥା ଅନୁସାରେ ତାଙ୍କର ପ୍ରମୁଖ ଦେବତା 'ବାବା ପିଥୋରା' (ପିଥୋରୋ)ଙ୍କ ଜନ୍ମ ଗୋଟିଏ 'କଳା କୋଇଲି' (ଇନ୍ଦ୍ରଦେବଙ୍କ ସାତଜଣ ଭଉଣୀଙ୍କ ମଧ୍ୟରୁ ଜଣେ) ଠାରୁ ହୋଇଥିଲା। ତେଣୁ ସ୍ଥାନୀୟ ଧର୍ମଧାରଣା, କଳା, ସଂସ୍କୃତି ଏବଂ ଧାର୍ମିକ ଅନୁଷ୍ଠାନରେ କୋଇଲିର ବିଶେଷ ପୂଜାର୍ଚ୍ଚନାର ପରମ୍ପରା ରହିଛି। ଝାଡ଼ଖଣ୍ଡର ଜନଜାତି 'ଓରାଓନ୍' ଓ 'ମୁଣ୍ଡା' ସେମାନଙ୍କର ସବୁଠାରୁ ବଡ଼ ପ୍ରକୃତି ପୂଜନ ଉତ୍ସବ 'ସରହୁଲ୍' ସମୟରେ କୋଇଲିର ସ୍ୱର ଶୁଣିବା ପରେ ତାହାକୁ ଶୁଭ ସନ୍ଦେଶ ମନେକରି ପୂଜାବିଧି ଆରମ୍ଭ କରିଥା'ନ୍ତି। କର୍ଣ୍ଣାଟକ ଓ ଆନ୍ଧ୍ର ପ୍ରଦେଶର ନବବର୍ଷ 'ଉଗାଦି' ସହିତ ମଧ୍ୟ କୋଇଲିର ସମ୍ପର୍କ ରହିଛି। କୋଇଲିର ମଧୁର ସ୍ୱର ଆଶା ଓ ଉତ୍ତମ ଫସଲର ବାହକ ବୋଲି ବିଶ୍ୱାସ କରାଯାଏ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଗୋଳମାଳିଆ ଶାସକ ଦଳ ରାଜନୀତି

# ସରକାରଙ୍କୁ ଦାବିର ଦର୍ପଣ ଦେଖାଇଲେ ବ୍ରହ୍ମପୁର ସାଂସଦ

ବ୍ରହ୍ମପୁର,୨୭।୮(ସମିସ): ଗୋଳାବନ୍ଧ ମଞ୍ଚରେ ମୁଖ୍ୟମନ୍ତ୍ରୀଙ୍କ ସମେତ ତିନି ମନ୍ତ୍ରୀ, ଦୁଇ ସାଂସଦ ଓ ଗଞ୍ଜାମ, ଗଜପତିର ବିଧାୟକମାନେ ବସିଥିଲେ। ମଞ୍ଚ ଉପରେ ଥିଲା ସରକାରୀ କାର୍ଯ୍ୟକ୍ରମର ଆନୁଷ୍ଠାନିକତା, ହେଲେ ଦର୍ଶକଙ୍କ ନଜର ଥିଲା ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ଉପରେ। କାରଣ ଏହା କେବଳ ଆଉ ଏକ ମଞ୍ଚ ନଥିଲା। ଦୀର୍ଘଦିନ

- ସାଂସଦଙ୍କ ଦାବି ତାଲିକା ବନାମ ମନ୍ତ୍ରୀଙ୍କ ବିକାଶ ଚିଠା
- ଗୋଳାବନ୍ଧରେ ବିକାଶର ପ୍ରସଙ୍ଗ, ଅଧାରୁ ମଞ୍ଚ ଛାଡ଼ିଲେ ସାଂସଦ
- ଗୋପାଳପୁରକୁ ଉତ୍ତରାଧିକାରୀ ଭାବେ ପାଇଛନ୍ତି ମନ୍ତ୍ରୀ ବିଭୂତି

ଧରି ଦକ୍ଷିଣ ଓଡ଼ିଶାର ବିକାଶ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଥିବା ସାଂସଦ ଆଜି ମଞ୍ଚରୁ କ'ଣ କହିବେ, ତାହାକୁ ନେଇ ଥିଲା ଉତ୍ସୁକତା। ସୁଯୋଗ ମିଳିବା ମାତ୍ରେ ପ୍ରଦୀପ ରଖିଥିଲେ ଦାବିର ଲମ୍ବା ତାଲିକା। ତାଙ୍କ କଥାରେ ଥିଲା ଅଞ୍ଚଳର ବିକାଶ, ଲୋକଙ୍କ ସମସ୍ୟା ଓ ଦୀର୍ଘଦିନର ଅଭାବ। ଗୋଳାବନ୍ଧ ଆର୍ମି ଏଡି କଲେଜ ନିକଟସ୍ଥ ନୂଆ କମଳାପୁର ଗ୍ରାମର ପଟ୍ଟା ପ୍ରସଙ୍ଗରୁ ଆରମ୍ଭ କରି ବ୍ରହ୍ମପୁରରେ ଏମ୍ସ ପ୍ରତିଷ୍ଠା ପର୍ଯ୍ୟନ୍ତ ଏକାଧିକ ପ୍ରସଙ୍ଗ ଉଠାଇଥିଲେ ସେ। ପ୍ରଦୀପଙ୍କ କହିବାନୁସାରେ, ନୂଆ କମଳାପୁର ଗାଁ ପ୍ରାୟ ୧୫୦ବର୍ଷ ଧରି ରହି ଆସିଥିଲେ ମଧ୍ୟ ଏଯାଏଁ ପଟ୍ଟା ସମସ୍ୟାର ସମାଧାନ ହୋଇନାହିଁ। ଗୋଳାବନ୍ଧ ଅଞ୍ଚଳର ନିକଟବର୍ତ୍ତୀ ଅନ୍ୟାନ୍ୟ ଗ୍ରାମର ବିକାଶ ସହ ଜଡ଼ିତ ସମସ୍ୟା ମଧ୍ୟ ରହିଛି। ଧବଳେଶ୍ୱର ନିକଟରେ ଥିବା କିଛି ଜମି ମୃତ୍ତିକା ସଂରକ୍ଷଣ ବିଭାଗ ଅଧୀନରେ ଥିବା ସତ୍ତ୍ୱେ ଆର୍ମି ଏଡି କଲେଜ ଏହାକୁ ଅକ୍ତିଆର କରି ରଖିଥିବା ସେ ଅଭିଯୋଗ କରିଥିଲେ। ଏହି ଅଞ୍ଚଳର ଚାରି ପଞ୍ଚାୟତର ସମସ୍ୟାର ସମାଧାନ ପାଇଁ ମଧ୍ୟ ସେ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ। କେବଳ ସ୍ଥାନୀୟ ସମସ୍ୟାରେ ଅଟକି ରହିନଥିଲା ସାଂସଦଙ୍କ ଦାବି। ଦକ୍ଷିଣ ଓଡ଼ିଶାର ସ୍ୱାସ୍ଥ୍ୟସେବା ପ୍ରସଙ୍ଗ ଉଠାଇ ବ୍ରହ୍ମପୁରକୁ ଏମ୍ସ ଦେବାକୁ ଦାବି କରିଥିଲେ। ସମ୍ବଲପୁର ଭଳି ବ୍ରହ୍ମପୁରରେ ମଧ୍ୟ ଏମ୍ସ ପ୍ରତିଷ୍ଠା ହେଲେ ଦକ୍ଷିଣ ଓଡ଼ିଶାର ଲୋକଙ୍କ ସ୍ୱାସ୍ଥ୍ୟସେବା ସମସ୍ୟାରେ ବଡ଼ ପରିବର୍ତ୍ତନ ଆସିପାରିବ ବୋଲି ତାଙ୍କ ଦାବିର ମୂଳ ଯୁକ୍ତି



ଥିଲା। ଏନେଇ ସେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବା ମଧ୍ୟ କହିଥିଲେ। ଏହାସହ ହୁମ୍ମାରେ ସି-ବିଲ୍ଡିଂ ୟୁନିଟ୍ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ଚିଠି ଲେଖନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ଗଜପତି ଜିଲ୍ଲାର ଏସ୍‌କେସିଜି କଲେଜକୁ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା, ଗଜପତିରେ ଆୟୁର୍ବେଦିକ୍ କଲେଜ ପରିବର୍ତ୍ତେ ଆଲୋପାଥିକ୍ କଲେଜ ସ୍ଥାପନ ଏବଂ ମତ୍ସ୍ୟଜୀବୀଙ୍କ ପାଇଁ ଜେଟି ନିର୍ମାଣ ଭଳି ପ୍ରସଙ୍ଗ ମଧ୍ୟ ମଞ୍ଚରୁ ଉଠାଇଥିଲେ। ଲୋକେ ଭାବୁଥିଲେ ଦାବି କ'ଣ ହଠାତ୍ ମଞ୍ଚରେ ଆସିଲା? ନା, ଏହାର ପଛରେ ରହିଛି ଦୀର୍ଘଦିନର ରାଜନୈତିକ ଚିଠିପତ୍ର। ଦକ୍ଷିଣ ଓଡ଼ିଶାର ବିକାଶକୁ ନେଇ ସାଂସଦ ପ୍ରଦୀପ ଗତ କିଛିଦିନ ଧରି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଆସୁଥିଲେ। ଆଜି ସେହି ଚିଠିର ଭାଷା ମଞ୍ଚରେ ପ୍ରଦର୍ଶିତ ହେଲା ବୋଲି ଚର୍ଚ୍ଚା ହେଉଛି। ତେବେ ରାଜନୈତିକ ଚର୍ଚ୍ଚାକୁ ଆହୁରି ଖୋରାକ ଯୋଗାଇଥିଲା ଏହା ପରର ଘଟଣା। ମୁଖ୍ୟମନ୍ତ୍ରୀଙ୍କ ସହ ସ୍ୱଳ୍ପ ଆଲୋଚନା ପରେ ପ୍ରଦୀପ ସଭା ଶେଷ ହେବା ପୂର୍ବରୁ ମଞ୍ଚ ଛାଡ଼ି ଚାଲିଯାଇଥିଲେ। ଏହା ପରେ ସ୍ୱାଭାବିକ ଭାବେ ମଞ୍ଚ ଓ ମଞ୍ଚ ବାହାରେ ଆରମ୍ଭ ହୋଇଥିଲା ଚର୍ଚ୍ଚା। ସାଂସଦ କ'ଣ ଅସନ୍ତୁଷ୍ଟ? ନା କି ତାଙ୍କ ଦାବିଗୁଡ଼ିକୁ ନେଇ ତତକ୍ଷଣାତ୍ ଆଶ୍ୱାସନା ନମିଳିବାରୁ ସେ ଅସନ୍ତୋଷ ପ୍ରକାଶ କଲେ? ଏହାର ସ୍ପଷ୍ଟ ଉତ୍ତର ମିଳିନଥିଲେ ମଧ୍ୟ ରାଜନୈତିକ ମହଲରେ ଆଲୋଚନା ଥମିନାହିଁ। ଅନ୍ୟପଟେ ମନ୍ତ୍ରୀ ବିଭୂତି ଜେନାଙ୍କ ଉଦ୍‌ବୋଧନ ମଧ୍ୟ ଚର୍ଚ୍ଚାରୁ ବାଦ ପଡ଼ିନଥିଲା। ସେ ଗୋପାଳପୁରକୁ ସାଂସଦ ପ୍ରଦୀପଙ୍କଠାରୁ ଉତ୍ତରାଧିକାର ସୂତ୍ରରେ ପାଇଥିବା କହିବା ସହ ସରକାରଙ୍କ ଆଭିମୁଖ୍ୟ ଓ ବିକାଶର ଗାଥା ଗାଇଥିଲେ। ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଏବଂ ତାହାର ରାଜନୈତିକ ଅର୍ଥକୁ ନେଇ ମଧ୍ୟ ଉପସ୍ଥିତ ମହଲରେ ଚର୍ଚ୍ଚା ହୋଇଥିଲା। ଗୋଳାବନ୍ଧର ଏହି ମଞ୍ଚ ତେଣୁ କେବଳ ଏକ ସରକାରୀ କାର୍ଯ୍ୟକ୍ରମ ହୋଇ ରହିଲା ନାହିଁ। ଗୋଟିଏ ପଟେ ବିଜେପି ସରକାରର ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ବିକାଶର ଚିତ୍ର ରଖୁଥିଲେ, ଅନ୍ୟପଟେ ସେହି ମଞ୍ଚରୁ ଦଳର ସାଂସଦ ନିଜ ଅଞ୍ଚଳର ଅପୂରଣୀୟ ଆବଶ୍ୟକତା ଓ ଦାବିକୁ ସିଧାସଳଖ ସରକାରଙ୍କ ସମ୍ମୁଖରେ ରଖିଥିଲେ। ଏହି ଦୁଇଟି ଚିତ୍ର ମିଶି ଗୋଳାବନ୍ଧ କାର୍ଯ୍ୟକ୍ରମକୁ ଦକ୍ଷିଣ ଓଡ଼ିଶାର ରାଜନୀତିର ଏକ ଚର୍ଚ୍ଚିତ ଦୃଶ୍ୟରେ ପରିଣତ କରିଛି। ପ୍ରଦୀପଙ୍କ ଦାବିଗୁଡ଼ିକର ତାଲିକା ଯେତେ ଲମ୍ବା, ତାହାର ରାଜନୈତିକ ସନ୍ଦେଶ ମଧ୍ୟ ସେତେ ଗଭୀର। ମଞ୍ଚରେ ଉଠିଥିବା ପ୍ରଶ୍ନର ଉତ୍ତର ଯଦି କାର୍ଯ୍ୟରେ ମିଳେ, ତେବେ ଗୋଳାବନ୍ଧର ଏହି ଘଟଣା ବିକାଶର ଏକ ନୂଆ ଅଧ୍ୟାୟ ହୋଇପାରେ। ନଚେତ ଦାବିଗୁଡ଼ିକ ପୁଣି ଚିଠି ଓ ମଞ୍ଚ ଭାଷଣରେ ସୀମିତ ରହିଯାଏ, ତେବେ ଏହି ଦିନର ରାଜନୈତିକ ଚର୍ଚ୍ଚା ଆହୁରି ତୀବ୍ର ହେବା ନିଶ୍ଚିତ।

## କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ପ୍ରସଙ୍ଗ

# ସରକାରଙ୍କ ତୋଗଲକୀ ନୀତି ପାଇଁ ଶିକ୍ଷା ବ୍ୟବସ୍ଥା ତଳମୁହାଁ

ଭୁବନେଶ୍ୱର,୨୭।୮(ସମିସ): ରାଜ୍ୟର ମହାବିଦ୍ୟାଳୟ ଗୁଡିକରେ ପରୀକ୍ଷାମୂଳକ ଭାବେ ଛାତ୍ରଛାତ୍ରୀ ମାନଙ୍କର ବାୟୋମେଟ୍ରିକ ଉପସ୍ଥାନ କରାଯିବ ବୋଲି ରାଜ୍ୟ ସରକାରଙ୍କ ଘୋଷଣାକୁ ତୀବ୍ର ସମାଲୋଚନା କରିଛି ବିଜେଡି। ବିଜେପି ସରକାରଙ୍କ ଗତ ଦୁଇ ବର୍ଷର ଶାସନରେ ରାଜ୍ୟର ମହାବିଦ୍ୟାଳୟ ଗୁଡିକରେ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି ଓ ଛାତ୍ରଛାତ୍ରୀ ମାନଙ୍କର ମୌଳିକ ଆବଶ୍ୟକତା ପୂରଣ ହୋଇପାରି ନଥିବା ବେଳେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ କରିବା କେତେଦୂର ଯୁକ୍ତିଯୁକ୍ତ ବୋଲି ବିଜେଡି ପ୍ରଶ୍ନ କରିଛି। ଗୁରୁବାର ଦଳ ତରଫରୁ ଜାରି ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡଃ ଲେନିନ ମହାନ୍ତି ରାଜ୍ୟ ସରକାରଙ୍କ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ପ୍ରସ୍ତାବ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି।



ସେ କହିଛନ୍ତି, ବିଜେପିର ନେତାମାନେ କଲେଜ ପରିଚାଳନାରେ ଅନାବଶ୍ୟକ ହସ୍ତକ୍ଷେପ କରୁଛନ୍ତି। ଏହାଦ୍ୱାରା ରାଜ୍ୟରେ ମହାବିଦ୍ୟାଳୟ ଗୁଡିକରେ ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି। ରାଜ୍ୟ ସରକାର ଛାତ୍ରଛାତ୍ରୀ ମାନଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଆବଶ୍ୟକ ସଂଖ୍ୟକ ଅଧ୍ୟାପକ, ପାଠ୍ୟ ପୁସ୍ତକ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ ହୋଇପାରୁନାହିଁ। ରାଜ୍ୟର ମହାବିଦ୍ୟାଳୟ ଗୁଡ଼ିକରେ ଅଧ୍ୟାପକ ଓ କର୍ମଚାରୀମାନଙ୍କ ପାଇଁ ଏପର୍ଯ୍ୟନ୍ତ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ ହୋଇନାହିଁ। ଏହି ପରିପ୍ରେକ୍ଷୀରେ, ଛାତ୍ରଛାତ୍ରୀ ମାନଙ୍କ ପାଇଁ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା ଆରମ୍ଭ କରିବା ପାଇଁ ପ୍ରସ୍ତାବ ଦେବା ରାଜ୍ୟ ସରକାରଙ୍କର ତୋଗଲକି ନୀତିର ପରିଚୟ ବୋଲି ଡଃ ମହାନ୍ତି କହିଛନ୍ତି।

- ଶୃଙ୍ଖଳା ଆଳରେ ଛାତ୍ରଛାତ୍ରୀଙ୍କୁ ଡରାଇବାକୁ ଉଦ୍ୟମ ହେଉଛି
- ବିଜେପି ନେତାଙ୍କ ହସ୍ତକ୍ଷେପ ଯୋଗୁଁ ଶୈକ୍ଷିକ ବାତାବରଣ ନଷ୍ଟ

ରାଜ୍ୟ ସରକାର ରାଜ୍ୟରେ କେଜିରୁ ପିଜି ମାଗଣା ଶିକ୍ଷା କଥା ଘୋଷଣା କଲେ। କିନ୍ତୁ, ଏନେଇ କୌଣସି ସ୍ପଷ୍ଟ ନିର୍ଦ୍ଦେଶ ଶିକ୍ଷାନୁଷ୍ଠାନ ଗୁଡିକୁ ଦିଆଯାଇନାହିଁ। ଫଳରେ ଅନେକ ଶିକ୍ଷା ଅନୁଷ୍ଠାନରେ ଏବେ ବି ଛାତ୍ରଛାତ୍ରୀଙ୍କଠାରୁ ଫି ଆଦାୟ କରାଯାଉଛି। ଏହାଛଡା ଅନେକ ଶିକ୍ଷା ଅନୁଷ୍ଠାନରେ ସେଲ୍ଫ ଫାଇନାନ୍ସ (ନିଜସ୍ୱ ପାଣ୍ଠି) ବ୍ୟବସ୍ଥାରେ ଶିକ୍ଷା ପ୍ରଦାନ କରାଯାଉଛି। ଏହି ବ୍ୟବସ୍ଥାରେ ନାମ ଲେଖାଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାଗଣା ଶିକ୍ଷା ବ୍ୟବସ୍ଥାରେ ସାମିଲ କରାଯିବ କି ନାହିଁ, ସେନେଇ କୌଣସି ସ୍ପଷ୍ଟ ସୂଚନା ନାହିଁ। ରାଜ୍ୟ ସରକାର ନିଜର ଅପାରଗତା ଲୁଚାଇବାକୁ ଯାଇ ଛାତ୍ରଛାତ୍ରୀଙ୍କ ବାୟୋମେଟ୍ରିକ ଉପସ୍ଥାନ କଥା କହୁଛନ୍ତି। ଶୃଙ୍ଖଳା ଆଳରେ ରାଜ୍ୟ ସରକାର ଛାତ୍ରଛାତ୍ରୀମାନଙ୍କୁ ଡରାଇବାକୁ ଚେଷ୍ଟା କରୁଛନ୍ତି। "ଜେନ୍-ଜି'ଙ୍କ ପ୍ରତି ସରକାରଙ୍କ ଏହି ଆଭିମୁଖ୍ୟ ଯଥାର୍ଥ ନୁହଁ। ରାଜ୍ୟ ବିଜେପି ସରକାରଙ୍କର ତୋଗଲକି ନୀତି ସକାଶେ ଶିକ୍ଷା ବ୍ୟବସ୍ଥାର ଦ୍ରୁତ ଅବନତି ଘଟିଛି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି।

## ଅଯୋଗ୍ୟଙ୍କୁ ନିଯୁକ୍ତି ମାମଲାରେ ବିଇଡି କଲେଜକୁ ବାଜିବ ଛାଟ

# ପୁନଃ ନୋଟିସ୍ ପାଇଁ ଏନ୍‌ସିଟିଇ ବୈଠକରେ ନିଷ୍ପତ୍ତି

ଭୁବନେଶ୍ୱର, ୨୭।୮(ସମିସ): ବିଇଡି କଲେଜରେ ଅଯୋଗ୍ୟ ଅଧ୍ୟାପକଙ୍କୁ ନିଯୁକ୍ତି ଦେବା ଘଟଣାରେ ପୁଣି ବାଜିବ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ (ଏନ୍‌ସିଟିଇ) ଛାଟ। ପ୍ରଥମ ନୋଟିସ୍ ପରେ ଶିକ୍ଷାନୁଷ୍ଠାନରେ ନିୟୋଜିତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ଦାଖଲ କରି ନ ଥିବାରୁ ଦ୍ୱିତୀୟ ଓ ଚୂଡ଼ାନ୍ତ ନୋଟିସ୍ ଜାରି କରାଯିବ। ଏହାର ଉତ୍ତର ନିର୍ଦ୍ଧାରିତ ସମୟରେ ନ ଦେଲେ ସମସ୍ତ ୧୬ ଟି ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ହେବ। ଏନେଇ ଏନ୍‌ସିଟିଇର ପୂର୍ବାଞ୍ଚଳ ଆଞ୍ଚଳିକ କମିଟିର ୪୦୪ତମ ବୈଠକରେ ନିଷ୍ପତ୍ତି ହୋଇଛି। ଫଳରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ବିଇଡି କଲେଜର ସ୍ୱୀକୃତି ପ୍ରତ୍ୟାହାର ଆଶଙ୍କା ପୁଣି ବଢ଼ିଛି।

ଓଡ଼ିଶାର ବିଏଡ୍ ଓ ଏମ୍‌ଏଡ୍ ଶିକ୍ଷକ ଶିକ୍ଷାନୁଷ୍ଠାନରେ ଯୋଗ୍ୟତାସମ୍ପନ୍ନ ଶିକ୍ଷକ ନଥିବା ନେଇ ଏନ୍‌ସିଟିଇ ନିକଟରେ ଅଭିଯୋଗ ହୋଇଛି। ଏନେଇ ଗତ ଜୁଲାଇ ୧୪ ତାରିଖରେ ମୋଟ୍ ୧୬ ଟି ଶିକ୍ଷାନୁଷ୍ଠାନକୁ ନୋଟିସ୍ ଜାରି କରିବା ସହ ସମସ୍ତ ଅଧ୍ୟାପକଙ୍କ ଶିକ୍ଷାଗତ ଯୋଗ୍ୟତା ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର କୌଣସି ଶିକ୍ଷାନୁଷ୍ଠାନ ନିର୍ଦ୍ଧାରିତ ୧୫ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରି ନଥିଲେ। ରିପୋର୍ଟ ଦାଖଲ ନ କରିବା ପଛରେ ଉଚ୍ଚଶିକ୍ଷା ବିଭାଗର ପ୍ରଚ୍ଛନ୍ନ ହାତ ରହିଥିବା ଅଭିଯୋଗ ହୋଇଛି। ରିପୋର୍ଟ ଦାଖଲ କଲେ ସମସ୍ତ ଶିକ୍ଷାନୁଷ୍ଠାନର ସ୍ୱୀକୃତି ପ୍ରତ୍ୟାହାର ହେବା ଆଶଙ୍କା ଥିବାରୁ ରିପୋର୍ଟ ଦାଖଲ ନ କରିବାକୁ

- ପୂର୍ବ ନୋଟିସ୍‌ର ଉତ୍ତର ଦେଇ ନାହାନ୍ତି କୌଣସି ଶିକ୍ଷାନୁଷ୍ଠାନ
- ୧୬ଟି କଲେଜକୁ ଜାରି ହେବ କାରଣ ଦର୍ଶାଇ ନୋଟିସ୍
- ମୁହଁ ଖୋଲୁ ନାହାନ୍ତି ଅଧିକାରୀ; ଆଶଙ୍କାରେ ଛାତ୍ରଛାତ୍ରୀ

କଡ଼ା ଦାଗିଦ କରାଯାଇଥିଲା। ଏଥିପାଇଁ କୌଣସି ସରକାରୀ ଚିଠି ନୁହେଁ, ବରଂ ହ୍ୱାଟସଆପ୍‌ରେ ଶିକ୍ଷକ ଶିକ୍ଷା ସେକ୍ସନ୍‌ରେ ଥିବା ଡ. ଶରତ କୁମାର ମାଝୀ ନିର୍ଦ୍ଦେଶ ଦେଇଥିଲେ ଓ ଏହାର ସ୍କ୍ରିନ୍‌ସଟ୍ ଭାଇରାଲ୍ ମଧ୍ୟ ହୋଇଥିଲା। କଳେବଳେ କୌଶଳେ ବିଳମ୍ବ କରି ଅଯୋଗ୍ୟଙ୍କୁ ଡିଗ୍ରୀ କଲେଜକୁ ବଦଳି କରିବା ସହ ସେମାନଙ୍କ ସ୍ଥାନରେ ଅତିଥି ଅଧ୍ୟାପକଙ୍କୁ ନିଯୁକ୍ତ କରିବାକୁ ଉଚ୍ଚଶିକ୍ଷା ବିଭାଗ ଉଦ୍ୟମ କରୁଥିବା ଜଣା ପଡ଼ିଥିଲା। ଏହି ଘଟଣାକୁ ଅତ୍ୟନ୍ତ ଗୁରୁତର ସହ ନେଇଛି ଏନ୍‌ସିଟିଇ। ଏନ୍‌ସିଟିଇ ବୈଠକର ଏଜେଣ୍ଡାର ୫୨ ଓ ୫୩ ନମ୍ବର ମାମଲାରେ ଓଡ଼ିଶାର ବିଏଡ୍ ଓ ଏମ୍‌ଏଡ୍ କଲେଜରେ ଅଯୋଗ୍ୟ ଅଧ୍ୟାପକ ନିଯୁକ୍ତି ହୋଇଥିବା ସମ୍ପର୍କରେ ଆଲୋଚନା ହୋଇଛି। ପୁଣିଥରେ ସମସ୍ତ ୧୬ଟି ଶିକ୍ଷାନୁଷ୍ଠାନକୁ କାରଣ ଦର୍ଶାଇ ନୋଟିସ୍ ଜାରି ହେବ। ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁମୋଦିତ ଅଧ୍ୟାପକମାନଙ୍କ ତଥ୍ୟ ୧୫ ଦିନ ମଧ୍ୟରେ ଦାଖଲ କରିବାକୁ କମିଟି ନିଷ୍ପତ୍ତି ନେଇଛି। ଏହି ଦ୍ୱିତୀୟ ନୋଟିସ୍ ଚୂଡ଼ାନ୍ତ ହୋଇଥିବାବେଳେ ନିର୍ଦ୍ଧାରିତ ସମୟରେ ଉତ୍ତର ନ ରଖିଲେ ସ୍ୱୀକୃତି ପ୍ରତ୍ୟାହାର କରିବାକୁ ଆଲୋଚନା ହୋଇଛି। ଏନ୍‌ସିଟିଇ ଛାଟ ପଡ଼ିବାକୁ ଯାଉଥିବାବେଳେ ଶିକ୍ଷକ ଶିକ୍ଷା (ଟିଇ) ସେକ୍ସନ୍ ଦାୟିତ୍ୱରେ ଥିବା ଯୁଗ୍ମ ସଚିବ ମୌସୁମୀ ମହାନ୍ତି ମୁହଁ ଖୋଲୁ ନାହାନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପରଜଙ୍ଗ,୨୭।୮ (ସମିସ) : ପରଜଙ୍ଗ ଥାନା ହାତୀଲୁଚାଣୀ ଗ୍ରାମ ସତ୍‌ସଙ୍ଗ ଘର ନିକଟରେ ଥିବା ଆମ୍ବ ତୋଟାରୁ ଏକ ଗଛରେ ଯୁବକଙ୍କ ଝୁଲନ୍ତା ମୃତ ଦେହ ଦେଖିବାକୁ ମିଳିଛି। ମୃତ ଯୁବକ ଜଣକ ହାତୀଲୁଚାଣୀ ଗ୍ରାମର ହାଡ଼ିବନ୍ଧୁ ନାୟକଙ୍କ ସାନ ପୁଅ ହୁମାୟନ ନାୟକ(୪୦) ବୋଲି ଜଣାପଡିଛି। ସୂଚନା ମୁତାବକ ଗତକାଲି ସନ୍ଧ୍ୟା ସମୟରୁ ହୁମାୟନ ଘରୁ କେଉଁ ଆଡେ ଯାଇଥିବା ବେଳେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ଘରକୁ ଫେରିନଥିଲେ। ପରିବାର ଲୋକେ ଆଜି ଖୋଜାଖୋଜି କରିବା ପରେ କିଛି ଲୋକ ତାଙ୍କୁ ଆମ୍ବ ତୋଟା ନିକଟରେ ଛୋଟ ଗଛରେ ଏକ କପଡ଼ାରେ ଝୁଲନ୍ତା ଅବସ୍ଥାରେ ପଡି ରହିଥିବା ଦେଖିବାକୁ ପାଇଥିଲେ। ଏନେଇ ପରଜଙ୍ଗ ଥାନାରେ ଖବର ଦେଇଥିଲେ। ଘଟଣାସ୍ଥଳରେ ପରଜଙ୍ଗ ଥାନା ଅଧିକାରୀ ସୁବ୍ରତ କୁମାର ସାହୁ, ଉପନୀରକ୍ଷକ ଦେବଗ୍ରାହୀ ମହାନ୍ତି, ଜଳନ୍ଧର ବାରିକ, ଯୋଶେଫ ପଟ୍ଟନାୟକ ଓ ପୁଲିସ କର୍ମଚାରୀମାନେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛନ୍ତି।

# ଖୋର୍ଦ୍ଧାର ଦମ୍ପତି ନେପାଳରେ ନିଖୋଜ

ଖୋର୍ଦ୍ଧା, ୨୭।୮(ସମିସ): ନେପାଳର ପ୍ରଳୟଙ୍କରୀ ବନ୍ୟାରେ ସେଠାରେ ନିଖୋଜ ହୋଇଛନ୍ତି ଖୋର୍ଦ୍ଧାର ଏକ ଦମ୍ପତି। ସେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଜେମାଦେଇର ସନ୍ଦୀପ ମହାପାତ୍ର ଏବଂ ତାଙ୍କ ପତ୍ନୀ ସିଦ୍ଧାର୍ଥୀ ସାହୁ। ନେପାଳ ଯାତ୍ରା ସମୟରୁ ସେମାନେ ପରିବାର ସହ ଯୋଗାଯୋଗରେ ନଥିବା ତାଙ୍କ ସାନଭାଇ ସ୍ୱରୂପ ମହାପାତ୍ର ସୂଚନା ଦେଇଛନ୍ତି।



ପରିବାର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ଦୀପ ଓ ସିଦ୍ଧାର୍ଥୀ ଦୀର୍ଘଦିନ ଧରି ଅଷ୍ଟ୍ରେଲିଆର ସିଡ୍‌ନୀ ସହରରେ ରହୁଛନ୍ତି। ୨୦୧୮ ମସିହାରୁ ସେମାନେ ସେଠାରେ ରହି ଏକ ଘରୋଇ ସଂସ୍ଥାରେ କାର୍ଯ୍ୟରତ ଥିବା କୁହାଯାଇଛି। ଧାର୍ମିକ ଯାତ୍ରାର ଅଂଶ ଭାବେ ଉଭୟ ଅଗଷ୍ଟ ୨୨ ତାରିଖରେ ନେପାଳରେ ପହଞ୍ଚି ପଶୁପତିନାଥ ମନ୍ଦିର ଦର୍ଶନ କରିବାକୁ ଯାଇଥିଲେ। ପରିବାର ସହ ଶେଷ ଯୋଗାଯୋଗ ଗତ ୨୫ ତାରିଖରେ ହୋଇଥିଲା। ସେହିଦିନ ସନ୍ଦୀପ ତାଙ୍କ ସାନଭାଇ ସ୍ୱରୂପଙ୍କ ସହ କଥା ହୋଇଥିଲେ। ଏହାପରେ ନେପାଳରେ ଦେଖାଦେଇଥିବା ଅସ୍ଥିର ପରିସ୍ଥିତି ସମ୍ପର୍କରେ ଗଣମାଧ୍ୟମରୁ ଖବର ପାଇ ସ୍ୱରୂପ ଭାଇ ଓ ଭାଉଜଙ୍କ ସହ ଯୋଗାଯୋଗ କରିବାକୁ ବାରମ୍ବାର ଚେଷ୍ଟା କରିଥିଲେ। କିନ୍ତୁ ତାଙ୍କ ସହ ଆଉ ଯୋଗାଯୋଗ ସମ୍ଭବ ହୋଇନଥିବା ସ୍ୱରୂପ କହିଛନ୍ତି। ନେପାଳରେ ଯୋଗାଯୋଗ ବ୍ୟବସ୍ଥା ଓ ସାଧାରଣ ପରିସ୍ଥିତିକୁ ନେଇ ବିଭିନ୍ନ ଖବର ପ୍ରକାଶ ପାଇବା ପରେ ପରିବାରର ଚିନ୍ତା ଆହୁରି ବଢ଼ିଛି। ଦମ୍ପତି କେଉଁଠାରେ ଅଛନ୍ତି, ସେମାନେ ସୁରକ୍ଷିତ କି ନାହିଁ ଏବଂ ବର୍ତ୍ତମାନ କେଉଁ ପରିସ୍ଥିତିରେ ଅଛନ୍ତି ଏ ସମ୍ପର୍କରେ ପରିବାର ପାଖରେ ସ୍ପଷ୍ଟ ସୂଚନା ନଥିବାରୁ ଆତଙ୍କ ବଢ଼ିଛି। ସ୍ୱରୂପ ମହାପାତ୍ର କହିଛନ୍ତି ଯେ, ଗଣମାଧ୍ୟମରୁ ନେପାଳର ପରିସ୍ଥିତି ସମ୍ପର୍କରେ ଜାଣିବା ପରେ ସେ ତୁରନ୍ତ ଭାଇଙ୍କ ସହ ଯୋଗାଯୋଗ କରିବାକୁ ଉଦ୍ୟମ କରିଥିଲେ। ତେବେ ଫୋନ୍‌ରେ ସମ୍ପର୍କ ସ୍ଥାପନ ହୋଇନଥିଲା। ପରିବାର ପକ୍ଷରୁ ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ ସହ ମଧ୍ୟ ଆଲୋଚନା କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ, ନେପାଳରେ ଥିବା ଓଡ଼ିଶାର ୬ ଜଣ ଫୁଟବଲ ଖେଳାଳି ସୁରକ୍ଷିତ ଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସଂସ୍କୃତି ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀ ସୂଚନା ଦେଇଛନ୍ତି। ଏହା ମଧ୍ୟରେ ଖୋର୍ଦ୍ଧାର ଏହି ଦମ୍ପତିଙ୍କ ନିଖୋଜ ଖବର ସାମ୍ନାକୁ ଆସିବା ପରେ ପରିବାର ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଇଛି। ଦମ୍ପତିଙ୍କ ସୁରକ୍ଷାକୁ ନେଇ ଆଶଙ୍କା ପ୍ରକାଶ କରି ପରିବାର ଲୋକେ ପ୍ରଶାସନ ନିକଟରେ ନିବେଦନ କରିଛନ୍ତି। ନେପାଳ ପ୍ରଶାସନ ସହ ଯୋଗାଯୋଗ କରି ନିଖୋଜ ଦମ୍ପତିଙ୍କୁ ଶୀଘ୍ର ଖୋଜି ବାହାର କରି ସୁରକ୍ଷିତ ଭାବେ ଘରକୁ ଫେରାଇ ଆଣିବାକୁ ପରିବାର ପକ୍ଷରୁ ଦାବି କରାଯାଇଛି। ଏହି ଘଟଣାରେ ନେପାଳରେ ଥିବା ଭାରତୀୟ ଦୂତାବାସ, ନେପାଳ ସରକାର ଓ ଓଡ଼ିଶା ସରକାରଙ୍କ ମଧ୍ୟରେ ସମନ୍ୱୟ ଜରିଆରେ ଦମ୍ପତିଙ୍କ ସ୍ଥିତି ସମ୍ପର୍କରେ ଶୀଘ୍ର ନିଶ୍ଚିତ ସୂଚନା ମିଳିବ ବୋଲି ପରିବାର ଆଶା ରଖିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସଂସଦ ଅଧିବେଶନକୁ...

କରିବାକୁ ମନାକରିଦେଇଛନ୍ତି। ଏହି ବୟାନ ପରେ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି। ଗତ ଅଗଷ୍ଟ ୧୩ ତାରିଖରେ ଉଭୟ ଲୋକସଭା ଏବଂ ରାଜ୍ୟସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଥିଲା। କିନ୍ତୁ ଅଧିବେଶନକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯାଇ ନଥିଲା।। ଏହି ପ୍ରସଙ୍ଗରେ ରିଜିଜୁ କହିଛନ୍ତି ଯେ, ଗୃହକୁ ପୁଣି ଡାକିବା ସମ୍ପୂର୍ଣ୍ଣ ଭାବେ ସରକାରଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ୧୯୫୨ ମସିହାରୁ ଏଭଳି ଅନେକ ଦୃଷ୍ଟାନ୍ତ ରହିଛି, ଯେଉଁଠାରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯିବା ପରେ ପୁଣିଥରେ ଅଧିବେଶନ ଡକାଯାଇଥିଲା। ଅଧିବେଶନ ଏପର୍ଯ୍ୟନ୍ତ ବନ୍ଦ ନହେବା ପଛରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଣିବା ଯୋଜନା ଥାଇପାରେ ବୋଲି ବିରୋଧୀ ଦଳଗୁଡ଼ିକ ଅନୁମାନ କରୁଛନ୍ତି। ବିଶେଷକରି ସୀମା ନିର୍ଦ୍ଧାରଣ ବିଲ୍ ଏବଂ ମହିଳା ସଂରକ୍ଷଣ ସଂଶୋଧନ ବିଲ୍ ପରି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ତେବେ ସ୍ୱତନ୍ତ୍ର ଅଧିବେଶନ ବସିବା ନେଇ ମନ୍ତ୍ରୀ ସିଧାସଳଖ କୌଣସି ଉତ୍ତର ଦେଇ ନଥିଲେ ମଧ୍ୟ ସମ୍ଭାବନାକୁ ଏଡ଼ାଇ ଦେଇନାହାନ୍ତି। ପାର୍ଲାମେଣ୍ଟର ବର୍ଷା ଅଧିବେଶନର ପରିସମାପ୍ତି ଘଟିନଥିବାରୁ ଆଗାମୀ ଦିନରେ ସରକାର କୌଣସି ବଡ଼ ନିଷ୍ପତ୍ତି ନେଇ ପାରନ୍ତି ବୋଲି ଆକଳନ କରାଯାଉଛି।

### ବିପଦ ଟଳିନି...

ତିବ୍ବତରେ ଭୂସ୍ଖଳନ ଯୋଗୁଁ ହୋଇଥିବା ଏହି ବନ୍ୟାରେ ନେପାଳର କେନ୍ଦ୍ରାଞ୍ଚଳ ସଂପୂର୍ଣ୍ଣ ରୂପେ ଧୋଇ ହୋଇଯାଇଛି। ରାସୁଆ, ଧାଡିଙ୍ଗ, ନୁଆକୋଟ ଏବଂ ଚିଟୱାନ ଅଞ୍ଚଳ ଛାରଖାର ହୋଇଯାଇଛି। ଏହି ଅଞ୍ଚଳରେ ଥିବା ସହର, ଗାଁ, ରାସ୍ତା, ପୋଲ ଧ୍ୱଂସ ହୋଯାଇଛି। ଅତିକମରେ ୧୩ଟି ଜଳବିଦ୍ୟୁତ ପ୍ରକଳ୍ପ ମଧ୍ୟ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହି ଅଚାନକ ବନ୍ୟା ଲାଗି ଚୀନକୁ ଦାୟୀ କରିଛି ନେପାଳ। ନେପାଳର ଜଣେ ମନ୍ତ୍ରୀ କହିଛନ୍ତି ଯେ ତିବ୍ବତରେ ହୋଇଥିବା ଭୂସ୍ଖଳନ ସଂପର୍କରେ ଚୀନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନଥିଲା। ଆଗରୁ ସୂଚନା ମିଳିଥିଲେ ବଡ଼ ଧରଣର ବିପର୍ଯ୍ୟୟକୁ ଏଡ଼ାଇ ଦିଆଯାଇ ପାରିଥାଆନ୍ତା। ତେବେ ଭୟଙ୍କର ବନ୍ୟା ଯୋଗୁଁ ବ୍ୟାପକକ୍ଷତି ହୋଇଛି। ଏହି ପ୍ରଳୟଙ୍କରୀ ବିପର୍ଯ୍ୟୟରେ ହଜାରେରୁ ଅଧିକ ଲୋକ ନିଖୋଜ ଅଛନ୍ତି। ଏମାନଙ୍କ ମଧ୍ୟରେ ତିନି ଶହ ଭାରତୀୟ ପର୍ଯ୍ୟଟକ ଅଛନ୍ତି। କିଛି ଅଞ୍ଚଳରୁ ପ୍ରାୟ ଶହେ ଭାରତୀୟଙ୍କୁ ଉଦ୍ଧାର କରାଯାଇଛି। ନେପାଳର ବୈଦେଶିକ ମନ୍ତ୍ରୀ ଶିଶିର ଖାନାଲ ସୂଚନା ଦେଇଛନ୍ତି ଯେ ରାସୁଆ ଅଞ୍ଚଳରେ ହଜାର ହଜାର ଲୋକଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ। ମାତ୍ର କିଛି ଘଣ୍ଟା ମଧ୍ୟରେ ଗୋଟିଏ ପରେ ଗୋଟିଏ ସହର ଧ୍ୱଂସ ହୋଇଯାଇଛି। ମାନସୋରୋବର ଯାତ୍ରା ପାଇଁ ଯାଉଥିବା ବହୁ ଭାରତୀୟ ଶ୍ରଦ୍ଧାଳୁ ଏହି ବନ୍ୟା ପ୍ରଭାବିତ ଅଞ୍ଚଳରେ ନିଖୋଜ ହୋଇଯାଇଛନ୍ତି। ସମୁଦାୟ ପାଞ୍ଚ ଶହ ପାଖାପାଖି ବିଦେଶୀ ନାଗରିକଙ୍କ ସହିତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ନେପାଳ ସରକାର ବିଦେଶୀ ନାଗରିକମାନଙ୍କ ସୁରକ୍ଷା ପାଇଁ ସମ୍ପୃକ୍ତ ଦେଶଗୁଡ଼ିକର ଦୂତାବାସଗୁଡ଼ିକ ସହିତ କ୍ରମାଗତ ଭାବେ ଯୋଗାଯୋଗରେ ଅଛନ୍ତି। ନେପାଳ ନାଗରିକଙ୍କ ଭଳି ବିଦେଶୀ ନାଗରିକଙ୍କ ସୁରକ୍ଷା ପାଇଁ ମଧ୍ୟ ସରକାର ସମାନ ଭାବେ ପ୍ରତିଶ୍ରୁତିବଦ୍ଧ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ବର୍ତ୍ତମାନ ସମୟରେ ଉଦ୍ଧାର ଏବଂ ତତ୍କାଳ ଆଶ୍ରୟ ପ୍ରଦାନ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହି ବିପର୍ଯ୍ୟୟ ସମୟରେ ଭାରତ ସରକାରଙ୍କ ପକ୍ଷରୁ ଶୀଘ୍ର ସହାୟତା ପଠାଯାଇଥିବାରୁ ନେପାଳ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି।

### ୪୦୦୦ କୋଟିରେ...

ବର୍ଗଫୁଟ ବର୍ତ୍ତମାନ ୧୦ ହଜାରରୁ ୧୧ ହଜାର ଟଙ୍କାରେ ବିକ୍ରି ହେଉଛି ଓ ହାରାହାରି ଦେଖିଲେ ୮୩୬ ଏକର ଜମିର ବଜାର ମୂଲ୍ୟ ପାଖାପାଖି ୪୦ ହଜାର କୋଟି ଟଙ୍କା। ଏହାବ୍ୟତୀତ ଭିତ୍ତିଭୂମି ବାବଦରେ ମଧ୍ୟ ବିପୁଳ ନିବେଶ ହୋଇଥିବାରୁ ମୋଟ ସମ୍ପତ୍ତିର ମୂଲ୍ୟ ପାଖପା।ଖି ୫୦ ହଜାର କୋଟି ଟଙ୍କାରୁ ଅଧିକ ହେବ। ପୁଣି ଏହି ବିମାନବନ୍ଦର ଏକ ଲାଭକାରୀ ସଂସ୍ଥା ଓ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ବିଭାଗ ଅଧୀନରେ ରହିଛି।

ସାଧାରଣତଃ ଖରାପ ପ୍ରଦର୍ଶନ କରୁଥିବା, କ୍ଷତି ସହୁଥିବା ସଂସ୍ଥାକୁ ସରକାର ଅନ୍ୟ ସଂସ୍ଥା ବା ଘରୋଇ କମ୍ପାନୀକୁ ଲିଜ୍ ଦେଇ ମୁଣ୍ଡରୁ ବୋଝ ହଟାଇବା କଥା ଦେଖାଯାଏ। ମାତ୍ର ବିପୁଳ ସମ୍ପତ୍ତି ଥାଇ ଲାଭ କରୁଥିବା ସଂସ୍ଥାକୁ ଘରୋଇ ସଂସ୍ଥାକୁ ଲିଜ ଦେବାକୁ କେହି ଚିନ୍ତା କରି ନ ଥାନ୍ତି। ତେଣୁ ଭୁବନେଶ୍ୱର ବିପିଏଆଇ ଲିଜ୍ ନିମନ୍ତେ କେନ୍ଦ୍ର ସରକାରଙ୍କ ନୀତିଗତ ନିଷ୍ପତ୍ତିକୁ ନେଇ ସାରା ରାଜ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ବିଜେଡି ଓ କଂଗ୍ରେସ ଏହି ପଦକ୍ଷେପକୁ ତୀବ୍ର ବିରୋଧ କରିଛନ୍ତି। ଏକ ଲାଭଜନକ ସରକାରୀ ସମ୍ପତ୍ତିକୁ ଘରୋଇ ହାତକୁ ଟେକିଦେବାର ଯୋଜନା ବୋଲି ଅଭିହିତ କରିଛନ୍ତି। ବିପିଆଇଏ ରୁଗ୍ଣ, ଦେବାଳିଆ ବା ଅଚଳ ସମ୍ପତ୍ତି ନୁହେଁ; ବରଂ ଏହା ଦେଶର ଅନ୍ୟତମ ସଫଳ ଓ ଦ୍ରୁତ ବିକାଶଶୀଳ ବିମାନବନ୍ଦର। ୨୦୨୨-୨୩ ଆର୍ଥିକ ବର୍ଷରେ ବିମାନବନ୍ଦରଟି ପ୍ରାୟ ୨୩୮ କୋଟି ଟଙ୍କା ଲାଭ କରିଥିଲା। ଏପରି ଏକ ଲାଭକାରୀ ସଂସ୍ଥାକୁ କେଉଁ ସ୍ୱାର୍ଥରେ ଓ କାହା ସ୍ୱାର୍ଥ ପାଇଁ କେନ୍ଦ୍ର ସରକାର ଲିଜ୍ ଦେବାକୁ ଯୋଜନା କରୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି।

### ୨୯ରେ ଆଉ ଏକ...

ଜଗତସିଂହପୁର, କଟକ, ଢେଙ୍କାନାଳ, ଅନୁଗୋଳ, ବୌଦ୍ଧ, ସୋନପୁର, ସମ୍ବଲପୁର, ଦେବଗଡ଼, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ପ୍ରବଳ ବର୍ଷା ଆଶଙ୍କା କରି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୨୯ ତାରିଖରୁ ବର୍ଷା ବଢ଼ିବା ସହ ସାରା ଓଡ଼ିଶାରେ ବର୍ଷା ପାଇଁ ଚେତାବନୀ ଜାରି ହୋଇଛି। ଅନ୍ୟପଟେ ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳ ସମୁଦ୍ରରେ ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ସର୍ବାଧିକ ୬୦ କିମି ପବନ ଟପିପାରେ। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବା ଆଶଙ୍କା କହି ୩୦ ଓ ୩୧ ତାରିଖ ଦୁଇ ଦିନ ସମୁଦ୍ର ମଧ୍ୟକୁ ମତ୍ସ୍ୟଜୀବୀଙ୍କୁ ଯିବାକୁ ବାରଣ କରାଯାଇଛି।

ଅନ୍ୟପଟେ ଗତ ଲଘୁଚାପ ପ୍ରଭାବରେ ମହାନଦୀର ଉପରମୁଣ୍ଡ ଅର୍ଥାତ ଛତିଶଗଡ଼ରେ ଭୀଷଣ ବର୍ଷା ହେତୁ ହୀରାକୁଦରୁ ବହୁ ପରିମାଣରେ ଜଳ ନିଷ୍କାସନ ଜାରି ରହିଛି। ଏଥିପାଇଁ କଟକ ମୁଣ୍ଡଳିରେ ସାଢ଼େ ୬ ଲକ୍ଷ କ୍ୟୁସେକ୍ ଜଳପ୍ରବାହ ଜାରି ରହିଛି। ଏବେ ସମସ୍ତ ନଦୀ ନଦୀ ବିପଦ ସଂକେତ ତଳେ ପ୍ରବାହିତ ହେଉଥିବା ବେଳେ କେବଳ ଜଳକା ନଦୀ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ରାଜ୍ୟ ଜଳ ସମ୍ପଦ ବିଭାଗ ବନ୍ୟା ପରିସ୍ଥିତି ଉପରେ ନଜର ରଖିଥିବା ବିଭାଗର ସର୍ବଚ୍ଚୋଯନ୍ତ୍ରୀ ଦୀଲ୍ଲୀପ କୁମାର ରାଉତ କହିଛନ୍ତି। ଆଗାମୀ କିଛି ଦିନ ପାଇଁ ବିଭିନ୍ନ ନଦୀ ଅବବାହିକାରେ ବର୍ଷା ପୂର୍ବାନୁମାନ ରହିଥିବାରୁ ପୁଣି ଥରେ ନଦୀଗୁଡ଼ିକ ଫୁଲିବାର ଆଶଙ୍କା ରହିଛି। ବୈତରଣୀ ଓ ବ୍ରାହ୍ମଣୀ ସମେତ କିଛି ଅବବାହିକାରେ ଆଗାମୀ ଦିନଗୁଡ଼ିକରେ ୨୬ରୁ ୩୭ ମିମି ବର୍ଷାର ପୂର୍ବାନୁମାନ କରାଯାଇଛି। ଗତ ୨୪ ଘଣ୍ଟାରେ ୪ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ଜୁନ ୧ରୁ ଏଯାବତ୍ ୧୧୦୫ ମିମି ବର୍ଷା ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ୮୦୭.୫ ମିମି ତୁଳନାରେ ବର୍ଷାର ପରିମାଣ ୨୭ ପ୍ରତିଶତ ଅଧିକ ରହିଛି।

ଅନ୍ୟପଟେ ଆସନ୍ତା ୪ରୁ ୬ ତାରିଖ ମଧ୍ୟରେ ପୁଣି ଏକ ଲଘୁଚାପ ସୃଷ୍ଟି ନେଇ ଆଶଙ୍କା କରାଯାଇଛି। ଗୁରୁବାର ଆଇଏମ୍‌ଡି ପକ୍ଷରୁ ପ୍ରକାଶିତ ବିସ୍ତାରିତ ପରିସର ଆକଳନରେ ଏହି ଲଘୁଚାପ ସୃଷ୍ଟି ନେଇ ପ୍ରାକ୍ ସୂଚନା ଦିଆଯାଇଛି।

**AFFIDAVIT**

By virtue of an affidavit no.248 before the Executive Magistrate, Tentulikhunti, Nabarangpur, dated 30.07.2026, I, Samanta Kumar Nag, resident of Bharamajhiguda, PO-Patraput, PS/Block-Tentulikhunti, Dist.-Nabarangpur, Pin-764049 declare that my minor son name has been changed from Aush Harijan to Ayush Nag. Henceforth, he shall be known as **Ayush Nag** for all purposes.

**Sd/- Samanta Kumar Nag**

**AFFIDAVIT**

By virtue of an affidavit sworn before the Executive Magistrate, Telkoi, dated 13.07.2026, I, Urmila Mahakud, D/o Ballava Mahakud, resident of At-Karadangi, P.O.-Karadangi, P.S.-Telkoi, Dist.-Keonjhar, Odisha, PIN-758019, declare that I have changed my name from Kandhei Mahakuda to Urmila Mahakud. Henceforth, I shall be known as **Urmila Mahakud** for all purposes.

**Sd/- Urmila Mahakud**

**AFFIDAVIT**

**I, Rukia Banu, D/o Md Arif Resident of ward No 5, Padampur Po/ps - Padampur, Dist: Bargarh, Pin: 768036, Odisha declare by this Affidavit No 72AA 349397, Dated 25 August 2026 that now onwards I shall be known as Ruqaiya Banu for all Future Purposes.**

**AFFIDAVIT**

By virtue of an affidavit sworn before the Executive Magistrate, Dhenkanal. I Banabihari Swain, S/o - Brundaban Swain resident of At-Haradaberana, P.o-Chirulei, Ps.- Gondia, Dhenkanal, Pin-759014 declare that my actual name is Banabihari Swain, but in my Aadhaar, Voter card & Bank passbook my name is recorded as Banamali Swain. I declare that Banabihari Swain and Banamali Swain is the same person. Henceforth I shall be known as **Banabihari Swain** for all purposes.

**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

କ୍ରମିକ ନଂ.: ୧, ଇ-ଟେଣ୍ଡର ନଂ.: RTM-2026-27-84, କାର୍ଯ୍ୟର ନାମ: ୧. ନୌଗାୱାନ-ରୁନିଜା-TRR(P) – ୧୨.୯୭୨ Tkm ଏବଂ ୨. ରତଲାମ-ଫତେହାବାଦ - TFR(S)+TWS+ WCM(SC) – ୨୦ ସେଟ୍ (୧:୧୨)। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ୍ ଅନୁଯାୟୀ, ଆନୁମାନିକ ମୂଲ୍ୟ: ଟ.୨,୮୮,୮୫,୨୭୬.୦୭/-, ବଇନା ରାଶି: ଟ. ୫,୭୭,୭୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୧୮ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୨୫/୦୮/୨୦୨୬, ଟେଣ୍ଡର ଖୋଲିବା ତାରିଖ ଓ ସମୟ: ୧୭/୦୯/୨୦୨୬।

କ୍ରମିକ ନଂ.: ୨, ଇ-ଟେଣ୍ଡର ନଂ.: RTM-2026-27-86, କାର୍ଯ୍ୟର ନାମ: ୧. ମାଲହାରଗଡ଼-ଦାଲୋଦା (UP) – TRR(P) – ୧୯.୯୧୧ Tkm, ୨. ନାମଲି-ବରାସ୍ଲା ଚୌରାସୀ ଏବଂ ହରକିସ୍ୱା ଖରଲିଆ-ମାଲହାରଗଡ଼ – TRR(P)। ଆନୁମାନିକ ପରିମାଣ: ଟେଣ୍ଡର ସିଡ୍ୟୁଲ୍ ଅନୁଯାୟୀ, ଆନୁମାନିକ ମୂଲ୍ୟ: ଟ. ୯,୬୯,୧୯,୫୫୯.୧୯/-, ବଇନା ରାଶି: ଟ. ୧୯,୩୮,୪୦୦/-, ଟେଣ୍ଡର ଫର୍ମ ମୂଲ୍ୟ: ନିଲ୍, କାର୍ଯ୍ୟ ସମାପ୍ତି ଅବଧି: ୨୪ ମାସ, ୱେବସାଇଟ୍‌ରେ ଅପଲୋଡ୍ ତାରିଖ: ୨୫/୦୮/୨୦୨୬, ଟେଣ୍ଡର ଖୋଲିବା ତାରିଖ ଓ ସମୟ: ୧୭/୦୯/୨୦୨୬। ବିସ୍ତୃତ ଟେଣ୍ଡର ବିଜ୍ଞପ୍ତି, ଯୋଗ୍ୟତା ମାନଦଣ୍ଡ ଏବଂ ନିୟମ ଓ ସର୍ତ୍ତାବଳୀ www.ireps.gov.in ୱେବସାଇଟ୍‌ରେ ଉପଲବ୍ଧ।

CRY/224

Like us on: facebook.com/WesternRly

# ମିଠା ଦୋକାନରେ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

ବାଲେଶ୍ୱର,୨୭।୮ (ସମିସ)




**▸▸ ବାସି ଛେନା ଓ ମିଠା ଜବତ, ୮ ହଜାର ଜରିମାନା**

**▸▸ ଛେନା ଓ ପନୀରର ୮ ନମୁନା ଭୁବନେଶ୍ୱର ଲାବ୍‌କୁ ପଠାଗଲା**

ମିଠା ଦୋକାନରେ ଗ୍ରାହକଙ୍କୁ ଖାଦ୍ୟ ନାମରେ ବାସି ଛେନା ଓ ମିଠା ଦିଆଯାଉଛି। ସହରର କୁରୁଡା ଅଞ୍ଚଳରେ ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉରେ ବିଭିନ୍ନ ମିଠା ଦୋକାନରେ ଯାଞ୍ଚ ବେଳେ ବାସି ଛେନା ଏବଂ ବାସି ଛେନାରେ ପ୍ରସ୍ତୁତ ମିଠା ମିଳିଛି। ଖାଦ୍ୟ ସୁରକ୍ଷା ବିଭାଗର ଟିମ୍ କୁରୁଡା ଅଞ୍ଚଳର ବିଭିନ୍ନ ମିଠା ଦୋକାନରେ ପହଞ୍ଚି ହଠାତ୍ ଯାଞ୍ଚ କରିଥିଲେ। ଦୋକାନରେ ମହଜୁଦ ଥିବା ଛେନା, ପନୀର ଓ ବିଭିନ୍ନ ମିଠାର ଗୁଣବତ୍ତା ଯାଞ୍ଚ କରାଯିବା ସହ ଖାଦ୍ୟର ତାଜାପଣ ଏବଂ ନିୟମ ପାଳନ ଉପରେ ନଜର ଦିଆଯାଇଥିଲା। ଯାଞ୍ଚ ସମୟରେ କେତେକ ଦୋକାନରୁ ବାସି ଛେନା ଓ ବାସି ଛେନାରେ ପ୍ରସ୍ତୁତ ମିଠା ବାହାରିଥିଲା। ବାସି ଛେନା ଓ ମିଠାକୁ ନଷ୍ଟ କରାଯାଇଛି। ଏଥିସହ ଚଢ଼ାଉ ସମୟରେ ବିଭିନ୍ନ ଦୋକାନରୁ ମୋଟ ୮ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏହା ମିଠା ବ୍ୟବସାୟରେ ଖାଦ୍ୟ ସୁରକ୍ଷା ନିୟମକୁ ହାଲୁକା ଭାବେ ନେଉଥିବା ବ୍ୟବସାୟୀଙ୍କ ପାଇଁ ଚେତାବନୀ ବୋଲି ଧରାଯାଉଛି। ଏହା ସହିତ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଛେନା ଓ ପନୀରର ଗୁଣବତ୍ତା ନେଇ ମଧ ଗୁରୁତ୍ୱର ସହ ଯାଞ୍ଚ କରାଯାଇଛି। ବିଭିନ୍ନ ମିଠା ଦୋକାନରୁ ମୋଟ ୮ ଟି ଛେନା ଓ ପନିର ନମୁନା ସଂଗ୍ରହ କରାଯାଇଛି। ଏହି ନମୁନାଗୁଡ଼ିକୁ ଗୁଣବତ୍ତା ପରୀକ୍ଷା ପାଇଁ ଭୁବନେଶ୍ୱରସ୍ଥିତ ଲାବରେଟୋରୀକୁ ପଠାଯାଇଛି। ଲାବରେଟୋରୀ ରିପୋର୍ଟ ଆସିବା ପରେ ଛେନା ଓ ପନୀରର ମାନ ସମ୍ପର୍କରେ ଅଧିକ ସ୍ପଷ୍ଟତା ମିଳିବ। ଜିଲ୍ଲା ଖାଦ୍ୟ ସୁରକ୍ଷା ବିଭାଗ ଅଧିକାରୀ ଅନୁଶ୍ରୀ ଖଟୁଆ ଏନେଇ ସୂଚନା ଦେଇଛନ୍ତି। ବିଭାଗ ପକ୍ଷରୁ ଏଭଳି ଯାଞ୍ଚ ଓ ଚଢ଼ାଉ ଆଗକୁ ମଧ ଜାରି ରହୁ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଚଢ଼ଉ ସମୟରେ ବିଭାଗର ଅନ୍ୟ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ। ଗ୍ରାହକ ଟଙ୍କା ଦେଇ ଖାଦ୍ୟ କିଣୁଛନ୍ତି, କିନ୍ତୁ ତାଙ୍କ ଥାଳିକୁ ଯଦି ବାସି ଛେନା ଓ ମିଠା ପହଞ୍ଚୁଛି, ତେବେ ଏହା କେବଳ ବ୍ୟବସାୟିକ ଅନିୟମିତତା ନୁହେଁ, ଗ୍ରାହକଙ୍କ ସ୍ୱାସ୍ଥ୍ୟ ଓ ଖାଦ୍ୟ ସୁରକ୍ଷା ପ୍ରତି ଏକ ଗୁରୁତର ଅବହେଳା। କୁରୁଡାରେ ଏହି ଚଢ଼ାଉ ପରେ ଏବେ ପ୍ରଶ୍ନ ଉଠୁଛି, ଅନ୍ୟ ମିଠା ଦୋକାନଗୁଡ଼ିକରେ ମଧ ନିୟମିତ ଓ କଡ଼ା ଯାଞ୍ଚ ହେବ କି? ନା ବାସି ଖାଦ୍ୟ ବିକ୍ରି କରି ଗ୍ରାହକଙ୍କ ସ୍ୱାସ୍ଥ୍ୟ ସହ ଖେଳୁଥିବା ବ୍ୟବସାୟୀମାନେ ପୁଣି ସୁଯୋଗ ପାଇବେ!

## ଉତ୍କଳ ବାଳାଶ୍ରମରେ ରକ୍ଷାବନ୍ଧନ ଉତ୍ସବ



**ବାଲେଶ୍ୱର,୨୭।୮ (ସମିସ):** ବାଲେଶ୍ୱର ଉତ୍କଳ ବାଳାଶ୍ରମର ଅନ୍ତେବାସୀ ଅନାଥ ପିଲାମାନଙ୍କ ସହିତ ଦେବଦୀପ ଫାଉଣ୍ଡେସନ ରକ୍ଷାବନ୍ଧନ ଉତ୍ସବ ଆନନ୍ଦୋଲ୍ଲାସର ସହ ପାଳିତ ହୋଇଯାଇଛି। ଭାଇ-ଭଉଣୀଙ୍କ ଅନାବିଳ ସ୍ନେହ, ପବିତ୍ର ବନ୍ଧନ ଏବଂ ସମାଜରେ ମାନବିକତାର ବାର୍ତ୍ତା ବାଣ୍ଟିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଫାଉଣ୍ଡେସନର ଅଧ୍ୟକ୍ଷା ରଶ୍ମିରେଖା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବାଳାଶ୍ରମର ପିଲାମାନଙ୍କ ହାତରେ ସଂଗଠନର କର୍ମକର୍ତ୍ତାମାନେ ରାଖି ବାନ୍ଧିବା ସହ ମିଠା ଖୁଆଇ ଥିଲେ। ଏହି ସୁନ୍ଦର ଓ ପ୍ରେରଣାଦାୟୀ କାର୍ଯ୍ୟକ୍ରମଟିକୁ ଦୀପିକା ପ୍ରିୟଦର୍ଶିନୀ ଜେନା ପରିଚାଳନା କରିଥିଲେ।

## ଗୋମାତା ପୂଜନ କାର୍ଯ୍ୟକ୍ରମ




**ବାଲେଶ୍ୱର,୨୭।୮ (ସମିସ):** ପବିତ୍ର ରକ୍ଷା ବନ୍ଧନ ଦିବସରେ "ସହାୟକ" ତରଫରୁ ଆଜି ବାଲେଶ୍ୱରର ସଦସ୍ୟ ସଦସ୍ୟାଙ୍କ ଦ୍ୱାରା କୁରୁଡା ପଞ୍ଚାୟତର ହରିଡ଼ା ଗ୍ରାମସ୍ଥିତ ନିରାକାର ପାଣିଗ୍ରାହୀଙ୍କର ଗୋଶାଳାରେ ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ତତ୍ତ୍ୱାବଧାନରେ ଗୋମାତା ପୂଜନ ଜନ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଭାରତୀୟ ସନାତନ ପରମ୍ପରା ଅନୁଯାୟୀ ଏହି କାର୍ଯ୍ୟକ୍ରମ "ସହାୟକ" ପରିବାର ଉପଦେଷ୍ଟା ତଥା ପୂର୍ବତନ ସଭାପତି ଦିବାକର ମହାପାତ୍ରଙ୍କ ମାର୍ଗ ଦର୍ଶନରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଗୋମାତା ପୂଜାର ଐତିହ୍ୟ, ପରମ୍ପରା ଓ ପ୍ରାଚୀନତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ସମେତ ଇଂ ସୁରେନ୍ଦ୍ର ପ୍ରସାଦ ନାୟକ, ପ୍ରଫୁଲ୍ଲ କୁମାର ଦାସ, ଗଙ୍ଗାଧର ପୃଷ୍ଟି, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ରବିନ୍ଦ୍ର ନାଥ ଗିରି, ଡ. ଦୟାନିଧି ମହାପାତ୍ର, ରବି କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଣିତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ନିଆରା ଢଙ୍ଗରେ ରକ୍ଷା ବନ୍ଧନ ପାଳନ

**ରାଜଘାଟ, ୨୭।୮ (ସମିସ):** ଯେଉଁଠି ସାରା ଦେଶ ଭାଇ-ଭଉଣୀର ପବିତ୍ର ପର୍ବ ରକ୍ଷା ବନ୍ଧନ ପାଳନ କରୁଛି, ସେଠି ବସ୍ତା ଅଞ୍ଚଳରେ ଦେଖିବାକୁ ମିଳିଛି ଏକ ନିଆରା ଓ ହୃଦୟସ୍ପର୍ଶୀ ଦୃଶ୍ୟ। ଗଛ ମଣିଷ ଭାବେ ପରିଚିତ ପରିବେଶବିତ୍ ଗଣେଶ ଚନ୍ଦ୍ର ଜେନା ଏଥର ମଣିଷକୁ ନୁହେଁ, ବରଂ ଗଛରେ ରାକ୍ଷୀ ବାନ୍ଧି ରକ୍ଷା ବନ୍ଧନ ପାଳନ କରି ସମସ୍ତଙ୍କୁ ଏକ ନୂତନ ବାର୍ତ୍ତା ଦେଇଛନ୍ତି। ଆଜି ସକାଳେ ବସ୍ତା ବ୍ଲକ ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ବେଣାପୁରା ଗ୍ରାମର ଗଣେଶ ସାର ଓ ତାଙ୍କ ଛାତ୍ରଛାତ୍ରୀମାନେ ଏକାଠି ହୋଇ,ଏକ ଜଙ୍ଗଲରେ ବହୁତ ସାରା ଗଛରେ ରାକ୍ଷୀ ବାନ୍ଧିଲେ ଓ ଗଛକୁ ରକ୍ଷା କରିବା ପାଇଁ ଶପଥ ନେଲେ ଏବଂ ଗଛ ଅଛି ତ ଆମେ ଅଛୁ ବୋଲି ସ୍ଲୋଗାନ ଦେଲେ।ଗଣେଶ ସାର କହିଲେ, ଭାଇ ଯେମିତି ଭଉଣୀକୁ ରକ୍ଷା କରେ, ଗଛ ମଧ ସେମିତି ଆମକୁ ଛାଇ, ଅମ୍ଳଜାନ, ଜୀବନ ଦେଇ ରକ୍ଷା କରୁଛି। ତେଣୁ ଏ ରକ୍ଷା ବନ୍ଧନରେ ଗଛକୁ ରାକ୍ଷୀ ବାନ୍ଧି ତାକୁ ସୁରକ୍ଷା ଦେବାର ସମୟ ଆସିଛି। ତାଙ୍କର ଏହି ନିଆରା ପ୍ରୟାସକୁ ସ୍ଥାନୀୟ ଲୋକେ ଓ ବୁଦ୍ଧିଜୀବୀ ମହଲରେ ବହୁତ ପ୍ରଶଂସା କରାଯାଉଛି। ପିଲାମାନେ ମଧ ଏଥିରୁ ଗଛ ଲଗାଇବା ଓ ଗଛକୁ ରକ୍ଷା କରିବା ପାଇଁ ପ୍ରେରଣା ପାଇଛନ୍ତି।



## ମଦର ଟେରେସାଙ୍କ ୧୧୬ତମ ଜୟନ୍ତୀ

**ବାଲିଆପାଳ, ୨୭।୮ (ସମିସ):** ଏହି ବ୍ଲକ ଡଗରାସ୍ଥିତ ମଦର ଟେରେସା ସେବା ସଂଘ ପକ୍ଷରୁ ମଦର ଟେରେସାଙ୍କ ୧୧୬ ତମ ଜନ୍ମ ଜୟନ୍ତୀ ମଦର ଟେରେସା ଅନ୍ଧ ମୂକ ବଧିର ଆବାସିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସରୋଜ କାନ୍ତ ଜେନାଙ୍କ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଡ଼ ଯୁଧିଷ୍ଠିର ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଡ଼ିଆଇ ସୁବାସ ଚନ୍ଦ୍ର ଚୌଧୁରୀ, ସମ୍ମାନିତ ଅତିଥି ଭାବେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ବେତଗଡିଆ ସରପଞ୍ଚ ପ୍ରତିନିଧି ସନ୍ତୋଷ ଗିରି, ସମିତି ସଭ୍ୟ ରାଜୀବ ରାୟ, ଶିକ୍ଷକ ମଦନମୋହନ ଦେ, ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ମଦର ଟେରେସାଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବା ସହିତ ସମାଜରେ ଭଲ ମଣିଷ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଉପସଭାପତି ପ୍ରତାପ ଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

## ବୟସ୍କ ନାଗରିକଙ୍କ ସାଂଗଠନିକ ବୈଠକ



**ସିମୁଳିଆ, ୨୭।୮ (ସମିସ) :** ରାଖି ପୂର୍ଣ୍ଣିମା ଅବସରରେ ସିମୁଳିଆ ବୟସ୍କ ନାଗରିକ କଲ୍ୟାଣ ପରିଷଦ ପକ୍ଷରୁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପରିସରରେ ରକ୍ଷାବନ୍ଧନ ଓ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠାନର ସଭାପତି ପଦ୍ମଲୋଚନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୟସ୍କ ବ୍ୟକ୍ତିଙ୍କୁ ରୟାଲ ବିଦ୍ୟାଳୟର ଛାତ୍ରୀମାନେ ଓ ସିମୁଳିଆ ସୂର୍ଯ୍ୟଶିଖା ମହିଳା ମହାସଙ୍ଘର ସଭାନେତ୍ରୀ ଭାରତୀ ମଲ୍ଲିକ ଓ ସମ୍ପାଦିକା ଉର୍ବଶୀ ମହାରଣାଙ୍କ ନେତୃତ୍ୱରେ ରାକ୍ଷୀ ବାନ୍ଧି ମିଠା ଖୁଆଇ ଥିଲେ । ଅନ୍ୟତମ ଅତିଥି ଭାବେ ଉପଦେଷ୍ଟା ଗୋକୁଳା ନନ୍ଦ ମିଶ୍ର, ସାଧାରଣ ସମ୍ପାଦକ ବୀରେନ୍ଦ୍ର କୁମାର ନାୟକ, ପ୍ରମୁଖ ଉପସ୍ଥିତ ରହି ସଂଗଠନକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସିମୁଳିଆ ବ୍ଲକର ୨୨ଟି ପଞ୍ଚାୟତରୁ ବୟସ୍କ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସାଙ୍ଗଠନିକ ଭାଷଣ ପ୍ରଦାନ କରିଥିଲେ। ପରେ ସହ-ସମ୍ପାଦକ ବାଇଧର ମହାକୁଡ଼ ବୟସ୍କଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ଓ ପମ୍ପିଙ୍ଗ ବଲ ପ୍ରତିଯୋଗିତା କରିଥିଲେ । ଏହି ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ସଂଗଠନ ପକ୍ଷରୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ କୋଷାଧକ୍ଷ ଗଣନାଥ ସାହୁ, ସହ ସମ୍ପାଦକ ଶିବ ପ୍ରସାଦ ପଣ୍ଡା, ଉପଦେଷ୍ଟା ଡ଼. ନାରାୟଣ ପଲେଇ, କମଳାକାନ୍ତ ନାୟକ, ରମାକାନ୍ତ ପରିହାରୀ, ସଦସ୍ୟ ଉପେନ୍ଦ୍ର ବିଶ୍ୱାଳ, ଗଦାଧର ନାୟକ, ପ୍ରଫୁଲ୍ଲ କୁମାର ସେନାପତି,ଗଜେନ୍ଦ୍ର ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ପ୍ରମୁଖ ସହଯୋଗ କରିଥିଲେ।

## ଅନାଥାଶ୍ରମରେ ରାକ୍ଷୀ ପୂର୍ଣ୍ଣିମା ପାଳନ



**ବାଲେଶ୍ୱର,୨୭।୮ (ସମିସ):** ରାକ୍ଷୀ ପୂର୍ଣ୍ଣିମା ଅବସରରେ ମଥାନୀସ୍ଥିତ ମାଗୁଣିଚରଣ ଅନାଥାଶ୍ରମରେ ଏକ ନିଆରା ଢଙ୍ଗରେ ରାକ୍ଷୀ ପର୍ବ ପାଳନ କରିଛି ବାଘାଯତୀନ ସଂଗଠନ। ସଂଗଠନର ସଭାପତି ଗଣେଶ ଜେନାଙ୍କ ନେତୃତ୍ୱରେ କାର୍ତ୍ତିକ ପରିଡା, କାର୍ତିକ ଶାନ୍ତରା, କାର୍ତ୍ତିକ ପ୍ରଧାନ, ଗଜେନ୍ଦ୍ର ବେହେରା, ଗଜେନ୍ଦ୍ର ସାହୁ, ସର୍ବେଶ୍ୱର ଦାସ, ଦେବାଶିଷ ପଣ୍ଡା, ଈଶ୍ୱର ପତି, ସବିତା ରାଣୀ ଦାସ, କୈଳାଶ ଦାସ, ଦେବବ୍ରତ ପରିଡା, ସୁଶାନ୍ତ ଦାସ, ରାଜେନ୍ଦ୍ର ସାହୁ ଓ ବିକାଶ ଜେନା ପ୍ରମୁଖ ସଦସ୍ୟମାନେ ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ। ସଂଗଠନର ଭାଇ ଓ ଭଉଣୀମାନେ ଅନାଥାଶ୍ରମର କୁନି କୁନି ପିଲାଙ୍କ ହାତରେ ରାକ୍ଷୀ ବାନ୍ଧିବା ସହ ସେମାନଙ୍କୁ ମିଠା ଖୁଆଇଥିଲେ। ପିଲାମାନଙ୍କ ସହ କିଛି ସମୟ ହସଖୁସିରେ ବିତାଇବା ସହ ମଧ୍ୟାହ୍ନ ଭୋଜନର ମଧ ବ୍ୟବସ୍ଥା କରାଯାଇଥିଲା। ଏହି ନିଆରା ସେବା କାର୍ଯ୍ୟକୁ ଦେଖି ସ୍କୁଲର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଖୁସି ପ୍ରକାଶ କରିବା ସହ ବାଘାଯତୀନ ସଂଗଠନର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ।

## ପଥର ଗାଡ଼ି ଧରି ଛାଡ଼ିଦେଲା ପୁଲିସ

**ସୋର,୨୭।୮ (ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ନିକଟରେ ଏକ ପଥର ବୋଝେଇ ଡମ୍ପରକୁ ଧରି ସୋର ପୁଲିସ ଛାଡି ଦେଇଥିବା ଜଣାପଡିଛି। ସୂଚନା ଅନୁସାରେ ଗତକାଲି ମଧ୍ୟାହ୍ନରେ ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ନିକଟରେ ୫ରୁ ଅଧିକ ପଥର ଗାଡି ଏକା ସାଙ୍ଗରେ ଯାଉଥିବା ନେଇ କୌଣସି ବିଶ୍ୱସ୍ତ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା। ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୋଟିଏ ଗାଡିକୁ କାବୁ କରିଥିବା ବେଳେ ଅନ୍ୟ ଗାଡି ଗୁଡିକ ଫେରାର ହୋଇଯାଇଥିଲେ। ମାତ୍ର କିଛି ସମୟ ପରେ ପୁଲିସ ଉକ୍ତ ପଥର ଗାଡିକୁ ଛାଡିଦେଇଥିଲେ। ତେବେ କେଉଁ କାରଣରୁ ପଥର ଗାଡିକୁ ଛଡାଗଲା ସେ ନେଇ ସୋର ଥାନା ଭାରପ୍ରାପ୍ତ ଅଧିକାରୀ ଦେବରାଜ ଜେନାଙ୍କୁ ବାରମ୍ବାର ଯୋଗଯୋଗ କରାଯାଇଥିଲେ ମଧ ଯୋଗଯୋଗ ହୋଇପାରିନଥିଲା। ମୋଟା ଅଙ୍କର ମାସିକିଆ ଚାନ୍ଦା ପାଇଁ ଗାଡିକୁ ପୁଲିସ ଛାଡି ଦେଇଥିବା କିଛି ଟ୍ରକ ମାଲିକ ନିଜର ନାମ ଗୋପନ ରଖି କହିଛନ୍ତି।

## ଟ୍ରାକ୍ଟର ଧକ୍କାରେ ଯୁବକ ଗୁରୁତର

**ସୋର,୨୭।୮ (ସମିସ):** ସୋର ଥାନା ବନ୍ଧସାହି ଗ୍ରାମ ରାସ୍ତାରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଭଦ୍ରକ ଜିଲ୍ଲା ଚାନ୍ଦବାଲି ଅଂଚଳର ରାଜେଶ ସିଂ ଦୀର୍ଘଦିନ ହେଲା ନିଜ ମାମୁଁ ଘର ସିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହିରେ ରହୁଛନ୍ତି। କିନ୍ତୁ ଆଜି ସକାଳେ ସେ ଘରକୁ ଚାଲି ଚାଲି ଫେରୁଥିବା ବେଳେ ରାସ୍ତାରେ ଖରାପ ହୋଇଥିବା ଏକ ଟ୍ରାକ୍ଟର ମରାମତି ସମୟରେ ଅଚାନକ ଷ୍ଟାର୍ଟ ହୋଇ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଟ୍ରାକ୍ଟରର ଚକା ତାଙ୍କ ଉପରେ ଚଢ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ଅତି ଗୁରୁତର ହେବାରୁ ଡାକ୍ତର ତାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିବା ଜଣାପଡିଛି। ଦୁର୍ଘଟଣା ପରେ ଟ୍ରାକ୍ଟରଟି ଘଟଣା ସ୍ଥଳରୁ ଫେରାର ଅଛି।

## ସାପ କାମୁଡ଼ାରେ ଶିଶୁ ମୃତ

**ବାଲିଆପାଳ, ୨୭।୮ (ସମିସ):** ଏହି ବ୍ଲକ ଅନ୍ତର୍ଗତ କୁମ୍ଭାରୀ ପଞ୍ଚାୟତର ନୁଆସାହି ଗ୍ରାମର ରଣଜିତ ଗିରିଙ୍କ ଚାରିବର୍ଷର ପୁଅ ହିମାଂଶୁ ଗିରିଙ୍କ ଗୁରୁବାର ସର୍ପାଘାତରେ ମୃତ୍ୟୁ ହୋଇଛି। ହିମାଂଶୁ ଘର ଆଗରେ ଖେଳୁଥିବା ସମୟରେ ଅଜାଣତରେ କୈଣସି ଏକ ବିଷାକ୍ତ ସାପକୁ ମାଡ଼ିଦେବା ଫଳରେ ସାପଟି କାମୁଡି ଦେଇଥିଲା। ସଙ୍ଗେ ସଙ୍ଗେ ପରିବାର ଲୋକେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ ଶିଶୁଟି ଅଧିକ ଗୁରୁତର ହେବା ଫଳରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡ଼ାକ୍ତର ଶିଶୁ ଟିକୁ ମୃତ ଘୋଷଣା କରିଥିଲେ। ତେବେ ସୁବର୍ଣ୍ଣରେଖା ବନ୍ୟାରେ ଭାସିଥିବା ବିଷାକ୍ତ ସାପ କାମୁଡାରେ ଶିଶୁ ପୁତ୍ରର ମୃତ୍ୟୁ ହୋଇଛି।

## ଚୋରା କାଠଗାଡ଼ି ଜବତ

**ବାଲିଆପାଳ, ୨୭।୮ (ସମିସ):** ଏହି ବ୍ଲକ ସୁବର୍ଣ୍ଣରେଖା ସେତୁ ନିକଟରୁ ଫରେଷ୍ଟ ବିଭାଗ ଅଧିକାରୀଙ୍କ ଦ୍ୱାରା ଚଢାଉ ହୋଇ ବେଆଇନ କାଠ ବୋଝେଇ ପିକଅପ ଜବତ ହୋଇଛି। ଲଙ୍ଗଳେଶ୍ୱର ବନ ବିଭାଗ ଏକ ଟିମ ଆଜି ଡ୍ୟୁଟିରେ ଥିବାବେଳେ ସୁବର୍ଣ୍ଣରେଖା ସେତୁ ନିକଟରୁ ଏକ ପିକ ଅପ ଚୋରା କାଠ ଗାଡିକୁ ଦେଖି ଅଟକାଇ ଥିଲେ। ସେଥିରେ ମୂଲ୍ୟବାନ ନିମ୍ବ ଓ ଆକାଶୀ କାଠ ଥିବାର ଜାଣି ଗାଡିଟିକୁ ଥାନାକୁ ନେଇ ଆସିଥିଲେ। ଗାଡିର ମାଲିକ ସୁଦୀପ୍ତ ସାହୁ ପଶ୍ଚିମବଙ୍ଗର ବାସିନ୍ଦା ହୋଇଥିବାବେଳେ ଗାଡିଟି ଓଡିଶାର। ଏହି ଗାଡି ପଶ୍ଚିମ ବଙ୍ଗରୁ କାଠ ନେଇ ବାଲିଆପାଳ ବ୍ଲକ ନିକଟସ୍ଥ କାଳିପଦା ବଜାରକୁ ଆସୁଥିବା ବେଳେ ବନ ବିଭାଗ ଅଧିକାରୀଙ୍କ ହାତରେ ଧରାପଡିଥିଲା। ଏହି ଚଢାଉ ସମୟରେ ଲଙ୍ଗଳେଶ୍ୱର ଫରେଷ୍ଟର ଅଧିକାରୀ ବିଜୟ କୁମାର ସାହୁ, ପ୍ରତିମା ସ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହି ଗାଡିର ପ୍ରଦୂଷଣ ଓ ଫିଟନେସ୍ ନାହିଁ।

## ବ୍ରିଜ ତଳୁ ଲାଇଟ୍ ଚୋରି

**ସୋର, ୨୭।୮ (ସମିସ):** ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ବ୍ରିଜରେ ଲାଗିଥିବା ଲାଇଟକୁ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ବେଳେ ପେନାଲ ବୋର୍ଡ ଭାଙ୍ଗି ଦେଇଥିବା ଜଣାପଡିଛି। ବ୍ରିଜ ଗୋପାଲ କନଷ୍ଟ୍ରକସନ କମ୍ପାନୀ ରାସ୍ତା କାମ କରୁଥିବା ବେଳେ ଏହି ବ୍ରିଜ ତଳେ ହାଇମାକ୍ସ ଲାଇଟ ଲଗାଇଥିଲା। କିନ୍ତୁ ଗତକାଲି ରାତିରେ କେହି ଦୁର୍ବୃତ୍ତ ସେଠାରେ ଲାଗିଥିବା ପେନାଲ ବୋର୍ଡର ଚାବି ଭାଙ୍ଗି ମେନ ସ୍ୱିଚ ଭାଙ୍ଗିବା ପରେ ବ୍ରିଜ ତଳେ ଲାଗିଥିବା ତିନୋଟି ହାଇମାକ୍ସ ଲାଇଟକୁ ଚୋରି କରି ନେଇଛନ୍ତି। ଏହି ସ୍ଥାନରେ ବାରମ୍ବାର ଚୋରି ହେଉଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ସେଠାରେ ପୁଣି ଲାଇଟ ଲଗାଇବାକୁ ସ୍ଥାନୀୟ ଲୋକେ ଦାବୀ କରିଛନ୍ତି। ଏ ବାବଦରେ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଖବର ଲେଖା ହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## ଶତାୟୁ ମହିଳାଙ୍କ ପରଲୋକ



**ଜଳେଶ୍ୱର ବ୍ଲକ, ୨୭।୮ (ସମିସ):** ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମ ପଞ୍ଚାୟତର ନିମପୁର ଗ୍ରାମର ମୁଖଦା ମଣି ସିଂହଙ୍କ ୧୦୮ ବର୍ଷ ବୟସରେ ପରଲୋକ ଘଟିଛି। ତାଙ୍କର ଏହି ନିଷ୍କାମ ସେବା,ତ୍ୟାଗ ଓ ପରୋପକାରୀ ଗୁଣ ପାଇଁ ସ୍ଥାନୀୟ କ୍ରୀଡ଼ା ଓ ସାଂସ୍କୃତିକ ସଂଗଠନ ତରଫରୁ ତାଙ୍କୁ ଅଞ୍ଚଳର 'ଶ୍ରେଷ୍ଠ ମାଆ' ଭାବେ ସମ୍ମାନିତ କରାଯାଇଥିଲା। ତାଙ୍କର ବିୟୋଗରେ ଆରୁହା ପଞ୍ଚାୟତର ସରପଞ୍ଚ ତପନୀ ଭୂୟାଁ, ସମିତି ସଭ୍ୟା ମଧୁମିତା ମହାନ୍ତି,ନାଏବ ସରପଞ୍ଚ ବରୁଣ କୁମାର ଜେନା, ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ଯୁବ ନେତା ଶ୍ରୀକଣ୍ଠ ମାହାନ୍ତି,ସରକାରୀ ଓକିଲ ନଗମାନନ୍ଦ ପାତ୍ର,ସାମ୍ବାଦିକ ମନୋଜ କୁମାର ଭୂୟାଁଙ୍କ ସହ ନିମପୁର ଗ୍ରାମ ସହିତ ସମଗ୍ର ଆରୁହା ପଞ୍ଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ଓ ଗ୍ରାମବାସୀ ଗଭୀର ଶୋକପ୍ରକାଶ କରିବା ସହ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ପୂର୍ବତନ ନାଏବ ସରପଞ୍ଚଙ୍କ ଶ୍ରଦ୍ଧାଞ୍ଜଳି ସଭା

**ବାଲିଆପାଳ, ୨୭।୮ (ସମିସ):** ଏହି ବ୍ଲକ ଅନ୍ତର୍ଗତ ବେତଗଡ଼ିଆ ପଂଚାୟତ ପୂର୍ବତନ ନାଏବ ସରପଞ୍ଚ ତଥା ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ବିରୋଧି ଜନ ଆନ୍ଦୋଳନ ପରିଚାଳକ କମିଟିର ସକ୍ରିୟ ସଦସ୍ୟ ତଥା ବାଲିବିଲ ର ନୂଆ ହାଟ ର ପ୍ରତିଷ୍ଠାତା ଉପେନ୍ଦ୍ର ନାଥ ଜେନା ଙ୍କ ଉଦେଶ୍ୟରେ ଆଜି ବାଲିବିଲ ହାଟ ପାଖରେ ବାଲିବିଲ ନୂଆହାଟ ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ଭିଟାମାଟି ବଞ୍ଚାଓ ଆନ୍ଦୋଳନର ଆବାହକ ଅରୁଣ ଜେନାଙ୍କ ଅଧକ୍ଷ୍ୟତାରେ ମୁଖ୍ୟ ବକ୍ତା ଭାବରେ କ୍ଷେପଣାସ୍ତ୍ର ଘାଟି ବିରୋଧୀ ନେତା କୁଶଧଜ ଜେନା, ସି. ପି. ଆଇ (ଏମ) ନେତା ମୃତ୍ୟୁଞ୍ଜୟ ରାଉତ, ହାଟ କମିଟି ର ସଦ୍ୟସ ରବୀନ୍ଦ୍ର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ବେହେରା, ଅନାଦି ରଣା, ସୁଧୀର ବେହେରା, ଚିତ୍ତରଞ୍ଜନ ଜେନା ନିରୁପମା ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଜଙ୍ଗଲରେ ନିଆରା ରକ୍ଷା ବନ୍ଧନ କାର୍ଯ୍ୟକ୍ରମ

**ସୋର, ୨୭।୮ (ସମିସ):** ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ସରଳିଆ ଗ୍ରାମରେ ଗ୍ରାମବାସୀଙ୍କ ତରଫରୁ ନିଆରା ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ଜଙ୍ଗଲ କମିଟି ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର ମହିଳା ପୁରୁଷ ମାନେଉପସ୍ଥିତ ରହି ଜଙ୍ଗଲରେ ଥିବା ଗଛରେ ରାଖି ବାନ୍ଧିବା ସହିତ ଗଛ ନ କାଟିବା, ଜଙ୍ଗଲ ବଞ୍ଚାଇବା, ପରିବେଶର ସୁରକ୍ଷା କରିବା ପାଇଁ ଶପଥ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଘ ଆମ୍ଭୁଡା ବିଟ ଫରେଷ୍ଟ ଗାର୍ଡ ପ୍ରମିଳା ସେନ ଯୋଗଦେଇ ଗ୍ରାମବାସୀଙ୍କୁ ଶପଥ ପାଠ କରାଇ ଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ରେବତୀ ଜେନା, ବସନ୍ତ ସେଠୀ,ଶରତ ମଣ୍ଡଳ,ଜଗବନ୍ଧୁ ସେଠୀ, ଭରତ ଜେନା, ହୃଦାନନ୍ଦ ସେଠୀ, ସୁଶାନ୍ତ ଜେନା, ମୀନାରାଣୀ ସେଠୀ ବିଜୟ ବେହେରା, ରତ୍ନାକର ଜେନା, ଲିଲିମା ଧଳ, ମଞ୍ଜୁଲତା ବେହେରା, ରମଣୀ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅଙ୍ଗନବାଡ଼ି କେନ୍ଦ୍ରରୁ ବାରମ୍ବାର ଚୋରି; ପିଲାଙ୍କୁ ମିଳୁନି ରନ୍ଧାଖାଦ୍ୟ

ବାଲିଆପାଳ, ୨୭।୮ (ସମିସ)




ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟି-୩ ଅଙ୍ଗନବାଡ଼ି କେନ୍ଦ୍ରରେ ବାରମ୍ବାର ଚୋରି ଘଟଣା ଘଟିବା ଯୋଗୁଁ ଏବେ ଛୋଟ ଛୋଟ ପିଲାଙ୍କୁ ରନ୍ଧା ଖାଦ୍ୟ ଯୋଗାଇବାରେ ସମସ୍ୟା ଦେଖାଦେଇଛି। ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ଶିଶୁ ଖାଦ୍ୟ ସାମଗ୍ରୀ ସହ ରୋଷେଇ ସାମଗ୍ରୀ ଚୋରି ହେଉଥିବାରୁ ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ମଧ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ଗତ ଫେବୃଆରୀ ମାସରେ ଏହି ଅଙ୍ଗନବାଡ଼ି କେନ୍ଦ୍ରରୁ ଏକ ଗ୍ୟାସ ଚୁଲା ସମେତ ବିଭିନ୍ନ ରୋଷେଇ ସାମଗ୍ରୀ ଚୋରି ହୋଇଥିଲା। ଏହାପରେ ପିଲାମାନଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରିବାକୁ ଅଙ୍ଗନବାଡ଼ି ସହାୟିକା ନିଜ ଘରୁ ଗ୍ୟାସ ସିଲିଣ୍ଡର ଆଣି ରୋଷେଇ କରୁଥିଲେ। ତେବେ ପୁଣି ତିନି ଦିନ ତଳେ ଦୁର୍ବୃତ୍ତମାନେ ଅଙ୍ଗନବାଡ଼ି କେନ୍ଦ୍ରର ରୋଷେଇ ଘର ଓ ଷ୍ଟୋର ରୁମ୍‌ର ତାଲା ଭାଙ୍ଗି ଭିତରେ ପଶିଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ଶିଶୁ ଖାଦ୍ୟ, ଚାଉଳ, ଗ୍ୟାସ ସିଲିଣ୍ଡର ଓ ଗ୍ୟାସ ଚୁଲା ସମେତ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଅଙ୍ଗନବାଡ଼ି କର୍ମୀ ଦେବସ୍ମିତା ଘଡ଼େଇ ଦେଖିବାକୁ ପାଇଥିଲେ । ପୂର୍ବରୁ କେନ୍ଦ୍ରର ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବାରୁ ସହାୟିକା ନିଜ ଘରର ସିଲିଣ୍ଡର ଆଣି ପିଲାଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରୁଥିଲେ। ମାତ୍ର ଏବେ ତାଙ୍କ ନିଜ ସିଲିଣ୍ଡର ଏବଂ କେନ୍ଦ୍ରର ଗ୍ୟାସ ଚୁଲା ମଧ ଚୋରି ହୋଇଯିବାରୁ ପିଲାମାନଙ୍କୁ ରନ୍ଧା ଖାଦ୍ୟ ଦେବା ସମ୍ଭବ ହେଉନାହିଁ । ଏହି ଘଟଣାକୁ ନେଇ ଅଙ୍ଗନବାଡ଼ି କର୍ମୀ ଦେବସ୍ମିତା ଘଡ଼େଇ କହିଛନ୍ତି ଯେ, କେନ୍ଦ୍ରରେ ବାରମ୍ବାର ଏଭଳି ଚୋରି ଘଟଣା ଘଟୁଥିବାରୁ ଏହା ଉଦ୍ଦେଶ୍ୟମୂଳକ ହୋଇଥାଇପାରେ। ବିଶେଷକରି ଶିଶୁମାନଙ୍କ ଖାଦ୍ୟ ସାମଗ୍ରୀ ଚୋରି ହେବା ଘଟଣାକୁ ନେଇ ସେ ଚିନ୍ତା ପ୍ରକାଶ କରିଛନ୍ତି।ଅଙ୍ଗନବାଡ଼ି କେନ୍ଦ୍ରରୁ ବାରମ୍ବାର ସରକାରୀ ସାମଗ୍ରୀ ଓ ଶିଶୁଙ୍କ ଖାଦ୍ୟ ସାମଗ୍ରୀ ଚୋରି ହେଉଥିବାରୁ ଏହାର ତୁରନ୍ତ ତଦନ୍ତ କରି ଦୋଷୀଙ୍କୁ ଗିରଫ କରିବା ସହ ପିଲାମାନଙ୍କୁ ପୁନର୍ବାର ରନ୍ଧା ଖାଦ୍ୟ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଦାବି ହୋଇଛି। ଏ ନେଇ ଅଙ୍ଗନବାଡ଼ି କର୍ମୀ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

# ବିଜେଡି ପ୍ରବକ୍ତା ଲେଖାଶ୍ରୀଙ୍କ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ

■ କଖଡା, ଗାଙ୍ଗିଜୁଡି ପୋଲ ଓ କୁଞ୍ଜିବଣିଆ, ଭେଡିବନ୍ଧ ବୁଲିଲେ; ଲୋକଙ୍କ ସମସ୍ୟା ଶୁଣିଲେ

■ ପାଳପଟଣା, ନରଣଗାଁ ଓ ମାନଗୋବିନ୍ଦପୁରରେ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ ଦାବି



ବଡ଼ସାହି, ୨୭।୮ (ସମିସ): ଦୁଇଦୁଇ ଥର ଲଘୁଚାପଜନିତ ବର୍ଷା ଓ ତିନିଥର ବନ୍ୟା ପରିସ୍ଥିତିରେ ବଡସାହି ବ୍ଲକ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ମାନଗୋବିନ୍ଦପୁର ଓ ଶାଳଗାଁ ପଞ୍ଚାୟତ ସବୁଠୁ ଅଧିକ ପ୍ରଭାବିତ ହୋଇଛି। ଏହି ଦୁଇ ପଞ୍ଚାୟତର ଲୋକେ ୫/୬ ଦିନ ଧରି ପାଣି ଘେରରେ ରହିବା, ରାସ୍ତାଘାଟ ମରଣଯନ୍ତା ପାଲଟିବା, ପୋଲ ଓ ଭେଡିବନ୍ଧ ଭାଙ୍ଗିଛି। ଏଥିସହିତ ବାରମ୍ବାର ବନ୍ୟା ଜଳ ଚାଷ ଜମି ଓ ପରିବା ବାଡିରେ ପଶି ଜମିକୁ ବାଲିଚର କରିବା ସହିତ ଚାଷ ନଷ୍ଟ କରିଛି। ଏହି ବ୍ୟାପକ କ୍ଷୟକ୍ଷତି ପାଇଁ ଲୋକଙ୍କ ସହିତ ଆଲୋଚନା କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ଲୋକମାନେ କିପରି ଯଥାଶୀଘ୍ର ସାହାଯ୍ୟ ପାଇପାରିବେ ଓ ସେମାନଙ୍କ ସମସ୍ୟାର ସମାଧାନ କିପରି ହୋଇପାରିବ, ସେଥିପାଇଁ ବିଜେଡି ପ୍ରବକ୍ତା ତଥା ବାଲେଶ୍ୱର ଲୋକସଭା ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଏହି ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ ସଭାପତି ରାଜୀବ ରଞ୍ଜନ ସେନାପତି ଓ ତପନ ପତି, ପୂର୍ବତନ ସଭାପତି ସନ୍ତକ ଲେଙ୍କା, ଯୁବ ନେତା ନିହାର ରଞ୍ଜନ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ କାଞ୍ଚନ କୁମାର ପ୍ରଧାନ, ସମ୍ପାଦକ ରାକେଶ ମହାପାତ୍ର ଓ ବିନୋଦ ସିଂ, ବରିଷ୍ଠ ନେତା ମନ୍ମଥ ସାମନ୍ତରାୟ, ପ୍ରଫୁଲ୍ଲ ମହାଲିକ, ଗଣେଶ ସେଠୀଙ୍କ ସମେତ ବହୁ ଯୁବ ଛାତ୍ର ଓ ବରିଷ୍ଠ ନେତା ସାମିଲ ଥିଲେ।

ବିଜେଡି ପ୍ରତିନିଧି ଦଳ ପ୍ରଥମେ ବାବା କଖାରୁଆ ବୈଦ୍ୟନାଥଙ୍କୁ ଦର୍ଶନ କରିବା ସହିତ ଶାଳଗାଁ- ନରଣଗାଁ ମଝିରେ ଥିବା 'କଖଡା' ପୋଲ ପରିଦର୍ଶନ କରିଥିଲେ। ସେଠାରେ ପ୍ରବଳ ସ୍ରୋତରେ ଧସିଯାଇଥିବା କଂକ୍ରିଟ ପୋଲ କିପରି ବିପଦସଙ୍କୁଳ ଅବସ୍ଥାରେ ରହିଛି, ତାହା ଦେଖିବା ସହିତ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ପୂର୍ବରୁ ଏହି ପୋଲ ନିକଟରେ ଜଣେ ଯୁବକ ଭାସିଯାଇଥିବାବେଳେ ଚଳିତ ବର୍ଷ ଗୋରୁଗାଈ ମଧ୍ୟ ପାଣିକୁ ଖସି ପଡୁଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ପୋଲର ମରାମତି ସହିତ ସୁଉଚ୍ଚ ପୋଲ ନିର୍ମାଣ ପାଇଁ ସେମାନେ ଲେଖାଶ୍ରୀଙ୍କ ନିକଟରେ ଦାବି ଦୋହରାଇଛନ୍ତି। ସେହିପରି ପାଳପଟଣା ଗାଁ ରାସ୍ତା ବୁଲି ଦେଖିବା ସହିତ ପାଳପାଟଣା-ସୋରିଷକୋଠା ମଝିରେ ଥିବା 'ଗାଙ୍ଗିଜୁଡି' ପୋଲର ସ୍ଥିତି ଅନୁଧ୍ୟାନ କରିଥିଲେ। ଚଳିତ ବର୍ଷ ଏହି ପୋଲ ନିକଟରେ ପ୍ରଖରସ୍ରୋତରେ ଜଣେ ଯୁବକ ଭାସି ଯାଇ ମୃତ୍ୟୁବରଣ କରିଥିବାବେଳେ ନଦୀରେ ପାଣି ଆସିଲେ ଏହି ପୋଲ ଲୋକଙ୍କ କାମରେ ଆସୁ ନ ଥିବା ଲୋକମାନେ କହିଥିଲେ। ଏଠାରେ ମଧ୍ୟ ପୋଲର ଲମ୍ବ ଓ ଉଚ୍ଚତା ବୃଦ୍ଧି କରିବା ସହିତ ଆପ୍ରୋଚ ରୋଡର ଉନ୍ନତୀକରଣ ଦାବି କରିଥିଲେ। ବିଦ୍ୟାଳୟରେ ପାଣି ପଶୁଥିବାରୁ ପାଠପଢ଼ା ଠପ୍ ହେବା ସହିତ ବିଦ୍ୟାଳୟ ପରିବେଶ ବିଗିଡି ଯାଉଥିବା କହିଥିଲେ। ମାନଗୋବିନ୍ଦପୁର କୁଞ୍ଜିବଣିଆଠାରେ ଗଙ୍ଗାହାର ନଦୀର ଭେଡିବନ୍ଧ ୩ଟି ସ୍ଥାନରେ ଭାଙ୍ଗିଯାଇଥିବାରୁ କୁଞ୍ଜିବଣିଆଠାରୁ ପାଳପାଟଣା ପର୍ଯ୍ୟନ୍ତ ଜମି ଓ ରାସ୍ତାରେ ସଦାସର୍ବଦା ପାଣି ଚାଲୁଥିବାରୁ ଅଚଳାବସ୍ଥା ସୃଷ୍ଟି ହେବା ସହିତ ଚାଷରେ ବ୍ୟାପକ କ୍ଷତି ହୋଇଥିଲା। ପ୍ରଶାସନ ପକ୍ଷରୁ ଏହି ଭେଡିବନ୍ଧ ବନ୍ଧାଯାଇଥିଲେ ମଧ୍ୟ ଏଠାରେ ଭେଡିବନ୍ଧର ଉଚ୍ଚତା ବୃଦ୍ଧି ସହିତ 'ସ୍ଲର' ନିର୍ମାଣ ଅତ୍ୟନ୍ତ ଜରୁରୀ ବୋଲି ଲୋକମାନେ ଦର୍ଶାଇଥିଲେ। ତେଣୁ ବନ୍ୟା ସମୟରେ ଏସବୁ ଅଞ୍ଚଳର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବାବେଳେ ପାଳପଟଣା, ନରଣଗାଁ ଓ ମାନଗୋବିନ୍ଦପୁରରେ ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ଦାବି ହୋଇଛି। ଲେଖାଶ୍ରୀ କ୍ଷତିପୂରଣ ସହିତ ଏ ସମସ୍ତ ସମସ୍ୟା ଉପରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରି ଯୁଦ୍ଧକାଳୀନ ଭିତ୍ତିରେ ଏହାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

## ବିଜେଡିର ଏମ୍ଏମ୍ଡିଆର ବିଲ୍ ପ୍ରତ୍ୟାହାର ଦାବି



ଉଦଳା, ୨୭।୮ (ସମିସ): ଏମ୍ଏମ୍ଡିଆର ବିଲକୁ ବିରୋଧ କରୁଛି। ଆଜି ଉଦଳା ବିଜେଡିର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ନେତୃତ୍ୱରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବର୍ତ୍ତମାନର ବିଜେପି ସରକାର ଏମଏମଡିଆର ବିଲ୍‌କୁ ପାରିତ କରି ରାଜ୍ୟବାସୀଙ୍କୁ ଧୋକ୍କା ଦେବା ସହିତ ବୋକା ବନାଉଛି। ପୂର୍ବ ସରକାରରେ ଖଣି ଲିଜଧାରୀଙ୍କ ବକେୟା ଟଙ୍କା ଯାହାକି ରାଜ୍ୟ ସରକାରଙ୍କୁ ଦେବା କଥା, ତାହା ଏହି ବିଲ ଫଳରେ ପାଣିରେ ପଡ଼ିଥିବା କହିଛନ୍ତି ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ। ଏଥିସହିତ ବିଲ ପାରିତ ହେବା ଦିନ ସଂସଦରେ ଓଡ଼ିଶାରୁ ୨୦ ଜଣ ସାଂସଦ ଉପସ୍ଥିତ ଥିଲେ ସୁଦ୍ଧା ସେମାନେ ଏହାକୁ ବିରୋଧ ନ କରିବା ଅତ୍ୟନ୍ତ ଦୁଃଖର ବିଷୟ ଥିଲା। ଏବେର ସରକାର ଜନସାଧାରଣଙ୍କୁ ଧୋକ୍କା ଦେଉଥିବା ଅଭିଯୋଗ କରିଛି ବିଜେଡି। ବିଜେଡି ଏହି ବିଲକୁ ପ୍ରତିବାଦ କରୁଛି ଓ କେନ୍ଦ୍ର ସରକାର ଏହି ବିଲକୁ ପ୍ରତ୍ୟାହାର କରିବା ଜରୁରୀ ବୋଲି କହିଛି ବିଜେଡି। ଉକ୍ତ ବିଲ୍ ଦ୍ୱାରା ଓଡ଼ିଶା ବହୁ କ୍ଷତି ସହିବ ବୋଲି ବିଜେଡି କହିଛି।

## 'ଭାଇ ପରି ଗଛଟିଏ, ତା' ପାଇଁ ରାକ୍ଷୀଟିଏ' କାର୍ଯ୍ୟକ୍ରମ



କପ୍ତିପଦା, ୨୭।୮ (ସମିସ): ଗଛ ଆମର ଭାଇ। ଭାଇ ଯେପରି ଭଉଣୀର ସୁରକ୍ଷା କରେ, ଠିକ୍ ସେମିତି ଗଛ ବି ଭାଇଠାରୁ କମ୍ ନୁହେଁ। ଭାଇ ପରି ପ୍ରତ୍ୟେକ ସମୟରେ ଆମ ପାଖରେ ଛିଡା ହେଇ ସୁରକ୍ଷା ପ୍ରଦାନ କରେ। ବଞ୍ଚିବା ପାଇ ଅମ୍ଳଜାନ ଦେବା ସହ ବିଷାକ୍ତ ଅଙ୍ଗାରକାମ୍ଳକୁ ଗ୍ରହଣ କରେ। ଗଛଟିଏ ସାରା ଜୀବନ କେବଳ ଦେଇ ଆସିଛି, କେବେ କାହାକୁ କିଛି ମାଗିନି। ଏହି କଥାକୁ ପ୍ରସାର କରିବା ପାଇଁ କପ୍ତିପଦା ବନାଞ୍ଚଳରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ -୨ ଅନ୍ତର୍ଗତ ବିଭିନ୍ନ ବନ ସୁରକ୍ଷା ସମିତିର ଆନିମେଟରଙ୍କ ଦ୍ୱାରା ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ୍ୟ 'ଭାଇ ପରି ଗଛଟିଏ, ତା' ପାଇଁ ରାକ୍ଷୀଟିଏ'' କାର୍ଯ୍ୟକ୍ରମ ମାଧ୍ୟମରେ ବୃକ୍ଷଙ୍କୁ ରାକ୍ଷୀ ବାନ୍ଧିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିସହ 'ଏକ ପେଡ୍ ମା କେ ନାମ', ଯେମିତି ମା'ଙ୍କ ନାମରେ ଗଛଟିଏ ଲଗାଇଲେ ସେମିତି ଭାଇଙ୍କ ନାମରେ ଗଛଟିଏ ଲଗାଇ ତାର ଯତ୍ନ ନେବା ପାଇଁ ସମସ୍ତଙ୍କୁ ଅନୁରୋଧ ବାର୍ତ୍ତା ପ୍ରଦାନ କରାଯାଇଛି। ସେହିପରି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ -୨ ଅନ୍ତର୍ଗତ ବିଭିନ୍ନ ବନ ସୁରକ୍ଷା ସମିତି ମାଧ୍ୟମରେ ଲୋକଙ୍କ ଶିକାର ବନ୍ଦ କରାଯାଇ ପାରୁଛି ତଥା ନିଜ ଗ୍ରାମରେ ରୋଜଗାର ଦିଆଯାଇ ପାରୁଛି ସେ ବିଷୟରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହିତ ଆଗାମୀ ଦିନରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ -୨କୁ ଚାଲୁ ରଖିବା ଓ ନୂତନ ବନ ସୁରକ୍ଷା ସମିତି ଗଠନ ପାଇଁ ଲୋକେ ଅନୁରୋଧ କରିଥିଲେ।

## ଇଦ୍ ମିଲାଦ-ଉନ୍-ନବୀ ପାଳିତ

ବାରିପଦା, ୨୭।୮ (ସମିସ): ପବିତ୍ର ରବି-ଉଲ୍-ଅୱାଲ ମାସ ଅବସରରେ ବାରିପଦାରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି 'ଇଦ୍ ମିଲାଦ-ଉନ୍-ନବୀ'। ଏହି ଉତ୍ସବରେ ସହରର ୧୬ନଂ ୱାର୍ଡ ପେରେଡ୍ ପଡିଆ ମୁସ୍‌ଲିମ୍ କମିଟିର କର୍ମକର୍ତ୍ତା, ସମସ୍ତ ସଦସ୍ୟ ଓ ସ୍ଥାନୀୟ ମୁସ୍‌ଲିମ୍ ସମାଜର ଆବାଳବୃଦ୍ଧବନିତା ଯୋଗ ଦେଇଥିଲେ। ପୂର୍ବାହ୍ଣରେ ଛୋଟ ପିଲାଙ୍କୁ ନେଇ ସାହି ମଧ୍ୟରେ ଜୁଲୁସର ଆୟୋଜନ ହୋଇଥିଲା। ଏବଂ ସନ୍ଧ୍ୟାରେ ସମସ୍ତେ ଜୁଲୁସରେ ଏକତ୍ର ହୋଇ ସହର ପରିକ୍ରମା କରିଥିଲେ। ପୈଗମ୍ବର ହଜରତ ମୁହମ୍ମଦଙ୍କ ଜୀବନ, ଆଦର୍ଶ ଓ ମାନବିକ ଶିକ୍ଷା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏହି ସମୟରେ ପୈଗମ୍ବର ମହମ୍ମଦଙ୍କ ଗୁଣଗାନ ଓ ତାଙ୍କର ମହାନ ଆଦର୍ଶକୁ ସ୍ମରଣ କରାଯାଇଥିଲା। ଇଦ୍ ମିଲାଦ-ଉନ୍-ନବୀ କେବଳ ଏକ ଧାର୍ମିକ ଅବସର ନୁହେଁ ବରଂ ମାନବିକତା, ଦୟା, ଶାନ୍ତି, ସହନଶୀଳତା ଓ ଭାଇଚାରାର ବାର୍ତ୍ତା ବାଣ୍ଟିବାର ଏକ ପବିତ୍ର ଅବସର ବୋଲି କୁହାଯାଇଥିଲା। ପୈଗମ୍ବର ହଜରତ ମୁହମ୍ମଦଙ୍କ ଜୀବନରୁ ସତ୍ୟ, ଧୈର୍ଯ୍ୟ, କ୍ଷମା, ଅନ୍ୟକୁ ସମ୍ମାନ କରିବା ଓ ଅସହାୟଙ୍କୁ ସାହାଯ୍ୟ କରିବା ଭଳି ମାନବିକ ମୂଲ୍ୟବୋଧ ଶିଖିବାକୁ ଆହ୍ୱାନ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତେ ଏକତ୍ରିତ ହୋଇ ଦେଶ, ସମାଜ ଓ ସମସ୍ତଙ୍କ କଲ୍ୟାଣ ପାଇଁ ଦୋଆ କରିଥିଲେ। ପରେ ଉପସ୍ଥିତ ସମସ୍ତଙ୍କ ମଧ୍ୟରେ ସିରନି ଓ ଭୋଗ ବଣ୍ଟନ କରାଯାଇଥିଲା। ଶାନ୍ତି ଶୃଙ୍ଖଳାର ସହିତ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଜୁଲୁସ୍ କମିଟିର ଇସ୍ତାକ, ଫାରୁକ, ମିର୍ଜା, ସାରୁକ, ଛୋଟୁ, ସିପ୍, ଇମ୍ରାନ, କାଲା, ମଞ୍ଜୁର, ସାବଧାନ, ସୋନୁ ଓ ଜଲିଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିସହ ସେକ ଇବ୍ରାହିମ୍, ସେକ୍ ନିଜାମ, ସେକ୍ ମୁସ୍ତାକ, ସେକ୍ ଜାହିର, ସେକ୍ ହାଫିଜୁଲା ଓ ସାହି ମୁରବିମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପୂର୍ବତନ କାଉନସିଲର ସନ୍ତୋଷ ପଟ୍ଟନାୟକ ମଧ୍ୟ ସାମିଲ ଥିଲେ। ବାରିପଦାର ଅନ୍ୟ ସାହି ରଘୁନାଥପୁର, ତୁଳସୀଚୌରା, ବୋଡିଙ୍ଗସାହି, ଶୁନଗଡିଆ, ଅସ୍ତିଆର ମଧ୍ୟ ପର୍ବ ପାଳନ ସହିତ ଜୁଲୁସ ବାହାରିଥିଲା।

## ଦିବ୍ୟାଙ୍ଗଙ୍କ ସହ ଉଦଳା ସେବା ସଂଗଠନର ରକ୍ଷା ବନ୍ଧନ ଉତ୍ସବ



ଉଦଳା, ୨୭।୮ (ସମିସ): ଆଜି ହେଉଛି ପବିତ୍ର ରକ୍ଷା ବନ୍ଧନ। ଭାଇ ହାତରେ ଭଉଣୀ ରାକ୍ଷୀ ବାନ୍ଧି ଭାଇର ଦୀର୍ଘାୟୁ କାମନା କରିବ ଓ ଭାଇ ଭଉଣୀକୁ ସୁଖଦୁଃଖରେ ସାଥୀ ହେବ। ତେବେ ଏହି ରକ୍ଷା ବନ୍ଧନ ପାଇଁ ନିଆରା ପ୍ରୟାସ କରିଛି ଉଦଳା ସେବା ସଙ୍ଗଠନ। ମୟୂରଭଞ୍ଜ ଜିଲ୍ଲା ଉଦଳା ଭାରତ ଜ୍ୟୋତି ସ୍ୱତନ୍ତ୍ର ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ମୁହଁରେ ହସ ଫୁଟାଇବା ପାଇଁ ଉଦଳା ସେବା ସଂଗଠନର ସଦସ୍ୟ ରାକ୍ଷୀ ଓ ମିଠା ନେଇ ପହଞ୍ଚିଥିଲେ ଉକ୍ତ ବିଦ୍ୟାଳୟରେ। ସେଠାରେ ୬୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ ରକ୍ଷା ବନ୍ଧନ ଉତ୍ସବ ପାଳନ କରିଥିଲେ। ବିଦ୍ୟାଳୟର ଭଉଣୀମାନେ ପ୍ରଥମେ ଭାଇମାନଙ୍କୁ ଫୁଲ ଚନ୍ଦନ ଦେଇ ବନ୍ଦାପନା କରିବା ସହ ମିଠା ଖୁଆଇ ରାକ୍ଷୀ ବାନ୍ଧି ଭାଇଙ୍କଠାରୁ ଆଶୀର୍ବାଦ ନେଇଥିଲେ। ବିଶେଷକରି ବିଦ୍ୟାଳୟର ଦିବ୍ୟାଙ୍ଗ ଭାଇ ଓ ଭଉଣୀ ଘରକୁ ଯାଇପାରି ନ ଥିବାବେଳେ ବହୁ ଉତ୍ସାହର ସହ ରକ୍ଷା ବନ୍ଧନ ଉତ୍ସବକୁ ପାଳନ କରି ଖୁସି ମନାଇଥିଲେ। ଉପଖଣ୍ଡ ପୋଲିସ ଅଧିକାରୀ ଗୋକୁଳାନନ୍ଦ ସାହୁ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ।

## କିଟ୍-କିସ୍ ପକ୍ଷରୁ ମହାପ୍ରଭୁଙ୍କୁ ପାଟ ରାକ୍ଷୀ ଅର୍ପଣ




ବାରିପଦା, ୨୭।୮ (ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାସ୍ଥ ଜଗନ୍ନାଥ ମନ୍ଦିରର ଚତୁର୍ଦ୍ଧାମୂର୍ତ୍ତିଙ୍କ ସେବାରେ ଏକ ସ୍ୱତନ୍ତ୍ର ସଂକୀର୍ତ୍ତନ ଦଳ ଦ୍ୱାରା ହରିନାମ, ଜୟ ଶ୍ରୀଜଗନ୍ନାଥ ଧ୍ୱନି ସହ ପାଟ ରାକ୍ଷୀ, ପାଟ ବସ୍ତ୍ର, ଉତ୍ତରୀୟ, ପୂଜା ସାମଗ୍ରୀ ମନ୍ଦିରର ପୂଜକଙ୍କୁ କିଟ୍ ଓ କିସର ପ୍ରତିଷ୍ଠାତା ଡ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ କ୍ରମେ ବଳଭଦ୍ରଙ୍କ ଜନ୍ମ ତଥା ରାକ୍ଷୀ ପୂର୍ଣ୍ଣିମା ଅବସରରେ ଭୁବନେଶ୍ୱରସ୍ଥ କିଟ୍ ଜଗନ୍ନାଥ ମନ୍ଦିର ପକ୍ଷରୁ ଅର୍ପଣ କରାଯାଇଛି। କିସ୍ ମୟୂରଭଞ୍ଜର ପ୍ରଧାନଶିକ୍ଷକ ଗଣେଶ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ସେବା କାର୍ଯ୍ୟରେ ଅନୁଷ୍ଠାନର ନୋଡାଲ ଅଧିକାରୀ ସତ୍ୟବ୍ରତ ଦାଶ, ଅତିରିକ୍ତ ନୋଡାଲ ଅଧିକାରୀ ଜାଗ୍ରତ କୁମାର ସାହୁ, ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ, ଲୋକ ସମ୍ପର୍କ ଅଧିକାରୀ ସତ୍ୟଜିତ ସୋମ, ଶିକ୍ଷକ ଚକ୍ରଧର ମହାନ୍ତ, କାଶୀନାଥ ମୁର୍ମୁ, ରତିକାନ୍ତ ନାୟକଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିବା ସହ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ।

## ସ୍ମୃତିରଞ୍ଜନ ପାଣିଙ୍କୁ ଜାତୀୟ ପ୍ରମାଣପତ୍ର

ବାରିପଦା, ୨୭।୮ (ସମିସ): ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ଭୁବନେଶ୍ୱର ରେଡକ୍ରସ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି ପ୍ରାଥମିକ ଚିକିତ୍ସା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କୃତ ହୋଇଛନ୍ତି। ରେଡକ୍ରସ୍‌ର ଅବୈତନିକ ସଚିବ ଗଣେଶ ଚନ୍ଦ୍ର ପାତ୍ର, କୋଷାଧ୍ୟକ୍ଷ ଲାବଣ୍ୟ ସବର, ରାଜ୍ୟ ଯୁବ ରେଡକ୍ରସ୍ ଅଧିକାରୀ ରମେଶ ଚନ୍ଦ୍ର ବେହେରା, ରାଜ୍ୟ କନିଷ୍ଠ ରେଡକ୍ରସ୍ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ମାଷ୍ଟର ଟ୍ରେନର ବିକାଶ ପ୍ରସାଦଙ୍କଠାରୁ ଜାତୀୟସ୍ତରର ପ୍ରମାଣ ପତ୍ର ଗ୍ରହଣ କରିଛନ୍ତି। ଶ୍ରୀ ପାଣି ପୂର୍ବରୁ ବିଭିନ୍ନ ଜିଲ୍ଲାରେ ଆୟୋଜିତ ସିନିୟର ପ୍ରଫେସନାଲ, ଭାଉଚର, ମେଡ଼ାଲିୟନ କୋର୍ସ ସାରିବା ପରେ ଦିଲ୍ଲୀରୁ ଆସିଥିବା ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ଆଗରେ ପରୀକ୍ଷା ପ୍ରଦାନ କରିଥିଲେ। ଦୀର୍ଘ ୫ ବର୍ଷରୁ ଊର୍ଦ୍ଧ୍ୱ ଏହି ପରୀକ୍ଷା ଦେଇ ଶେଷରେ ଲେ-ଲେକଚର ପ୍ରମାଣ ପତ୍ର ହାସଲ କରିବାରେ ସଫଳ ହୋଇଛନ୍ତି। ଏ ଅବସରରେ ଜିଲ୍ଲା ଜରୁରିକାଳୀନ ଅଧିକାରୀ ତାପସ କୁମାର ମହାନ୍ତ, ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକଙ୍କୁ ଶ୍ରୀ ପାଣି କୃତଜ୍ଞତା ଜ୍ଞାପନ କରିଛନ୍ତି। ଶ୍ରୀ ପାଣି ୨୦୦ରୁ ଅଧିକ ବ୍ୟକ୍ତିବିଶେଷଙ୍କୁ ପ୍ରାଥମିକ ଚିକିତ୍ସା ସହାୟତା ପ୍ରଦାନ କରି ଅନେକ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସହାୟକ ହୋଇଛନ୍ତି।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ତାଳ ମିଶନ

ଶୁକ୍ଳି, ୨୭।୮ (ସମିସ): ପବିତ୍ର ରକ୍ଷା ବନ୍ଧନ ଦିବସରେ ଶୁକ୍ଳି ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତାଙ୍କ ଦ୍ୱାରା ଶୁକ୍ଳି ବ୍ଲକ ଅନ୍ତର୍ଗତ ନୂଆବେଡା ଗ୍ରାମରେ ତାଳ ମିଶନର ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସଭାପତି କାହ୍ନୁଚରଣ ଗିରିଙ୍କ ନେତୃତ୍ୱରେ ନୂଆ ବେଡା ଗ୍ରାମରୁ ବାଙ୍ଗିରିପୋଷି ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ଉଭୟ ପାର୍ଶ୍ୱରେ ତାଳ ମଞ୍ଜି ରୋପଣ କରାଯାଇଛି। ପ୍ରଥମେ ସଂଘର ବୟୋଜ୍ୟେଷ୍ଠ ୯୩ ବର୍ଷୀୟ ଅବଧୂତ ବାରିକ ଭବିଷ୍ୟତ ନାଗରିକଙ୍କ ମଙ୍ଗଳ କାମନା କରି ଈଶ୍ୱରଙ୍କୁ ସ୍ମରଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଉପସଭାପତି ପ୍ରସନ୍ନ ପଣ୍ଡା, ସମ୍ପାଦକ ନଗେନ ପାଲ, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ଦେଓ, ବିଶ୍ୱନାଥ ଦଲେଇ, ହେମେନ୍ଦ୍ର ମହାକୁଡ଼, ରାମଚନ୍ଦ୍ର ହାଁସଦା ପ୍ରମୁଖ ସହଯୋଗ କରିଥିଲେ। ସଂଘର ଏତାଦୃଶ କାର୍ଯ୍ୟକ୍ରମକୁ ଉପସ୍ଥିତ ଗ୍ରାମବାସୀ ପ୍ରଶଂସା କରିଥିଲେ।

## ୧୭ ଏସ୍ଏଚ୍‌ଜି ଗ୍ରୁପର ୧୨ ଲକ୍ଷ ଟଙ୍କା ହଡ଼ପ

# ବେସରକାରୀ ବ୍ୟାଙ୍କର ପୂର୍ବତନ ଏରିଆ ମ୍ୟାନେଜର ଗିରଫ



ବାରିପଦା, ୨୭।୮ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ପୁଣି ଏକ ବଡ଼ ଧରଣର ବ୍ୟାଙ୍କ ଠକେଇର ପର୍ଦ୍ଦାଫାଶ ହୋଇଛି। ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍ଏଚ୍‌ଜି)ର ଗରିବ ମହିଳା ସଦସ୍ୟାଙ୍କ ବିଶ୍ୱାସ ସହ ପ୍ରତାରଣା କରି ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଜଣେ ବେସରକାରୀ ବ୍ୟାଙ୍କର ପୂର୍ବତନ ଏରିଆ ମ୍ୟାନେଜରଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ବାଙ୍ଗିରିପୋଷି ତହସିଲ ଅଫିସ ସମ୍ମୁଖରେ ଥିବା ବେସରକାରୀ 'ପିପୁଲ ଫର୍ମ (ଇଏସ ବ୍ୟାଙ୍କ)'ର ପୂର୍ବତନ ଏରିଆ ମ୍ୟାନେଜର ଇପାନ ଦାସ। ତାଙ୍କୁ ବାଙ୍ଗିରିପୋଷି ପୁଲିସ ଯଶିପୁର ଥାନା ଅନ୍ତର୍ଗତ ମାଟିଆଗଡ଼ ଗ୍ରାମରୁ ଗିରଫ କରିବାରେ ସଫଳ ହୋଇଛି। ବାଙ୍ଗିରିପୋଷି ଓ ଚାନ୍ଦୁଆ ଅଞ୍ଚଳର ପ୍ରାୟ ୧୭ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଋଣ ବାବଦରେ ସେ ମୋଟ ୧୨ଲକ୍ଷ ୮ହଜାର ଟଙ୍କା ଆତ୍ମସାତ କରି ଫେରାର ହୋଇଯାଇଥିଲେ। ଏ ନେଇ ବ୍ୟାଙ୍କର ବର୍ତ୍ତମାନର ଏରିଆ ମ୍ୟାନେଜର ମଳୟ ରଞ୍ଜନ ସାହୁ ୨୦୨୫ ସେପ୍ଟେମ୍ବର ୨୫ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତଙ୍କୁ ମୋବାଇଲ ଟ୍ରାକିଂ ଜରିଆରେ ଗିରଫ କରାଯାଇଛି। ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ପଞ୍ଚାନନ ମହାନ୍ତି ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତ ଇପାନ ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହିତ ତାଙ୍କୁ ଫସାଇ ଦିଆଯାଇଛି ବୋଲି କହିଛନ୍ତି। ଟଙ୍କା ହେରଫେର ଖବର ପ୍ରଚାରିତ ହେବା ପରେ ପ୍ରଭାବିତ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ହାହାକାର ପଡ଼ିଯାଇଛି। କିସ୍ତି ଟଙ୍କା କିପରି ଶୁଝିବେ ସେନେଇ ସେମାନେ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ କିଛି ମହିଳା ସଂଗଠନ ଦାବି କରିଛନ୍ତି ଯେ, ଯିଏ ଟଙ୍କା ହଡ଼ପ କରିଛି, ସେ ହିଁ ଋଣ ସୁଝୁ। ଏଭଳି ବେସରକାରୀ ଋଣ ସଂସ୍ଥାଗୁଡ଼ିକ ଉପରେ ପ୍ରଶାସନର କୌଣସି ଅଙ୍କୁଶ ନଥିବାରୁ ଜନସାଧାରଣରେ ତୀବ୍ର କ୍ଷୋଭ ପ୍ରକାଶ ପାଇଛି। ଏହି ସଂସ୍ଥାଗୁଡ଼ିକର କାର୍ଯ୍ୟକଳାପ ଉପରେ ଆରମ୍ଭରୁ ତଦାରଖ ଓ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଏଭଳି ଠକେଇ ନେଟୱର୍କ ବନ୍ଦ ହୋଇପାରନ୍ତା ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ



ରାଇରଙ୍ଗପୁର, ୨୭।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ଶିଶୁ ଭଉଣୀ ଶିଶୁ ଭାଇଙ୍କୁ ସ୍ନେହ ଭରା ରାକ୍ଷୀ ବାନ୍ଧିଥିଲେ। କାର୍ଯ୍ୟକ୍ରମରେ ବିଜୟ କୁମାର ରାମ, ତିମିର ରଞ୍ଜନ ପଣ୍ଡା, ରଞ୍ଜନ କୁମାର ନନ୍ଦ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାକୁ ଆଗକୁ ନେଇଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ କେଦାର ନାଥ ବାରିକ ସହଯୋଗ କରିଥିଲେ। ରକ୍ଷା ବନ୍ଧନ ଉତ୍ସବ କାହିଁକି ପାଳନ କରାଯାଏ, ସେ ବିଷୟ ରେ ଅତିଥି ଆଲୋକପାତ କରିଥିଲେ। ରକ୍ଷା ବନ୍ଧନ ଉତ୍ସବ ପାଳନ ପରେ ସମସ୍ତ ଶିଶୁ ଭାଇଭଉଣୀ ନିଶା ନିବାରଣ ପାଇଁ ଶପଥ ନେଇଥିଲେ। ବିଦ୍ୟାଳୟର ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ରକ୍ଷା ବନ୍ଧନ ଉତ୍ସବ ପାଳନ ପରେ ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା ରାଇରଙ୍ଗପୁରରେ ଅବସ୍ଥିତ ଉପ-କାରାଗାରର କଏଦୀ, ଡାକ୍ତରଖାନାରେ ଥିବା ରୋଗୀଙ୍କୁ ରାକ୍ଷୀ ବାନ୍ଧିଥିଲେ। ଏଥିସହିତ ରାଇରଙ୍ଗପୁରର ବିଭିନ୍ନ ସ୍ଥାନକୁ ଯାଇ ଭାଇ ଭଉଣୀଙ୍କୁ ରାକ୍ଷୀ ବାନ୍ଧିଥିଲେ।

## ଖଣ୍ଡିହୁଡ଼ି ତାରିଣୀ ପୀଠରେ ଚାରାରୋପଣ

ଉଦଳା, ୨୭।୮ (ସମିସ): ଉଦଳା ସିନିଅର ସିଟିଜେନ ସଂଘ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଏକ ଦଶଜଣିଆ କମିଟି ଖଣ୍ଡିହୁଡିସ୍ଥ ମା' ତାରିଣୀ ପୀଠରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ମନ୍ଦିର ଟ୍ରଷ୍ଟର ଉପସଭାପତି ତଥା ଉଦଳାର ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ସମ୍ପାଦକ ବିଶ୍ୱନାଥ ବେହେରା, ଅନାଦି ଚରଣ ନାୟକ, କରୁଣାକର ବିଶୋଇ, ଗୋବିନ୍ଦ ଚନ୍ଦ୍ର ନାୟକ, ସୁଶାନ୍ତ କୁମାର ସାମଲ ଓ ତପନ କୁମାର ପୋଥାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି। ପ୍ରାରମ୍ଭରେ ମନ୍ଦିର ପୂଜକ ବିଶ୍ୱଜିତ ପାତ୍ରୀ ମନ୍ତ୍ର ଉଚ୍ଚାରଣ କରି ମା'ଙ୍କ କୃପାଭିକ୍ଷା କରିଥିଲେ। ସ୍ଥାନୀୟ ଗ୍ରୀନ ଉଦଳାର ମୁଖ୍ୟ ଉଦ୍ୟୋକ୍ତା କୁଳମଣି ବେହେରା ଓ ତାଙ୍କ ଟିମ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ମା'ଙ୍କ ମନ୍ଦିରଠାରୁ ହନୁମାନ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ବଉଳ ବୃକ୍ଷ ଚାରା ରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିଦ୍ଧେଶ୍ୱର ଭଞ୍ଜବାବୁ, ଅଜୟ କୁମାର ପତି, ପ୍ରତାପ କୁମାର ପଣ୍ଡା, ଦାମୋଦର ବେହେରା ପ୍ରମୁଖ ସାମିଲ ଥିଲେ।

## ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ଦାବି

# ଦ୍ୱିତୀୟ ଦିନରେ ବୀର ବିର୍ସା ମୁଣ୍ଡା କମିଟିର ଆମରଣ ଅନଶନ



ବାରିପଦା, ୨୭।୮ (ସମିସ): ହୋ ଭାଷାକୁ ଭାରତୀୟ ସାମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରାଯିବା ସହିତ ଓଡ଼ିଶା ରାଜ୍ୟରେ ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ 'ବୀର ବିର୍ସା ମୁଣ୍ଡା କମିଟି, ଜାମଦା'ର ସଦସ୍ୟ ମୟୂରଭଞ୍ଜ ଜିଲ୍ଲାର ତିରିଂଠାରୁ ପଦଯାତ୍ରାରେ ଆସି ହୋ ଭାଷା ସଂକ୍ରାନ୍ତୀୟ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ ପୂର୍ବକ ପ୍ରଦାନ କରିବା ସହିତ ଆଲୋଚନା ପାଇଁ ଅଡି ବସିଛନ୍ତି। ଗୁରୁବାର ଅନଶନରେ ଡ ବିକ୍ରମ ବିରୁଲି ଯୋଗଦାନ କରି ଅନଶନରେ ବସିଥିବା ଆନ୍ଦୋଳନକାରୀଙ୍କୁ ହୋ ଭାଷା ଲିପି ୱାରାଙ୍ଗଚିତି ପାଠ ପଢ଼ାଇଲେ। ହୋ' ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଯିବା ସହିତ ହୋ ଭାଷାକୁ ଓଡ଼ିଶା ରାଜ୍ୟରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ଏହି ଅନଶନ ଜାରି ରହିବ ବୋଲି ବୀର ବିର୍ସା ମୁଣ୍ଡା କମିଟି ସଭାପତି ଘନଶ୍ୟାମ ପିଙ୍ଗୁଆ ସୂଚନା ଦେଇଛନ୍ତି। ଗୁରୁବାର ଦ୍ୱିତୀୟ ଦିବସ ଅନଶନରେ ଗୁରୁବାରୀ ବିରୁଲି, ସୁକାନ୍ତି ପାଳିଆ, ଗାମାଏ ରୀମିଲ ସିଂ ଗୋଇପାଇ, ଜଟିଆ ସାଉୟାଁ, ସୁକୁଲାଲ ପାଳିଆ, ଅଜିତ ଲାଗୁରୀ, ବିକ୍ରମାଦିତ୍ୟ ବିରୁଲି, ଆଦ୍ୟାଶା କେରାଇ, ଆଶାଇ ବଦରା, କୃଷ୍ଣଚନ୍ଦ୍ର କାରଆ, ତୂରୀରାମ ବିରୁଆ, ଚନ୍ଦ୍ର ମୋହନ ପିଙ୍ଗୁଆ, ସଞ୍ଜୟ ହେମ୍ବ୍ରମ ପ୍ରମୁଖ ସାମିଲ ଥିଲେ।

## ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ସରକାରୀ ଓକିଲଙ୍କୁ କୃତଜ୍ଞତା

ଉଦଳା, ୨୭।୮ (ସମିସ): ମୟୂରଭଞ୍ଜ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଉଦଳା ସରକାରୀ ଓକିଲଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଛନ୍ତି। ଉଦଳା କନିଷ୍ଠ ଦେୱାନୀ ବିଚାରପତିଙ୍କ କାର୍ଯ୍ୟାଳୟରେ ଚଳିତ ବର୍ଷ ଫେବୃୟାରୀ ମାସରେ ରବୀନ କୁମାର ପଟ୍ଟନାୟକ ସରକାରୀ ଓକିଲ ଭାବେ ଯୋଗ ଦେଇଛନ୍ତି। ସେ କୋର୍ଟର ପ୍ରତ୍ୟେକଟି ମକଦ୍ଦମାକୁ ସଠିକ ଭାବେ ତଦାରଖ କରିବା ସହିତ ଅଭିଯୁକ୍ତଙ୍କୁ ଦଣ୍ଡ ବିଧାନ କରିବା ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ ପ୍ରୟାସ ଜାରି ରଖିଛନ୍ତି। ନିକଟରେ ଉଦଳା ଥାନାର ମକଦ୍ଦମା ନଂ୫୮, ୨୧।୬।୨୦୦୯ରେ ଅଭିଯୁକ୍ତଙ୍କୁ ଏକବର୍ଷ ଜେଲ ଦଣ୍ଡ ଓ ଏକ ହଜାର ପାଞ୍ଚଶହ ଟଙ୍କା ଜରିମାନା, ଅନାଦେୟ ହେଲେ ସାତମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ତତସହିତ ପୀଡ଼ିତାଙ୍କୁ ମାନହାନି ଜନିତ ଅନୁକମ୍ପା ରାଶି ଲାଗି ଉଦଳା କନିଷ୍ଠ ଦେୱାନ ବିଚାରପତି ସୁପାରିଶ ପ୍ରଦାନ କରିଥିଲେ। ସେହିପରି କପ୍ତିପଦା ଥାନାର ମକଦ୍ଦମା ନଂ୪୨, ୩।୭।୨୦୦୪ରେ ଅଭିଯୁକ୍ତଙ୍କୁ ଏକବର୍ଷ ଜେଲ ଦଣ୍ଡ ଓ ଏକ ହଜାର ଟଙ୍କା ଜରିମାନା, ଅନାଦେୟ ପାଇଁ ଦୁଇମାସ ଜେଲ ଦଣ୍ଡରେ ଦଣ୍ଡିତ କରାଯାଇଥିଲା। ଏତଦ୍‌ବ୍ୟତୀତ ଜିଲ୍ଲା ଆଇନ ସହାୟତା ସଂସ୍ଥାକୁ କନିଷ୍ଠ ଦେୱାନୀ ବିଚାରପତି ପୀଡ଼ିତାକୁ ଉପଯୁକ୍ତ ଅନୁକମ୍ପା ରାଶି ପ୍ରଦାନ କରିବା ପାଇଁ ଅନୁମୋଦନ କରିଥିଲେ। ଉକ୍ତ ଦୁଇ ରାୟ ପ୍ରକାଶ ପରେ ଶ୍ରୀ ଗୁଣ୍ଟୁପାଲି ସରକାରୀ ଓକିଲ ଶ୍ରୀ ପଟ୍ଟନାୟକଙ୍କୁ ପତ୍ର ଦ୍ୱାରା ତାଙ୍କର କଠିନ ପରିଶ୍ରମ ସମେତ ବଳିଷ୍ଠ ଯୁକ୍ତି ଦ୍ୱାରା ଅଭିଯୁକ୍ତ ଦଣ୍ଡିତ ଓ ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନରେ ଅଦାଲତକୁ ସାହାଯ୍ୟ କରିଥିବାରୁ ଆନ୍ତରିକ କୃତଜ୍ଞତା ଜଣାଇବା ସହିତ ଆଗକୁ ଏଭଳି କାର୍ଯ୍ୟ ଜାରି ରଖିବାକୁ ଆଶାବ୍ୟକ୍ତ କରିଛନ୍ତି।

# ବିଜେଡି ପ୍ରତିନିଧି ଦଳଙ୍କ ବେତନଟୀ ବନ୍ୟାଞ୍ଚଳ ପରିଦର୍ଶନ

ବେତନଟୀ, ୨୭।୮ (ସମିସ)



ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀରେ ଆସିଥିବା ବନ୍ୟା ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନମଣ୍ଡଳୀର ବେତନଟୀର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏ ପରିପ୍ରେକ୍ଷୀରେ ଆଜି ବିଜୁ ଜନତା ଦଳ (ବିଜେଡି)ର ଏକ ତଥ୍ୟ ଅନୁସନ୍ଧାନକାରୀ ପ୍ରତିନିଧି ଦଳ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ସ୍ଥିତି ସମୀକ୍ଷା କରିବା ସହ ବନ୍ୟାବିପନ୍ନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି। ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦିକା ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଆସିଥିବା ଏହି ଟିମ୍ ବେତନଟୀ ବ୍ଲକର ପାଟୁଳିପୁରା ପଞ୍ଚାୟତ ଅଧୀନ ନଦୀକୂଳିଆ ଗ୍ରାମ ଓ ବଡ଼ସାହି ବ୍ଲକର ଶାଳଗାଁ, ମାନଗୋବିନ୍ଦପୁର, ମାଣତ୍ରୀ ପରିଦର୍ଶନ କରିଥିଲେ। ପରିଦର୍ଶନ କାଳରେ ଦଳର ନେତୃବୃନ୍ଦ ବନ୍ୟା ପାଣିରେ ଧୋଇଯାଇଥିବା ରାସ୍ତାଘାଟ, ଭଙ୍ଗା ପୋଲ ଓ କ୍ଷତିଗ୍ରସ୍ତ ଘରଦ୍ୱାର ଆଦି ବୁଲି ଦେଖିଥିଲେ। ଏଥିସହିତ ପ୍ରଭାବିତ ଲୋକଙ୍କ ସହ ସିଧାସଳଖ ଆଲୋଚନା କରି କ୍ଷୟକ୍ଷତି ସମ୍ପର୍କିତ ତଥ୍ୟ ସଂଗ୍ରହ କରିଥିଲେ। ଏହି ଗସ୍ତରେ ଦଳର ଏକାଧିକ ବରିଷ୍ଠ ନେତା ଓ ସ୍ଥାନୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିବା ପରେ ପ୍ରତିନିଧି ଦଳ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ଶୀଘ୍ର ରିଲିଫ୍ ଓ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ସଂଗୃହୀତ ତଥ୍ୟ ଆଧାରରେ ପ୍ରଭାବିତ ଅଞ୍ଚଳରେ ତ୍ୱରିତ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଦାବି କରାଯିବ ବୋଲି ସୂଚନା ମିଳିଛି।

**କ୍ଷୟକ୍ଷତି ଆକଳନ ସହ ତଥ୍ୟ ସଂଗ୍ରହ**

## ଶିମିଳିପାଳ ହାତୀପଲରେ ନୂଆ ଶାବକ

ରାଇରଙ୍ଗପୁର/ଶୁକୁଳି,୨୭।୮ (ସମିସ): କରଞ୍ଜିଆ ବନାଞ୍ଚଳ ଅନ୍ତର୍ଗତ ସିଙ୍ଗଡ଼ା ସେକ୍ସନର ପୋଖରୀଆ ସଂରକ୍ଷିତ ଜଙ୍ଗଲ (୨)ରେ ରହୁଥିବା ୩ ଟିକିଆ ଶିମିଳିପାଳିଆ ହାତୀପଲରେ ଏକ ହାତୀ ଛୁଆ ଜନ୍ମ ହୋଇଛି। ଏହି ଖବର ପ୍ରକାଶ ପାଇବା ପରେ ଅଞ୍ଚଳରେ ଆନନ୍ଦର ପରିବେଶ ସୃଷ୍ଟି ହେବା ସହ ହାତୀ ଛୁଆକୁ ଦେଖିବା ପାଇଁ ଲୋକଙ୍କ ଭିଡ଼ ଜମିଛି। ଗତ କିଛି ଦିନ ହେବ ଉକ୍ତ ସଂରକ୍ଷିତ ଜଙ୍ଗଲରେ ୩ଟି ହାତୀ ରହୁଥିଲେ। ସେମାନଙ୍କ ମଧ୍ୟରେ ଗୋଟିଏ ଦନ୍ତା ଓ ଦୁଇଟି ମାଈ ହାତୀ ରହିଥିଲେ। ରବିବାର ବିଳମ୍ବିତ ରାତିରେ ଭୋର ପ୍ରାୟ ୪ଟା ସମୟରେ ବନ ବିଭାଗ ଛୁଆ ହାତୀ ଜନ୍ମ ନେଇଥିବା ସମ୍ପର୍କରେ ଜାଣିବାକୁ ପାଇଥିଲା। ହାତୀ ଛୁଆକୁ ଦେଖିବା ପାଇଁ ଜଙ୍ଗଲ ଚାରିପାଖରେ ଲୋକଙ୍କ ଭିଡ଼ ଜମିଥିବାରୁ ବନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ବନଖଣ୍ଡ ଅତିରିକ୍ତ ବନ ସଂରକ୍ଷକ ଓଁକାର ଦାସ, କରଞ୍ଜିଆ ବନାଞ୍ଚଳ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ, ବନପାଳ ଚନ୍ଦ୍ରଭାନୁ ମହାନ୍ତଙ୍କ ସମେତ ବନରକ୍ଷୀ ଓ ପାରା କର୍ମଚାରୀ ହାତୀପଲ ଉପରେ ନଜର ରଖିଛନ୍ତି। ହାତୀପଲକୁ ଉତ୍ତେଜିତ ନ କରି ଶାନ୍ତିରେ ରହିବାକୁ ଦେବା ସହ ସୁରକ୍ଷିତ ଦୂରତା ବଜାୟ ରଖିବାକୁ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ଅନୁରୋଧ କରାଯାଇଛି।



## ଥାନାରେ ରକ୍ତଦାନ ଶିବିର; ୫୨ ୟୁନିଟ୍ ସଂଗୃହୀତ

ଯଶିପୁର,୨୭।୮ (ସମିସ): ଯଶିପୁର ପୁଲିସ ଓ ଯଶିପୁର ଘରୋଇ ବସ୍ ମାଲିକ ସଂଘର ମିଳିତ ସହଯୋଗରେ ଯଶିପୁର ଥାନା ପରିସରରେ ଆଜି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ତଥା ଯଶିପୁର ବିଧାୟକ ଗଣେଶ ରାମସିଂ ଖୁଣ୍ଟିଆ ଯୋଗଦେଇ ଏକ ବୃକ୍ଷରୋପଣ କରିବା ସହ ଫିତାକାଟି ଶିବିରକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ଜିଲ୍ଲା ପୁଲିସ ଏସ୍‌ପି ସୁରେଶ ପାତ୍ର, ଏଏସପି ଯଦୁମଣି ଜେନା, କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାୟକ, ଯଶିପୁର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ମାଧବ ଚନ୍ଦ୍ର ବିରୁଆ, ତହସିଲଦାର ମୋହିନୀ କୁମାର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୫୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। କରଞ୍ଜିଆ ବ୍ଲଡ ବ୍ୟାଙ୍କ ଡାକ୍ତର ଶୁଭେନ୍ଦୁ କୁମାର ସଞ୍ଜନା ଓ ଟେକ୍ନିସିଆନ ରକ୍ତ ନମୁନା ପରୀକ୍ଷା କରିବା ସହ ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିବାରେ ସହଯୋଗ କରିଥିଲେ। ଯଶିପୁର ଥାନା ଅଧିକାରୀ ରାଜେଶ ସେଠୀ, ଥାନା କର୍ମଚାରୀ, ଯଶିପୁର ଘରୋଇ ବସ୍ ମାଲିକ ସଂଘ ସଭାପତି ବିଜୟ ସାହୁ, କର୍ମଚାରୀ ବଳଭଦ୍ର ବେହେରାଙ୍କ ସମେତ ବସ ଷ୍ଟାଣ୍ଡର କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ।



## ରାକ୍ଷୀ ବାନ୍ଧିଲେ କୁନିକୁନି ପିଲା

ଡୁରୁମୁଙ୍ଗା, ୨୭।୮ (ସମିସ): ଭାଇଭଉଣୀର ପବିତ୍ର ସମ୍ପର୍କର ପର୍ବ ରକ୍ଷାବନ୍ଧନକୁ ଡୁରୁମୁଙ୍ଗା ବିଦ୍ୟା ବାଟିକାର ଛାତ୍ରଛାତ୍ରୀ ନିଆରା ଢଙ୍ଗରେ ପାଳନ କରିଛନ୍ତି। କୁନିକୁନି ହାତରେ ରାକ୍ଷୀ ଧରି ସେମାନେ ପହଞ୍ଚିଥିଲେ ଥାନା, ଡାକ୍ତରଖାନା ଓ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ। ପ୍ରଥମେ ବିଦ୍ୟାବାଟିକା ପରିସରରେ ରକ୍ଷାବନ୍ଧନ ଉତ୍ସବ ପାଳନ କରିବା ପରେ ଛାତ୍ରଛାତ୍ରୀ ଶିକ୍ଷୟିତ୍ରୀମାନଙ୍କ ସହ ଡୁରୁମୁଙ୍ଗା ଥାନାରେ ପହଞ୍ଚିଥିଲେ। ସେଠାରେ ପୁଲିସ କର୍ମଚାରୀଙ୍କ ହାତରେ ରାକ୍ଷୀ ବାନ୍ଧି ଦେଇଥିଲେ କୁନିକୁନି ପିଲା। ଏହାପରେ ଡାକ୍ତରଖାନାରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ, ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀଙ୍କୁ ମଧ୍ୟ ରାକ୍ଷୀ ବାନ୍ଧିଥିଲେ। କେବଳ ମଣିଷ ନୁହେଁ, ପ୍ରକୃତି ସୁରକ୍ଷାର ବାର୍ତ୍ତା ଦେଇ ଶିବ ମନ୍ଦିର ନିକଟରେ ଥିବା ବେଲ, ଅଶ୍ୱତ୍ଥ ଓ ବରଗଛରେ ମଧ୍ୟ ରାକ୍ଷୀ ବାନ୍ଧିଥିଲେ ଛାତ୍ରଛାତ୍ରୀ। ପରିବାରଠାରୁ ଦୂରେ ରହି ଦିନରାତି ଲୋକଙ୍କ ସେବାରେ ନିୟୋଜିତ ପୁଲିସ, ଡାକ୍ତର, ବିଦ୍ୟୁତ କର୍ମଚାରୀଙ୍କ ପ୍ରତି କୁନି ପିଲାଙ୍କ ଏହି ସ୍ନେହ ଓ ସମ୍ମାନ ସମସ୍ତଙ୍କ ମନ ଜିଣିଥିଲା। ବିଦ୍ୟାବାଟିକାର ଶିକ୍ଷୟିତ୍ରୀ ବୀଣାପାଣି ପାତ୍ର, ନବମୀ ପାତ୍ର, ହେମଲତା ମହାନ୍ତ, ପୁଷ୍ପାଞ୍ଜଳି ବାନରା, ରାଜନନ୍ଦିନୀ ଜେନା ଓ ସାବିତ୍ରୀ ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ।



## ହୀରକ ଜୟନ୍ତୀ ସାଂସ୍କୃତିକ ମଞ୍ଚର ଭିତ୍ତିପ୍ରସ୍ତର

ଆନନ୍ଦପୁର, ୨୭।୮ (ସମିସ): କେନ୍ଦୁଝର ଜିଲ୍ଲା ଖପରାଖାଇ-ଘସିପୁରା ବସ୍‌ଷ୍ଟାଣ୍ଡ ମା' କାଳୀ ପୂଜା କମିଟି ନିଜର ଗୌରବମୟ ପଞ୍ଚସ୍ତରୀ (୭୫) ବର୍ଷ ପୂର୍ତ୍ତି ତଥା ହୀରକ ଜୟନ୍ତୀ ପାଳନ ଅବସରରେ ସ୍ଥାନୀୟ ରାଜଘାଟ ପଡ଼ିଆଠାରେ ଏକ ସ୍ଥାୟୀ ସାଂସ୍କୃତିକ ମଞ୍ଚ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପୁରୋହିତ ବାବୁଲି ପାଢ଼ୀଙ୍କ ତତ୍ତ୍ୱାବଧାନରେ ଏହି ଭୂମି ପୂଜନ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଛି। କମିଟି ସଭାପତି ହରେକୃଷ୍ଣ ସାହୁ (ବୁଲୁ) ଏବଂ ତାଙ୍କ ଧର୍ମପତ୍ନୀ କାଞ୍ଚନ ସାହୁ ସଂକଳ୍ପରେ ବସିଥିବା ବେଳେ ଶୁଭକାର୍ଯ୍ୟ ସମୟରେ ପୂଜା କମିଟିର ସମ୍ପାଦକ ସୁରେଶ କୁମାର ସେଠି, ଉପସଭାପତି ବାବୁଲି ଜେନା, ସହସମ୍ପାଦକ ବସନ୍ତ ପେରେଇ, କୋଷାଧ୍ୟକ୍ଷ ଅଚ୍ୟୁତ ରଣା ଏବଂ ବରିଷ୍ଠ ଉପଦେଷ୍ଟା କେଶବଚନ୍ଦ୍ର ସାହୁ, ଗଣେଶ ପ୍ରସାଦ ପତି ଓ ଅଚ୍ୟୁତାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ସ୍ଥାନୀୟ ଅଞ୍ଚଳର ବହୁ ପ୍ରତିଷ୍ଠିତ ବ୍ୟକ୍ତି ଓ କମିଟିର ସଦସ୍ୟ ଯଥା ସନ୍ତୋଷ ବାରିକ, ପରୀକ୍ଷିତ ସାହୁ, କ୍ଷେତ୍ରବାସୀ ସାହୁ, ରବୀନ୍ଦ୍ର ସେଠି, ପ୍ରମୋଦ ଦାଶ, ଅଖିଳ ସାହୁ, ଜଗନ୍ନାଥ ସାହୁ, ପ୍ରଶାନ୍ତ ଚକ୍ର, ରାଜ କିଶୋର ସାହୁ, ସ୍ମିରୁଲ ପଟ୍ଟନାୟକ, ବାମଦେବ ବିଶ୍ୱାଳ, ବ୍ରଜବନ୍ଧୁ ପାଣିଗ୍ରାହୀ, ଖିରୋଦ ପଣ୍ଡା, ବାପୁନ ବାରିକ, ବୁଲା ରଣା ଏବଂ ସ୍ମୃତିରଞ୍ଜନ ମିଶ୍ରଙ୍କ ସମେତ ଘସିପୁରା ବଜାରର ସମସ୍ତ ବ୍ୟବସାୟୀ ସଦସ୍ୟ ମା'ଙ୍କ ଆଜ୍ଞାମାଳ ନେଇ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। ଗଜେନ୍ଦ୍ର ଦେହୁରୀ ଓ କୈଳାସ ପାତ୍ର ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

## ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ପରିବାରଙ୍କୁ ମିଳିଲା ସରକାରୀ ସହାୟତା

ଡୁରୁମୁଙ୍ଗା, ୨୭।୮ (ସମିସ): ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ପାଟଣା ବନାଞ୍ଚଳରେ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ପରିବାରଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯାଇଛି। ଗୁରୁବାର ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍.ଡି. ଧନରାଜ, ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାଏକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ନାଏକ, ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ବିଧାୟକଙ୍କ ପ୍ରତିନିଧି କମଳା କାନ୍ତ ଦାଶ, ଏସିଏଫ ସୁଦୀପ୍ତ ପଣ୍ଡା, ଲଭଲି ଜୈନ ସମେତ ଅଞ୍ଚଳର ଜନପ୍ରତିନିଧି ଓ ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ଗତ ଏକ ମାସ ଧରି ପାଟଣା ରେଞ୍ଜ ଅଞ୍ଚଳରେ ହାତୀପଲଙ୍କ ଉପଦ୍ରବରେ ବ୍ୟାପକ ଚାଷ ନଷ୍ଟ ହେବା ସହ ୭୦ରୁ ଅଧିକ ଘର କ୍ଷତିଗ୍ରସ୍ତ ହୋଇଥିଲା। ବନ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ପାଟଣା ସେକ୍ସନ ଅଧୀନରେ ହାତୀ ଦ୍ୱାରା କ୍ଷତିଗ୍ରସ୍ତ ୫୬ଟି ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ବେଳେ ୫ ଜଣଙ୍କୁ ଖାଦ୍ୟ ସଞ୍ଚୟ ପାତ୍ର ଏବଂ ୫ଟି ବନ ସୁରକ୍ଷା ସମିତିକୁ ଟର୍ଚ୍ଚ ଲାଇଟ୍ ବଣ୍ଟନ କରାଯାଇଥିଲା। ପାଟଣା ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା ପାଟଣା ବନପାଳ ନିରଞ୍ଜନ ସେଠୀ, ଖିରେଇଟାଙ୍ଗିରୀ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତ ସାହାରପଡା ବନପାଳ ଶ୍ରୀମନ୍ତ ବେହେରା ସମେତ ବନରକ୍ଷୀ ଲକ୍ଷ୍ମୀକାନ୍ତ ରାଉତ, ହୃଦାନନ୍ଦ ମହାନ୍ତି, ଅଶ୍ୱିନୀ ସାହୁ,ଅନନ୍ୟା ପ୍ରିୟଦର୍ଶିନୀ ନାଏକ, ଡଲିରାଣୀ ସାହୁ, ଦେବଯାନୀ ମହାନ୍ତ, ସୁଜାତା ସାହୁ, ଏନଜିଓ ପକ୍ଷରୁ କ୍ଷୀରୋଦ ମହାନ୍ତ, ହିମାଦ୍ରୀ ନାଏକ ଖଗେଶ୍ୱର ମହାନ୍ତ, ରଣଜିତ ପଲେଇ ଉପସ୍ଥିତ ଥିଲେ। ଭାଷ୍ୟକାର ଅରୁଣ ମହାନ୍ତ ପରିଚାଳନା କରିଥିବା ବେଳେ ଏସିଏଫ ଲଭଲି ଜୈନ ଧନ୍ୟବାଦ ଦେଇଥିଲେ।




## ଟ୍ରକ୍ ଚାଳକଙ୍କଠାରୁ ଜବରଦସ୍ତି ପାର୍କିଂ ଫି ଆଦାୟ ଅଭିଯୋଗ

ବଡ଼ବିଲ, ୨୭।୮ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଟଣ୍ଟ ନିକଟରେ ଥିବା ପାର୍କିଂକୁ ନେଇ ଟ୍ରକ୍ ଚାଳକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପାର୍କିଂ କର୍ମଚାରୀମାନେ ଜୋରଜବରଦସ୍ତି ଟ୍ରକ୍ ଅଟକାଇ ଚାଳକଙ୍କଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ୫୨୦ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ଏହି ପାର୍କିଂଟି ଭଦ୍ରାସାହି ଓ ବଡ଼ବିଲ ସହର ଦେଇ ଯାତାୟାତ କରୁଥିବା ଟ୍ରକ୍‌ଗୁଡ଼ିକ ପାଇଁ କରାଯାଇଥିବା କୁହାଯାଉଛି। ତେବେ ଜାତୀୟ ରାଜପଥ ୫୨୦ ଦେଇ ଯାଉଥିବା ଅନ୍ୟ ଟ୍ରକ୍‌ଗୁଡ଼ିକୁ ମଧ୍ୟ ଜୋରଜବରଦସ୍ତି ଅଟକାଇ ପାର୍କିଂ ଫି ଆଦାୟ କରାଯାଉଥିବା ଅଭିଯୋଗ ଉଠିଛି। ଅଭିଯୋଗ ଆହୁରି ଗୁରୁତର ହେଉଛି ଯେ ପାର୍କିଂ କର୍ମଚାରୀମାନେ ଟଙ୍କା ଦେବାକୁ ଅମଙ୍ଗ ହେଉଥିବା କିମ୍ବା ପାର୍କିଂରେ ଗାଡ଼ି ନ ରଖୁଥିବା ଚାଳକଙ୍କ ସହ ଯୁକ୍ତିତର୍କ କରିବା ସହ ମାଡ଼ ମାରୁଥିବା ଅଭିଯୋଗ ହୋଇଛି। ଏପରିକି କେତେକ ଚାଳକ ଆକ୍ରମଣରେ ଲହୁଲୁହାଣ ହୋଇଥିବା ମଧ୍ୟ ଅଭିଯୋଗ ରହିଛି। ଜାତୀୟ ରାଜପଥ ଉପରେ ଚାଳକଙ୍କୁ ଅଟକାଇ ଏଭଳି ଭାବେ ଟଙ୍କା ଆଦାୟ ଓ ମାରପିଟ୍ ଅଭିଯୋଗକୁ ନେଇ ଟ୍ରକ୍ ଚାଳକ ମହଲରେ ଅସନ୍ତୋଷ ଦେଖାଦେଇଛି।

## ନାବାଳିକା ସହ ଅବୈଧ ସମ୍ପର୍କ, ଜଣେ ଗିରଫ

ହାଟଡ଼ିହୀ,୨୭।୮ (ସମିସ): ଶଙ୍ଖଣା ଗ୍ରାମର କରୁଣା ବେହେରା(୨୪) ନାବାଳିକା ସହ ଶାରୀରିକ ସମ୍ପର୍କ ରଖି ଗର୍ଭବତୀ କରିବା ନେଇ ପରିବାର ପକ୍ଷରୁ ସୋସୋ ଥାନାରେ ଅଭିଯୋଗ ହୋଇଥିଲା। ଫଗୁ ସିଂଙ୍କ ଅଭିଯୋଗ ଅନୁସାରେ ସୋସୋ ଥାନା ମାମଲା ନଂ ୧୬୨/୨୬ ତାରିଖ ୨୬.୮.୨୬ ଧାରା ୬୪(୨)(ଏମ୍) ବିଏନ୍‌ଏସ୍ ଆରଡବ୍ଲୁ ଧାରା ୬ ପୋକ୍‌ସୋ ଆଇନ୍ ଅନୁସାରେ ପୁଲିସ୍ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆନନ୍ଦପୁର ଆରକ୍ଷୀ ଅଧିକାରୀ କମଳ କୁମାର ପଣ୍ଡା ସୂଚନା ଦେଇଛନ୍ତି।



## ସାପ କାମୁଡ଼ାରେ ଯୁବକ ମୃତ

କୁଆମରା,୨୭।୮ (ସମିସ): ଖୁଣ୍ଟା ଥାନା ବାସିପିଠା ପଞ୍ଚାୟତ ସନାତନପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଗଙ୍ଗାଧର ମାଝୀ (୨୫)। ଗତ ରାତିରେ ଗଙ୍ଗାଧର ଶୋଇଥିବାବେଳେ ସାପ ତାଙ୍କ ହାତରେ କାମୁଡ଼ି ଦେଇଥିଲା। କିଛି ସମୟ ପରେ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବାରିପଦା ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ନେପାଳରେ ସୁରକ୍ଷିତ ଅଛନ୍ତି ବାରିପଦାର କୁଲସୁମ

ବାରିପଦା,୨୭।୮ (ସମିସ): ନେପାଳର ପ୍ରଳୟଙ୍କାରୀ ବନ୍ୟା ପରେ ବାରିପଦା ପୌରପାଳିକାର ୨୩ ନମ୍ବର ୱାର୍ଡ ଅଞ୍ଚଳର ମେହେନ୍ଦୀ ଆର୍ଟିଷ୍ଟ ୨୧ ବର୍ଷୀୟ କୁଲସୁମ ନିଗାରଙ୍କ ସହ ଦୁଇଦିନ ଧରି ଯୋଗାଯୋଗ ବିଚ୍ଛିନ୍ନ ପାଇଁ ପରିବାର ସମେତ ରାଜ୍ୟରେ ପ୍ରମୁଖ ଖବର ପାଲଟିଥିଲା। ନେପାଳର ପୋଖରା ଅଞ୍ଚଳକୁ ଟ୍ରେକିଂ ପାଇଁ ଯାଇଥିବା କୁଲସୁମଙ୍କ ସହ ଗତ ୨୫ ତାରିଖରୁ ପରିବାରର ଯୋଗାଯୋଗ ହୋଇପାରୁନାହିଁ ବୋଲି ବାପା ଶେଖ୍ ସଲାମତ ଉଲ୍ଲାଙ୍କ ସୂଚନା ପରେ ପ୍ରଶାସନ ଓ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ସହିତ ଗଣମାଧ୍ୟମ ପ୍ରତିନିଧି ପହଞ୍ଚିଥିଲେ ତାଙ୍କ ଘରେ। ନିଖୋଜ ସମ୍ବନ୍ଧୀୟ ପ୍ରମୁଖ ଗଣମାଧ୍ୟମରେ ଖବର ପ୍ରସାରିତ ମଧ୍ୟ ହୋଇଥିଲା। ତେବେ ସନ୍ଧ୍ୟା ବେଳକୁ ଖୁସି ଖବର ପହଞ୍ଚିବା ପରେ ପରିବାର ଲୋକ ଆଶ୍ୱସ୍ତି ପ୍ରକାଶ କରିଛନ୍ତି। ୨୧ ତାରିଖରେ କୁଲସୁମ ୧୨ ଜଣିଆ ଟ୍ରେକିଂ ଟିମ୍ ସହ ନେପାଳର ପୋଖରା ଯାଇଥିଲେ। ୨୫ ତାରିଖ ସକାଳ ପ୍ରାୟ ୧୧ଟା ସମୟରେ କୁଲସୁମ ଟ୍ରେକିଂ ପାଇଁ ବାହାରିଥିଲେ। ବାହାରିବା ପୂର୍ବରୁ ସେ ଘରକୁ ଫୋନ୍ କରି ଜଣାଇଥିଲେ ଯେ, ଟ୍ରେକିଂ ଅଞ୍ଚଳରେ ମୋବାଇଲ୍ ନେଟୱାର୍କ ଉପଲବ୍ଧ ନ ହୋଇପାରେ। ତେଣୁ ଫେରିବା ପରେ ଯୋଗାଯୋଗ କରିବେ ବୋଲି କହିଥିଲେ। ତେବେ ନେପାଳରେ ଘଟିଥିବା ସାମ୍ପ୍ରତିକ ଦୁଃଖଦ ଘଟଣା ସମ୍ପର୍କରେ ଖବର ପାଇବା ପରେ କୁଲସୁମଙ୍କ ବଡ ଭଉଣୀ ତରନମ୍ ନିଗାର ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ତାଙ୍କ ସହ ଯୋଗାଯୋଗ ସମ୍ଭବ ହୋଇନାହିଁ। କୁଲସୁମଙ୍କ ସୁରକ୍ଷାକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଗୁରୁବାର ସନ୍ଧ୍ୟା ସମୟରେ କୁଲସୁମ ନିଗାର ସୁରକ୍ଷିତ ଥିବା ନେଇ ନିଜେ ହ୍ୱାଟ୍ସଆପ୍ କଲ୍ ଯୋଗେ ପରିବାର ଲୋକଙ୍କ ସହ କଥା ହୋଇ ସୂଚନା ଦେଇଛନ୍ତି। ଦୁର୍ଘଟଣା ସ୍ଥଳର ୨୩୦ କିମି ଦୂର ନେପାଳର ଧୋରପଠାନ ନିକଟରୁ କୁଲସୁମ ସମେତ ପୂରା ଟିମ୍ ସୁରକ୍ଷିତ ଥିବା ସୂଚନା ଦେଇଛନ୍ତି। ଆଗାମୀ ୩୦ ତାରିଖରେ ତାଙ୍କର ଘରକୁ ଫେରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି।




**ଦୁଇଦିନ ଯୋଗାଯୋଗ ବିଚ୍ଛିନ୍ନ ପାଇଁ ବଢ଼ିଥିଲା ଚିନ୍ତା**

## ରିଲ୍ସ ନିଶାରେ ବିପଦପୂର୍ଣ୍ଣ ଷ୍ଟଣ୍ଟ

ଡୁରୁମୁଙ୍ଗା, ୨୭।୮ (ସମିସ): ସୋସିଆଲ୍ ମିଡିଆରେ ଲାଇକ୍, କମେଣ୍ଟ ଓ ଭ୍ୟୁ ପାଇବାର ଅହେତୁକ ନିଶା ଆଜିର ଯୁବପିଢ଼ିଙ୍କୁ ବିପଦ ମୁହଁକୁ ଠେଲି ଦେଉଛି। ଏଭଳି ଏକ ଅଭାବନୀୟ ଦୃଶ୍ୟ କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଦେଇ ପ୍ରବାହିତ ବୈତରଣୀ ନଦୀରେ ଦେଖିବାକୁ ମିଳିଛି। ରିଲ୍ସ ତିଆରି କରିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ୩ ଜଣ ଯୁବକ ବୈତରଣୀ ନଦୀର ପ୍ରଖରସ୍ରୋତରେ ଭାସୁଥିବା ଦେଖାଯାଇଛି। ନଦୀର ଜଳସ୍ତର ଓ ପ୍ରଖର ସୁଅକୁ ଖାତିର ନକରି ଯୁବକମାନେ ଏପରି ଭିଡିଓ ସୁଟ୍ କରୁଥିବାର ଭିଡିଓ ଭାଇରାଲ ହେଉଛି। ଏହି ଘଟଣାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ଓ ସ୍ଥାନୀୟ ପୁଲିସ ଏ ଦିଗରେ ଦୃଷ୍ଟି ଦେଇ ବୈତରଣୀ ନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବା ସମୟରେ ନଦୀଘାଟରେ ସଚେତନତା ସୃଷ୍ଟି କରିବା ସହ ଏଭଳି ବିପଦପୂର୍ଣ୍ଣ କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିବାକୁ ଦାବି ହେଉଛି।

**ବୈତରଣୀ ନଦୀର ବନ୍ୟାଜଳରେ ୩ ଯୁବକ ଭାସୁଥିବା ଭିଡିଓ ଭାଇରାଲ୍**



## ଇନ୍ଦିରା ନଗରରୁ ଚୋରି

ବେତନଟୀ,୨୭।୮ (ସମିସ): ବେତନଟୀ ଥାନା ଅଧୀନ ଏସଏସ ମହୁଲିଆର ଇନ୍ଦିରା ନଗରର କାଶୀନାଥ ମିଶ୍ରଙ୍କ ଘରେ କେହି ନ ଥିବା ବେଳେ ବୁଧବାର ରାତି ୮ଟା ସମୟରେ ତିନିଜଣ ଦୁର୍ବୃତ୍ତ ତାଲା କାଟି ଲକ୍ଷାଧିକ ଟଙ୍କାର ସୁନା, ରୁପା ଅଳଙ୍କାର ସମେତ ନଗଦ ୫୦ ହଜାର ଟଙ୍କା ଚୋରି କରିଥିଲେ। ଏହି ତିନିଜଣ ଚୋରି କରିବା ପରେ ବସ୍ତିକୁ ଲାଗିଥିବା ଅନ୍ୟ ଜଣଙ୍କ ଘଞ୍ଚ ଜଙ୍ଗଲ ଥିବା ବାଡ଼ିକୁ ପାଚେରି ଡେଇଁ ପଳାଇବା ବେଳେ ସ୍ଥାନୀୟ ବସ୍ତି ବାସିନ୍ଦା ଚୋରଙ୍କୁ ଦେଖିଥିଲେ। ଏହି ଘଟଣା ପରେ ସ୍ଥାନୀୟ ଲୋକ ଘର ମାଲିକଙ୍କୁ ଫୋନ କରିଥିଲେ। ଘର ମାଲିକ ଆସି ଘର ଚୋରି ହୋଇଥିବା ଜାଣି ବେତନଟୀ ପୁଲିସକୁ ଫୋନ କରିଥିଲେ। ସ୍ଥାନୀୟ ଲୋକ ଓ ବେତନଟୀ ପୁଲିସ ଦୀର୍ଘ ସମୟ ଧରି ପିଛା କରିଥିଲେ ମଧ୍ୟ ଚୋରଙ୍କ ପତ୍ତା ପାଇନଥିଲେ। ଗୁରୁବାର ବେତନଟୀ ପୁଲିସ ଯାଞ୍ଚ କରିବା ସହ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ବାପାଙ୍କ ମୃତ୍ୟୁ ଖବର ପାଇ ଆସିଲେନି ପୁଅ, ଝିଅଦେଲେ ମୁଖାଗ୍ନି

ବୈଶିଙ୍ଗା, ୨୭।୮ (ସମିସ): ମାନବିକତା ଓ ରକ୍ତ ସମ୍ପର୍କକୁ ନେଇ ଏକ ଦୁଃଖଦ ଘଟଣା ମୟୂରଭଞ୍ଜ ଜିଲ୍ଲା ବେତନଟୀ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସନ୍ତରା ପଞ୍ଚାୟତର ପୂର୍ବତନ ନାଏବ ସରପଞ୍ଚ ତଥା ବରିଷ୍ଠ କଂଗ୍ରେସ ନେତା ସୁଦାମ କୁମାର ସାହୁ (୭୪)ଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁ ପରେ ତାଙ୍କ ମରଶରୀରକୁ ପୈତୃକ ଗ୍ରାମ ତିଳଦାକୁ ଅଣାଯାଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ସୁଦାମଙ୍କୁ ଶେଷ ଦର୍ଶନ କରିବା ପାଇଁ ଆଖପାଖ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶୁଭେଚ୍ଛୁ ପହଞ୍ଚିଥିଲେ। ତେବେ ଶେଷକୃତ୍ୟ ସମୟରେ ଏକ ଦୁଃଖଦ ଘଟଣା ସମସ୍ତଙ୍କୁ ବ୍ୟଥିତ କରିଥିଲା। ସୁଦାମଙ୍କ ଏକମାତ୍ର ପୁଅ ତଥା ଅଧ୍ୟାପକ ରାଜେଶ ବାପାଙ୍କ ମୃତ୍ୟୁ ଖବର ପାଇ ଶେଷ ଦର୍ଶନ ପାଇଁ ଆସି ନ ଥିବା ଜଣାପଡ଼ିଛି। ତାଙ୍କ ଅନୁପସ୍ଥିତିରେ ଝିଅ ମୁଖାଗ୍ନି ଦେଇଥିବା ଜଣାପଡ଼ିଛି। ରାଜେଶ ବାଲିଯୋଡ଼ାସ୍ଥ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବାବେଳେ ୮ ବର୍ଷ ପୂର୍ବେ ବାପାଙ୍କ ସହ ମତଭେଦ ହେବା ପରେ ବାରିପଦାରେ ପରିବାର ସହ ରହୁଥିଲେ। ସୁଦାମଙ୍କ ଦୁଇଝିଅ ବିବାହ ପରେ ମଧ୍ୟ ବାପାଙ୍କ ସୁଖଦୁଃଖରେ ସାଥୀ ହୋଇଥିଲେ। ଅସୁସ୍ଥତା ସମୟରେ ତାଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ନେବା ସହ ଚିକିତ୍ସାର ଦାୟିତ୍ୱ ମଧ୍ୟ ନେଇଥିଲେ। ବାପାଙ୍କ ଶେଷ ସମୟରେ ପୁଅ ନ ଆସିବାରୁ ବଡ଼ଝିଅ ସସ୍ମିତା ଚୌଧୁରୀ (ଜୁଲି) ଭାଇଙ୍କୁ ଡାକିବା ପାଇଁ ବାରିପଦା ଯାଇଥିଲେ। ସେଠାରେ ତାଙ୍କ ଭାଇ ଦୁଆର ନ ଖୋଲିବା ସହ ଶେଷକୃତ୍ୟରେ ଯୋଗ ଦେଇ ନ ଥିଲେ। ଶେଷରେ ବାପାଙ୍କ ଶେଷ ଇଚ୍ଛାକୁ ସମ୍ମାନ ଦେଇ ଝିଅ ସସ୍ମିତା ନିଜ ବାପାଙ୍କୁ ମୁଖାଗ୍ନି ଦେଇଥିଲେ। ଏହା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

# ମୟୂରଭଞ୍ଜରେ ଆଜି ପାଇବେ ୬.୧୫ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ଷଷ୍ଠ କିସ୍ତି

ବାରିପଦା, ୨୭।୮ (ସମିସ)




ଶୁକ୍ରବାର ମିଳିବ ସୁଭଦ୍ରା ଯୋଜନାର ଷଷ୍ଠ କିସ୍ତି ଟଙ୍କା। ଏହି ଯୋଜନାରେ ମହିଳାଙ୍କ ଆର୍ଥିକ ସଶକ୍ତୀକରଣ, ସେମାନଙ୍କୁ ଓ ସେମାନଙ୍କ ପରିବାରକୁ ସୁରକ୍ଷା ଯୋଗାଇବା ସହିତ ଆଗକୁ ବଢ଼ାଇବା ନିମିତ୍ତ ରାଜ୍ୟ ସରକାରଙ୍କ ଉଦ୍ୟମ ପ୍ରଶଂସନୀୟ। ଏଥିରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ୨୧ରୁ ୬୦ ବର୍ଷର ସମସ୍ତ ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ୫୦୦୦ ଟଙ୍କା ଲେଖାଏଁ ବର୍ଷକୁ ୨ଟି କିସ୍ତିରେ ଅର୍ଥାତ ୧୦,୦୦୦ ଟଙ୍କା ଓ ୫ ବର୍ଷରେ ୫୦ ହଜାର ଟଙ୍କା ଲେଖାଏଁ ପାଇବେ। ଇତିମଧ୍ୟରେ ୫ଟି କିସ୍ତି ଦିଆ ସରିଥିବାବେଳେ ଦ୍ୱିତୀୟ କିସ୍ତି ବାରିପଦାରେ ଶୁଭାରମ୍ଭ ହୋଇଥିଲା। ଷଷ୍ଠ କିସ୍ତି ଆସନ୍ତାକାଲି (ଶୁକ୍ରବାର) ପ୍ରଦାନ କରାଯିବ। ତେବେ ମୟୂରଭଞ୍ଜ ଜିଲ୍ଲାରେ କିସ୍ତି ସଂଖ୍ୟା ବୃଦ୍ଧି ପାଉଥିବାବେଳେ ହିତାଧିକାରୀଙ୍କ ସଂଖ୍ୟା କ୍ରମାଗତ କମିକମି ଚାଲିଛି। ଯୋଜନା ପ୍ରାରମ୍ଭରେ ମୟୂରଭଞ୍ଜ ଜିଲ୍ଲାରେ ଆବେଦନକାରୀଙ୍କ ସଂଖ୍ୟା ୬ ଲକ୍ଷ ୯୯ ହଜାର ୯୦୫ ଜଣ ଥିବାବେଳେ ପ୍ରଥମ କିସ୍ତିରେ ୬ ଲକ୍ଷ ୨୨ ହଜାର ୨୫୧ ଜଣ ଆର୍ଥିକ ସହାୟତା ପାଇଥିଲେ। ଯାହା ଦ୍ୱିତୀୟ କିସ୍ତି ବେଳକୁ କମି ୬ ଲକ୍ଷ ୧୫ ହଜାର ୯୭୫, ତୃତୀୟ କିସ୍ତି ବେଳକୁ ଏହା ବୃଦ୍ଧି ପାଇ ୭ ୬ ଲକ୍ଷ ୧୮ ହଜାର ୯୭୫ ଓ ପଞ୍ଚମ କିସ୍ତି ବେଳକୁ ୬ ଲକ୍ଷ ୧୫ ହଜାର ୩୭୧ରେ ପହଞ୍ଚିଥିଲା। ଆସନ୍ତାକାଲି ଶୁକ୍ରବାର ୬ ଲକ୍ଷ ୧୫ ହଜାରରୁ ଉର୍ଦ୍ଧ୍ୱ ଷଷ୍ଠ କିସ୍ତି ପାଇବେ ପୂର୍ବ ତାଲିକାରେ ୬୦ ବର୍ଷ ପୂରଣ ହୋଇଥିବା ମହିଳା ବାଦ ପଡିଥିବାବେଳେ ୨୧ ବର୍ଷ ହୋଇଥିବା ନୂତନ ଆବେଦନକାରୀ ମହିଳା ହିତାଧିକାରୀ ଏଥିରେ ଯୋଡି ହେବେ ବୋଲି ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ କାର୍ଯ୍ୟାଳୟରୁ ଜଣାପଡିଛି। ସ୍ଥାନୀୟ ସହିଦ ସ୍ମୃତି ଭବନରେ ଏ ନେଇ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଜରିଆରେ କିସ୍ତି ଆକାଉଣ୍ଟ ପେମେଣ୍ଟ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଭାସୀ ଜରିଆରେ ଏକ ସଙ୍ଗେ ପ୍ରଦାନ କରିବେ।

**ବଢ଼ିବା ବଦଳରେ କମୁଛି ହିତାଧିକାରୀଙ୍କ ସଂଖ୍ୟା**



## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମର ଉଚିତ ଫଳ ମିଳିବ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୯୨୨- ଜାପାନ ସାଇବେରିଆରୁ ତା'ର ସୈନ୍ୟ ଫେରାଇବା ପାଇଁ ସହମତ ହେଲା।
- ୧୯୮୪- ସୋଭିଏତ୍ ସଂଘ ଭୂମିଗତ ପରମାଣୁ ପରୀକ୍ଷା କଲା।
- ୧୯୯୬- ପ୍ରିନ୍ସ ଚାର୍ଲସ୍ ଓ ଯୁବରାଣୀ ଡାଏନାଙ୍କ ମଧ୍ୟରେ ବିଧିବଦ୍ଧ ଭାବେ ଛାଡ଼ପତ୍ର ହେଲା।
- ୨୦୦୮-ଫୋର୍ବସ୍ ପତ୍ରିକା ବିଶ୍ୱର ୧୦୦ ଜଣ ଶକ୍ତିଶାଳୀ ମହିଳାଙ୍କ ଭିତରେ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ମାୟାବତୀଙ୍କୁ ସାମିଲ୍ କଲା।

## ପ୍ରଳୟ ପାଇଁ ବଙ୍କର



ବିଶ୍ୱବ୍ୟାପୀ ବୃଦ୍ଧି ପାଉଥିବା ଉତ୍ତେଜନା, ଯୁଦ୍ଧ ଭୟ ଏବଂ ବିନାଶ ଆଶଙ୍କା ମଧ୍ୟରେ ବିଶ୍ୱର ଧନୀ ବ୍ୟକ୍ତିମାନେ ଏପରିସ୍ଥିତିରେ ନିଜକୁ ସୁରକ୍ଷିତ ରଖିବା ପାଇଁ 'ଡୁମ୍ସଡେ ବଙ୍କର' ବା ବିନାଶକାଳୀନ ଆଶ୍ରୟସ୍ଥଳୀ ନିର୍ମାଣ କରୁଛନ୍ତି। ଏଠାରେ ଧନୀ ବ୍ୟକ୍ତିମାନେ ନିଜର କଳାକୃତି, ମୂଲ୍ୟବାନ ଗହଣା, ଡିଜିଟାଲ୍ ଡାଟା ଏବଂ ନିଜର ଦାମୀ କାର୍‌ଗୁଡ଼ିକୁ ସୁରକ୍ଷିତ ରଖିପାରିବେ। ସୁଇଜରଲ୍ୟାଣ୍ଡର ଆଲପସ୍ ପାହାଡ଼ ତଳେ ୧୦୦ ମିଟର ଗଭୀରତାରେ ଏଭଳି ଏକ ବିଶାଳ ଭୂତଳ ନେଟୱାର୍କ ନିର୍ମାଣ କରାଯାଉଛି, ଯାହାର ନେତୃତ୍ୱ ସୁଇସ୍ ବ୍ୟବସାୟୀ ଥୋମାସ୍ ଗାସର୍ ଏବଂ ତାଙ୍କ କମ୍ପାନି 'ବ୍ରୁନିଗ ମେଗା ସେଫ୍' ନେଇଛନ୍ତି। ସାଧାରଣ ସାମରିକ ବଙ୍କର ଭଳି ଏଗୁଡ଼ିକ ଅନ୍ଧାରୁଆ କି ସଂକୀର୍ଣ୍ଣ ନୁହେଁ। ବଙ୍କର ଭିତରେ ସୁଇମିଂ ପୁଲ୍, ସିନେମା ହଲ୍, ବାର୍, ଜିମ୍, ଏବଂ ସ୍ପା ଆଦି ରହିଛି। ଦୀର୍ଘ ଦିନ ଭୂତଳରେ ରହିବା ଦ୍ୱାରା ଯେପରି ମାନସିକ ଚାପ ନ ହେବ, ସେଥିପାଇଁ କାନ୍ଥରେ ଏଲ୍‌ଇଡି ସ୍କ୍ରିନ୍ ଲଗାଯାଇଛି, ଯେଉଁଥିରେ ପ୍ରକୃତିର ସୁନ୍ଦର ଦୃଶ୍ୟ, ଦିନ ଓ ରାତିର ଆଲୋକ ଏବଂ ବାହାରର ପାଣିପାଗର ନକଲି ଅନୁଭୂତି ମିଳିପାରିବ। ମାସ ମାସର ଶୁଖିଲା ଖାଦ୍ୟ ସହିତ ଏହା ଭିତରେ ହାଇଡ୍ରୋପୋନିକ୍ସ ପ୍ରଣାଳୀରେ ବିନା ମାଟିରେ ଲାଇଟ୍ ସାହାଯ୍ୟରେ ପନିପରିବା ମଧ୍ୟ ଚାଷ କରାଯାଇପାରିବ। ଏହା ମଧ୍ୟରେ ମିଲିଟାରୀ-ଗ୍ରେଡ୍ ଏୟାର ଫିଲ୍ଟରେସନ୍ ସିଷ୍ଟମ୍ ଥାଏ, ଯାହା ପରମାଣୁ ବିକିରଣ ଏବଂ ଜୈବିକ ଗ୍ୟାସ୍‌କୁ ଭିତରକୁ ଆସିବାକୁ ଦେବନାହିଁ। ଏନେଇ କମ୍ପାନି ପକ୍ଷରୁ କୁହାଯାଇଛି ଯେ, ଏହାର ସୁରକ୍ଷା ବ୍ୟବସ୍ଥା ସୁଇସ୍ ନ୍ୟାସନାଲ ବ୍ୟାଙ୍କ ଠାରୁ ମଧ୍ୟ ଅଧିକ ମଜବୁତ ହେବ। ଏଠାରେ ଗୋଟିଏ ଗୁମ୍ଫାକୁ ୯୯ ବର୍ଷର ଲିଜ୍‌ରେ ନେବା ପାଇଁ ପ୍ରାରମ୍ଭିକ ମୂଲ୍ୟ ପ୍ରାୟ ୧୦ କୋଟି ଟଙ୍କାରୁ ଅଧିକ ରଖାଯାଇଛି। ଏହି ବଙ୍କରଗୁଡ଼ିକର ସ୍ଥାନ ଏତେ ଗୋପନୀୟ ରଖାଯାଇଛି ଯେ, ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ମଧ୍ୟ ଏହାର ମୁଖ୍ୟ ପ୍ରବେଶ ଦ୍ୱାର ପର୍ଯ୍ୟନ୍ତ ଯିବାକୁ ଅନୁମତି ଦିଆଯାଇ ନାହିଁ। ବଙ୍କର ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ଗାଡ଼ିଗୁଡ଼ିକୁ ଏକ ସ୍ୱତନ୍ତ୍ର ଚେକପଏଣ୍ଟ ଦେଇ ଯିବାକୁ ପଡ଼ିବ, ଯେଉଁଠାରେ ଅନେକ ପ୍ରକାରର ଗୁପ୍ତ ସୁରକ୍ଷା ଯାଞ୍ଚ କରାଯାଏ।

## ରାଗ ଶୁଝାଇବାର ନୂଆ ଧାରା



ଚୀନ୍‌ରେ ବର୍ତ୍ତମାନ ଡିଜିଟାଲ ପେଟ୍ ଟ୍ରେଣ୍ଡ ଯୁବପିଢ଼ିଙ୍କ ମଧ୍ୟରେ ଅତି ଦ୍ରୁତ ଗତିରେ ବୃଦ୍ଧି ପାଉଛି। କମ୍ପ୍ୟୁଟର ଏବଂ ସ୍ମାର୍ଟଫୋନ୍ ସ୍କ୍ରିନରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଆଧାରିତ ପୋଷା ଜୀବମାନେ ଚୀନର କର୍ମଜୀବୀ ଏବଂ ଯୁବ ସମାଜକୁ ବେଶ୍ ଆକର୍ଷିତ କରୁଛନ୍ତି। ଚୀନ୍‌ର ଅଫିସ୍ କର୍ମଚାରୀମାନେ ନିଜର ମାନସିକ ଚାପ ଓ କ୍ଲାନ୍ତି ଦୂର କରିବା ପାଇଁ ଏହି ଡିଜିଟାଲ ପେଟ୍‌ଗୁଡ଼ିକର ବହୁଳ ବ୍ୟବହାର କରୁଛନ୍ତି। ଅନେକ ଯୁବକ ନିଜର ରାଗ ବା ଅସନ୍ତୋଷ ମେଣ୍ଟାଇବା ପାଇଁ ନିଜ ଅଫିସର ବସ୍ ବା କୌଣସି ନାପସନ୍ଦ ବ୍ୟକ୍ତିଙ୍କ ଫଟୋକୁ ଏଆଇ ସାହାଯ୍ୟରେ ଏକ ଡିଜିଟାଲ ଅବତାରରେ ପରିଣତ କରୁଛନ୍ତି। ଏହି ଭର୍ଚୁଆଲ କ୍ୟାରେକ୍ଟରଗୁଡ଼ିକ କମ୍ପ୍ୟୁଟର ସ୍କ୍ରିନ୍‌ରେ ଉଠାବସା କରିବା, ଆଣ୍ଠୁମାଡ଼ି କ୍ଷମା ମାଗିବା, କିମ୍ବା ଚା' ପରଷିବା ଭଳି ମଜାଦାର କାର୍ଯ୍ୟ କରିଥାନ୍ତି। ଏହା କର୍ମଚାରୀମାନଙ୍କୁ କାର୍ଯ୍ୟକ୍ଷେତ୍ରରେ କିଛି ସମୟ ପାଇଁ ହସିବାର ସୁଯୋଗ ଦେଇଥାଏ। ସେହିପରି କିଛି ଲୋକ ଏହି ଟେକ୍ନିକ୍‌କୁ ନିଜେ ପ୍ରସ୍ତୁତ କରୁଥିବା ବେଳେ ଆଉ କିଛି ଟଙ୍କା ଦେଇ ଏହାକୁ ତିଆରି କରୁଛନ୍ତି। ତେବେ ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ, କୌଣସି ବାସ୍ତବ ମଣିଷର ଫଟୋକୁ ଏଆଇରେ ରୂପାନ୍ତରିତ କରିବା ଯୋଗୁ ଆଇନଗତ ସମସ୍ୟାର ସାମ୍ନା କରିବାକୁ ପଡ଼ିପାରେ। ବିଶେଷକରି କୌଣସି ବ୍ୟକ୍ତିଙ୍କ ଫଟୋକୁ ବିନା ଅନୁମତିରେ ଏପରି କରିବା ଦ୍ୱାରା ଫଟୋ ସମ୍ବନ୍ଧିତ ଅଧିକାର ଉଲ୍ଲଂଘନ ହୋଇପାରେ। ତେଣୁ କୌଣସି ମାଲିକ, ସହକର୍ମୀ, ଅନ୍ୟ ବ୍ୟକ୍ତିଙ୍କ ଫଟୋକୁ ଏଭଳି ଭାବେ ଉପଯୋଗ କରିବା ପୂର୍ବରୁ ଆଇନଗତ ଦିଗ ଉପରେ ଧ୍ୟାନ ଦେବା ଜରୁରି।

## ୨୧ ବର୍ଷ ପରେ ଖଳନାୟକ ଭୂମିକାରେ ଅଜୟ



ବଲିଉଡ୍ ଅଭିନେତା ଅଜୟ ଦେବଗନ୍‌ଙ୍କ ଅଭିନୀତ 'ଧମାଲ ୪' ନିକଟରେ ମୁକ୍ତିଲାଭ କରିଥିଲା। ଏହା ବକ୍ସ ଅଫିସ୍‌ରେ ଠିକ୍‌ଠାକ୍ ବିଜିନେସ୍ କରିଥିଲା। ଚଳିତ ବର୍ଷ ଅଜୟଙ୍କ ଅଭିନୀତ ଅନ୍ୟ ଦୁଇଟି ଫିଲ୍ମ 'ଦୃଶ୍ୟମ୍ ୩' ଓ 'ରେଞ୍ଜର' ମଧ୍ୟ ମୁକ୍ତିଲାଭ କରିବାକୁ ଯାଉଛି। ଇତିମଧ୍ୟରେ ତାଙ୍କର ଆଉ ଏକ ସିନେମାକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ରୋହିତ ଜୁଗରାଜଙ୍କ ଆଗାମୀ ସିନେମା 'ଗୃହ ପ୍ରବେଶ'ରେ ସେ ଖଳନାୟକ ଭୂମିକାରେ ନଜର ଆସିବେ। ୨୦୦୫ରେ ଆସିଥିବା 'କାଲ୍' ଫିଲ୍ମରେ ଅଜୟ ଶେଷ ଥର ପାଇଁ ଖଳନାୟକ ଭାବେ ଦେଖାଯାଇଥିଲେ। ଏହି ଫିଲ୍ମର ୨୧ ବର୍ଷ ପରେ ସେ ପୁଣି ଥରେ ନକାରାତ୍ମକ ଚରିତ୍ରକୁ ଫେରୁଛନ୍ତି। ଏହି ସୁପରନ୍ୟାଚୁରାଲ୍ ହରର୍ ଥ୍ରୀଲର୍ ଫିଲ୍ମରେ ଅଜୟଙ୍କ ପାଖରେ କିଛି ଅଲୌକିକ ଶକ୍ତି ଥିବାର ଦେଖାଯିବ। 'ଗୃହ ପ୍ରବେଶ' ଫିଲ୍ମର ସୁଟିଂ ପ୍ରଥମେ ୟୁକେରେ ହେବାର ଥିଲା ଏବଂ ଏହା ଜୁଲାଇ ମାସରୁ ଆରମ୍ଭ ହେବାର ଯୋଜନା ଥିଲା। ଅଜୟଙ୍କ ଅନ୍ୟାନ୍ୟ ପ୍ରୋଜେକ୍ଟ ଯୋଗୁଁ ଏହାର ସୁଟିଂ ଆରମ୍ଭ ହୋଇ ପାରିନାହିଁ। ଆସନ୍ତା ସେପ୍ଟେମ୍ବର ମାସରୁ ଏହାର ସୁଟିଂ ଆରମ୍ଭ ହେବ। ପ୍ରଥମ ଭାଗର ସୁଟିଂ ମୁମ୍ବାଇରେ ହିଁ ହେବ। ସୁଟିଂ ସରିବା ପରେ ଫିଲ୍ମର ପରବର୍ତ୍ତୀ ସୁଟିଂ ପାଇଁ ପୂରା ଟିମ୍ ଲଣ୍ଡନ ଯିବ। ଏହାର କାହାଣୀ 'ଗରୁଡ଼ ପୁରାଣ'ରୁ ପ୍ରେରିତ ହୋଇଛି। ଏଥିରେ ଜୀବନ, ମୃତ୍ୟୁ, କର୍ମ, ଆତ୍ମା ଏବଂ ପୁନର୍ଜନ୍ମ ଭଳି ଗମ୍ଭୀର ବିଷୟଗୁଡ଼ିକୁ ଦେଖାଯିବ। ଫିଲ୍ମରେ ଅଜୟଙ୍କ ଭୂମିକା ଏକ ବିଚଳିତ ଆତ୍ମା ସହିତ ଜଡ଼ିତ ହେବ। ଅଜୟ ପୂର୍ବରୁ 'ଭୂତ', 'କାଲ' ଏବଂ 'ଶୈତାନ' ଭଳି ହରର୍ ଫିଲ୍ମରେ କାମ କରିଥିଲେ। ଏହି ଫିଲ୍ମଗୁଡ଼ିକ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିବାରୁ ଦର୍ଶକଙ୍କ ମଧ୍ୟରେ 'ଗୃହ ପ୍ରବେଶ'କୁ ନେଇ ବେଶ୍ ଉତ୍ସାହ ରହିଛି।

## 'ସକାଳ'ର ସ୍ୱାସ୍ଥ୍ୟ

# ଚିକେନ୍ ସ୍କିନ୍



**ଅଧିକାଂଶ ଲୋକଙ୍କ ଚର୍ମ ଉପରେ ବ୍ରଣ ପରି ଲାଲ ଲାଲ ଫଳିଯାଏ। ଏହାର ଲକ୍ଷଣ ପ୍ରାୟତଃ ଜଣାପଡୁନଥିବାରୁ ଅଧିକାଂଶ ଏହାକୁ ଅଣଦେଖା କରିଥାନ୍ତି। ହେଲେ ଏହା 'ଚିକେନ୍ ସ୍କିନ୍'ର ସଙ୍କେତ ହୋଇପାରେ। ଡାକ୍ତରୀଭାଷାରେ ଏହାକୁ କେରାଟୋସିସ୍ ପିଲାରିସ୍ କୁହାଯାଏ। ଏହା ଏକ ଦୀର୍ଘସ୍ଥାୟୀ ଚର୍ମ ସମସ୍ୟା। ପିଲାମାନଙ୍କ କ୍ଷେତ୍ରରେ ଏହା ଅଧିକ ଦେଖାଯାଏ।**

ଚର୍ମରେ କେରାଟିନ୍ ନାମକ ପ୍ରୋଟିନ୍ ଅଧିକ ଜମା ହୋଇ ଲୋମକୂପଗୁଡ଼ିକୁ ବନ୍ଦ କରିଦିଏ ଏବଂ ଚର୍ମରେ ଛୋଟ ଛୋଟ ଦାନା ଦାନା ସୃଷ୍ଟି ହୋଇଥାଏ। ଏହାଛଡ଼ା ବଂଶାନୁଗତ, ଶୁଷ୍କ ଚର୍ମ ସମସ୍ୟା ଏହି ରୋଗର ମୂଳ କାରଣ। ବେଳେ ବେଳେ ଭିଟାମିନ୍ ଅଭାବରୁ ମଧ୍ୟ 'ଚିକେନ୍ ସ୍କିନ୍' ସୃଷ୍ଟି ହୋଇଥାଏ। ଅତ୍ୟଧିକ ଗରମ ପାଣିରେ ଗାଧୋଇବା, ଚର୍ମକୁ ଅଧିକ ରଗୁଡ଼ିବା, ମଏଶ୍ଚରାଇଜର ବ୍ୟବହାର ନ କରିବା, ଅଧିକ ସୁଗନ୍ଧିତ ସ୍କିନ୍ ପ୍ରଡକ୍ଟ ବ୍ୟବହାର ଆଦି ଅଭ୍ୟାସ ଏହି ସମସ୍ୟାକୁ ବଢ଼ାଇଦିଏ। ମେଦବହୁଳତା, ମଧୁମେହ, ଏକ୍‌ଜିମା ଥିବା ବ୍ୟକ୍ତିଙ୍କ ପାଇଁ ଏହା ଅଧିକ ବିପଦ।

**ଲକ୍ଷଣ:** ଶୀତଦିନେ କିମ୍ବା ଶୁଷ୍କପାଗରେ ଏହି ସମସ୍ୟା ଅଧିକ ଦେଖାଯାଏ। ହାତ ବାହୁ, ଜଙ୍ଘ, ଗାଲ, ନିତମ୍ବରେ ଛୋଟ ଛୋଟ ଲାଲ ରଙ୍ଗର ଦାନା ଭଳି ଫଳିଯାଏ। କୁକୁଡ଼ା ଛାଲ ପରି ଚର୍ମ ଅଧିକ ରୁକ୍ଷ ଲାଗେ। ଏହା ଯନ୍ତ୍ରଣାବିହୀନ। କୁଣ୍ଡାଇ ହୁଏ ନାହିଁ। କିଛିଜଣଙ୍କ କ୍ଷେତ୍ରରେ ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ଏହି ଲକ୍ଷଣ ଆପେ ଭଲ ହୋଇଯାଏ। ଆଉ କିଛିଜଣ ଦୀର୍ଘଦିନ ଧରି ଏହି ସମସ୍ୟାରେ ପୀଡ଼ିତ ରୁହନ୍ତି। ତେବେ ଦୀର୍ଘଦିନ ଧରି ଏହି ସମସ୍ୟାରେ ପୀଡ଼ିତ ରହିଲେ ଚର୍ମ ବିଶେଷଜ୍ଞଙ୍କ ପରାମର୍ଶରେ ଚିକିତ୍ସା କରିବା ଆବଶ୍ୟକ।

**ଚିକିତ୍ସା ପଦ୍ଧତି:** ଡାକ୍ତର ରୋଗର ତୀବ୍ରତା, ଲକ୍ଷଣ କିମ୍ବା ଚର୍ମର ସ୍ଥିତି ଅନୁଯାୟୀ ଚିକିତ୍ସା ପଦ୍ଧତି ଆପଣାନ୍ତି। ଚର୍ମକୁ ଆର୍ଦ୍ର ଏବଂ କୋମଳ ରଖିବା ପାଇଁ ନିୟମିତ ମଏଶ୍ଚରାଇଜର୍ ବ୍ୟବହାର କରିବା ଉଚିତ। ଔଷଧ ଦ୍ୱାରା ସୁଫଳ ନ ମିଳିଲେ ଲେଜର୍ ଟ୍ରିଟ୍‌ମେଣ୍ଟ ବ୍ୟବହାର କରାଯାଏ। ଚର୍ମକୁ ଅଧିକ ଘଷିବା ବା ଗରମ ପାଣିରେ ଗାଧୋଇବା ଅନୁଚିତ। ଏହାସହିତ ହାଲୁକା ନଖ ଉଷୁମ ପାଣିରେ ଗାଧୋଇବା, ପର୍ଯ୍ୟାପ୍ତ ପାଣି ପିଇବା, ଦୈନିକ ସନ୍ତୁଳିତ ଖାଦ୍ୟଗ୍ରହଣ, ଢିଲା ପୋଷାକ ପିନ୍ଧିବା, ମୃଦୁ ସାବୁନ ବ୍ୟବହାର କରିବା ଆଦି ଅଭ୍ୟାସ ଆପଣାଇପାରିବେ।

## ବହୁ ଉପକାରୀ ଘି-କୁଆଁରୀ ରସ



ଘି-କୁଆଁରୀରେ ଭିଟାମିନ୍, ଖଣିଜ, ଆଣ୍ଟି ଅକ୍ସିଡାଣ୍ଟ, କବକ ଏବଂ ଜୀବାଣୁ ନିରୋଧୀ ଗୁଣ ଆଦି ଭରପୂର ରହିଛି। ଔଷଧୀୟ ଗୁଣରେ ଭରପୂର ଘି-କୁଆଁରୀ ରସ ଖାଲିପେଟରେ ପିଇବା ଦ୍ୱାରା ନାନା ରୋଗ ଦୂର ହୋଇଥାଏ।

- ସକାଳୁ ଖାଲି ପେଟରେ ଦୁଇକପ୍ ନଖ ଉଷୁମ ପାଣିରେ ପାଞ୍ଚରୁ ତିରିଶ ମିଲି ଘି-କୁଆଁରୀ ରସ ବୟସ ଓ ଶାରୀରିକ ଓଜନ ଅନୁଯାୟୀ ଚିକିତ୍ସକଙ୍କ ପରାମର୍ଶକ୍ରମେ ପିଇଲେ କୋଷ୍ଠକାଠିନ୍ୟ, ଗ୍ୟାସ୍ ଏବଂ ଅମ୍ଳଜନିତ ସମସ୍ୟା ଦୂର ହୁଏ।
- ନିୟମିତ ବ୍ୟବଧାନରେ ଘି-କୁଆଁରୀ ରସ ପିଇଲେ ଶରୀରରୁ ବିଷାକ୍ତ ପଦାର୍ଥ ବାହାରିବା ସହ ରକ୍ତ ଶର୍କରା ନିୟନ୍ତ୍ରଣରେ ରହିଥାଏ।
- ଓଜନ ନିୟନ୍ତ୍ରଣ ପାଇଁ ଘି-କୁଆଁରୀ ରସ ସର୍ବୋତ୍ତମ। ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧିକରେ। ମାଂଶପେଶୀ ଏବଂ ସ୍ନାୟୁ ଠିକ୍ ଭାବେ କାର୍ଯ୍ୟ କରେ। ତେବେ ସର୍ବଦା ଡାକ୍ତରଙ୍କ ପରାମର୍ଶ ନେଇ ଅନୁମୋଦିତ ହାରରେ ଘି-କୁଆଁରୀ ରସ ପିଇବା ହିତକର।



# ସଞ୍ଜୀବନୀ

## ଚକ୍ଷୁ ସଂକ୍ରମଣ



**ବର୍ଷାଦିନେ ଆର୍ଦ୍ରତା ଓ ପରିବେଶର ପରିବର୍ତ୍ତନ ଯୋଗୁଁ ବିଭିନ୍ନ ସଂକ୍ରମଣ ଜନିତ ସମସ୍ୟା ବୃଦ୍ଧି ପାଏ। ଏହିଦିନେ ସ୍ୱଚ୍ଛତାକୁ ଅଣଦେଖା କଲେ ଚକ୍ଷୁ ସଂକ୍ରମଣ ହୋଇଥାଏ। ସଂକ୍ରମିତ ଚକ୍ଷୁ ଲାଲ୍ ପଡ଼ି କୁଣ୍ଡାଇ ହେବା, ଆଖି ଜଳାପୋଡ଼ା ଆଦି ଲକ୍ଷଣ ଦେଖାଯାଏ।**

ବର୍ଷାଦିନେ ସନ୍ତସନ୍ତିଆ ପରିବେଶରେ ଜୀବାଣୁ ଏବଂ କବକ ବଂଶବୃଦ୍ଧି ହୁଏ। ଚକ୍ଷୁ ଅପରିଷ୍କାର ପାଣି ସଂସ୍ପର୍ଶରେ ଆସିଲେ, ଜନଗହଳିପୂର୍ଣ୍ଣ ସ୍ଥାନକୁ ଯିବା, ମଇଳା ହାତରେ ଆଖିକୁ ଛୁଇଁବା, ସଂକ୍ରମିତ ବ୍ୟକ୍ତିଙ୍କ ରୁମାଲ ବା ଗାମୁଛା ବ୍ୟବହାର କରିବା, କଣ୍ଟାକ୍ଟ ଲେନ୍ସକୁ ସଫା ନ କରି ବ୍ୟବହାର ଆଦି କାରଣରୁ ଚକ୍ଷୁ ସଂକ୍ରମଣ ହୋଇଥାଏ। ଓଦା ତଉଲିଆରେ ଆଖି ପୋଛିବା ଦ୍ୱାରା ମଧ୍ୟ ଚକ୍ଷୁ ସଂକ୍ରମଣ ହୋଇଥାଏ। ବିଶେଷକରି କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଥିବା ବ୍ୟକ୍ତି, ଛୋଟପିଲା, ବୟସ୍କ ବ୍ୟକ୍ତି, ଦୁର୍ବଳ ରୋଗପ୍ରତିରୋଧକ ଶକ୍ତି, ଚକ୍ଷୁ ଅସ୍ତ୍ରୋପଚାର ହୋଇଥିବା ବ୍ୟକ୍ତିଙ୍କ ପାଇଁ ଏହା ବିପଜ୍ଜନକ। ଏହିଦିନେ ଚକ୍ଷୁ ସଂକ୍ରମଣ ସହିତ ଆଖିଧରା, ଆଖିରେ ଆଲୁଅ କିମ୍ବା ଆଲର୍ଜି ଆଦି ଦେଖାଯାଏ। ତେଣୁ ଚକ୍ଷୁ ସଂକ୍ରମଣ ରୋକିବାକୁ ଅପରିଷ୍କାର ହାତରେ ଆଖିକୁ ବାରମ୍ବାର ନଛୁଇଁବା, ନିଜର ବ୍ୟବହୃତ ତଉଲିଆ, ତକିଆ ବା ରୁମାଲକୁ ଅନ୍ୟମାନଙ୍କ ସହ ସେୟାର ନ କରିବା, ସଫା ଏବଂ ଶୁଖିଲା ରୁମାଲ ଉପଯୋଗ କରିବା ଆବଶ୍ୟକ। ଆଖିରେ ଯନ୍ତ୍ରଣା ହୋଇ ଝାପ୍‌ସା ଦେଖାଯାଉଥିଲେ ତଥା ଚକ୍ଷୁ ସଂକ୍ରମଣ ଦେଖାଦେଲେ ମନଇଚ୍ଛା ଔଷଧ ବ୍ୟବହାର ନ କରି ଚକ୍ଷୁ ବିଶେଷଜ୍ଞଙ୍କ ପରାମର୍ଶ ନେବା ଆବଶ୍ୟକ।

## ଘର ବଇଦ


### ହାଡ଼ ଭାଙ୍ଗିଲେ...

- ଅର୍ଜୁନ ଗଛର ଛାଲିର ଚୂର୍ଣ୍ଣ ସୁକି ଓଜନଠାରୁ ଅଧୁଲି ଓଜନ ଘିଅ ଓ ମହୁ ସହିତ ଖାଇଲେ ଭଙ୍ଗା ହାଡ଼ ଯୋଡ଼ି ହୁଏ।
- ବାବୁଲ ଗଛର ଛେଲିକୁ ଚୂର୍ଣ୍ଣ କରି ସେହି ଚୂର୍ଣ୍ଣ ସୁକି ଓଜନଠାରୁ ଅଧୁଲି ଓଜନ ମହୁ ସହିତ ତିନି ଦିନ ଖାଇଲେ ଭଙ୍ଗାହାଡ଼ ଯୋଡ଼ି ହୋଇଯାଏ।
- ବାବୁଲ ମଞ୍ଜିର ଚୂର୍ଣ୍ଣ ମହୁ ସାଙ୍ଗରେ ତିନିଦିନ ଖାଇଲେ ହାଡ଼ ଯୋଡ଼ି ହୋଇଯାଏ ଏବଂ ବଜ୍ର ପରି ମଜବୁତ ହୁଏ।
- ଚକାପତ୍ର ବଜ୍ରମୂଳୀର ପତ୍ରକୁ ଚକଟି ସାମାନ୍ୟ ପାଣି ମିଶାଇ ରସ ବାହାର କରି ଦେହର ଯେଉଁ ପାଖ ଅଙ୍ଗରେ ହାଡ଼ ଭାଙ୍ଗିଥିବ ତାର ବିପରୀତ ପାଖ କାନରେ ସେହି ରସ ପକାଇଲେ ହାଡ଼ ଯୋଡ଼ି ହୋଇଯାଏ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

## ରୋଗଗ୍ରସ୍ତ ଯକୃତର ଲକ୍ଷଣ

**ଯକୃତ ମନୁଷ୍ୟ ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ଏହା ଖାଦ୍ୟ ହଜମ କରିବା ସହ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିଥାଏ। ହେଲେ ବର୍ତ୍ତମାନର ବିଶୃଙ୍ଖଳିତ ଜୀବନଶୈଳୀ, ଖାଦ୍ୟପେୟ, ଚିନ୍ତା, ନିଶା ସେବନ ଆଦି କାରଣ ଯୋଗୁଁ ଯକୃତ ଉପରେ ଖରାପ ପ୍ରଭାବ ପଡୁଛି। ତେଣୁ ଯକୃତ ରୋଗଗ୍ରସ୍ତ ହେଲେ ଭିନ୍ନ ଭିନ୍ନ ଲକ୍ଷଣକୁ ଅଣଦେଖା କରିବା ଅନୁଚିତ।**



ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତାନୁସାରେ, ଯକୃତ ଖରାପ ହେଲେ ଏହା ସ୍ନାୟୁ ଉପରେ ଚାପ ପକାଇଲେ ଡାହାଣ କାନ୍ଧରେ ଯନ୍ତ୍ରଣା ହୁଏ। ଥକ୍କାପଥ, ଓଜନହ୍ରାସ, ଜଣ୍ଡିସ୍, ଗୋଡ଼ହାତ ଫୁଲା ଭଳି ଲକ୍ଷଣ ଦେଖାଯାଏ। ସେହିପରି ଯକୃତ ଠିକ୍ ଭାବେ ପିତ୍ତ ନିର୍ଗତ କରି ନ ପାରିଲେ ରକ୍ତରେ ବିଲିରୁବିନ ଜମା ହୋଇ ଚର୍ମ କୁଣ୍ଡାଇ ହୁଏ। ଲଗାତାର ଚର୍ମ ଶୁଷ୍କ କିମ୍ବା କୁଣ୍ଡାଇ ହେବା ଯକୃତ ରୋଗର ପ୍ରାରମ୍ଭିକ ଲକ୍ଷଣ। ବିଶେଷ କରି ଫ୍ୟାଟି ଲିଭର କିମ୍ବା ଲିଭର ସିରୋସିସ୍ ଭଳି ଦୀର୍ଘକାଳୀନ ରୋଗରେ ପୀଡ଼ିତ ନିଦ ଭାଙ୍ଗିବା ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଖାଇବା ପରେ ପେଟ ଭାରି କିମ୍ବା ବାନ୍ତି ଅନୁଭବ ମଧ୍ୟ ଯକୃତ ସମସ୍ୟାର ଲକ୍ଷଣ ହୋଇପାରେ। ଏହା ପ୍ରଦାହ, ଫ୍ୟାଟିଲିଭର କିମ୍ବା ଯକୃତରେ ତରଳ ପଦାର୍ଥ ଜମା ହେବା ଭଳି ସମସ୍ୟାକୁ ସୂଚାଏ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶରେ ଲିଭର ଫଙ୍କସନ୍ ଟେଷ୍ଟ (ଏଲ୍‌ଏଫ୍‌ଟି) କରି ଚିକିତ୍ସା କରିବା ଆବଶ୍ୟକ। ପରିବାରରେ କାହାର ଯକୃତ ଜନିତ ରୋଗ ଥିଲେ ଏହି ଟେଷ୍ଟ କରିବା ଆବଶ୍ୟକ। ଏହି ପରୀକ୍ଷାରୁ ରକ୍ତରେ ଏଲ୍‌ବ୍ୟୁମିନ୍ (ପ୍ରୋଟିନ୍), ବିଲିରୁବିନ (ଅପଶିଷ୍ଟ ପଦାଥ) ଏବଂ ଏଞ୍ଜାଇମ୍ ଯାଞ୍ଚ କରାଯାଏ।

କଲମ୍ବୋ ଟେଷ୍ଟକୁ ଡ୍ର' ରଖିଲା ଶ୍ରୀଲଙ୍କା

# ଭାରତର ବିଜୟରେ ବାଧକ ସାଜିଲେ ସୋନାଲ

କଲମ୍ବୋ, ୨୭ ।୮ (ଏଜେନ୍ସି)

ସ୍ଥାନୀୟ ସିଂହଳୀଜ ସ୍ପୋର୍ଟ୍ସ କ୍ଲବରେ ଭ୍ରମଣକାରୀ ଭାରତ ବିପକ୍ଷରେ ଚାଲିଥିବା ଅନ୍ତିମ ତଥା ଦ୍ୱିତୀୟ ଟେଷ୍ଟକୁ ଶ୍ରୀଲଙ୍କା ଡ୍ର ରଖିବାରେ ସଫଳ ହୋଇଛି। ଫଲୋଅନ ପାଇ ଦ୍ୱିତୀୟ ଇନିଂସରେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ମଧ୍ୟ ଘରୋଇ ଶ୍ରୀଲଙ୍କା ପାଇଁ ସୋନାଲ ଦିନୁଶା ତ୍ରାଣକର୍ତ୍ତା ସାଜିଥିଲେ। ପ୍ରଥମ ପାଳିରେ ଶତକ (୧୦୩ ରନ) ହାସଲ କରିଥିବା ୨୫ ବର୍ଷୀୟ ଏହି ବାମହାତୀ ବ୍ୟାଟର ଦ୍ୱିତୀୟ ପାଳିରେ ମଧ୍ୟ ୧୩୩ ରନର ମାରାଥନ ଅପରାଜିତ ଶତକୀୟ ପାଳି ଖେଳିବା ସହ ଭାରତର ଏକ ନିଶ୍ଚିତ ବିଜୟ ଆଶାକୁ ଧୂଳିସାତ୍ କରିଦେଇଥିଲେ। ସୋନାଲ ଏକାକୀ ୪୪ ଓଭର ତଥା ୨୬୪ଟି ବଲ୍ ଖେଳି ଭାରତୀୟ ବୋଲରଙ୍କୁ ୱିକେଟ ପାଇଁ ଅଣାୟତ କରିଦେଇଥିଲେ। ଫଳରେ ଏକଦା ବିଜୟସ୍ଥିତିରେ ରହିଥିବା ଶୁବମନ ଗିଲ୍‌ଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆକୁ ଶେଷରେ ଡ୍ର'ରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଭାରତ ସିରିଜ କ୍ଲିନସୁଇପ୍ କରିବାରୁ ମଧ୍ୟ ବଞ୍ଚିତ ହୋଇଛି। ପୂର୍ବରୁ ଗଲ୍ ଟେଷ୍ଟକୁ ୧୬୫ ରନରେ ଜିତିଥିବା ଭାରତ ଏବେ ୧-୦ରେ ସିରିଜ ଜିତି ସ୍ୱଦେଶ ଫେରିଛି।

୨୧୩ ରନ ପଛରେ ଥାଇ ଫଲୋଅନ୍ ହୋଇଥିବା ଶ୍ରୀଲଙ୍କା ବୁଧବାର ଚତୁର୍ଥ ଦିବସ ଷ୍ଟମ୍ପ ସୁଦ୍ଧା ଦ୍ୱିତୀୟ ଇନିଂସରେ ୬ ୱିକେଟ ହରାଇ ୨୨୯ ରନ କରିଥିଲା। ହାତରେ ଆଉ ୪ଟି ୱିକେଟ୍ ବାକିଥିବାବେଳେ ସିଂହଳୀ ଦଳ ମାତ୍ର ୧୬ ରନରେ ଅଗ୍ରଣୀ ରହିଥିଲା। ତେଣୁ ଗୁରୁବାର ଅନ୍ତିମ ତଥା ପଞ୍ଚମ ଦିବସର ପ୍ରଥମ ସେସନରେ ଶ୍ରୀଲଙ୍କାକୁ ସଅଳ ଅଲ୍‌ଆଉଟ୍ କରି ଭାରତ





ନିରାଶ ଶୁବମନ୍ ଗିଲ୍

ସହଜ ବିଜୟ ଲକ୍ଷ୍ୟରେ ରହିଥିଲା। କିନ୍ତୁ ଭାରତର ଏହି ବିଜୟପଥରେ ସୋନାଲ ଦିନୁଶା ଓ ୯ ନମ୍ବର ବ୍ୟାଟର୍ କେଶରା ନୁୱାନ୍ଥା ବାଧକ ସାଜିଥିଲେ। ପୂର୍ବଦିନର ସ୍କୋର ୭ରୁ ବ୍ୟାଟିଂ ଆରମ୍ଭ କରିଥିବା ସୋନାଲ ଆଜି ଖେଳିଥିଲେ ଏକ ଧୈର୍ଯ୍ୟପୂର୍ଣ୍ଣ ଶତକୀୟ ପାଳି। ସେହିଭଳି ୩ ରନରୁ ବ୍ୟାଟିଂ ଆରମ୍ଭ କରିଥିବା ନୁୱାନ୍ଥା ୪୬ ରନର ଏକ ଉପଯୋଗୀ ପାଳି ଖେଳିଥିଲେ। ସପ୍ତମ ୱିକେଟ ଭାଗୀଦାରିରେ ଏହି ଦୁଇ ବ୍ୟାଟର୍ ୨୪୨ ବଲରୁ ୧୧୨ ରନ ଉଠାଇ ଶ୍ରୀଲଙ୍କାକୁ ନିଶ୍ଚିତ ପରାଜୟରୁ ରକ୍ଷା କରିଥିଲେ। ତେବେ ସବୁଠୁ ବଡ଼ କଥା ହେଉଛି ସୋନାଲ ୨୬୪ଟି ଓ ନୁୱାନ୍ଥା ୧୫୦ଟି ବଲ୍ ଖେଳି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ଏତେ ରକ୍ଷଣାତ୍ମକ ଖେଳିଥିଲେ ଯେ ଭାରତ ୱିକେଟ ପାଇଁ ନୟାନ୍ତ ହୋଇଥିଲା। ତେବେ ୪୬ ରନରେ ନୁୱାନ୍ଥଙ୍କୁ ଆଉଟ୍ କରି ମାନବ ସୁତାର ଭ୍ରମଣକାରୀ ଦଳକୁ ପ୍ରତିକ୍ଷୀତ ବ୍ରେକଥ୍ରୁ ଦେଇଥିଲେ। କିନ୍ତୁ ସୋନାଲ ପରବର୍ତ୍ତୀ ତିନି ବ୍ୟାଟର୍ ପ୍ରବଥ ଜୟସୁରିଆ (୨୮ ବଲରେ ୨ ରନ), ଲାହିରୁ କୁମାରା (୯୦ ବଲରେ ୧୨ ରନ) ଓ ଅସିଥା ଫର୍ଣ୍ଣାଣ୍ଡୋ (୨୪ ବଲରେ ଶୂନ)ଙ୍କୁ ସାଥି କରି ଭାରତୀୟ ବୋଲରଙ୍କୁ ଆହୁରି ନୟାନ୍ତ କରିଥିଲେ। ଫଳରେ ଦିବସରେ ୮୦.୪ ଓଭର ବୋଲିଂ କରିଥିଲେ ମଧ୍ୟ ଶ୍ରୀଲଙ୍କାକୁ ଅଲ୍‌ଆଉଟ୍ କରିବାକୁ ଭାରତ ସମର୍ଥ ହୋଇପାରି ନ ଥିଲା। ଏପରିକି ଭାରତୀୟ ଅଧିନାୟକ ଗିଲ୍ ୮ଜଣ ବୋଲରଙ୍କୁ ଲଗାଇଥିଲେ ମଧ୍ୟ କେହି ପ୍ରଭାବୀ ସାବ୍ୟସ୍ତ ହୋଇପାରି ନ ଥିଲେ। ନିଜେ ଗିଲ୍ ୨ ଓ ଯଶସ୍ୱୀ ଜୟସ୍ୱାଲ ଓ ଧ୍ରୁବ ଜୁରେଲ ମଧ୍ୟ ଶେଷକୁ ଗୋଟିଏ ଲେଖାଏ ଓଭର ବୋଲିଂ କରିଥିଲେ। ଖେଳ ଶେଷବେଳକୁ ଶ୍ରୀଲଙ୍କା ୯ ୱିକେଟରେ ୪୨୯ ରନ କରିଥିଲା। ସୋନାଲ ୧୩୩ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିବା ସହ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ଭାରତ ପକ୍ଷରୁ ସୁତାର ଓ ରବୀନ୍ଦ୍ର ଜାଡେଜା ୩ଟି ଲେଖାଏ ୱିକେଟ ନେଇଥିଲେ। ସିରିଜରେ ମୋଟ୍ ୩୨୮ ରନ କରିଥିବା ଦେବଦତ୍ତ ପାଡ଼ିକଲ ସିରିଜର ଶ୍ରେଷ୍ଠ ଖେଳାଳି ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ**: ୫୦୩/ ୯ ଘୋଷଣା (ପାଡିକଲ- ୧୧୭, ଜୁରେଲ- ୧୧୫*, ପନ୍ତ- ୬୩, ଫର୍ଣ୍ଣାଣ୍ଡୋ- ୪/୧୦୬)

**ଶ୍ରୀଲଙ୍କା ପ୍ରଥମ ଇନିଂସ**: ୨୯୦/୧୦ (ସୋନାଲ- ୧୦୩, ପାସିନ୍ଦୁ- ୮୦, ପ୍ରସିଦ୍ଧ- ୩/ ୫୨, ସୁତାର- ୩/୮୫)

**ଶ୍ରୀଲଙ୍କା ଦ୍ୱିତୀୟ ପାଳି**: ୪୨୯/ ୯ (ସୋନାଲ- ୧୩୩*, ପାସିନ୍ଦୁ- ୯୨, ନୁୱାନ୍ଥା- ୪୬, ଜାଡେଜା- ୩/ ୯୪)।

ଅଷ୍ଟ୍ରେଲିଆ-ଏ ବିପକ୍ଷ ଦ୍ୱିପାକ୍ଷିକ ସିରିଜ୍

## ଭାରତ-ଏ ଦଳରେ ଓଡ଼ିଶାର ସୁଶ୍ରୀଙ୍କୁ ସୁଯୋଗ



ଭୁବନେଶ୍ୱର, ୨୭ ।୮ (ସମିସ): ବହୁବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ଓଡ଼ିଶାର ଜଣେ କ୍ରିକେଟର୍ ଜାତୀୟ ଦଳ ପକ୍ଷରୁ ଖେଳିବାର ସୁଯୋଗ ପାଇଛନ୍ତି। ଆଗାମୀ ଅଷ୍ଟ୍ରେଲିଆ-ଏ ମହିଳା ଦଳ ବିପକ୍ଷ ଦ୍ୱିପାକ୍ଷିକ ସିରିଜ ଲାଗି ଗୁରୁବାର ଘରୋଇ ଭାରତ-ଏ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାର ଅଭିଜ୍ଞ ସ୍ପିନ-ଅଲ୍‌ରାଉଣ୍ଡର ସୁଶ୍ରୀ ଦିବ୍ୟଦର୍ଶିନୀଙ୍କୁ ଏକମାତ୍ର ଚାରିଦିବସୀୟ ଟେଷ୍ଟ ମ୍ୟାଚ୍ ଲାଗି ଭାରତ-ଏ ମହିଳା ଦଳରେ ସ୍ଥାନ ମିଳିଛି। ଭାରତୀୟ ସିନିଅର ମହିଳା କ୍ରିକେଟର ୟଷ୍ଟିକା ଭାଟିଆଙ୍କୁ ଏହି ଦଳର ନେତୃତ୍ୱ ଭାର ଦିଆଯାଇଛି। ଢେଙ୍କାନାଳ ଜନ୍ମିତ ସୁଶ୍ରୀ ଜଣେ ଅଫ୍-ସ୍ପିନର ସହ ମଧ୍ୟକ୍ରମରେ ମଧ୍ୟ ଉପଯୋଗୀ ପାଳି ଖେଳିବାର ଦକ୍ଷତା ରଖିଛନ୍ତି। ୨୮ ବର୍ଷୀୟା ସୁଶ୍ରୀ ଓଡ଼ିଶା ପକ୍ଷରୁ ୧୧ଟି ପ୍ରଥମଶ୍ରେଣୀ, ୮୭ଟି ଲିଷ୍ଟ-ଏ ଓ ୬୯ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ତିନୋଟି ଯାକ ଫର୍ମାଟରେ ତାଙ୍କ ନାମରେ ୨୦୦୦ ରନ ସହ ୨୦୮ଟି ୱିକେଟ ଲିପିବଦ୍ଧ ରହିଛି। ଯଦି ଅଷ୍ଟ୍ରେଲିଆ-ଏ ବିପକ୍ଷ ଏକମାତ୍ର ଚାରି-ଦିବସୀୟ ଟେଷ୍ଟ ମ୍ୟାଚରେ ସୁଶ୍ରୀ ପ୍ରଭାବୀ ପ୍ରଦର୍ଶନ କରନ୍ତି ତେବେ ଆଗାମୀ ଦିନରେ ତାଙ୍କୁ ଜାତୀୟ ସିନିଅର ଦଳରେ ଖେଳିବାର ସମ୍ଭାବନା ସୃଷ୍ଟି କରିବ। ଉଲ୍ଲେଖଯୋଗ୍ୟ ଅଷ୍ଟ୍ରେଲିଆ-ଏ ମହିଳା ଦଳ ଭାରତ ଗସ୍ତରେ ଆସି ସେପ୍ଟେମ୍ବର ଓ ଅକ୍ଟୋବର ମଧ୍ୟରେ ତିନୋଟି ଲେଖାଏ ଟି-୨୦, ଦିନିକିଆ ଓ ଗୋଟିଏ ଚାରି-ଦିବସୀୟ ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ନ୍ୟୁ ଚଣ୍ଡିଗଡ଼ରେ ଟି-୨୦ ଏବଂ ଧର୍ମଶାଳାରେ ଦିନିକିଆ ଓ ଟେଷ୍ଟ ମ୍ୟାଚଟି ଖେଳାଯିବ। ୟଷ୍ଟିକା ଟେଷ୍ଟ ସହ ଦିନିକିଆ ଦଳର ନେତୃତ୍ୱ ନେବେ। ସେହିଭଳି ଅନୁଷ୍କା ଶର୍ମାଙ୍କୁ ଟି-୨୦ ଦଳର ଅଧିନାୟିକା ନିଯୁକ୍ତ କରାଯାଇଛି।

ଡବ୍ଲ୍ୟୁଟିସି ପଏଣ୍ଟ ଟେବୁଲ୍

## ଭାରତ ପାଇଁ ନୂଆ ଚ୍ୟାଲେଞ୍ଜ

ନୂଆଦିଲ୍ଲୀ,୨୭ ।୮ (ଏଜେନ୍ସି): କଲମ୍ବୋରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଶ୍ରୀଲଙ୍କା ବିପକ୍ଷରେ ଭାରତକୁ ଏକ ଡ୍ର'ର ସାମ୍ନା କରିବାକୁ ପଡ଼ିଛି। ଫଳରେ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲ୍ୟୁଟିସି ) ଫାଇନାଲ୍ ଖେଳିବା ଆଶାକୁ ବଡ଼ଧରଣର ଝଟକା ଲାଗିଛି ଏବଂ ପଏଣ୍ଟ ତାଲିକାରେ ଭାରତ ପଞ୍ଚମ ସ୍ଥାନକୁ ଖସିଆସିଛି। ଶ୍ରୀଲଙ୍କା ବିପକ୍ଷରେ ସୁଯୋଗ ହାତଛଡ଼ା ହେବା କାରଣରୁ ଭାରତ ପାଇଁ ଫାଇନାଲ୍ ରାସ୍ତା କଠିନ ହୋଇଯାଇଛି। ଆଗାମୀ ଦିନରେ ବିଦେଶ ଏବଂ ନିଜସ୍ୱ ମାଟିରେ ହେବାକୁଥିବା ଟେଷ୍ଟ ସିରିଜ୍‌ଗୁଡ଼ିକ ଟିମ୍ ଇଣ୍ଡିଆର ଭାଗ୍ୟ ନିର୍ଦ୍ଧାରଣ କରିବ। ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଡ୍ର' ହେବା ପରେ ଭାରତର ପଏଣ୍ଟ ପ୍ରତିଶତ (ପିସିଟି) ୫୩.୩୩ରୁ କମି ୫୧.୫୨କୁ ଆସିଯାଇଛି। ବର୍ତ୍ତମାନ ଭାରତ ପାଞ୍ଚଟି ବିଜୟ ସହ ମୋଟ ୬୮ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ରହିଛି। ଏହି ସିରିଜ୍‌କୁ ଭାରତ ୧-୦ ବ୍ୟବଧାନରେ ଜିତିନେଇଥିଲେ ମଧ୍ୟ ଶେଷ ମ୍ୟାଚ୍‌ର ଫଳାଫଳ ଟିମ୍ ଇଣ୍ଡିଆ ପାଇଁ ମହଙ୍ଗା ପଡ଼ିଛି। ଶ୍ରୀଲଙ୍କା ଗସ୍ତ ପରେ ଭାରତୀୟ ଦଳ ଆଗାମୀ ନଭେମ୍ବର ମାସରେ ନ୍ୟୁଜିଲ୍ୟାଣ୍ଡ ବିପକ୍ଷରେ ଦୁଇଟି ଟେଷ୍ଟ ମ୍ୟାଚ୍ ସିରିଜ୍ ଖେଳିବା ପାଇଁ ଯିବ। ଏହାପରେ ୨୦୨୭ ମସିହାର ଆରମ୍ଭରେ ଭାରତ ନିଜ ଭୂମିରେ ଅଷ୍ଟ୍ରେଲିଆ ବିପକ୍ଷରେ ପାଞ୍ଚଟି ଟେଷ୍ଟ ମ୍ୟାଚ୍‌ର ଏକ ବଡ଼ ସିରିଜ୍ ଖେଳିବ। ଡବ୍ଲ୍ୟୁଟିସି ଫାଇନାଲ୍ ଦୌଡ଼ରେ ରହିବାକୁ ହେଲେ ଭାରତକୁ ଏହି ସମସ୍ତ ସାତୋଟି ମ୍ୟାଚ୍‌ରେ ଅତ୍ୟନ୍ତ ଚମତ୍କାର ପ୍ରଦର୍ଶନ କରିବାକୁ ପଡ଼ିବ, ଯାହାକି ନ୍ୟୁଜିଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ବେଶ୍ କଠିନ ହେବ।

# ଆଜିଠୁ ମହିଳା ଏସିଆ କପ୍ କ୍ରିକେଟ



ଦୁବାଇ, ୨୭ ।୮ (ଏଜେନ୍ସି): ମହିଳା ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୦ମ ସଂସ୍କରଣ ଶୁକ୍ରବାରଠାରୁ ୟୁଏଇରେ ଆରମ୍ଭ ହେବାକୁ ଯାଉଛି। ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମହାଦେଶୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଏଥର ଟି-୨୦ ଫର୍ମାଟ୍‌ରେ ଖେଳାଯିବ। ଆୟୋଜକ ୟୁଏଇ ସମେତ ୮ ଟି ଏସୀୟ ଦଳ ଏଥର ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ରେକର୍ଡ ୭ଥରର ଚାମ୍ପିଅନ ଭାରତ ସମେତ ପାକିସ୍ତାନ, ଥାଇଲାଣ୍ଡ ଓ ହଂକଂ ଗ୍ରୁପ୍-ଏ'ରେ ସ୍ଥାନ ପାଇଛନ୍ତି। ସେହିଭଳି ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା, ବାଂଲାଦେଶ, ଇଣ୍ଡୋନେସିଆ ଓ ଆୟୋଜକ ୟୁଏଇ ଗ୍ରୁପ୍-ବି'ରେ ରହିଛନ୍ତି। ପ୍ରତି ଗ୍ରୁପ୍‌ର ଦୁଇଟି ଲେଖାଏ ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ। ସେପ୍ଟେମ୍ବର ୧୦ ଓ ୧୧ରେ ଯଥାକ୍ରମେ ଦୁଇଟି ଯାକ ସେମିଫାଇନାଲ ଏବଂ ସେପ୍ଟେମ୍ବର ୧୩ରେ ଫାଇନାଲ ଖେଳାଯିବ। ହଂକଂ ଓ ଥାଇଲାଣ୍ଡ ମଧ୍ୟରେ ଶୁକ୍ରବାର ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହେବ। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା ଦଳ ଅଗଷ୍ଟ ୩୦ରେ ଥାଇଲାଣ୍ଡ ବିପକ୍ଷରେ ଖେଳି ଏସିଆ କପ୍‌ରେ ଅଭିଯାନ ଆରମ୍ଭ କରିବ। ଏହାପରେ ସେପ୍ଟେମ୍ବର ୩ରେ ହଂକଂ ଓ ୫ ତାରିଖରେ ପାକିସ୍ତାନ ବିପକ୍ଷ ହାଇଭୋଲଟେଜ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି।

**ଭାରତୀୟ ମହିଳା ଦଳ**

ହରମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ଭାରତୀ ଫୁଲମଣି, ଦୀପ୍ତି ଶର୍ମା, ରିଚା ଘୋଷ, ଜି. କମଳିନୀ, ଅରୁନ୍ଧତୀ ରେଡ୍ଡୀ, ପ୍ରେମା ରାୱତ, ରାଧା ଯାଦବ, ଶ୍ରୀ ଚରଣୀ, ରେଣୁକା ଠାକୁର, ନନ୍ଦିନୀ ଶର୍ମା, କ୍ରାନ୍ତି ଗୌଡ଼ ଓ ପ୍ରତିକା ରାୱଲ।

## ଭାରତୀୟ ଯୁବ ଦଳରେ ସେହ୍ୱାଗ, ଦ୍ରାବିଡଙ୍କ ପୁଅ





ନୂଆଦିଲ୍ଲୀ, ୨୭ ।୮ (ଏଜେନ୍ସି): ଅଷ୍ଟ୍ରେଲିଆ ଯୁବ ଦଳ ବିପକ୍ଷ ଆଗାମୀ ଦ୍ୱି-ପାକ୍ଷିକ ସିରିଜ ଲାଗି ଗୁରୁବାର ଭାରତୀୟ ୧୯ ବର୍ଷରୁ କମ୍ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଦୁଇ ଦିଗଜ ପୂର୍ବତନ କ୍ରିକେଟର୍ ବୀରେନ୍ଦ୍ର ସେହ୍ୱାଗ ଓ ରାହୁଲ ଦ୍ରାବିଡଙ୍କ ପୁଅଙ୍କୁ ସୁଯୋଗ ମିଳିଛି। ଅଷ୍ଟ୍ରେଲିଆ ଯୁବ ଦଳ ବିପକ୍ଷ ଦିନିକିଆ ସିରିଜ ଲାଗି ଘୋଷିତ ୧୫ ଜଣିଆ ଦଳରେ ସେହ୍ୱାଗଙ୍କ ପୁଅ ଆର୍ଯ୍ୟବୀର ଓ ଦ୍ରାବିଡ୍‌ଙ୍କ ସାନ ପୁଅ ଅନଭୟଙ୍କୁ ସାମିଲ କରାଯାଇଛି। ଡାହାଣହାତୀ ବ୍ୟାଟର୍ ଆର୍ଯ୍ୟବୀର ନିକଟରେ ଦିଲ୍ଲୀ ପ୍ରିମିଅର ଲିଗ୍‌ରେ ୱେଷ୍ଟ ଦିଲ୍ଲୀ ଦଳ ପକ୍ଷରୁ ଖେଳୁଥିଲେ। ପିତା ବୀରେନ୍ଦ୍ରଙ୍କ ପରି ଆର୍ଯ୍ୟବୀର ମଧ୍ୟ ଜଣେ ବିସ୍ଫୋରକ ବ୍ୟାଟର୍। ୨୦୨୪ରେ କୁଚ୍ ବିହାର ଟ୍ରଫିରେ ସେ ମେଘାଳୟ ବିପକ୍ଷରେ ୨୯୭ ରନ କରି ଚର୍ଚ୍ଚାର ପରିଧିକୁ ଆସିଥିଲେ। ଅପରପକ୍ଷରେ ଦ୍ରାବିଡଙ୍କ ପୁଅ ଅନଭୟ ଜଣେ ୱିକେଟ-କିପର ବ୍ୟାଟର୍। ନିକଟରେ ଶ୍ରୀଲଙ୍କା ଗସ୍ତରେ ଯାଇଥିବା ଭାରତୀୟ ୧୯ ବର୍ଷରୁ କମ୍ ଦଳରେ ମଧ୍ୟ ସେ ସ୍ଥାନ ପାଇ ୮୭ ରନର ଏକ ଦର୍ଶନୀୟ ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ଓ ଭାରତ ୧୯ ବର୍ଷରୁ କମ୍ ଦଳ ମଧ୍ୟରେ ଦିନିକିଆ ସିରିଜ ସେପ୍ଟେମ୍ବର ୧୮ରୁ ଆରମ୍ଭ ହେବ। ସେହିଭଳି ଚାରି-ଦିବସୀୟ ଦୁଇଟି ଟେଷ୍ଟ ମ୍ୟାଚ୍ ଯଥାକ୍ରମେ ସେପ୍ଟେମ୍ବର ୨୭ ଓ ଅକ୍ଟୋବର ୫ରୁ ଖେଳାଯିବ। ଦିନିକିଆ ସିରିଜ ଓ ପ୍ରଥମ ଟେଷ୍ଟ ରାଜକୋଟରେ ଅନୁଷ୍ଠିତ ହେବ। ସେହିଭଳି ଦ୍ୱିତୀୟ ଟେଷ୍ଟଟି ଅହମ୍ମଦାବାଦରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ତେବେ ଉଭୟ ଆର୍ଯ୍ୟବୀର ଓ ଅନଭୟଙ୍କୁ ଟେଷ୍ଟ ଦଳରେ ସ୍ଥାନ ମିଳିନାହିଁ।

ଭାରତରେ ଅନ୍ତର୍ଜାତୀୟ ଫୁଟବଲ୍ ମ୍ୟାଚ୍

## ବ୍ରାଜିଲ୍, ପାନାମା ଏବଂ ଓରୁଗୁଏ ସହ ଖେଳିବ ଭାରତୀୟ ଦଳ

ନୂଆଦିଲ୍ଲୀ,୨୭ ।୮ (ଏଜେନ୍ସି): ଆଗାମୀ ଫିଫା ଆନ୍ତର୍ଜାତୀୟ ୱିଣ୍ଡୋରେ ଭାରତୀୟ ଫୁଟବଲ୍ ଦଳ ବିଶ୍ୱର ଶ୍ରେଷ୍ଠ ଦଳଗୁଡ଼ିକ ବିପକ୍ଷରେ ମ୍ୟାଚ୍ ଖେଳିବ। ଭାରତୀୟ ଦଳ ବ୍ରାଜିଲ୍, ଉରୁଗୁଏ ଏବଂ ପାନାମା ଭଳି ବିଶ୍ୱକପ୍ ଖେଳିଥିବା ଦଳଗୁଡ଼ିକର ଆତିଥ୍ୟ ପ୍ରଦାନ କରିବ ବୋଲି ଅଲ୍ ଇଣ୍ଡିଆ ଫୁଟବଲ୍ ଫେଡେରେସନ୍ ପକ୍ଷରୁ ସୂଚନା ଦିଆଯାଇଛି। କୋଲକାତାର ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନରେ ଭାରତୀୟ ଦଳ ପାଞ୍ଚଥରର ବିଶ୍ୱବିଜୟୀ ବ୍ରାଜିଲ୍ ଏବଂ ଦୁଇଥରର ବିଶ୍ୱବିଜୟୀ ଉରୁଗୁଏ ବିପକ୍ଷରେ ମ୍ୟାଚ୍ ଖେଳିବ। ଏହା ବ୍ୟତୀତ ବେଙ୍ଗାଲୁରୁର କାଣ୍ଟୀରଭା ଷ୍ଟାଡିୟମରେ ପାନାମା ବିପକ୍ଷରେ ମଧ୍ୟ ଏକ ଆନ୍ତର୍ଜାତୀୟ ପ୍ରତିଯୋଗିତାମୂଳକ ମ୍ୟାଚ୍ ଅନୁଷ୍ଠିତ ହେବ। ଫିଫା ଆନ୍ତର୍ଜାତୀୟ ୱିଣ୍ଡୋ ସେପ୍‌ଟେମ୍ବର ୨୧ ରୁ ଅକ୍ଟୋବର ୬ ପର୍ଯ୍ୟନ୍ତ ରହିଥିବାବେଳେ ଭାରତୀୟ ପ୍ରଶଂସକମାନେ ଏକା ୱିଣ୍ଡୋରେ ତିନୋଟି ବିଶ୍ୱସ୍ତରୀୟ ଦଳକୁ ଭାରତ ଭୂମିରେ ଖେଳୁଥିବାର ଦେଖିବାକୁ ପାଇବେ। ବ୍ରାଜିଲ ଫିଫା ମାନ୍ୟାତାରେ ୫ମ ସ୍ଥାନରେ ରହିଥିବା ବେଳେ ଉରୁଗୁଏ ଦଳ ବର୍ତ୍ତମାନ ୨୦ତମ ସ୍ଥାନରେ ଥିବାବେଳେ ପାନାମା ୪୪ତମ ସ୍ଥାନରେ ରହିଛି।

ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ସ୍ନୁକର

## ସୁବ୍ରତଙ୍କୁ ହରାଇ ବିପର୍ଯ୍ୟୟ ଘଟାଇଲେ ଶାରଦା



ଭୁବନେଶ୍ୱର, ୨୭ ।୮ (ସମିସ): ଏଠାରେ ଚାଲିଥିବା ପ୍ରିୟବ୍ରତ ପଟ୍ଟନାୟକ ସ୍ମାରକୀ ପୂର୍ବାଞ୍ଚଳ ଓପନ୍ ୧୦ ରେଡ୍ ସ୍ନୁକର ଚାମ୍ପିଅନସିପ୍‌ରେ ଗୁରୁବାର ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଶାରଦା ବେହେରା ଦମ୍‌ଦାର ପ୍ରଦର୍ଶନ କରି ୩-୦ ଫେମରେ ଟପ୍ ସିଡ୍ ସୁବ୍ରତ ଦାସଙ୍କୁ ହରାଇ ଦେଇଛନ୍ତି। ସେହିଭଳି ଦିବସରେ ଅନୁଷ୍ଠିତ ଅନ୍ୟ ମୁକାବିଲାଗୁଡ଼ିକରେ ସୋଏବ ଖାନ ୩-୦ରେ ଚନ୍ଦ୍ର ମହାନ୍ତିଙ୍କୁ, ନିଶାନ୍ତ ବିଶ୍ୱାଳ ୩-୧ରେ ଅବିନାଶ ମହାପାତ୍ରଙ୍କୁ, ନିଶି ପ୍ରକାଶ ଦାସ ୩-୧ରେ ତାରିଣୀ ସାମଲଙ୍କୁ, ରୋହିତ ମାଲହୋତ୍ରା ୩-୧ରେ ସନ୍ଦୀପ ଅଗରୱାଲଙ୍କୁ, ସିଦ୍ଧାର୍ଥ ସେନ ୩-୧ରେ ଅମିତ ସିଂଙ୍କୁ ଓ ଶୁଭମ ଗୁପ୍ତା ୩-୦ରେ ଅମୀୟ ନାୟକଙ୍କୁ ପରାସ୍ତ କରିଛନ୍ତି। ପ୍ରିୟ ଗୋବିନ୍ଦ ମହାପାତ୍ରଙ୍କୁ ୱାକ୍ ଓଭର ମିଳିଥିଲା। ବିଜୟ ସହ ଶାରଦା, ସୋଏବ, ନିଶାନ୍ତ, ମିଶାଲ ସ୍ୱାଇଁ, ଶୁଭମ ଓ ପ୍ରିୟ ଗୋବିନ୍ଦ ପ୍ରି-କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ବିଲିୟାର୍ଡ୍ସ ଓ ସ୍ନୁକର ଆସୋସିଏସନ ଅଫ୍ ଓଡ଼ିଶା ଓ ଭୁବନେଶ୍ୱର କ୍ଲବର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହେବ।

## ୨୯ରେ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଆନ୍ତଃବିଦ୍ୟାଳୟ ଜିମ୍ନାଷ୍ଟିକ୍ସ

ଭୁବନେଶ୍ୱର,୨୭ ।୮ (ସମିସ): ସ୍ଥାନୀୟ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପକ୍ଷରୁ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ଅଗଷ୍ଟ ୨୯ ରେ ୫ମ ଆମନ୍ତ୍ରଣୀୟ ଆନ୍ତଃବିଦ୍ୟାଳୟ କଳାତ୍ମକ ଜିମ୍ନାଷ୍ଟିକ୍ସ ଚାମ୍ପିଅନ୍‌ସିପ୍ ଆୟୋଜିତ ହେବ। ଏକାଡେମୀ ପରିସରରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଦିନତମାମ ପ୍ରତିଯୋଗିତା ପରେ ସନ୍ଧ୍ୟା ୫ଟାରେ ଉଦ୍‌ଯାପନୀ ସମାରୋହ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ରହିଛି। ବିଦ୍ୟାଳୟସ୍ତରରୁ ଜିମ୍ନାଷ୍ଟିକ୍ସ ପ୍ରତିଭାର ବିକାଶ ଓ ଯୁବ ଖେଳାଳିଙ୍କୁ ଅଧିକ ସୁଯୋଗ ଦେବା ଏହି ଚାମ୍ପିଅନ୍‌ସିପ୍‌ର ମୁଖ୍ୟ ଉଦ୍ଦେଶ୍ୟ। ଏଭଳି ପ୍ରତିଯୋଗିତା ମାଧ୍ୟମରେ ତୃଣମୂଳସ୍ତରରେ ଜିମ୍ନାଷ୍ଟିକ୍ସକୁ ଅଧିକ ଲୋକପ୍ରିୟ କରିବା ସହ ଭବିଷ୍ୟତର ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରିବାରେ ସହାୟତା ମିଳିବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି।

ନିର୍ବାଚନକୁ ନେଇ ବିସିସିଆଇ-ଓସିଏ ମୁହାଁମୁହିଁ

# ଓଡ଼ିଶା ହାଇକୋର୍ଟରେ ମାମଲା ଏବଂ ଆଇନଗତ ଲଢ଼େଇ

ନୂଆଦିଲ୍ଲୀ / ଭୁବନେଶ୍ୱର,୨୭ ।୮ (ଏଜେନ୍ସି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏବଂ ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ମଧ୍ୟରେ ନିର୍ବାଚନକୁ ନେଇ ଏକ ଗମ୍ଭୀର ବିବାଦ ସୃଷ୍ଟି ହୋଇଛି। ଏହାକୁ ନେଇ ଦୁଇ ପକ୍ଷ ମୁହାଁମୁହିଁ ହୋଇଛନ୍ତି। ବହୁ ଚର୍ଚ୍ଚିତ ଲୋଧା କମିଟିର କଡ଼ା ନିୟମ, ଜାତୀୟ କ୍ରୀଡ଼ା ଆଇନ ଏବଂ କ୍ରିକେଟ ପ୍ରଶାସନର କାର୍ଯ୍ୟପନ୍ଥାକୁ ନେଇ ଉଭୟ ସଂସ୍ଥା ପରସ୍ପର ସାମ୍ନାସାମ୍ନି ସ୍ଥିତିରେ ରହିଛନ୍ତି।

- ୨୦୨୫ରୁ ଅଟକିଛି ନିର୍ବାଚନ
- ୨୦୨୬ ଡିସେମ୍ବର ପର୍ଯ୍ୟନ୍ତ ନିର୍ବାଚନକୁ ସ୍ଥଗିତ ରଖିବାକୁ ପରାମର୍ଶ



ଫାଇଲ୍ ଫଟୋ

ଏହି ମାମଲା ବର୍ତ୍ତମାନ ଓଡ଼ିଶା ହାଇକୋର୍ଟରେ ପହଞ୍ଚିଥିବାବେଳେ ଉଭୟ ପକ୍ଷରୁ ସେମାନଙ୍କର ଯୁକ୍ତି ଉପସ୍ଥାପନ କରାଯାଇଛି।

ପୂର୍ବତନ ଓଡ଼ିଶା କ୍ରିକେଟର, କୋଚ୍ ତଥା ପୂର୍ବତନ କର୍ମକର୍ତ୍ତା ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓସିଏ ନିର୍ବାଚନ ତୁରନ୍ତ କରାଇବା ଦାବିରେ ହାଇକୋର୍ଟରେ ଏକ ମାମଲା ଦାୟର କରିବା ପରେ ବିସିସିଆଇ ଏଥିରେ ହସ୍ତକ୍ଷେପ କରିଥିଲା। ବିସିସିଆଇର ଆଇନଗତ ସିନିଅର ମ୍ୟାନେଜର ମେଲିଣ୍ଡା କୋଲାକୋଙ୍କ ଜରିଆରେ ହାଇକୋର୍ଟରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଏହି ସତ୍ୟପାଠରେ ସ୍ପଷ୍ଟ ଭାବେ କୁହାଯାଇଛି ଯେ ଓସିଏ ତୁରନ୍ତ ନିର୍ବାଚନ ଅନୁଷ୍ଠିତ କରାଇବା ଜରୁରୀ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସଂସ୍ଥାର ନିଜସ୍ୱ ନିୟମାବଳୀକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। ଯଦି ନିର୍ବାଚନ କରା ନ ଯାଏ, ତେବେ ଏହା ନିୟମର ଉଲ୍ଲଂଘନ ହେବ। ବିସିସିଆଇ ପକ୍ଷରୁ ରାଜ୍ୟ ସଂସ୍ଥାର ପାଣ୍ଠି ବନ୍ଦ କରାଯିବା ସହ ସଦସ୍ୟତା କରାଯିବ ଅର୍ଥାତ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ବିସିସିଆଇର ଯୁକ୍ତି ହେଉଛି, କୌଣସି ପଦାଧିକାରୀ ଲଗାତର ଦୁଇ ବର୍ଷରୁ ଅଧିକ ସମୟ ପଦରେ ରହିପାରିବେ ନାହିଁ ଏବଂ ସଂଘଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ମୂଳ ଭାବନାକୁ ଅନୁସରଣ କରିବାକୁ ପଡ଼ିବ। ବର୍ତ୍ତମାନ ଓସିଏ ଅଧ୍ୟକ୍ଷ ପଙ୍କଜ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଏବଂ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ୨୦୧୯ ଅକ୍ଟୋବରରୁ ନିଜ ନିଜ ପଦରେ ରହିଛନ୍ତି। ତେଣୁ ନିର୍ବାଚନ ଆଉ ବିଳମ୍ବ କରାଯିବା ନେଇ ବିସିସିଆଇ ପ୍ରଶ୍ନ ଉଠାଇଛି। ୨୦୨୫ ଅକ୍ଟୋବରରେ ହେବାକୁ ଥିବା ନିର୍ବାଚନକୁ ସଂସ୍ଥା ପକ୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦୁଇଥର ସ୍ଥଗିତ ରଖାଯାଇଛି। ଓସିଏ ସମ୍ପାଦକ ସଞ୍ଜୟ ବେହେରା କୋର୍ଟରେ ଦର୍ଶାଇଛନ୍ତି ଯେ କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଜାରି ହୋଇଥିବା ଏକ ସର୍କୁଲାର ଅନୁଯାୟୀ, ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକର ନିର୍ବାଚନକୁ ୨୦୨୬ ମସିହା ଡିସେମ୍ବର ୩୧ ପର୍ଯ୍ୟନ୍ତ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ, ଜାତୀୟ କ୍ରୀଡ଼ା ଶାସନ ଆଇନର ପ୍ରଭାବ ଏବଂ କ୍ରିକେଟକୁ ଆଗାମୀ ୨୦୨୮ ଅଲିମ୍ପିକ୍ସରେ ସାମିଲ କରାଯାଇଥିବାରୁ ଏହାର ପ୍ରଭାବକୁ ଅନୁଧ୍ୟାନ କରିବା ପାଇଁ ସାଧାରଣ ପରିଷଦର ସମ୍ମତିକ୍ରମେ ନିର୍ବାଚନକୁ ସ୍ଥଗିତ ରଖାଯାଇଛି ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଜାତୀୟ କ୍ରୀଡ଼ା ଶାସନ ଆଇନ ପ୍ରଣୟନ ହୋଇଥିଲେ ମଧ୍ୟ କ୍ରିକେଟ କ୍ରୀଡ଼ାଟି ଏପର୍ଯ୍ୟନ୍ତ ଏହି ଆଇନର ସ୍ୱତନ୍ତ୍ର ପରିସରଭୁକ୍ତ ହୋଇନାହିଁ ବୋଲି ବିସିସିଆଇ ପକ୍ଷରୁ ଯୁକ୍ତି ଉପସ୍ଥାପନା କରାଯାଇଛି। ସୁପ୍ରିମକୋର୍ଟଙ୍କ ପୂର୍ବ ରାୟ ଅନୁଯାୟୀ ବିସିସିଆଇ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ କାର୍ଯ୍ୟ ସମ୍ପାଦନ କରିଥାଏ ବୋଲି ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ଓସିଏରେ ନିର୍ବାଚନ କରାଇବା ନେଇ ବିସିସିଆଇର କଡ଼ା ଚେତାବନୀ ଏବଂ ରାଜ୍ୟ ସଂସ୍ଥାର ଆଇନଗତ ଯୁକ୍ତି ମଧ୍ୟରେ ଟଣାଓଟରା ଜାରି ରହିଛି। ଏହି ବିବାଦରେ ଲୋଧା କମିଟିର ସୁପାରିସ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଏହି ସମ୍ବେଦନଶୀଳ ମାମଲାର ପରବର୍ତ୍ତୀ ଶୁଣାଣି ଏବଂ ହାଇକୋର୍ଟଙ୍କ ଚୂଡ଼ାନ୍ତ ରାୟ ଉପରେ ସମଗ୍ର କ୍ରିକେଟ୍ ମହଲର ନଜର ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS